ଧରିତ୍ରୀ 52 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୩/୨୦୨୬ (୧୪ ପୃଷ୍ଠା) Bhubaneswar, Monday, March 23/2026 Page 14 ₹ 7.00
୫୨ଶ ଭାଗ ୧୧୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 117 ମୂଲ୍ୟ₹୭/-


भारत की जनगणना 2027 CENSUS OF INDIA
गृह मंत्रालय भारत सरकार

# ଆମର ଜନଗଣନା ଆମର ବିକାଶ

**ଭାରତର ସବୁଠାରୁ ବଡ଼ ଜନଭାଗୀଦାରି ପ୍ରକ୍ରିୟା, ଜନଗଣନା ୨୦୨୭ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି । ଏହା କେବଳ ଏକ ଗଣନା ନୁହେଁ... ଏହା ବିକଶିତ ଭାରତ @ ୨୦୪୭ର ମୂଳଦୁଆ ।**

## ଜନଗଣନାର ପ୍ରଥମ ପର୍ଯ୍ୟାୟ

- ଘରଗୁଡ଼ିକର ତାଲିକା ପ୍ରସ୍ତୁତି ଓ ଘରଗୁଡ଼ିକର ଗଣନା
- ଏପ୍ରିଲରୁ ସେପ୍ଟେମ୍ବର, ୨୦୨୬ ମଧ୍ୟରେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦ୍ୱାରା ଚୟନ କରାଯାଇଥିବା ୩୦ ଦିନିଆ ଅବଧିରେ
- ପ୍ରତ୍ୟେକ ଘର ସମ୍ପର୍କିତ ସୂଚନା ରେକର୍ଡଭୁକ୍ତ ହେବ
- ଘରେ ଉପଲବ୍ଧ ଥିବା ସୁବିଧା, ସମ୍ପତ୍ତି ଏବଂ ସେଗୁଡ଼ିକର ମୌଳିକ ସୂଚନା ସଂଗ୍ରହ କରାଯିବ

## ଆମ୍-ଗଣନା କେମିତି କରିବେ?

**ଆମ୍-ଗଣନା**
ଅନଲାଇନ୍ ପୋର୍ଟାଲ୍ (se.census.gov.in) ପରିଦର୍ଶନ କରନ୍ତୁ ଏବଂ ଏସ୍‌ଇ ଆଇଡି ହାସଲ କରନ୍ତୁ

ଗଣନାକାରୀ ଆପଣଙ୍କ ଘରକୁ ଆସିଲେ ତାଙ୍କୁ ଆପଣଙ୍କର ଏସ୍‌ଇ ଆଇଡି ଦିଅନ୍ତୁ

## ଜନଗଣନାର ଲାଭ କ'ଣ?

- ଭବିଷ୍ୟତର ନୀତିଗୁଡ଼ିକ ପାଇଁ ନିର୍ଭୁଲ ଆଧାର
- ସମ୍ବଳଗୁଡ଼ିକର ନିରପେକ୍ଷ ବିତରଣ
- ଠିକ୍ ସ୍ଥାନରେ ଠିକ୍ ଯୋଜନା
- ଉତ୍ତମ ବିଦ୍ୟାଳୟ, ଚିକିତ୍ସାଳୟ ଓ ସଡ଼କ
- ପ୍ରତ୍ୟେକ ବର୍ଗ ଓ ପ୍ରତ୍ୟେକ ଅଞ୍ଚଳର ଉପଯୁକ୍ତ ବିକାଶ

**ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ଫେବୃଆରୀ, ୨୦୨୭ରେ ସଞ୍ଚାଳିତ ହେବ ।**

## ଆପଣଙ୍କର ସୂଚନା ସମ୍ପୂର୍ଣ୍ଣ ସୁରକ୍ଷିତ

- ଜନଗଣନା ଅଧିନିୟମ, ୧୯୪୮ ଅନୁଯାୟୀ ଆପଣଙ୍କ ସୂଚନାକୁ ଗୋପନୀୟ ରଖାଯିବ
- ନାମ ଓ ପରିଚୟ ସାର୍ବଜନୀନ ହେବ ନାହିଁ
- ଟିକସ କିମ୍ବା କୌଣସି ପ୍ରକାର ତଦନ୍ତ ଉଦ୍ଦେଶ୍ୟରେ ତଥ୍ୟ ବ୍ୟବହୃତ ହେବନାହିଁ

## ଆପଣଙ୍କର ସହଯୋଗ ଏକାନ୍ତ ଆବଶ୍ୟକ

- ଘରକୁ ଆସିଥିବା ଗଣନାକାରୀଙ୍କୁ ଠିକ୍ ଏବଂ ସମ୍ପୂର୍ଣ୍ଣ ସୂଚନା ଦିଅନ୍ତୁ
- ଆପଣଙ୍କ ଦ୍ୱାରା ଦିଆଯାଇଥିବା ଠିକ୍ ସୂଚନା ଆଗାମୀ ବହୁ ବର୍ଷ ପାଇଁ ଦେଶର ଅଭିବୃଦ୍ଧିର ଦିଗ ନିର୍ଣ୍ଣୟ କରିବ



**ଆସନ୍ତୁ, ଆମର ଦାୟିତ୍ୱ ତୁଲାଇବା ଓ ଜନଗଣନାରେ ଅଂଶଗ୍ରହଣ କରିବା**

CensusIndia2027

CBC 19108/13/0026/2526

**ହେଲିକପ୍ଟର ଦୁର୍ଘଟଣାରେ ୬ ମୃତ**

କାତାରର ଏକ ସାମରିକ ହେଲିକପ୍ଟର ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ନିଖୋଜ ଅଛନ୍ତି। ବୈଷୟିକ ତ୍ରୁଟିରୁ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ତେବେ ମୃତକମାନେ କେଉଁ ଦେଶର ତାହା ମନ୍ତ୍ରଣାଳୟ ସ୍ପଷ୍ଟ କରିନାହିଁ।





ପଞ୍ଜାବ ପଣ୍ୟାଗାର ନିଗମ ଜିଲା ପରିଚାଳକଙ୍କୁ ଆତ୍ମହତ୍ୟା ପାଇଁ ବାଧ କରିଥିବା ପୂର୍ବତନ ମନ୍ତ୍ରୀ ଲଲଜିତ ସିଂ ଭୁଲ୍ଲାରଙ୍କ ଗିରଫ ଦାବିରେ ରବିବାର ଚଣ୍ଡିଗଡ଼ସ୍ଥିତ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍‌ଙ୍କ ବାସଭବନ ଘେରାଉ ପାଇଁ ବିକ୍ଷୋଭକାରୀ ବ୍ୟାରିକେଡ୍ ଅତିକ୍ରମ କରିବାକୁ ଉଦ୍ୟମ କରୁଛନ୍ତି।

## ୧୯ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକ୍ ନିଲାମ ଆଜି

**ନୂଆଦିଲ୍ଲୀ,୨୨।୩**

ଘରୋଇ ସମ୍ବଳ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ସପ୍ତମ ପର୍ଯ୍ୟାୟରେ ୧୯ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକ୍ ନିଲାମ କରିବାକୁ ଯାଉଛନ୍ତି। ସୋମବାର ଏହି ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ବୈଶ୍ୱିକ ଯୋଗାଣ ଶୃଙ୍ଖଳରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିବାବେଳେ ସ୍ୱଚ୍ଛ ଇନ୍ଧନ, ଅତ୍ୟାଧୁନିକ ପ୍ରଯୁକ୍ତି, ସାର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସେକ୍ଟରରେ ଭାରତ ନିଜର ସ୍ୱାବଲମ୍ବନତା ବଢ଼ାଇବାକୁ ଚାହୁଁଥିବାରୁ ୧୯ଟି କ୍ରିଟିକାଲ ମିନେରାଲ୍ ବ୍ଲକ୍ ନିଲାମ କରିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୬ ପର୍ଯ୍ୟାୟ ନିଲାମ ପ୍ରକ୍ରିୟା ଶେଷ ହୋଇଥିବାବେଳେ ୪୬ଟି ଗୁରୁତ୍ୱପୂର୍ଣ୍ଣ ତଥା ରଣନୈତିକ ଖଣିଜ ବ୍ଲକ୍ ବିକ୍ରି ହୋଇଥିବା ଖଣି ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ଆର୍ଥିକ ବିକାଶ, ଦୀର୍ଘମିଆଦୀ ଖଣିଜ ସୁରକ୍ଷା ପାଇଁ କ୍ରିଟିକାଲ ମିନେରାଲ ଗୁରୁତ୍ୱପୂର୍ଣ୍ଣ। ବିଶେଷ କରି ସ୍ୱଚ୍ଛ ଶକ୍ତି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଡ଼କୁ ବିଶ୍ୱର ପରିବର୍ତ୍ତନ ଯୋଗୁ ଲିଥିୟମ, ଗ୍ରାଫାଇଟ୍, ବିରଳ ମୃତ୍ତିକା ଉପାଦାନ (ଆର୍‌ଇଇ), ଟଙ୍ଗଷ୍ଟନ, ଭାନାଡିୟମ୍, ଟିଟାନିୟମ ଏବଂ ଅନ୍ୟାନ୍ୟ ବିରଳ ଧାତୁ ଭଳି ସମ୍ବଳର ଚାହିଦା ବୃଦ୍ଧି ପାଉଛି। ସେଗୁଡ଼ିକର ସୀମିତ ଉପଲବ୍ଧତା ଏବଂ ଭୂରାଜନୈତିକ ସୀମିତତା କାରଣରୁ ବିଶ୍ୱରେ ସୁଦୃଢ଼ ଯୋଗାଣ ଶୃଙ୍ଖଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସୋମବାର କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିଷନ ରେଡ୍ଡୀ ଏବଂ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ସପ୍ତମ ପର୍ଯ୍ୟାୟ ନିଲାମକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ସୁଦାନ ହସ୍ପିଟାଲରେ ଆକ୍ରମଣ: ୬୪ ମୃତ

**କାଇରୋ,୨୨।୩**

ସୁଦାନର ଡାର୍‌ଫୁର ଅଞ୍ଚଳରେ ଥିବା ଏକ ହସ୍ପିଟାଲ ଉପରେ ଆକ୍ରମଣ ଯୋଗୁ ୧୩ ଜଣ ପିଲାଙ୍କ ସମେତ ଅନ୍ୟୁନ ୬୪ ଜଣଙ୍କ ମୃତ୍ୟୁ ଘଟିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ଆକ୍ରମଣରେ ଅନ୍ୟୁନ ୮୯ ଜଣ ଆହତ ହୋଇଛନ୍ତି। ଗତ ଶୁକ୍ରବାର ହୋଇଥିବା ଆକ୍ରମଣ ଯୋଗୁ ଅଲ୍ ଡାଇନ୍ ଟିଚିଙ୍ଗ୍ ହସ୍ପିଟାଲ ଅକାମୀ ହୋଇଯାଇଥିବା ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଘେବ୍ରେୟେସସ୍ କହିଛନ୍ତି। ୨୦୨୩ ଏପ୍ରିଲରୁ ସୁଦାନରେ ସେନା ଏବଂ ବିରୋଧୀ ଅର୍ଦ୍ଧସାମରିକ ରାପିଡ୍ ସପୋର୍ଟ ଫୋର୍ସ (ଆର୍‌ଏସ୍‌ଏଫ୍) ମଧ୍ୟରେ କ୍ଷମତାକୁ ନେଇ ସଂଘର୍ଷ ଲାଗିରହିଛି। ହସ୍ପିଟାଲ ଉପରେ ଆକ୍ରମଣ ପାଇଁ ଆର୍‌ଏସ୍‌ଏଫ୍ ସେନାକୁ ଦାୟୀ କରିଛି।

# ଇସ୍ରାଏଲୀ ଆଣବିକ କେନ୍ଦ୍ରକୁ ଟାର୍ଗେଟ



ଇରାନର କ୍ଷେପଣାସ୍ତ୍ର ମାଡ଼ରେ ଇସ୍ରାଏଲ୍‌ର ଦିମୋନା ସହରରେ ଧ୍ୱଂସ ହୋଇଯାଇଥିବା ଏକ ବିଲ୍ଡିଂ।

### ନତାଞ୍ଜ ଆକ୍ରମଣର ପ୍ରତିଶୋଧ ନେଲା ଇରାନ୍

**ତେଲ୍ ଆଭିଭ୍,୨୨।୩**

ଇରାନ୍‌ରେ ନତାଞ୍ଜ ଆଣବିକ କେନ୍ଦ୍ର ଉପରେ ଇସ୍ରାଏଲ ଶନିବାର ଆକ୍ରମଣ କରିବାର କିଛି ଘଣ୍ଟା ମଧ୍ୟରେ ଇରାନ୍ ଇସ୍ରାଏଲ ଉପରେ ଜୋରଦାର୍ ଆକ୍ରମଣ କରିଛି। ଇସ୍ରାଏଲର ପ୍ରମୁଖ ଆଣବିକ ଗବେଷଣା କେନ୍ଦ୍ରକୁ ଟାର୍ଗେଟ କରି ଇରାନ୍ ବାଲିଷ୍ଟିକ୍ ମିଶାଇଲ ଦ୍ୱାରା ଆରାଦ୍ ଏବଂ ଦିମୋନା ସହର ଉପରେ ଆକ୍ରମଣ କରିଥିଲାବେଳେ ୧୬୦ରୁ ଅଧିକ ଲୋକ ଆହତ ହେବା ସହ ବହୁ ଘରଦ୍ୱାର ଧ୍ୱଂସ ହୋଇଯାଇଛି। ଆରାଦ୍ ସହରରେ ୮୪ ଏବଂ ଦିମୋନା ସହରରେ ୭୮ ଜଣ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଲୋକଙ୍କ ଅବସ୍ଥା ଗମ୍ଭୀର ରହିଥିବା କୁହାଯାଇଛି। ତେବେ ଦିମୋନା ସହରଠାରୁ ୧୩ କି.ମି. ଦୂରରେ ରହିଥିବା ଇସ୍ରାଏଲର ଆଣବିକ କେନ୍ଦ୍ରର କୌଣସି କ୍ଷତି ଘଟି ନ ଥିବା ଅନ୍ତର୍ଜାତୀୟ ଆଣବିକ ଶକ୍ତି କେନ୍ଦ୍ର (ଆଇଏଇଏ) ପକ୍ଷରୁ ସୂଚନା ଦିଆଯାଇଛି। ଦିମୋନା ସହର ଇସ୍ରାଏଲର 'ଲିଟିଲ ଇଣ୍ଡିଆ' ଭାବେ ପରିଚିତ। ଏହି ସହରର ମୋଟ ଜନସଂଖ୍ୟାର ୩୦ ଭାଗ ହେଉଛନ୍ତି ଭାରତୀୟ ଇହୁଦି। ସେମାନେ ଇସ୍ରାଏଲ ବାସିନ୍ଦା ହୋଇଥିଲେ ମଧ୍ୟ ହିନ୍ଦୀ ଏବଂ ମରାଠି ଭାଷାରେ କଥାବାର୍ତ୍ତା କରନ୍ତି। ୧୯୫୦ରୁ ୧୯୬୦ ଦଶକ ମଧ୍ୟରେ ମହାରାଷ୍ଟ୍ର ଏବଂ କେରଳ ଆଦି ରାଜ୍ୟରୁ ଆସି ସେମାନେ ଏଠାରେ ବସବାସ କରୁଛନ୍ତି।

ଏହି ଘଟଣା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ୟୁରୋପୀୟ ଦେଶଗୁଡିକୁ ଇରାନ୍ ବିରୋଧରେ ଏକାଠି ହେବାକୁ କହିଛନ୍ତି। ପୂର୍ବରୁ ସାଇପ୍ରସ୍ ଏବଂ ୟୁରୋପର କିଛି ଦେଶ ସମେତ ଭାରତ ମହାସାଗରସ୍ଥିତ ଡିଏଗୋ ଗାର୍ସିଆ ଦ୍ୱୀପରେ ଯୁକ୍ତରାଜ୍ୟ-ଆମେରିକାର ସାମରିକ ଘାଟି ଉପରେ ଇରାନ୍ ଆକ୍ରମଣ କରିସାରିଛି। ଇରାନ୍ ଠାରୁ ୪୦୦୦ କି.ମି. ଦୂର ଏହି ଘାଟିକୁ ଯଦି ଇରାନ୍ ଟାର୍ଗେଟ କରିପାରୁଛି ତେବେ ୟୁରୋପକୁ କାହିଁକି କରିବନି ବୋଲି ନେତାନ୍ୟାହୁ ପ୍ରଶ୍ନ କରିବା ସହ ଇରାନ୍‌କୁ ନେଇ ଆଉ କେତେ ପ୍ରମାଣ ଆବଶ୍ୟକ ବୋଲି ମଧ୍ୟ ସେ କହିଛନ୍ତି।

### ଯୁଦ୍ଧ ବନ୍ଦ କରିବାକୁ ଇରାନ୍‌ର ୬ ସର୍ତ୍ତ

**ତେହରାନ୍,୨୨।୩**

ଇରାନ୍-ଆମେରିକା ଯୁଦ୍ଧ ରବିବାର ସୁଦ୍ଧା ୨୩ ଦିନରେ ପହଞ୍ଚିଥିଲାବେଳେ ଯୁଦ୍ଧ ବନ୍ଦ କରିବାକୁ ଇରାନ୍ ୬ ସର୍ତ୍ତ ଜାରି କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ଯୁଦ୍ଧ ବନ୍ଦ କରିବା ନେଇ ସଙ୍କେତ ଦେବା ପରେ ଇରାନ୍ ଏହି ସର୍ତ୍ତ ରଖିଛି। ହର୍ମୁଜ୍ ଷ୍ଟ୍ରେଟ୍ ପାଇଁ ନୂଆ ଅନ୍ତର୍ଜାତୀୟ ଆଇନ ଲାଗୁ, ପୁନଃ ଯୁଦ୍ଧ ନ ହେବା ନେଇ ଗ୍ୟାରେଣ୍ଟି, ଉପସାଗରୀୟ ଦେଶଗୁଡିକରେ ରହିଥିବା ସବୁ ଆମେରିକୀୟ ସାମରିକ ଘାଟି ବନ୍ଦ, ଯୁଦ୍ଧ ପାଇଁ ଇରାନ୍‌କୁ କ୍ଷତିପୂରଣ ଏବଂ ଉପସାଗରୀୟ ଦେଶଗୁଡିକରେ ଆଞ୍ଚଳିକ ସ୍ତରରେ ରହିଥିବା ବିବାଦର ସମାଧାନ କରିବା ଭଳି ୬ ସର୍ତ୍ତ ରହିଛି।

ଅନ୍ତର୍ଜାତୀୟ ସାମୁଦ୍ରିକ ପଥ , ଇନ୍ଧନ ଆଦିକୁ ନେଇ ଇରାନ୍ ସାରା ବିଶ୍ୱକୁ ବ୍ଲାକ୍‌ମେଲ୍ କରିଚାଲିଛି। ଆମେରିକା ଏବଂ ଇସ୍ରାଏଲ ଏଥିପାଇଁ ଲଢେଇ କରୁଥିବାବେଳେ ୟୁରୋପୀୟ ଦେଶ ମଧ୍ୟ ଏଥିରେ ସାମିଲ ହେବା ଉଚିତ ବୋଲି ନେତାନ୍ୟାହୁ କହିଛନ୍ତି। ସେପଟେ ବ୍ରିଟେନର ଆଣବିକ ଶକ୍ତି ସମ୍ପନ୍ନ ବୁଡ଼ା ଜାହାଜ ଏଚ୍‌ଏମ୍‌ଏସ୍ ହାନସନ୍ ଅଷ୍ଟ୍ରେଲିଆରୁ ଆସି ରବିବାର ଆରବ ସାଗରରେ ପହଞ୍ଚିସାରିଥିବା ସୂଚନା ମିଳିଛି। ଆମେରିକୀୟ ଯୁଦ୍ଧ ଜାହାଜ ତ୍ରିପୋଲି ମଧ୍ୟ ଆରବସାଗର ନିକଟତର ହୋଇଛି। ଇରାନ୍‌ର ପାଓ୍ୱାର ପ୍ଲାଣ୍ଟ ଉପରେ ଆକ୍ରମଣ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଧମକ ଦେଇଥିବାର ଆଗକୁ ଯୁଦ୍ଧ ସ୍ଥିତି ଆହୁରି ଭୟଙ୍କର ହୋଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

#### ଆମେରିକାର ଏଫ୍-୧୫ ଖସାଇଥିବା ଦାବି

ହର୍ମୁଜ ଦ୍ୱୀପ ନିକଟରେ ଆମେରିକାର ଏଫ୍-୧୫ ଲଢୁଆ ବିମାନକୁ ଇରାନ ସେନା ଖସାଇ ଦେଇଥିବା ଦାବି କରିଛି। ରବିବାର ଦକ୍ଷିଣ ସାମୁଦ୍ରିକ ଉପକୂଳରେ ହର୍ମୁଜ୍ ଦ୍ୱୀପ ନିକଟରେ ଏହି ବିମାନ ଇରାନ୍ ଆକାଶ ସୀମା ଭିତରେ ପ୍ରବେଶ କରିବା କ୍ଷଣି ଇରାନ୍ ସେନା ଏହାକୁ ଏୟାର ଡିଫେନ୍ସ ସିଷ୍ଟମ୍ ଦ୍ୱାରା ଖସାଇ ଦେଇଥିଲା ବୋଲି ମୁମ୍ବାଇରେ ଅବସ୍ଥାପିତ ଇରାନୀୟ ବାଣିଜ୍ୟ ରାଷ୍ଟ୍ରଦୂତ 'X'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ତେବେ ଇରାନ୍‌ର ଏହି ଦାବିକୁ ନେଇ ଆମେରିକା ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ। ଏହାପୂର୍ବରୁ ଆମେରିକାର ଏକ ଏଫ୍-୩୫ ଲଢୁଆ ବିମାନ ଇରାନ୍ ଟାର୍ଗେଟର ସମ୍ମୁଖୀନ ହୋଇ ମଧ୍ୟପ୍ରାଚ୍ୟସ୍ଥିତ ଆମେରିକୀୟ ସାମରିକ ଘାଟିରେ ଜରୁରୀ ଅବତରଣ କରିବାକୁ ବାଧ ହୋଇଥିଲା। ଏଫ୍-୩୫ ଆମେରିକାର ସବୁଠାରୁ ଅତ୍ୟାଧୁନିକ ବିମାନ ଭାବେ ଇରାନ୍ ସେନା ରାଡାର ସିଷ୍ଟମ ଦ୍ୱାରା ଟାର୍ଗେଟ ମଧ୍ୟକୁ ଆସିଥିବାରୁ ଏହାକୁ ନେଇ ଚର୍ଚ୍ଚା ବଢିଥିଲା। ହେଲେ ଏହାକୁ ଆମେରିକା ଅସ୍ୱୀକାର କରିବା ସହ ବିଶ୍ୱର ଯେକୌଣସି ଭାଗରେ ଏଫ୍-୩୫ ଉଡ଼ାଣକୁ ନେଇ କୌଣସି ସ୍ତରରେ ଚିନ୍ତା କରିବା ଉଚିତ ନୁହେଁ ବୋଲି ପେଣ୍ଟାଗନ୍ କହିଥିଲା।

## ଆର୍‌ଏଲ୍‌ଡିରେ ଯୋଗଦେଲେ କେ.ସି. ତ୍ୟାଗୀ



**ନୂଆଦିଲ୍ଲୀ,୨୨।୩(ପି.ଟି.)**

ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ପୂର୍ବତନ ନେତା କେ.ସି. ତ୍ୟାଗୀ ରବିବାର ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି)ରେ ଯୋଗଦେଇଛନ୍ତି। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଆର୍‌ଏଲ୍‌ଡି ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜୟନ୍ତ ଚୌଧରୀ ଉପସ୍ଥିତ ଥିଲେ। ତ୍ୟାଗୀ ଗତ ମଙ୍ଗଳବାର ଜେଡିୟୁ ଛାଡ଼ିବା ନେଇ ଘୋଷଣା କରିଥିଲେ। ୨୦୦୩ ଅକ୍ଟୋବରରେ ଜେଡିୟୁ ଗଠନ ହେବା ଦିନଠାରୁ ତ୍ୟାଗୀ ଉକ୍ତ ଦଳରେ ରହିଆସିବା ସହ ଏହାର ମୁଖ୍ୟ ସାଧାରଣ ସମ୍ପାଦକ, ମୁଖ୍ୟ ମୁଖପାତ୍ର ଓ ରାଜନୈତିକ ଉପଦେଷ୍ଟା ଆଦି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ। ଦଳ ଛାଡ଼ିଲେ ମଧ୍ୟ ସମାଜର ଅବହେଳିତ, କୃଷକ ଓ କୃଷିଜୀବୀଙ୍କ ସ୍ୱାର୍ଥ ପ୍ରତି ତାଙ୍କ ପ୍ରତିବଦ୍ଧତା ପୂର୍ବଭଳି ଅତୁଟ ରହିବ ବୋଲି ତ୍ୟାଗୀ କହିଥିଲେ। ଜେଡିୟୁ ଏବଂ ଆର୍‌ଏଲ୍‌ଡି ମଧ୍ୟରେ କିଛି ପାର୍ଥକ୍ୟ ନାହିଁ। ଉଭୟ ଦଳ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧରୀ ଚରଣ ସିଂ ଏବଂ ସମାଜବାଦୀ ନେତା ରାମ ମନୋହର ଲୋହିଆଙ୍କ ଆଦର୍ଶରେ ଅନୁପ୍ରାଣିତ ବୋଲି ସେ କହିଛନ୍ତି।

## ରାଜ୍ୟଗୁଡ଼ିକୁ ଜେଲର ସବିଶେଷ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୨।୩(ପି.ଟି.)**

ଜେଲଗୁଡ଼ିକର ମଞ୍ଜୁରୀପ୍ରାପ୍ତ ସାମର୍ଥ୍ୟ ଏବଂ ବନ୍ଦୀମାନଙ୍କ ଗହଳି କମାଇବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ଆଦି କାରାଗାର ସମ୍ପର୍କିତ ସବିଶେଷ ତଥ୍ୟ ଦାଖଲ କରିବା ପାଇଁ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ମେ' ୧୮ ସୁଦ୍ଧା ବିବରଣୀ ଦାଖଲ କରିବାକୁ କୁହାଯାଇଛି। ଜେଲଗୁଡ଼ିକରେ ଥିବା ମହିଳା ବନ୍ଦୀଙ୍କ ସଂଖ୍ୟା, ସେମାନଙ୍କ ପାଇଁ କ'ଣ ସୁବିଧା ଉପଲବ୍ଧ ଅଛି, ମହିଳା ବନ୍ଦୀଙ୍କ ସହ ରହୁଥିବା ପିଲାଙ୍କ ଶିକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ଲାଗି କ'ଣ ପଦକ୍ଷେପ ନିଆଯାଇଛି, ତାହା ଜଣାଇବାକୁ ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ୍ ମେହଟ୍ଟାଙ୍କ ଖଣ୍ଡପୀଠ କହିଛନ୍ତି। ଜେଲଗୁଡ଼ିକରେ ଅମାନବୀୟ ସ୍ଥିତି ସମ୍ପର୍କିତ ଖବରକୁ ନେଇ ସୁପ୍ରିମକୋର୍ଟ ନିଜଆଡୁ ମାମଲା ବିଚାର ପାଇଁ ଗ୍ରହଣ କରିଥିବାବେଳେ ବରିଷ୍ଠ ଆଇନଜୀବୀ ଗୌରବ ଅଗ୍ରଓ୍ୱାଲ ଜଣେ ଆମିକସ୍ କ୍ୟୁରି ଭାବେ ଉକ୍ତ ମାମଲାରେ ଅଦାଲତଙ୍କୁ ସହାୟତା କରୁଛନ୍ତି।

## ସିଇସି ସରକାରଙ୍କ ଚାପରେ କାର୍ଯ୍ୟ କରୁଛନ୍ତି: ବିରୋଧୀ

**ନୂଆଦିଲ୍ଲୀ,୨୨।୩ (ପି.ଟି.)**

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବିରେ ବିରୋଧୀ ଏମ୍‌ପିମାନେ ପାର୍ଲାମେଣ୍ଟରେ ନୋଟିସ ଦେଇଛନ୍ତି। ସିଇସି ସରକାରଙ୍କ ଚାପରେ କାର୍ଯ୍ୟ କରୁଛନ୍ତି ବୋଲି ବିରୋଧୀ ଅଭିଯୋଗ କରିବା ସହ ଏସ୍‌ଆଇଆର୍ ଜରିଆରେ ବହୁସଂଖ୍ୟାରେ ଭୋଟରଙ୍କ ନାଁ ତାଲିକାରୁ ହଟାଯିବା ନେଇ ତାଙ୍କୁ ଦାୟୀ କରିଛନ୍ତି। ସିଇସିଙ୍କ ନିଯୁକ୍ତିକୁ ନେଇ ମଧ୍ୟ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଗତ ୧୨ ତାରିଖରେ ପାର୍ଲାମେଣ୍ଟର ଉଭୟ ଗୃହରେ ଦାଖଲ ନୋଟିସ୍‌ରେ ସିଇସିଙ୍କ ବିରୋଧରେ ୭ଟି ଅଭିଯୋଗ ରହିଛି। ଉକ୍ତ ଅଭିଯୋଗଗୁଡ଼ିକ ସିଇସିଙ୍କ ଦୁର୍ବ୍ୟବହାରର ପ୍ରମାଣ କରୁଥିବାରୁ ତାଙ୍କୁ ବହିଷ୍କାର କରାଯିବାକୁ ବିରୋଧୀ ଆହ୍ୱାନ ଦେଇଛନ୍ତି। ଉକ୍ତ ନୋଟିସରେ ଲୋକ ସଭାର ୧୩୦ ଏବଂ ରାଜ୍ୟ ସଭାର ୬୩ ସଦସ୍ୟଙ୍କ ସ୍ୱାକ୍ଷର ରହିଛି।

## ରୋପ୍‌ଓ୍ୱେ ଟ୍ରଲି ଖସି ଜଣେ ମୃତ, ୭ ଆହତ

**ମହାସମୁନ୍ଦ,୨୨।୩**

ଛତିଶଗଡ଼ର ମହାସମୁନ୍ଦ ଜିଲାରେ ପାହାଡ଼ ଉପରେ ଥିବା ମନ୍ଦିରକୁ ଯିବା ଲାଗି ରହିଥିବା ରୋପ୍‌ଓ୍ୱେ ଟ୍ରଲି ଖସି ଜଣେ ମହିଳାଙ୍କ ମୃତ୍ୟୁ ଘଟିବା ସହ ୭ ଆହତ ହୋଇଛନ୍ତି। ରବିବାର ସକାଳେ ୮ ଯାତ୍ରୀଙ୍କୁ ନେଇ ଟ୍ରଲିଟି ମନ୍ଦିର ପାଦଦେଶକୁ ଯାଉଥିବାବେଳେ କେବୁଲ ଛିଡ଼ିଯାଇଥିଲା ବୋଲି ଜିଲା ପ୍ରଶାସନ କହିଛି। ନବରାତ୍ରୀ ଉତ୍ସବ ଚାଲିଥିବାରୁ ବାଗବହରା ଅଞ୍ଚଳରେ ପାହାଡ଼ ଉପରେ ଅବସ୍ଥିତ ଖଲ୍ଲାରି ମାତା ମନ୍ଦିରରେ ପୂଜା କରିବା ପାଇଁ ଏହି ଯାତ୍ରୀମାନେ ଆସିଥିଲେ। ମୃତ ମହିଳା ଆୟୁଷି ସକ୍କାର(୨୮)ଙ୍କ ଘର ରାୟପୁର ବୋଲି ଜଣାପଡ଼ିଛି।

## ପାକ୍ ଅଣୁଅସ୍ତ୍ର ଧ୍ୱଂସ କରିବାକୁ ଆମେରିକା ଉଦ୍ୟମ କଲେ, ଭାରତୀୟ ସହର ଉଡ଼ାଇଦେବୁ: ବସିତ୍

**ନୂଆଦିଲ୍ଲୀ,୨୨।୩**



ଅବଦୁଲ ବସିତ୍

ଆମେରିକା ଯଦି ପାକିସ୍ତାନର ଆଣବିକ ଅସ୍ତ୍ର ଧ୍ୱଂସ କରିବାକୁ ଉଦ୍ୟମ କରେ ତେବେ ଦିଲ୍ଲୀ, ମୁମ୍ବାଇ ଭଳି ଭାରତୀୟ ସହର ଉପରେ ଆକ୍ରମଣ କରିବା ବ୍ୟତୀତ ଇସ୍‌ଲାମାବାଦ ପାଖରେ ଅନ୍ୟ ବିକଳ୍ପ ରହିବ ନାହିଁ ବୋଲି ପାକିସ୍ତାନୀ କୂଟନୀତିଜ୍ଞ ତଥା ଭାରତରେ ପୂର୍ବରୁ ପାକିସ୍ତାନର ଉଚ୍ଚାୟୁକ୍ତ ଥିବା ଅବଦୁଲ ବସିତ୍ କହିଛନ୍ତି। ପାକିସ୍ତାନୀ ନ୍ୟୁଜ୍ ଚ୍ୟାନେଲ୍ ଏବିଏନ୍‌କୁ ବସିତ୍ ସାକ୍ଷାତ୍କାରରେ ଦେଇଥିବା ଉତ୍ତେଜନାପୂର୍ଣ୍ଣ ଏବଂ ଦାୟିତ୍ୱହୀନ ମନ୍ତବ୍ୟକୁ ନେଇ ଭାଜପା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଆତଙ୍କବାଦ ବିନା ପାକିସ୍ତାନ ତିଷ୍ଠିପାରିବ ନାହିଁ ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ତୁହିନ୍ ସିହ୍ନା କହିଛନ୍ତି। ସୂଚନାଯୋଗ୍ୟ, ଜାମନଗରରେ ଥିବା ତୈଳ ବିଶୋଧନାଗାରକୁ ଉଡ଼ାଇଦେବା ପାଇଁ ପାକ୍ ସେନାମୁଖ୍ୟ ଅସିମ୍ ମୁନିର ଗତବର୍ଷ ଆମେରିକାକୁ କହିଥିଲେ। ଏବେ ସେଠାର ଜଣେ ପୂର୍ବତନ ଉଚ୍ଚାୟୁକ୍ତ ସେଭଳି ଶବ୍ଦ ବ୍ୟବହାର କରିଛନ୍ତି। ଏଥିରୁ ଜଣାପଡୁଛି ଆତଙ୍କବାଦ ସେମାନଙ୍କ ଜନ୍ମଗତ ସ୍ୱଭାବ ବୋଲି ସିହ୍ନା କହିଛନ୍ତି।

ପାକିସ୍ତାନର ଦୀର୍ଘ ଦୂରଗାମୀ ବାଲିଷ୍ଟିକ୍ ମିଶାଇଲ୍ କାର୍ଯ୍ୟକ୍ରମକୁ ନେଇ ଆମେରିକା ଜାତୀୟ ଗୋଇନ୍ଦା ନିର୍ଦ୍ଦେଶକ ତୁଲ୍‌ସୀ ଗାବାର୍ଡ ନିକଟରେ ଚିନ୍ତାବ୍ୟକ୍ତ କରିଥିଲେ। ତାଙ୍କ ମନ୍ତବ୍ୟକୁ ନେଇ ବସିତ୍ ଉପରୋକ୍ତ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଗାବାର୍ଡ ଆମ କ୍ଷେପଣାସ୍ତ୍ରକୁ ଦେଖୁଛନ୍ତି, ଅଥଚ ଭାରତର ଅଗ୍ନି-୫ ଓ ଅଗ୍ନି-୬କୁ ଦେଖିପାରୁନାହାନ୍ତି ବୋଲି ବସିତ୍ କହିଛନ୍ତି।

## ସ୍କୁଲରେ ଫୋନ୍ ନିଷେଧ କଲେଣି ୫୮% ଦେଶ: ୟୁନେସ୍କୋ

**ନୂଆଦିଲ୍ଲୀ,୨୨।୩(ପି.ଟି.)**



ଶ୍ରେଣୀଗୃହରେ ପିଲାମାନଙ୍କ ଧ୍ୟାନ ହ୍ରାସ ପାଇବା ସହ ଇଣ୍ଟରନେଟ୍, ସୋସିଆଲ ମିଡିଆ ଏବଂ ମେସେଜିଂ ଆପ୍ ଜରିଆରେ ସେମାନଙ୍କୁ ଡରାଇବା, ଅପମାନିତ କରିବା ଓ ବଦନାମ କରିବା ଆଦି ଘଟଣା ଘଟୁଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏହି କାରଣରୁ ବିଶ୍ୱର ଅର୍ଦ୍ଧାଧିକ ଦେଶ ସ୍କୁଲରେ ଫୋନ୍ ବ୍ୟବହାରକୁ ନିଷେଧ କଲେଣି ବୋଲି ୟୁନେସ୍କୋର ବୈଶ୍ୱିକ ଶିକ୍ଷା ପର୍ଯ୍ୟବେକ୍ଷଣ (ଜିଇଏମ୍) ଟିମ୍ କହିଛି। ସୋସିଆଲ୍ ମିଡିଆ ବ୍ୟବହାର ଦ୍ୱାରା ପିଲାମାନଙ୍କ ଖାଦ୍ୟଗ୍ରହଣ ସମସ୍ୟାକୁ ଜଟିଳ କରିଦେଇଛି। ପୁଅଙ୍କ ତୁଳନାରେ ଝିଅମାନଙ୍କଠାରେ ଏଭଳି ସମସ୍ୟା ଦୁଇଗୁଣ ରହିଥିବା ଟିମ୍ ଜାଣିବାକୁ ପାଇଛି। ଇନ୍‌ଷ୍ଟାଗ୍ରାମ୍ ବ୍ୟବହାର କରିବା ପରେ ୩୨% କିଶୋରୀ ସେମାନଙ୍କ ଶରୀରକୁ ନେଇ ଖରାପ ଅନୁଭବ କରୁଥିବା ଫେସ୍‌ବୁକ୍‌ର ନିଜସ୍ୱ ଗବେଷଣାରୁ ଜଣାପଡ଼ିଛି।

ଟିକ୍‌ଟକ୍‌ର ଆଲଗୋରିଦମ୍ ବିପଜ୍ଜନକ ଧାରା ସୃଷ୍ଟି କରିଛି। ଶରୀର ଫଟୋ କଣ୍ଟେଣ୍ଟ ଥାଇ କିଶୋରୀମାନଙ୍କୁ ଏଥିରେ ପ୍ରତି ୩୯ ସେକେଣ୍ଡରେ ଟାର୍ଗେଟ କରାଯାଉଛି ଏବଂ ସେମାନଙ୍କ ଖାଇବା ପ୍ରକ୍ରିୟାରେ ବ୍ୟତିକ୍ରମ ଦେଖାଯାଉଛି। ନିକଟରେ ହୋଇଥିବା ଏକ ବୈଶ୍ୱିକ ସର୍ବେକ୍ଷଣରୁ ଜଣାପଡ଼ିଛି, ୧୧୪ଟି ଶିକ୍ଷା ବ୍ୟବସ୍ଥା ସ୍କୁଲଗୁଡ଼ିକରେ ଜାତୀୟ ସ୍ତରରେ ନିଷେଧାଦେଶ ଲଗାଇଛନ୍ତି ଅର୍ଥାତ୍ ବିଶ୍ୱବ୍ୟାପୀ ୫୮% ଦେଶରେ ଏଭଳି କଟକଣା ଲାଗୁ ହୋଇଛି। ୨୦୨୩ ଜୁନ୍‌ରେ ୨୪% ସ୍କୁଲ୍‌ରେ କଟକଣା ଲାଗିଥିବାବେଳେ ୨୦୨୫ ପ୍ରଥମ ଭାଗରେ ଏହା ୪୦%କୁ ବୃଦ୍ଧି ପାଇଥିଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ଏହା ଆହୁରି ୧୮% ବଢ଼ି ୫୮%ରେ ପହଞ୍ଚିଥିବା ଜିଇଏମ୍ ପକ୍ଷରୁ କୁହାଯାଇଛି।

## ଏଲ୍‌ପିଜି, ତୈଳ ନେଇ ପହଞ୍ଚିଲା ୨ ଜାହାଜ

**ମାଙ୍ଗାଲୋର,୨୨।୩**

ରୁଷିଆରୁ ଚାଇନା ଯାଉଥିବା ତୈଳବାହୀ ଜାହାଜ ଆକ୍ୱା ଟାଇଟାନ୍ ଦିଗ ପରିବର୍ତ୍ତନ କରି ରବିବାର ମାଙ୍ଗାଲୋର ବନ୍ଦରରେ ପହଞ୍ଚିଛି। ରୁଷିଆରୁ ତୈଳ ନେଇ ମାସକ ତଳେ ୭ଟି ଜାହାଜ ଚାଇନାର ବିଭିନ୍ନ ବନ୍ଦର ଅଭିମୁଖେ ଯାତ୍ରା କରିଥିଲାବେଳେ ଦକ୍ଷିଣ ଚାଇନା ସାଗର ନିକଟବର୍ତ୍ତୀ ହୋଇସାରିଥିଲେ। କିନ୍ତୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ରୁଷୀୟ ତୈଳ ଉପରୁ ଆମେରିକା ଅସ୍ଥାୟୀ ଭାବେ କଟକଣା ହଟାଇବା ପରେ ଏହି ଜାହାଜଗୁଡିକ ଦିଗ ପରିବର୍ତ୍ତନ କରି ଭାରତ ଅଭିମୁଖେ ଆସୁଛନ୍ତି। ସେଗୁଡିକ ମଧ୍ୟରୁ ପ୍ରଥମେ ଆକ୍ୱା ଟାଇଟନ୍ ଭାରତରେ ପହଞ୍ଚିଛି। ଏହି ଜାହାଜ ବ୍ୟତୀତ ଆମେରିକାର ଟେକ୍ସାସ୍‌ରୁ ଏଲ୍‌ପିଜି ନେଇ ଆସିଥିବା ପିକ୍ସିସ୍ ପାୟୋନିର୍ ନାମକ ଆଉ ଏକ ଜାହାଜ ମଧ୍ୟ ରବିବାର ସକାଳେ ମାଙ୍ଗାଲୋର ବନ୍ଦରରେ ପହଞ୍ଚିଛି।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୩/୨୦୨୬ Bhubaneswar, Monday, March 23/2026




**ଡୁପ୍ଲାଣ୍ଟିସଙ୍କୁ ବିଶ୍ୱ ଇନ୍‌ଡୋର ପୋଲ୍‌ଭଲ୍ଟ ଟାଇଟଲ**

ଏକ ନୂଆ ରେକର୍ଡ ସହ କ୍ରମାଗତ ୪ର୍ଥ ଥର ବିଶ୍ୱ ଇନ୍‌ଡୋର ପୋଲ୍‌ଭଲ୍ଟ ଟାଇଟଲ ହାସଲ କରିଛନ୍ତି ଆର୍ମାଣ୍ଡ ଡୁପ୍ଲାଣ୍ଟିସ।

୧୨

୦୨

**ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର କଲେ ଅନୟା**

ପୂର୍ବତନ କ୍ରିକେଟର ସଞ୍ଜୟ ବାଙ୍ଗରଙ୍କ ଟ୍ରାନ୍ସଜେଣ୍ଡର କନ୍ୟା ଅନୟା ବାଙ୍ଗର ଥାଇଲାଣ୍ଡରେ ସଫଳତାର ସହ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର କରିଛନ୍ତି।



# ଜଳ ପରିଚାଳନାରେ ଲିଙ୍ଗଗତ ବୈଷମ୍ୟ ଦୂରହେଉ

## ୨୨୯୨ କୋଟିର ୧୭ଟି ପ୍ରକଳ୍ପର ଶିଳାନ୍ୟାସ, ୩୨୦ କୋଟିର ୧୨୪ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ଜଳ ସମ୍ପଦ ବିଭାଗ ପକ୍ଷରୁ ବିଶ୍ୱ ଜଳ ଦିବସର ଫଟୋଚିତ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଲି ଦେଖୁଛନ୍ତି।

**ଭୁବନେଶ୍ୱର,୨୨।୩**
**(ରବିନାରାୟଣ ଜେନା)**

ବିଶ୍ୱ ଜଳ ଦିବସରେ ଜଳ ଅପଚୟ ନ କରିବାର ବାର୍ତ୍ତା ପ୍ରତିଟି ଘରେ ପହଞ୍ଚିବା ଦରକାର। ଜଳ ପରିଚାଳନାରେ ଲିଙ୍ଗଗତ ବୈଶମ୍ୟ ଦୂର କରିବା ସହ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଆମର ଲକ୍ଷ୍ୟ। ଏଥିସହ ପିଲାମାନଙ୍କୁ ସ୍କୁଲରୁ ହିଁ ପାଣି ବଞ୍ଚେଇବାର ଶିକ୍ଷା ଦେବାକୁ ପଡ଼ିବ। କାରଣ ସେମାନେ ହିଁ ଆଗାମୀ ଦିନର ଜଳ ସୈନିକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।ରାଜ୍ୟ ସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହ ୨୦୨୬ ରବିବାର ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ଜଳ ସମ୍ପଦ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରି କହିଛନ୍ତି, ଜଳର ଗୋଟିଏ ବୁନ୍ଦା ମଧ୍ୟ ବିଶ୍ୱର ଅନେକ ଲୋକଙ୍କ ପାଇଁ ଦୁର୍ମୂଲ୍ୟ। ତେଣୁ ଜଳର ଗୋଟିଏ ବୁନ୍ଦା ଯେପରି ନଷ୍ଟ ନ ହୁଏ, ସେଥିପାଇଁ ସମସ୍ତଙ୍କୁ ଶପଥ ନେବାକୁ ହେବ। ଆମେ ପାଣି ନଷ୍ଟ କରିବା ନାହିଁ ଏବଂ ବର୍ଷାପାଣିକୁ ସଞ୍ଚୟ କରି ମାଟିକୁ ସଜଳ ରଖିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀଙ୍କ ଜଳ ଜୀବନ ମିଶନକୁ ଏକ ବୈପ୍ଳବିକ ଯୋଜନା ବୋଲି କହି ମୁଖ୍ୟମନ୍ତ୍ରୀ ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଜଳାଭାବକୁ ଦୂର କରିବା ପାଇଁ ସଂକଳ୍ପ ନେବାକୁ ପଡ଼ିବ ବୋଲି କହିଛନ୍ତି। ଜଳ ଶକ୍ତି ଅଭିଯାନ ମାଧ୍ୟମରେ ଜଳ ସଂରକ୍ଷଣକୁ ଏକ ଜାତୀୟ ପ୍ରାଥମିକତା ଭାବେ ଗ୍ରହଣ କରିବା ଏବଂ ବର୍ଷାଜଳ ସଂରକ୍ଷଣ ମାଧ୍ୟମରେ ମହିଳାମାନଙ୍କୁ ଜଳ ଗୁଣବତ୍ତା ପରୀକ୍ଷା ଏବଂ ପରିଚାଳନା ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ଏହା ଫଳରେ ଜଳ ସେବା କ୍ଷେତ୍ରରେ ଆମେ କୌଣସି ବି ବର୍ଗଙ୍କୁ ପଛରେ ପକାଇବୁ ନାହିଁ ଏବଂ ସମସ୍ତଙ୍କ ପାଇଁ ସୁଲଭ ଜଳ ଉପଲବ୍ଧ ହେବ। ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ** ଭାରତ ଦେବ ଯୁଆନ୍









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମହାନ୍ ବିପ୍ଳବୀ ଭଗତ ସିଂହଙ୍କ ଶହୀଦ ଦିବସ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: କଂଗ୍ରେସ ଭବନ ପରିସର, ସମୟ: ସକାଳ ୯ଟା ୩୦।
- ନିଖିଳ ଓଡ଼ିଶା ଉଦ୍ୟାନ ସାଥୀ ସଂଘ ପକ୍ଷରୁ ଗଣଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- କବି ମନମୋହନ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସାରସ୍ୱତ ସଭା, ସ୍ଥାନ: ସମ୍ମିଳନୀ କକ୍ଷ, ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସଂଭାବନା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଓ'କରିମ, ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ଅପରାହ୍ନ ୪ଟା ୩୦।
- ନୀଳକଇଁ ପରିବାର ପକ୍ଷରୁ ଗୀତ ଓ ଗଜଲର ମହକ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଶିକ୍ଷାସନ୍ଧାନ ଓ ଲୋହିଆ ଏକାଡେମୀ ପକ୍ଷରୁ ପୁସ୍ତକ ଉନ୍ମୋଚନ ଓ ଗାନ୍ଧୀ ଚର୍ଚ୍ଚା, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା ୩୦।

## କଟକ

- ହଜରତ ମସିହ ମଉଦ ଦିବସ ପାଇଁ ଜମାତ୍ ଅହମ୍ମଦିୟା କରଡ଼ାପଲ୍ଲୀ ତରଫରୁ ରୋଗୀଙ୍କୁ ଫଳ ବଣ୍ଟନ, ସ୍ଥାନ: ନିଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତିଗିରିଆ, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ଭବନ, ଜାତମୁଣ୍ଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ବି.ଏମ୍. ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ସ୍ଥାନ: ବିଦ୍ୟାଳୟ ପରିସର, କଣ୍ଟାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ପିଜି ବିଭାଗ ପକ୍ଷରୁ ବାର୍ଷିକ ସେମିନାର, ସ୍ଥାନ: ମଧୁସୂଦନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ମହାନଗର ନିଗମ ପକ୍ଷରୁ ଜିଲାସ୍ତରୀୟ ପୁସ୍ତକ ମେଳା 'କଟକ ସାହିତ୍ୟ ସରୋବର'ର ତୃତୀୟ ଦିବସ, ସ୍ଥାନ: ତଳବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଶହୀଦ ଦିବସ ଉପଲକ୍ଷେ ଭଗତ ସିଂ, ସୁଖଦେବ, ରାଜଗୁରୁଙ୍କ ସ୍ମୃତିରେ ସାଧାରଣ ସଭା, ସ୍ଥାନ: କଲେଜ ଛକ ନେତାଜୀ ପ୍ରତିମୂର୍ତ୍ତି ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।
- ପ୍ରାକୃତିକ ସମ୍ପଦର ସୁରକ୍ଷା ନିମନ୍ତେ ଲୋକ ଅଧିକାର ଯାତ୍ରା ଉଦ୍‌ଯାପନ, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ସନ୍ଧ୍ୟା ୬ଟା।
- ହଜରତ ମସିହ ମୌଦ ଦିବସ ପାଳନ, ସ୍ଥାନ : କରଡ଼ାପଲ୍ଲୀ ଜାମା ମସ୍‌ଜିଦ, ତିଗିରିଆ, ସମୟ: ସନ୍ଧ୍ୟା ୭ଟା।
- ଜମାତ ଅହମ୍ମଦିୟା ପଙ୍କାଳ ତରଫରୁ ହଜରତ ମସିହ ମଉଦ ଦିବସ ପାଳନ, ସ୍ଥାନ: ଜାମା ମସଜିଦ ପଙ୍କାଳ, ତିଗିରିଆ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ସମ୍ପର୍କ ପକ୍ଷରୁ ଶହୀଦ ଭଗତ ସିଂଙ୍କ ଜୟନ୍ତୀ ଅବସରରେ ପଦଯାତ୍ରା, ସ୍ଥାନ: ସରକାରୀ ମହିଳା ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା୩୦।
- ସାଧାରଣ ସଭା, ସ୍ଥାନ: ସଦାଶିବ ପରିସର, ସମୟ: ଅପରାହ୍ନ ୫ଟା।
- ଏସ୍‌ଏଫ୍‌ଆଇ ପକ୍ଷରୁ ସହିଦ ଦିବସ ପାଳନ ଓ ଆଲୋଚନାଚକ୍ର, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୪ଟା।
- ଶ୍ରୀମନ୍ଦିରରେ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସମ୍ପର୍କିତ ବୈଠକ, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ଅପରାହ୍ନ ୫ଟା ।
- ସହିଦ ଭଗତ ସିଂଙ୍କ ସହିଦ ଦିବସ ପାଳନ, ସ୍ଥାନ: ନାୟକ ପ୍ଲାଜା, ସମୟ: ସନ୍ଧ୍ୟା ୬ଟା୩୦।

## ଖୋର୍ଦ୍ଧା

- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଧଳାପଥର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ଭାଗବତ ପାରାୟଣ ଉଦ୍‌ଯାପନୀ, ସ୍ଥାନ: ବାହାର୍ଦ୍ଦାସ୍ଥିତ ଶ୍ରୀ ରାଧାମାଧବ ଜୀଉ ସେବାଶ୍ରମ, ବସ୍ତା, ସମୟ: ସକାଳ ୮ଟା।
- ଫଟୋ ପ୍ରଦର୍ଶନୀ, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ଜାତୀୟ ସମ୍ମିଳନୀ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ଇନ୍‌ଭେଷ୍ଟିଗେଶନ ଟ୍ରେନିଂ ପ୍ରୋଗ୍ରାମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ନବମୀ ପାଳନ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।
- ଶହୀଦ ଦିବସ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ନିତ୍ୟାନନ୍ଦ ବେହେରାଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଓ ସ୍ମୃତିସଭା, ସ୍ଥାନ: ରାମେଶ୍ୱରପୁର, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ମହୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମର ୩ୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ବଳଭଦ୍ରପୁର, ହାଟଡିହୀ, ସମୟ: ଅପରାହ୍ନ ୩ଟା।
- ରାମ ନବମୀ ଉପଲକ୍ଷେ ୫ମ ଦିବସରେ ପ୍ରବଚନ, ସ୍ଥାନ:ଢ଼ଅଁର, ହାଟଡିହୀ, ସମୟ:ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ପ୍ରତିଭା ଚୟନ କାର୍ଯ୍ୟକ୍ରମ, ସ୍ଥାନ:ବାରିପଦା ଷ୍ଟାଡିୟମ, ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆ, ସରକାରୀ ଉଚ୍ଚ ବିଦ୍ୟାଳୟ ଉଦଳା, କରଞ୍ଜିଆ ମିନି ଷ୍ଟାଡିୟମ, କଚେରୀ ପଡ଼ିଆ ରାଇରଙ୍ଗପୁର, ସମୟ: ସକାଳ ୭ଟା ୩୦।
- କପ୍ତିପଦା ଉପଖଣ୍ଡସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି,ସ୍ଥାନ:ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ,ସମୟ:ପୂର୍ବାହ୍ନ ୧୦ଟା ୩୦।
- ଭଞ୍ଜସେନାର ବିକ୍ଷୋଭ,ସ୍ଥାନ: ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଗ୍ରାମପଞ୍ଚାୟତ ସ୍ତରୀୟ ଜନଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସ୍ତରୀୟ ମିଳିତ ଜନଶୁଣାଣି, ସ୍ଥାନ: ବୁଗୁଡା ବ୍ଲକ ଖୋଲଖାଲି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା। ।
- ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଜନଶୁଣାଣି, ସ୍ଥାନ: ଆସିକା ବ୍ଲକ ବାବନପୁର ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜନଗଣନା ସମ୍ପର୍କିତ ତାଲିମ, ସ୍ଥାନ: ଆସିକା ସରକାରୀ ବାଳିକା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଭିରାମ ପରମହଂସଙ୍କ ନାମଯଜ୍ଞ ଉତ୍ସବ, ସ୍ଥାନ: ଆମ୍ବପଡା, କରମୁଳ, ସମୟ: ଦିବା ୧୨ଟା।

## ଅନୁଗୋଳ

- ରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ମଣ୍ଡଳ କରଣ ଓ ପ୍ରସ୍ତୁତି ବୈଠକ, ସ୍ଥାନ : ଆଠମଲ୍ଲିକ ସହର, ସମୟ : ସନ୍ଧ୍ୟା ୬ ଟା।

## କେନ୍ଦ୍ରାପଡ଼ା

- ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ସମୁଦ୍ର ବେଳାଭୂମି ସଫେଇ, ସ୍ଥାନ: ପେଣ୍ଠ, ରାଜନଗର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳମଣୀ ସେବା ସଂଘ ପକ୍ଷରୁ ଶହୀଦ ଦିବସ ପାଳନ, ସ୍ଥାନ: ବଜରଙ୍ଗୀ ମଣ୍ଡପ, କଣ୍ଡିଆହାଟ, ରାଜକନିକା, ସମୟ: ଅପରାହ୍ନ ୫ଟା।
- ମା' ବାସନ୍ତୀ ପୂଜା କମିଟି ପକ୍ଷରୁ ବସନ୍ତକାଳୀନ ଦୁର୍ଗାପୂଜା, ସ୍ଥାନ: ମା' ବାସୁଳେଇ ପୀଠ, ଚାଟରାଚକଡା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରାଜଗଡ଼, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଦିବ୍ୟ ଜୀବନ ସଂଘର ଗରାପୁର ଶିବାନନ୍ଦ ଆଶ୍ରମ ସହଯୋଗରେ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ପ୍ରଦର୍ଶନ, ସ୍ଥାନ: ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡ଼ା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଲୋକନାଥ ପାଲା ପରିଷଦ ପକ୍ଷରୁ ବାଦିପାଲା ମହୋତ୍ସବ, ସ୍ଥାନ: ବାଲିଆ ହାଟ, ଭାଗବତପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ ଭାଗବତ କଥାମୃତ, ସ୍ଥାନ: ଶ୍ରୀବଳଦେବଜୀଉ ଗୌଡୀୟ ମଠ, ସାରଙ୍ଗ, ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- କମାଗଡ଼ ହିଙ୍ଗୁଳା ଯଜ୍ଞ ଉତ୍ସବର ୪ୟ ଦିନ, ସ୍ଥାନ : ଧର୍ମଶାଳା ବ୍ଲକର କମାଗଡ଼ ହେଙ୍ଗୁଳା ପଡ଼ିଆ, ସମୟ: ଦିବାରାତ୍ର।
- ଜିଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋରେଇ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଯଯାତି ମହୋତ୍ସବ ଅବସରରେ ବଲିଉଡ କଣ୍ଠଶିଳ୍ପୀ ନୀତି ମୋହନଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ପ୍ରଶାସନିକ ଭବନ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୨୦ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ସହିଦ୍ ଭଗତ୍ ସିଂହଙ୍କ ୯୫ତମ ଫାସି ଦିବସ, ସ୍ଥାନ: ଗୋଡିପଡା ବଜାର ସହିଦ୍ ଭଗତ୍ ସିଂହ ପ୍ରତିମୂର୍ତ୍ତି ପାଖ, ସମୟ:ସକାଳ ୮ଟା ।
- ସହିଦ୍ ଭଗତ୍ ସିଂହଙ୍କ ଫାସି ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଗୋଡିପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ:ସକାଳ ୮ଟା ୩୦ ।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ଷଷ୍ଠ ଦିବସରେ ପୂଜାନୀତି, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସକାଳ ୯ଟା ।
- ବରୁଣେଇ ସମର ସ୍ମାସ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ମା' ବରୁଣେଇ କଣ୍ଟିଲୋ ବନାମ ବୋଦସା, ସ୍ଥାନ: ମିନି ଷ୍ଟାଡିୟମ କଣ୍ଟିଲୋ, ସମୟ:ପୂର୍ବାହ୍ନ ୧୧ଟା ।
- ଦଶଦୋଳ ଯାତ୍ରାର ଏକାଦଶ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ବାଲୁଗାଁ ଦଶଦୋଳ ପଡିଆ, ସମୟ:ଅପରାହ୍ନ ୪ଟା ।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ଷଷ୍ଠ ଦିବସରେ ପାରାୟଣରେ ଦଶରଥଙ୍କ ମହପୟାଣ ଓ ଭରତଙ୍କ ଚିତ୍ରକୁଟ ଗମନ ପ୍ରସଙ୍ଗ, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା ।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ମାଁ ଠାକୁରାଣୀଙ୍କ କଳସୀ ଯାତ୍ରା ଶୁଭାରମ୍ଭ, ସ୍ଥାନ: ଡାବୁଗାଁ କଳସୀ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ମାଙ୍କ ନବଦିନ ଯାତ୍ରା ଆରମ୍ଭ, ସ୍ଥାନ: ଉମରକୋଟ, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲମତାପୁଟ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ମହାଦେଇପୁଟ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ନନ୍ଦକା ପଞ୍ଚାୟତ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ରେଙ୍ଗା, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବନାଗ୍ନି ନିରାକରଣ ସଚେତନତା କର୍ମଶାଳା, ସ୍ଥାନ: ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ, ବୈପାରିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମାଲକାନଗିରି

- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କମାରପଲ୍ଲୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ମାଥିଲି ବ୍ଲକ୍, ସମୟ:ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ବାବା ବିଶାସହେ କୁଲତା ସମାଜ ପକ୍ଷରୁ ଚୈତ୍ର ନବରାତ୍ର ମହୋତ୍ସବରେ ଚଣ୍ଡୀପାଠ, ସ୍ଥାନ : ଠେମରା ସ୍ଥିତ ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠ, ସମୟ : ସକାଳ ୮ଟା।
- ମା' ମଙ୍ଗଳାଙ୍କ ବାସନ୍ତିକ ନବ ଦିନାତ୍ମକ ପୂଜା ଉପଲକ୍ଷେ ଚଣ୍ଡୀପାଠ ଓ ହୋମ ଯଜ୍ଞ , ସ୍ଥାନ : ଭୁତାପଡା, ସମୟ : ସକାଳ ୮ଟା ୩୦ ।
- ସେବା ଭାରତୀ ସମ୍ବଲପୁର ମହାନଗର ନିଗମ ଶାଖା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ଭୀମଭୋଇ କଲ୍ୟାଣ ମଣ୍ଡପ, ସମୟ : ସକାଳ ୯ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଜମନକିରା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ମା'କାମାକ୍ଷା ଦେବୀଙ୍କ ବାସନ୍ତିକ ନବଦିନାତ୍ମକରେ ସ୍କନ୍ଦମାତା ପୂଜା, ସ୍ଥାନ : ବୈଦାରନୂଆପାଲି କାମାକ୍ଷା ବିହାର, ସମୟ : ପୂର୍ବାହ୍ନ ୧୧ଟା।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅମୃତ ବିହାର ପରିସରସ୍ଥ ପଡିଆ, ସମୟ : ଅପରାହ୍ନ ୪ଟା ୩୦ ।
- ଶ୍ରୀକଲଚରାଲ ଆସୋସିଏଶନ ଆୟୋଜିତ ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ-୨୦୨୬ ଉଦ୍‌ଯାପନୀ ଉତ୍ସବ ଏବଂ ଖଡିଆଳ ସାଂସ୍କୃତିକ ଅନୁଷ୍ଠାନର ସମ୍ବଲପୁରୀ ନାଟକ ଦାମୁର ମଞ୍ଚନ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୭ଟା।
- ଚଳଚ୍ଚିତ୍ର ପ୍ରଚ୍ଛଦପଟ୍ଟ ଗାୟିକା ଲତା ମଙ୍ଗେସକର ସଙ୍ଗୀତ ନାଇଟର ପ୍ରସ୍ତୁତି ବୈଠକ, ସ୍ଥାନ : ଯବାନ ଇ ହିନ୍ଦ କ୍ଲବ, ସମୟ : ସନ୍ଧ୍ୟା ୭ଟା।

## ରାଉରକେଲା

- ଗ୍ରୀଷ୍ମକାଳୀନ କ୍ରିକେଟ ଶିବିର, ସ୍ଥାନ: ଡିଏଭି ଖେଳପଡିଆ ସମୟ: ସକାଳ ୬ଟା ୩୦।
- ଚୈତ୍ର ନବରାତ୍ରୀ, ୫ମଦିବସ, ସ୍ଥାନ: ଜଗଦା ମା' ବାଟମଙ୍ଗଳା ମନ୍ଦିର, ସମୟ: ସକାଳ ୭ଟା।
- ଚୈତ୍ର ଛଟ୍ ପର୍ବ ୨ୟ ଦିବସ, ସ୍ଥାନ: କୋଏଲନଦୀକୂଳ, ସମୟ: ସକାଳ ୮ଟା
- ଶହୀଦ ଭଗତସିଂହ ଜୟନ୍ତୀ, ସ୍ଥାନ: ଛେଣ୍ଡ କଲୋନୀ, ସମୟ: ସକାଳ ୮ଟା।
- ରାଉରକେଲା କଲେଜରେ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର--୪, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ଅପରାଧ କର୍ମଶାଳା, ୪ର୍ଥ ଦିବସ, ସ୍ଥାନ: ବିପିୟୁଟି, ସମୟ: ପୂର୍ବାହ୍ନ ୧୦ଟା।
- ଆଭା-ଅନ୍ୱେଷର ବାର୍ଷିକ ଉତ୍ସବ, ସ୍ଥାନ: ଡେଲିମାର୍କେଟ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲମୀ ନାନୀ**
**ମୂଷା କାଟିନେଲା ପଣତ କାନି ।**

କିଛି ବ୍ୟକ୍ତି ନିହାତି ଓଲୁ ପ୍ରକୃତିର ହୋଇଥାନ୍ତି। ତାଙ୍କ ଆଗରେ ଘଟୁଥିବା ଘଟଣା ବିଷୟରେ କିଛି ବି ସୁରାକ ବା ଟେର ପାଇପାରି ନ ଥାନ୍ତି। ଅତି ଓଲି, ଏପରି ଓଲି ଯେ ନିଜ ପିନ୍ଧା ଲୁଗାର ପଣତକାନି କିଏ କାଟି ନେଲା ତାହା ସେ ନ ଜାଣି ପାରିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଲୁଅ ଲାଗଇ ଗଲୁ**
**ବାପା କରିଥିଲେ ବାଛି ବାଛି ଜୋଇଁ**
**ସେ'ତ ନିପଟ ଓଲୁ ।**

ଶ୍ରେଷ୍ଠ ବୋଲି ବିଚାର କରି ଆପଣେଇ ନିଆଯାଉଥିବା ବ୍ୟକ୍ତି ଅଯୋଗ୍ୟ, ଅପଦାର୍ଥ ବୋଲି ପ୍ରମାଣିତ ହେଲେ ମଣିଷ ହତୋତ୍ସାହିତ ହୋଇଯାଏ। ସାଧାରଣତଃ ଓଲୁ ବା ହୁଣ୍ଡା ପ୍ରକୃତିର ବ୍ୟକ୍ତି କୌଣସି ଗୁଣକୁ ଯୋଗ୍ୟ ହୋଇ ନ ଥାନ୍ତି। ତାଙ୍କ ଦ୍ୱାରା କୌଣସି କାର୍ଯ୍ୟ ଠିକ୍ ଢଙ୍ଗରେ କରାଯାଇ ପାରୁ ନ ଥିବା ସ୍ଥଳେ ଏପରି ଅଯୋଗ୍ୟ ବ୍ୟକ୍ତିକୁ ପତି ରୂପରେ ପାଇ ପତ୍ନୀ ମନ ଊଣା କରିବସିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉଭୋଳିତ ପାଣିପାଗର ଚିତ୍ର।

# ଜଳ ପରିଚାଳନାରେ ...

ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଜଳ ସୁରକ୍ଷା ହେଉଛି ପ୍ରମୁଖ ସର୍ତ୍ତ । ଏଥିପାଇଁ ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଜଳସାଥୀ ଭାବେ ନିୟୋଜିତ କରାଯାଇଛି। ସେଥିପାଇଁ ଚଳିତ ବର୍ଷର ବିଶ୍ୱ ଜଳ ଦିବସର ବିଷୟବସ୍ତୁ 'ଜଳ ଏବଂ ଲିଙ୍ଗଗତ ସମାନତା'କୁ ଆଧାର କରି ସମସ୍ତ ରାଜ୍ୟବାସୀଙ୍କୁ ଜଳ ସୁରକ୍ଷା ପାଇଁ ଆଗେଇ ଆସିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଜଳର ଅଭାବ ଗରିବ ଲୋକଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରେ। ତେଣୁ ସମାଜରେ ଶେଷ ପାହାଚରେ ଥିବା ବ୍ୟକ୍ତିଙ୍କ ପାଖରେ ବିଶୁଦ୍ଧ ଜଳ ପହଞ୍ଚାଇବା ଆମ ଅନ୍ତ୍ୟୋଦୟ ନୀତିର ଅଂଶ ବିଶେଷ। ଆମ ସରକାର ମିଶନ୍ ପାୱାର୍ ଅଧୀନରେ ପ୍ରତିଟି ଅପହଞ୍ଚ ଗାଁ ଏବଂ ପଛୁଆ ଅଞ୍ଚଳକୁ ବିଶୁଦ୍ଧ ଜଳ ଯୋଗାଇବା ପାଇଁ କାର୍ଯ୍ୟ କରୁଛି। କୃଷି କ୍ଷେତ୍ରରେ ପ୍ରତି ବୁନ୍ଦା ଜଳରେ ଅଧିକ ଫସଲ ନୀତିକୁ ଆମେ ପ୍ରୋତ୍ସାହିତ କରୁଛୁ। 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ମାଧ୍ୟମରେ ବୃକ୍ଷ ରୋପଣ କରିବାରେ ଦେଶରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ନିଜର ସ୍ଥାନ ଅଧିକାର କରିଛି। ଆଗାମୀ ଦିନରେ ଜଳକୁ ନେଇ ଯେପରି କୌଣସି ବିବାଦ ନ ହୁଏ, ସେଥିପାଇଁ ମଧ୍ୟ ଆମ ରାଜ୍ୟ ସନ୍ତୁଳିତ ଜଳ ନୀତି ପ୍ରସ୍ତୁତ କରିଛି ବୋଲି କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୬୧୨ କୋଟି ଟଙ୍କାର ବହୁମୂଲ୍ୟ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏଥିମଧ୍ୟରୁ ପ୍ରାୟ ୨୨୯୨ କୋଟି ଟଙ୍କାର ୧୭ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ପ୍ରାୟ ୩୨୦ କୋଟି ଟଙ୍କାର ବ୍ୟୟ ବରାଦରେ ସମୁଦାୟ ୧୨୪ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଥିଲା।

## ଅବଶିଷ୍ଟାଂଶ

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି କହିଥିଲେ, ଯେଉଁ ସ୍ଥାନରେ ଲୋୟର ଲେଭେଲ୍ ବ୍ରିଜ୍‌ଗୁଡ଼ିକୁ ଭଙ୍ଗାଯାଇ ଅଧିକ ଉଚ୍ଚତା ବିଶିଷ୍ଟ ବ୍ୟାରେଜ ନିର୍ମାଣ କରାଯାଉଛି, ସେ ସ୍ଥାନରେ ପୁରୁଣା ନିମ୍ନସ୍ତରରେ ଥିବା ବ୍ରିଜ୍‌କୁ ଭଙ୍ଗା ନ ଯାଇ ସେ ସବୁରେ ଗେଟ୍ ଲଗାଇ ଜଳ ସଂରକ୍ଷଣ ନିମିତ୍ତ ବ୍ୟବହାର କରାଯାଉ। ଏହି ପ୍ରସ୍ତାବକୁ ଷ୍ଟଡି କରି ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର କଲେ ଅନୟା ବାଙ୍ଗର

**ନୂଆଦିଲ୍ଲୀ,୨୨।୩**

ଭାରତର ପୂର୍ବତନ କ୍ରିକେଟର ସଞ୍ଜୟ ବାଙ୍ଗରଙ୍କ ଟ୍ରାନ୍ସଜେଣ୍ଡର କନ୍ୟା ଅନୟା ବାଙ୍ଗର ଥାଇଲାଣ୍ଡରେ ସଫଳତାର ସହ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର କରିଥିବା ପ୍ରକାଶ କରିଛନ୍ତି। ଏହି ଆବେଗିତ ଯାତ୍ରାରେ ସମର୍ଥନ ଦେଇଥିବା ବାପା ସଞ୍ଜୟ ଓ ପରିବାରକୁ ସେ ଶ୍ରେୟ ଦେଇଛନ୍ତି। ବ୍ୟକ୍ତିଗତ ଜୀବନରେ ଏହା ଅନୟାଙ୍କର ଏକ ଉଲ୍ଲେଖନୀୟ ପଦକ୍ଷେପ। ଅସ୍ତ୍ରୋପଚାର ସମୟରେ ଆବେଗିକ ପ୍ରକ୍ରିୟା ଏବଂ ସମର୍ଥନ ବ୍ୟବସ୍ଥା ତାଙ୍କୁ ସହାୟକ ହୋଇଥିଲା ବୋଲି ଅନୟା ସୋସିଆଲ ମିଡିଆରେ ଦେଇଥିବା ଅପ୍‌ଡେଟରେ କହିଛନ୍ତି। ହସ୍ପିଟାଲର ଏକ ଫଟୋକୁ ସେ ପୋଷ୍ଟ କରିଛନ୍ତି, ଯେଉଁଠି ସର୍ଜରି ପରେ ତାଙ୍କ ପାଖରେ ବାପା ସଞ୍ଜୟ ଉପସ୍ଥିତ ଥିବା ଦେଖାଯାଇଛି। ଏହି ଯାତ୍ରା ତାଙ୍କ ପାଇଁ ଓ ତାଙ୍କର ସମଗ୍ର ପରିବାର ପାଇଁ କେତେ ଚ୍ୟାଲେଞ୍ଜିଙ୍ଗ୍ ଥିଲା, ତାହା ଅନୟା ବର୍ଣ୍ଣନା କରିଛନ୍ତି।



ବାପା ସଞ୍ଜୟ ବାଙ୍ଗରଙ୍କ ସହ ଅନୟା ବାଙ୍ଗର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁଙ୍କ ଦ୍ୱାରା ଆହୂତ ଆନୁଷ୍ଠାନିକ କାମରେ ମନୋନିବେଶ କରି ପ୍ରଶଂସିତ ହେବେ। ଆତ୍ମୀୟଙ୍କ ସହିତ ଦର୍ଶନୀୟ ସ୍ଥାନ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପରିବାର ପାଇଁ ପରିସ୍ଥିତି ବଶତଃ ଧାର କରଜ କରିବାକୁ ବାଧ୍ୟ ହୋଇପାରନ୍ତି। କର୍ମକ୍ଷେତ୍ରରେ ପ୍ରମୋସନ ପାଇ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି।

**ବୃଷ** ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟରେ ଗତିକରିବା କାରଣରୁ ଟେନ୍‌ସନ୍ ଲାଗିରହିବ। କେତେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ସରକାରୀ ସ୍ତରରେ ଅଟକି ରହିଥିବା କାମରେ ସାହାଯ୍ୟର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିବେ। ଅଭାବ ରହିବ ନାହିଁ କିନ୍ତୁ କେଣସି ବଡ ଧରଣର କାମ କରି ପାରିବେ ନାହିଁ।

**ମିଥୁନ** ପରିବାରର ଅକୁହାକଥାକୁ ବନ୍ଧୁଙ୍କ ସମ୍ମୁଖରେ କହି ମନକୁ ହାଲୁକା କରିପାରନ୍ତି। ଆର୍ଥିକ ଅଭାବ ଅନଟନକୁ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ବାରମ୍ବାର ବିଫଳ ହୋଇଥିବା ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ସମ୍ପୂର୍ଣ୍ଣ କରିପାରନ୍ତି। ପାରିବବାରିକ ଦିଗରୁ କେତେକ ବାଧାବିଘ୍ନ ସାମୟିକ ଆସିପାରେ।

**କର୍କଟ** କର୍ମକ୍ଷେତ୍ରରେ ଜଣେ ଅପରିଚିତ ବ୍ୟକ୍ତିଙ୍କ ସକାଶେ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ପରିବାର ପାଇଁ ମନଲାଖି ଜିନିଷ କିଣିବାକୁ ମନସ୍ଥ କରିବେ। ବନ୍ଧୁମେଳରେ ପାରସ୍ପରିକ ଆଲୋଚନା ଓ ସହମତି କାରଣରୁ କାର୍ଯ୍ୟ ହାସଲ ହେବ। ବାଣିଜ୍ୟ, ପରିବହନ, ପୂର୍ବ ସମସ୍ୟାରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ସିଂହ** ଆଜି ମାମୁଲି ଘଟଣାରେ ବିଜାତୀୟ ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ସାହିତ୍ୟାଲୋଚନା, ସଭାସମିତି, ଏଜେନ୍ସି ତଥା ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଭଲ ସମ୍ପର୍କ ନ ଥିବା ସହକର୍ମୀ ସମସ୍ୟାମୂଳକ ମନ୍ତବ୍ୟ ଦେଇ ପରିସ୍ଥିତିକୁ ବିଗାଡ଼ି ପାରନ୍ତି।

**କନ୍ୟା** ସାମାଜିକ ସ୍ତରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ପାରିବାରିକ ସମସ୍ୟାର ସମାଧାନ କରିବାରେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଫାଇଦା ହାସଲ ପାଇଁ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି।

**ତୁଳା** ପରିବାରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଘର କଥାନେଇ ସହକର୍ମୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ଚେଷ୍ଟିତ ହେବେ। ପଦସ୍ଥବ୍ୟକ୍ତିଙ୍କ ସହାୟତାରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ବାଣିଜ୍ୟ,ବ୍ୟବସାୟ ଓ ପରିବହନ ସାମାନ୍ୟ ବାଧାପ୍ରାପ୍ତ ହୋଇପାରେ।

**ବିଛା** ପରିବାର ସହ ଯାତ୍ରା ସମୟରେ ଇଚ୍ଛା ନ ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇପାରନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରୁ ଫେରିବାରେ ବିଳମ୍ବ ଘଟିପାରେ। ସାମାଜିକ ସ୍ତରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ମନକୁ ବିଚଳିତ କରିବ। ପରିବାରରେ ସୁଖ ଶାନ୍ତି ବୃଦ୍ଧି ପାଇବା ସାଙ୍ଗକୁ କୌଶଳ ପ୍ରୟୋଗ କରି କାମ ହାସଲ କରିବେ।

**ଧନୁ** ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ସଭାସମିତିରେ ବନ୍ଧୁ ଗହଣରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପରିବାରର ଆବଶ୍ୟକତା ଅନୁଯାୟୀ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର** ଆଲୋଚନା ପରିସରରେ କଥାବାର୍ତ୍ତାରେ ସଂଯମତା ରକ୍ଷା ନ କଲେ ଅସୁବିଧାରେ ବେ। ପରିସ୍ଥିତିବଶତଃ କର୍ମକ୍ଷେତ୍ରରେ ଟେନ୍‌ସନ କମିଯିବାର ଆଶା ରହିଛି। ଆକସ୍ମିକ ଭାବରେ ବନ୍ଧୁମାନଙ୍କ ସହ ସୁଖଭ୍ରମଣର ସୁଯୋଗ ଲାଭ କରି ଖୁସି ହେବେ। ସାହିତ୍ୟରେ ଉନ୍ନତି କରିବେ ଏବଂ ସାମାଜିକ ସ୍ତରରେ ପ୍ରଶଂସିତ ମଧ୍ୟ ହେବେ।

**କୁମ୍ଭ** ପଡ଼ୋଶୀଙ୍କ ସହାୟତାରେ ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଘରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସହକର୍ମୀଙ୍କ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଅତି ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ ଏଣୁ ସତର୍କ ରହିବା ଭଲ।

**ମୀନ** ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ବିଜାତୀୟ ବ୍ୟକ୍ତିଙ୍କ ଶତ୍ରୁତା ହେତୁ ଆର୍ଥିକ ପ୍ରଗତିରେ ରୋକ୍ ଲାଗିପାରେ। ସାମାଜିକ ସ୍ତରରେ କିମ୍ବା ପରିବାରରେ ସାମ୍ୟତା ଆଣିବା ସକାଶେ ପଡ଼ୋଶୀ ସହାନୁଭୂତିର ହାତ ବଢ଼ାଇପାରନ୍ତି। ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କରନ୍ତୁ।

ଆଜି ମାର୍ଚ୍ଚ ୨୩ ତାରିଖ, ବିଶ୍ୱ ପାଣିପାଗ ଦିବସ, ଭଗତ୍ ସିଂ, ସୁଖଦେବ ଏବଂ ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ପବିତ୍ର ମସିହ ମଉଦ୍ ଦିବସ, ଚୈତ୍ର ଶୁକ୍ଳ ପଞ୍ଚମୀ ଯୁକ୍ତ ଷଷ୍ଠୀ ସୋମବାର। ପୀଠେ ବାସନ୍ତିକ ଷଷ୍ଠୀ ପୂଜା, ରାଶିନକ୍ଷତ୍ର-କୃତ୍ତିକା/ବୃଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୫୨ମି. ଗତେ ଘ. ୦୭।୨୨ମି. ମଧ୍ୟେ, ଘ.୧୦।୪୧ ମି. ଗତେ ଘ. ୦୧।୦୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭।୨୨ମି. ଗତେ ଘ. ୦୮।୫୨ମି. ମଧ୍ୟେ ରାହୁ କାଳ ।

ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୩/୨୦୨୬ | Bhubaneswar, Monday, March 23/2026




ଗାଜାର ଖାନ୍ ୟୁନିସ୍‌ଠାରେ ରବିବାର ଇଦ୍-ଉଲ୍-ଫିତର୍‌ର ଦ୍ୱିତୀୟ ଦିନ ଅବସରରେ ପାଲେଷ୍ଟାଇନ ପିଲାମାନଙ୍କୁ ଇଦ୍ ଉପହାର ଦିଆଯାଉଥିବାବେଳେ ସ୍ୱେଚ୍ଛାସେବୀ ସଂଗଠନର ଜଣେ କର୍ମକର୍ତ୍ତା ଏକ ଶିଶୁକୁ ଖେଳାଉଛନ୍ତି। **(ଫଟୋ ସୌଜନ୍ୟ: ଗାର୍ଡିଆନ)**

# ଏସ୍‌ସିବି: ବଦଳିଲେ ଡିନ୍, ସୁପରିଣ୍ଟେଣ୍ଡେଣ୍ଟ

## ପ୍ରତିଭା ପଣ୍ଡା ଡିନ୍, ଜ୍ୟୋତିଷ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ

**ଭୁବନେଶ୍ୱର/କଟକ,୨୨।୩ (ରବିନାରାୟଣ ଜେନା/ଶିଳ୍ପା ପ୍ରୀୟଦର୍ଶିନୀ)**

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରବିବାର ବଡ଼ ପଦକ୍ଷେପ ନେଇଛି। କାର୍ଯ୍ୟରେ ଅବହେଳା ଦର୍ଶାଇ ଗତ ୧୮ତାରିଖରେ ୪ଜଣଙ୍କୁ ନିଲମ୍ବନ କରାଯାଇଥିବାବେଳେ ଗୁରୁବାର ଡିଏମ୍‌ଇଟିଙ୍କୁ ବଦଳି କରାଯାଇଥିଲା। ମାତ୍ର ଏଥିରେ ବିରୋଧୀ କ୍ଷାନ୍ତ ନ ପଡ଼ିବାରୁ ରବିବାର ଏସ୍‌ସିବିର ଡିନ୍ ଏବଂ ଅଧ୍ୟକ୍ଷଙ୍କ ସହ ସୁପରିଣ୍ଟେଣ୍ଡେଣ୍ଟଙ୍କ ବଦଳି କରାଯାଇଛି। ନୂତନ ଡିନ୍ ଏବଂ ଅଧ୍ୟକ୍ଷ ଭାବେ ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ପ୍ରତିଭା ପଣ୍ଡାଙ୍କୁ ନିଯୁକ୍ତ କରାଯାଇଛି। ଡା. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀଙ୍କୁ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତ କରାଯାଇଛି। ଏହାବାଦ୍ ବରିଷ୍ଠ ଡାକ୍ତରଙ୍କ ସ୍ତରରେ କେତେକ ଅଦଳବଦଳ ମଧ୍ୟ କରାଯାଇଛି।

ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଏସ୍‌ସିବିର ଡିନ୍ ତଥା ଅଧ୍ୟକ୍ଷ ଥିବା ପ୍ରଫେସର ଡା. ଲୁସି ଦାସଙ୍କୁ ଉକ୍ତ ମେଡିକାଲର ସିଟିଭିଏସ୍ ପ୍ରଫେସର ଭାବେ ନିଯୁକ୍ତି ଦିଆଯାଇଛି। ଏହାସହିତ ସେ ଅସ୍ଥିଶଲ୍ୟ ଏବଂ ସ୍ତ୍ରୀ ଓ ପ୍ରସୂତି ବିଭାଗରେ କାର୍ଯ୍ୟ କରିବେ। ସେହିପରି ଡା. ନିର୍ମଳ ଚନ୍ଦ୍ର ମହାପାତ୍ରଙ୍କୁ ବାରିପଦା ମେଡିକାଲ କଲେଜର ଡିନ୍ ଏବଂ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ସେହିପରି ସୁନ୍ଦରଗଡ଼ ଅସ୍ଥିଶଲ୍ୟ ବିଭାଗର ପ୍ରଫେସର ଡା. ସତ୍ୟଜିତ ରାୟଙ୍କୁ କଟକ ଅସ୍ଥିଶଲ୍ୟ ବିଭାଗର ପ୍ରଫେସର ଭାବେ ବଦଳି କରାଯାଇଥିବାବେଳେ ଡା. ତାପସ କୁମାର ପାଣିଗ୍ରାହୀଙ୍କୁ ସୁନ୍ଦରଗଡ଼ ମେଡିକାଲ କଲେଜର ଅସ୍ଥିଶଲ୍ୟ ବିଭାଗର ☞ପୃଷ୍ଠା-୮

# ୩ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ସୁପ୍ରିମକୋର୍ଟ ଯିବୁ: କାଡାମ

## ବଦଳିଲା ସୋଫିଆ, ଦାଶରଥି, ରମେଶଙ୍କ ଆସନ

**ଭୁବନେଶ୍ୱର,୨୨।୩(ରବିନାରାୟଣ ଜେନା)**

ରାଜ୍ୟ ସଭା ନିର୍ବାଚନ ଗତ ୧୬ ତାରିଖରୁ ଶେଷ ହେଲାଣି। ହେଲେ ଏପର୍ଯ୍ୟନ୍ତ ତା'ର ଉଷ୍ମତା ଥମି ନାହିଁ। କଂଗ୍ରେସ ପକ୍ଷରୁ ଦଳ ବିରୋଧରେ ଯାଇଥିବା ୩ ବିଧାୟକଙ୍କୁ ନିଲମ୍ବନ କରାଯାଇଥିବାବେଳେ ବିଧାନସଭା ଗୃହରେ ତାଙ୍କ ଆସନ ବଦଳିଛି। ଏନେଇ ରବିବାର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ମାର୍ଚ୍ଚ ୨୦ରେ ଗଣଶିକ୍ଷା, ଉଚ୍ଚଶିକ୍ଷା ଏବଂ ପୂର୍ତ୍ତ ବିଭାଗରେ ଖର୍ଚ୍ଚ ଦାବି ଆଲୋଚନାରେ ଦଳରୁ ନିଲମ୍ବିତ ହୋଇଥିବା ୩ ବିଧାୟକ ନିଜ ଆସନରେ ବସି ଆଲୋଚନାରେ ଭାଗ ନେଇଥିଲେ। ଦଳ ପକ୍ଷରୁ ଏ ସଂକ୍ରାନ୍ତରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସମ୍ପୃକ୍ତ ୩ଜଣ ସଦସ୍ୟଙ୍କ ଆସନ ପରିବର୍ତ୍ତନ ହୋଇଛି। ଆଗାମୀ ☞ପୃଷ୍ଠା-୮

# ହର୍ମୁଜ୍ ପ୍ରଣାଳୀ ଖୋଲ, ନ ହେଲେ ଧ୍ୱଂସ

## ଇରାନ୍‌କୁ ଟ୍ରମ୍ପଙ୍କ ୪୮ ଘଣ୍ଟାର ଚେତାବନୀ

**ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇପଡ଼ିଛି। ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣକୁ ଇରାନ୍ ଦୃଢ଼ ଜବାବ ଦେବା ଯୋଗୁ ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଯୁଦ୍ଧ ଥମିବାର ନାଁ ନେଉ ନାହିଁ। ବିଶେଷକରି ଇରାନ୍ ତା'ର ସୀମା ସଂଲଗ୍ନ ସାମୁଦ୍ରିକ ଜଳପଥ ହର୍ମୁଜ୍ ପ୍ରଣାଳୀକୁ ବଳପ୍ରୟୋଗ କରି ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇପାରିଥିବାରୁ ଆରବୀୟ ଦେଶରୁ ବିଭିନ୍ନ ଦେଶକୁ ଯାଉଥିବା ତୈଳ ଓ ଗ୍ୟାସ୍ ବୋଝେଇ ଜାହାଜଗୁଡ଼ିକ ଅଟକି ରହିଛି। ଏଥିଯୋଗୁ ସାରା ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି ହୋଇଛି। ତୈଳ ଓ ଗ୍ୟାସ୍ ଯୋଗାଣ ଗୁରୁତର ବାଧାପ୍ରାପ୍ତ ହୋଇଛି। ଆମେରିକା ପ୍ରାୟ ୩ ସପ୍ତାହ ହେଲା ଏଭଳି ଅଚଳାବସ୍ଥାର ସମାଧାନ ପାଇଁ କୌଣସି ବାଟ ପାଇପାରୁ ନ ଥିବାବେଳେ ତା'ର ସହଯୋଗୀ ଓ ମିତ୍ର ଦେଶଗୁଡ଼ିକ ମଧ୍ୟ ଖୋଲା ସମର୍ଥନ ଦେଉ ନ ଥିବା ଦେଖିବାକୁ ମିଳିଛି। ଏଭଳିସ୍ଥଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଇରାନ୍‌କୁ ଅଲ୍ଟିମେଟମ୍ ବା କଠୋର ଚେତାବନୀ ଦେଇଛନ୍ତି। ୪୮ ଘଣ୍ଟା ମଧ୍ୟରେ ଇରାନ୍ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍'କୁ ସମ୍ପୂର୍ଣ୍ଣ ଭାବେ ଖୋଲା ନ କଲେ ଆମେରିକା ଇରାନର ସମସ୍ତ ପାୱାର ଗ୍ରୀଡ୍ ଏବଂ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକୁ ଧ୍ୱଂସ କରିଦେବ ବୋଲି ଟ୍ରମ୍ପ ଚେତାଇ ଦେଇଛନ୍ତି। ବିଶ୍ୱର ତୈଳ ବାଣିଜ୍ୟରେ ବାଧା ସୃଷ୍ଟି କରୁଥିବା ଏହି ଅବରୋଧକୁ ଆଉ ସହ୍ୟ କରାଯାଇପାରିବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ୪୮ ଘଣ୍ଟାର ଏହି ସମୟସୀମା ଆସନ୍ତା ମଙ୍ଗଳବାର ଶେଷ ହେବାକୁ ଯାଉଥିବାବେଳେ ଇରାନ୍ ଏହାକୁ ଭ୍ରୂକ୍ଷେପ ନ କରି ପାଲଟା ଚେତାବନୀ ଦେଇଛି। ଆମେରିକା ଆକ୍ରମଣ କଲେ, କାତାର ଏବଂ ବାହାରିନ୍‌ରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯିବ। ସେହିପରି ସୌଦି ଆରବ ଏବଂ ୟୁଏଇ ଭଳି ପଡ଼ୋଶୀ ଦେଶଗୁଡ଼ିକର ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରାଯିବ। ଗୁରୁତ୍ୱପୂର୍ଣ୍ଣ ଆଇଟି ଭିତ୍ତିଭୂମି ସହ ଲବଣମୁକ୍ତକରଣ ପ୍ରକଳ୍ପଗୁଡ଼ିକୁ ମଧ୍ୟ ଟାର୍ଗେଟ କରାଯିବ ବୋଲି ଇରାନ୍ ଚେତାବନୀ ଦେଇଛି।**

## ଆମେରିକା ସେନାଘାଟି, ଆରବ ତୈଳ କ୍ଷେତ୍ରଗୁଡ଼ିକୁ ଆକ୍ରମଣ କରିବୁ: ଇରାନ୍

**ୱାଶିଂଟନ୍,୨୨।୩(ରଏଟର୍ସ)**

ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଆକ୍ରମଣ-ପ୍ରତ୍ୟାକ୍ରମଣ ବେଳକୁ ବେଳ ବଢ଼ି ଚାଲିଥିଲାବେଳେ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ତୈଳ ପରିବହନ ପ୍ରସଙ୍ଗ ଉଭୟ ପକ୍ଷଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି। ହର୍ମୁଜ୍ ସାମୁଦ୍ରିକ ପଥକୁ ଇରାନ୍ କବ୍‌ଜା କରି ତୈଳ ଓ ଗ୍ୟାସ୍ ଯୋଗାଣ ବନ୍ଦ କରିଥିବାରୁ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହୁ ହୁ ହୋଇ ବଢ଼ି ଚାଲିଛି। ଏହାଦ୍ୱାରା ବୈଶ୍ୱିକ ଅର୍ଥନୀତିକୁ ପ୍ରଭାବିତ କରି ଇରାନ୍ ଆମେରିକା ସମେତ ବିଶ୍ୱ ସମୁଦାୟ ଉପରେ ଚାପ ସୃଷ୍ଟି କରିବାକୁ ରଣନୀତି କରିଛି। ଆମେରିକା ଇରାନ୍‌ର ଏହି ଆଭିମୁଖ୍ୟକୁ ବୁଝିପାରି ହର୍ମୁଜ୍ ସ୍ଥିତିକୁ ସ୍ୱାଭାବିକ କରିବାକୁ ଉଦ୍ୟମ କରି ଅନ୍ୟ ସହଯୋଗୀ ରାଷ୍ଟ୍ରଙ୍କ ସହଯୋଗ ଲୋଡ଼ିଥିଲେ ହେଁ ବିଫଳ ହୋଇଛି। ଏଭଳି ସ୍ଥିତିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍‌କୁ ଚେତାବନୀ ଦେଇ ହର୍ମୁଜ୍ ଷ୍ଟ୍ରେଟ୍‌କୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ କହିଛନ୍ତି। ଇରାନ୍ ଯଦି ୪୮ ଘଣ୍ଟା ମଧ୍ୟରେ ଏହାକୁ ମୁକ୍ତ କରି ସ୍ଥିତି ସ୍ୱାଭାବିକ ନ କରେ ତେବେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ। ☞ପୃଷ୍ଠା-୮

# ଇନ୍ଧନ ଯୋଗାଣ ନିଶ୍ଚିତ କରିବାକୁ ମୋଦିଙ୍କ ଗୁରୁତ୍ୱ



ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ରବିବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା।

**ନୂଆଦିଲ୍ଲୀ,୨୨।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ଇନ୍ଧନ ଯୋଗାଣ କ୍ଷେତ୍ରରେ ସୃଷ୍ଟି ହୋଇଥିବା ସମସ୍ୟାର ମୁକାବିଲା ସହ ଦେଶରେ ଏଲ୍‌ପିଜି ଓ ପେଟ୍ରୋଲିୟମ ସାମଗ୍ରୀର ନିରନ୍ତର ଯୋଗାଣକୁ ନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଇଛନ୍ତି। ରବିବାର ନୂଆଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ୍ ସିଂ ପୁରି ପ୍ରମୁଖ ଉପସ୍ଥିତ ରହି ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ ଉପୁଜିଥିବା ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦେଶର ରନ୍ଧନ ଗ୍ୟାସ୍ ଏବଂ ପେଟ୍ରୋଲିୟମ ସାମଗ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏହାକୁ ନିଶ୍ଚିତ କରିବା ଲାଗି ପର୍ଯ୍ୟାପ୍ତ ପରିମାଣର ଇନ୍ଧନ ମହଜୁଦ ରଖିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲାବେଳେ ଯୁଦ୍ଧକୁ ନେଇ ବୈଶ୍ୱିକ ସ୍ତରରେ ପରବର୍ତ୍ତିତ ସ୍ଥିତି ଉପରେ ନଜର ରଖି ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ବିଶେଷକରି ଘରୋଇ ସ୍ତରରେ ଖାଉଟି, ଶିକ୍ଷାନୁଷ୍ଠାନ ଏବଂ ବ୍ୟବସାୟିକ କ୍ଷେତ୍ର ପାଇଁ ଜରୁରୀ ରହିଥିବା ଇନ୍ଧନ ଆବଶ୍ୟକତାକୁ ଯେଭଳି ନିରନ୍ତର ଯୋଗାଣ ବଜାୟ ରୁହେ ତାହାକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। ଏହି କ୍ରମରେ ରାଜ୍ୟଗୁଡିକୁ ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡର ଆବଣ୍ଟନ ପରିମାଣକୁ ସରକାର ଅଗ୍ରାଧିକାର ଭିତ୍ତିରେ ବୃଦ୍ଧି କରିବା ସହ ଶିକ୍ଷାନୁଷ୍ଠାନ ଏବଂ ହସ୍ପିଟାଲଗୁଡିକୁ ଇନ୍ଧନ ଯୋଗାଣ ନିଶ୍ଚିତ କରିବାକୁ କହିଛନ୍ତି।

# ସର୍ବାଧିକ ସମୟ ସରକାରୀ ମୁଖ୍ୟ ଭାବେ ମୋଦିଙ୍କ ରେକର୍ଡ

## କ୍ଷମତାରେ ୮,୯୩୧ ଦିନ

### ସିକିମ୍‌ର ପୂର୍ବତନ ମୁଖ୍ୟମନ୍ତ୍ରୀ ଚାମ୍‌ଲିଙ୍ଗ୍‌ଙ୍କୁ ପଛରେ ପକାଇଲେ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ,୨୨।୩**

ଦେଶରେ ନିର୍ବାଚିତ ସରକାରଙ୍କ ମୁଖ୍ୟ ଭାବେ ସର୍ବାଧିକ ୮,୯୩୧ ଦିନ କ୍ଷମତାରେ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ରାଜନୀତିରେ ଏକ ଐତିହାସିକ ସଫଳତା ହାସଲ କରିଛନ୍ତି। ଏଥିସହିତ ସେ ସିକିମ୍‌ର ପୂର୍ବତନ ମୁଖ୍ୟମନ୍ତ୍ରୀ ପଓ୍ୱନ କୁମାର ଚାମ୍‌ଲିଙ୍ଗ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ଚାମ୍‌ଲିଙ୍ଗ୍ ୮,୯୩୦ ଦିନ କ୍ଷମତାରେ ରହିଥିଲେ। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଏବଂ ଭାରତର ପ୍ରଧାନମନ୍ତ୍ରୀ ଭାବେ ରବିବାର ୮,୯୩୧ ଦିନ ପୂରଣ କରିଛନ୍ତି ଏବଂ ନେତୃତ୍ୱ ଭୂମିକାର ୨୫ତମ ବର୍ଷରେ ପ୍ରବେଶ କରିଛନ୍ତି। ଏହି ମାଇଲଖୁଣ୍ଟକୁ ଏକ ବିରଳ ତଥା ଉଲ୍ଲେଖନୀୟ ସଫଳତା ଭାବେ ଦେଖାଯାଉଛି, ଯାହାକି ଦଶନ୍ଧି ଧରି ନିରବଚ୍ଛିନ୍ନ ଜନସେବା ଏବଂ ସର୍ବୋଚ୍ଚ ସ୍ତରରେ ରାଜନୈତିକ ନେତୃତ୍ୱର ପ୍ରତିଫଳନ କରୁଛି। ନବୀନ ପଟ୍ଟନାୟକ (୨୦୦୦ ମାର୍ଚ୍ଚ ୫ରୁ ୨୦୨୪ ଜୁନ୍ ୧୨) ୮,୮୬୫ ଦିନ ଓଡ଼ିଶା ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ରହିଥିଲେ।

ପ୍ରଧାନମନ୍ତ୍ରୀ ତାଙ୍କ କ୍ୟାରିୟରର ଅନେକ ଉଲ୍ଲେଖନୀୟ ରେକର୍ଡ ହାସଲ କରିଛନ୍ତି। ସେ ଗୁଜରାଟରେ ସର୍ବାଧିକ କାଳ ମୁଖ୍ୟମନ୍ତ୍ରୀ ରହିଛନ୍ତି ଏବଂ ସବୁଠୁ ଅଧିକ ସମୟ ମୁଖ୍ୟମନ୍ତ୍ରୀ ଅଭିଜ୍ଞତା ସହ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସେ ସ୍ୱାଧୀନତା ପରେ ଜନ୍ମିତ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ, ଯିଏ କି କ୍ରମାଗତ ଭାବେ ୨୦୧୪, ୨୦୧୯ ଏବଂ ☞ପୃଷ୍ଠା-୮



ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। -ଶ୍ରୀଅରବିନ୍ଦ



# ଭାରତ ଦେବ ୟୁଆନ୍

ଇରାନ୍ ସହିତ ଆମେରିକା ଓ ଇସ୍ରାଏଲ ଯୁଦ୍ଧ ଚତୁର୍ଥ ସପ୍ତାହରେ ପହଞ୍ଚିଛି। ସଦ୍ୟ ଘଟଣା ଦେଖିଲେ ଗୋଟିଏ ପଟେ ନତାଞ୍ଜ ଆଣବିକ କେନ୍ଦ୍ର ଉପରେ ଆମେରିକା ଓ ଇସ୍ରାଏଲ ବୋମାମାଡ଼ କରି ଇରାନ୍‌କୁ ଡରାଇବାକୁ ଚେଷ୍ଟା କରିଥିବା ବେଳେ ଅନ୍ୟପକ୍ଷରେ ଇରାନ୍ ଭାରତୀୟ ମହାସାଗରରେ ଅବସ୍ଥିତ ଡିଏଗୋ ଗାର୍ସିଆରେ ଥିବା ଆମେରିକା-ବ୍ରିଟେନ୍‌ର ସାମରିକ ଘାଟି ଉପରେ ବାଲିଷ୍ଟିକ୍ ମିଶାଇଲ୍ ଆକ୍ରମଣ କରିଛି। ଦୃଢ଼ ସାମରିକ ରଣକୌଶଳ ଦେଖାଇବାକୁ ଯାଇ ଇରାନ୍ ଯେଭଳି ଡିଏଗୋ ଗାର୍ସିଆକୁ ଟାର୍ଗେଟ କରିଛି, ତାହା ଟ୍ରମ୍ପ ପ୍ରଶାସନକୁ ଭୟଭୀତ କରାଇଦେଲା ଭଳି ମନେହେଉଛି। ତେହରାନ୍ ନିଜ ଦୂରଗାମୀ କ୍ଷେପଣାସ୍ତ୍ରର ଭେଦ କ୍ଷମତାକୁ ୨,୦୦୦ କିଲୋମିଟର ମଧ୍ୟରେ ସୀମିତ ରଖିଥିବା ନେଇ ପୂର୍ବରୁ ପ୍ରକାଶ କରିଥିବା ବେଳେ ଇରାନ୍‌ରୁ ପ୍ରାୟ ୪,୦୦୦ କିଲୋମିଟର ଦୂରରେ ଥିବା ପାଶ୍ଚାତ୍ୟ ସେନାଘାଟିକୁ ଟାର୍ଗେଟ କରାଯିବା ଆମେରିକାକୁ ଏହା ଏକ କଡ଼ା ଜବାବ ବୋଲି ଧରାଗଲାଣି। ଏଥିରୁ ବୁଝିବାକୁ ହେବ ଯେ, ଇରାନ୍ ଅତି ସହଜରେ ସାମରିକ ଶକ୍ତି ପ୍ରୟୋଗ କରି ପାଶ୍ଚାତ୍ୟକୁ ବଡ଼ ଶିକ୍ଷା ଦେବାକୁ ଚାହୁଁଛି। ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶରେ ନିଜର ସାମରିକ ଘାଟି ସ୍ଥାପନ କରି ଇରାନ୍‌କୁ ଆମେରିକା ଭୟ ଦେଖାଇ ଆସୁଥିଲା। ଇରାନ୍ କୌଶଳ କରି ପ୍ରଥମେ ଆମେରିକାକୁ ଆକ୍ରମଣ ନ କରି ଇସ୍ରାଏଲକୁ ଟାର୍ଗେଟ କଲା। ଏଥିସହିତ ଆମେରିକା ସହ ସମ୍ପର୍କରେ ଥିବା ମଧ୍ୟପ୍ରାଚ୍ୟ ରାଷ୍ଟ୍ର ବାହାରିନ୍, କୁଏଟ୍, ଓମାନ୍, କାତାର, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ଜୋର୍ଡାନ୍ ଏବଂ ଇରାକ୍ ଉପରେ ଇରାନ୍ ଆକ୍ରମଣ କରି ତୈଳ ଭଣ୍ଡାର ଓ ଅନ୍ୟାନ୍ୟ ଶାକ୍ତିଶାଳୀ ଭିତ୍ତିଭୂମି ଦୋହଲାଇ ଦେଲା। ଏପରି ସମୟରେ ନାଟୋ ସମେତ ଅନ୍ୟ କେତେକ ଦେଶକୁ ଯୁଦ୍ଧର ଅଂଶବିଶେଷ ପାଲଟିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଆହ୍ୱାନ ପ୍ରତ୍ୟାଖ୍ୟାତ ହେବା ପରେ ସେ କ୍ଷୁବ୍ଧ ହୋଇଯାଇଛନ୍ତି। ଫଳସ୍ୱରୂପ ନତାଞ୍ଜ ପରମାଣୁ ସମୃଦ୍ଧ କେନ୍ଦ୍ର ଉପରେ ଆକ୍ରମଣ କରାଯାଇଥିଲା। ଏହି ସନ୍ଧିକ୍ଷଣରେ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଆବ୍ବାସ ଆରାଗଚି କହିଛନ୍ତି ଯେ, ଆମେରିକା ଯେତେ କୌଶଳ କରି ଆକ୍ରମଣ କଲେ ମଧ୍ୟ ଇରାନ୍‌ର ପରମାଣୁ କାର୍ଯ୍ୟକ୍ରମକୁ ଧ୍ୱଂସ କରିପାରିଲା ନାହିଁ। ସମ୍ଭବତଃ ସେଥିପାଇଁ ଇରାନ୍ ସାଧାରଣରେ କହୁଛି ଯେ, ତୁମେ ଆମକୁ ଆଘାତ କଲେ ମଧ୍ୟ ଆମେ ଠିଆ ହୋଇଛୁ। ଏଭଳି ବାର୍ତ୍ତା ବିଶ୍ୱକୁ ଜଣାଇ ଦେଇଛି ଯେ, ଇରାନ୍ ମୁଣ୍ଡ ନୁଆଁଉ ନାହିଁ। ଇତିମଧ୍ୟରେ ହର୍ମୁଜ ପ୍ରଣାଳୀ ୪୮ ଘଣ୍ଟା ମଧ୍ୟରେ ଖୋଲିବା ଲାଗି ଟ୍ରମ୍ପ ଇରାନ୍‌କୁ ମହଲତ ଦେଇଛନ୍ତି। ନ ହେଲେ ସେ ଇରାନ୍‌କୁ ଧ୍ୱଂସ କରିଦେବେ ବୋଲି କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଦେଖିଲେ ଯୁଦ୍ଧରେ ସମ୍ପୃକ୍ତ ଦେଶଗୁଡ଼ିକ ତୁଳନାରେ ଭାରତ ବେଶି କ୍ଷତିରେ ପଡ଼ିବାର ଆଶଙ୍କା ଉପୁଜିଲାଣି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ତୈଳବାହୀ ଜାହାଜ ଚଳାଚଳ ଅନୁମତି ଦେବା ଲାଗି ଇରାନ୍ ଏ ନେଇ ଆର୍ଥିକ କାରବାର ଚାଇନା ମୁଦ୍ରା ୟୁଆନ୍ ମାଧ୍ୟମରେ କରିବାକୁ ଚିନ୍ତା କଲାଣି। ସାଧାରଣତଃ ପେଟ୍ରୋ ଡଲାରରେ ତୈଳ କାରବାର ହୋଇଆସୁଛି। ଯଦି ୟୁଆନ୍‌କୁ ଇରାନ୍ ବିଧିବଦ୍ଧ ବିନିମୟ ମୁଦ୍ରା ଭାବେ ଲାଗୁ କରିଦେଲା, ତାହା ହେଲେ ଆମେରିକାର ବିଶ୍ୱବ୍ୟାପୀ ଥିବା ଆର୍ଥିକ ଆଧିପତ୍ୟ ଦୁମ୍ କରି ତଳକୁ ଖସିପଡ଼ିବ। ଏଥିସହିତ ଭାରତ ତା'ର ପାରମ୍ପରିକ ଶତ୍ରୁ ଚାଇନା ମୁଦ୍ରାରେ କାରବାର କରି ଅସମ୍ମାନିତ ହେବା ଥୟ। ଏଭଳି ଏକ ସ୍ଥିତି ଭାରତକୁ ଦେଖିବାକୁ ପଡ଼ିବ ବୋଲି ଆଦୌ ଚିନ୍ତା କରାଯାଇ ନ ଥିଲା। ଏହି ସନ୍ଧିକ୍ଷଣରେ ପ୍ରସ୍ତାବିତ ବ୍ରିକ୍ସ ମୁଦ୍ରା କଥା ମନେପକାଯାଉ। ବ୍ରାଜିଲ୍, ରୁଷିଆ, ଭାରତ ଓ ଚାଇନା ୨୦୦୬ରେ ବ୍ରିକ୍ ନାମରେ ଏକ ବ୍ଲକ୍ ଗଠନ କରିଥିଲେ। ୨୦୧୦ରେ ଏଥିରେ ଦକ୍ଷିଣ ଆଫ୍ରିକା ଯୋଗଦେବା ପରେ ଏହାର ନାମ ହୋଇଥିଲା ବ୍ରିକ୍ସ। ୨୦୨୪ରେ ଏହି ସଙ୍ଗଠନର କଳେବର ବୃଦ୍ଧି ପାଇଥିଲା ଯେତେବେଳେ ଇଜିପ୍ଟ, ଇଥିଓପିଆ, ଇରାନ୍, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ୨୦୨୫ରେ ଇଣ୍ଡୋନେସିଆ ଏଥିରେ ଯୋଗଦେଇଥିଲେ। ବିଶ୍ୱ ଜନସଂଖ୍ୟାର ୪୮.୫ ପ୍ରତିଶତ ଏହି ସଙ୍ଗଠନରେ ରହିଥିବାରୁ ଏହାକୁ ନେଇ ଅନେକ ସମ୍ଭାବନା ସୃଷ୍ଟି ହୋଇଥିଲା। ଭାରତ ବ୍ରିକ୍ସର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ। ୨୦୧୮ରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ମଧ୍ୟରେ ସାଧାରଣ ମୁଦ୍ରା ପ୍ରଚଳନ କରିବା ଲକ୍ଷ୍ୟ ରଖାଯାଇ ବ୍ରିକ୍ସ ମୁଦ୍ରା ନେଇ ଆଲୋଚନା ହୋଇଥିଲା, ଯାହାକୁ ଭାରତ ଅସ୍ୱୀକାର କରିଥିଲା। କେବଳ ରାଜନୈତିକ ସୁବିଧାକୁ ଦୃଷ୍ଟିରେ ରଖି ଭାରତ ୟୁରୋ ଭଳି ଏକ ବ୍ରିକ୍ସ ମୁଦ୍ରାକୁ ବିରୋଧ କରିଥିଲା। ବିମୁଦ୍ରୀକରଣ ଭଳି ମୁଦ୍ରା ସହ ରାଜନୈତିକ ଖେଳ କରାଇ ହେବ ନାହିଁ ବୋଲି ଚିନ୍ତା କରି ଭାରତ ଏଭଳି ନିଷ୍ପତ୍ତି ନେଇଥିଲା। ଆଜି ଭାରତୀୟମାନେ ବୁଝୁଛନ୍ତି ଯଦି ଏବେ ବ୍ରିକ୍ସ ମୁଦ୍ରା ଥାଆନ୍ତା, ତାହା ହେଲେ ଭାରତ ଏହାର ସଦସ୍ୟ ରାଷ୍ଟ୍ର ଭାବେ ଲାଭବାନ ହୋଇଥାଆନ୍ତା। ଚାଇନା ମୁଦ୍ରା ୟୁଆନ ଜରିଆରେ ତୈଳ କାରବାର ହେଲେ ଭାରତକୁ ଅଧିକ କ୍ଷତି ସହିବାକୁ ପଡ଼ିବ। ଏଥିସହିତ ଭାରତର ସମ୍ମାନ ମଧ୍ୟ ମାଟିରେ ମିଶିଯିବ। କାରଣ ତୈଳ କାରବାର ପାଇଁ ୨ ମିଲିୟନ ଆମେରିକୀୟ ଡଲାରର ମୂଲ୍ୟ ୟୁଆନ୍ ଆକାରରେ ଦିଆଗଲେ ଯାଇ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ବ୍ୟବହାର ସମ୍ଭବ ହେବ।

ଆଉ ଏକ ଭୁଲ୍ ଭାରତ କରିଥିବାରୁ ଏବେ ପସ୍ତେଇବାକୁ ପଡୁଛି। ଇରାନ୍‌ର ଚବାହାର ବନ୍ଦର ଭିତ୍ତିଭୂମି ବିକାଶରେ ଭାରତ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରିଥିଲା। ଏବେ ତାହା ମାଧ୍ୟମରେ କାରବାର ବନ୍ଦ କରାଯାଇଥିବାରୁ ଭାରତ କ୍ଷତିଗ୍ରସ୍ତ ହେଉଛି। ବର୍ତ୍ତମାନର ତୈଳ ସଙ୍କଟ ସମୟରେ ଚବାହାର ବନ୍ଦର ଦେଇ କାରବାର ହୋଇଥିଲେ ଭାରତ ଲାଭବାନ ହୋଇଥାଆନ୍ତା। ଦେଖିବାକୁ ଗଲେ ଏବର ସ୍ଥିତିରେ ଇରାନ୍ ସହ ଯୁଦ୍ଧ କରି ଆମେରିକା ଓ ଇସ୍ରାଏଲ ହାରିଯାଇପାରନ୍ତି। ଅନ୍ୟପକ୍ଷରେ ଯୁଦ୍ଧରେ ସିଧାସଳଖ ସମ୍ପୃକ୍ତ ନ ଥାଇ ମଧ୍ୟ ଭାରତ ଗାତରେ ପଡ଼ିଯାଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 5 | | | | 7 | |
| | | 7 | | 8 | | 2 | | |
| | | | 1 | 4 | | | 8 | |
| | | | | | | | | |
| | 2 | | 8 | | | 1 | 6 | |
| | | | | 2 | 5 | | | |
| | | 5 | | 7 | | 3 | | 8 |
| | 7 | 4 | 2 | | 6 | 9 | 1 | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 6 | 3 | 4 | 2 | 8 | 5 | 9 |
| 5 | 8 | 2 | 9 | 1 | 6 | 3 | 7 | 4 |
| 4 | 3 | 9 | 5 | 7 | 8 | 1 | 6 | 2 |
| 9 | 2 | 1 | 6 | 8 | 7 | 5 | 4 | 3 |
| 3 | 4 | 8 | 1 | 2 | 5 | 6 | 9 | 7 |
| 6 | 5 | 7 | 4 | 9 | 3 | 2 | 1 | 8 |
| 7 | 9 | 3 | 8 | 5 | 1 | 4 | 2 | 6 |
| 2 | 6 | 5 | 7 | 3 | 4 | 9 | 8 | 1 |
| 8 | 1 | 4 | 2 | 6 | 9 | 7 | 3 | 5 |

ଗତକାଲିର ଉତ୍ତର

# ପରମାଣୁ ଅସ୍ତ୍ର ଛାୟାରୁ ମୁକ୍ତି



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ବର୍ତ୍ତମାନର ବିଶ୍ୱରେ ଲାଗିରହିଛି ତିନୋଟି ମହାସମର। ତନ୍ମଧ୍ୟରୁ ରୁଷିଆ-ୟୁକ୍ରେନ୍ ଏବଂ ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧ ବର୍ଷ ବର୍ଷ ଧରି ଚାଲିଥିଲା ବେଳେ ନିକଟରେ ଆରମ୍ଭ ହୋଇଛି ଅତୀବ ଭୟଙ୍କର ଆମେରିକା ଓ ଇସ୍ରାଏଲ୍ ବନାମ ଇରାନ୍ ଯୁଦ୍ଧ। ଏଥିରେ ଆମେରିକା ସହ ସୁସମ୍ପର୍କ ଥିବା ସମସ୍ତ ଉପସାଗରୀୟ ଦେଶ ବହୁମାତ୍ରାରେ କ୍ଷତିଗ୍ରସ୍ତ। ଏଣୁ ଆଶଙ୍କା କରାଯାଏ ଯେ, ରୁଷିଆ ଏବଂ ଚାଇନା ଯଦି ପ୍ରତ୍ୟକ୍ଷ ଭାବେ ଇରାନ୍ ସହଯୋଗରେ ଆଗେଇ ଆସନ୍ତି, ତାହାହେଲେ ଏହା ବିଶ୍ୱଯୁଦ୍ଧ ରୂପ ନେଇପାରେ ଏବଂ ଏଥିରେ ପ୍ରଳୟଙ୍କରୀ ପରମାଣୁ ଅସ୍ତ୍ରର ବିନିଯୋଗକୁ ଏଡ଼ାଇ ଦେଇ ହେବନାହିଁ। ଏହି ସମୟରେ ଏଥିସହିତ ପରୋକ୍ଷ ଭାବେ ସମ୍ପୃକ୍ତ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଛି। ତାହାହେଲା ଆମେରିକା ଓ ରୁଷିଆ ମଧ୍ୟରେ ଥିବା ପରମାଣୁ ଅସ୍ତ୍ରଶସ୍ତ୍ରକୁ ସୀମିତ କରିବାର 'ନିଉ-ଷ୍ଟ୍ରାଟେଜିକ୍ ଆର୍ମସ୍ ରିଡକ୍‌ସନ୍ ଟ୍ରିଟି' ବା 'ନିଉ-ଷ୍ଟାର୍ଷ୍ଟ' ଚୁକ୍ତିର କାର୍ଯ୍ୟକାଳ ସମାପ୍ତ ହୋଇଯିବ ଏବଂ ଏହି ଦେଶ ଦ୍ୱୟ ତାହାକୁ ବଢ଼ାଇବା ଲାଗି ରାଜିନୁହନ୍ତି। ଫଳରେ ପୃଥିବୀରେ ଏ ଅସ୍ତ୍ରର ପ୍ରତିଯୋଗିତା ବୃଦ୍ଧିପ୍ରାପ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ବିଶ୍ୱ ରାଜନୀତିରେ ପରମାଣୁ ଅସ୍ତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଆସିଛି। ଉଦାହରଣ ସ୍ୱରୂପ ଏହାରି ଭୟରେ ଏ ଅସ୍ତ୍ରର ଅଧିକାରୀ ଦେଶଗୁଡ଼ିକ ପରସ୍ପର ମଧ୍ୟରେ ଯୁଦ୍ଧକୁ ଯଥାସମ୍ଭବ ଏଡ଼ାଇ ଚାଲିଛନ୍ତି । ଅନ୍ୟପକ୍ଷରେ, ଏହାର ଉତ୍ପାଦନ ଓ ବ୍ୟବହାର ଉପରେ ରୋକ ଲଗାଇବା ପାଇଁ ସ୍ୱାକ୍ଷରିତ ହୋଇଛି ଅନେକ ଚୁକ୍ତି, ଅବଶ୍ୟ ଏହା ସତ୍ତ୍ୱେ ବି ଏହାର ପ୍ରସାର ଘଟିଚାଲିଛି । ତେବେ ସୀମିତ ଭାବେ।

ପରମାଣୁ ଅସ୍ତ୍ରସବୁକୁ ନେଇ ସ୍ୱାକ୍ଷରିତ ଚୁକ୍ତିଗୁଡ଼ିକ ମଧ୍ୟରେ ରହିଛି ୧୯୭୦ ମସିହାରେ ୫ଟି ପରମାଣୁ ଶକ୍ତିସମ୍ପନ୍ନ ଦେଶଗୁଡ଼ିକ ସମେତ ୧୯୧ଟି ଦେଶ ଦ୍ୱାରା ସମ୍ପାଦିତ 'ନିଉକ୍ଲିୟର୍ ନନ୍-ପ୍ରୋଲିଫୋରେସନ୍ ଟ୍ରିଟି'। ଏହାପରେ ଆସିଛି ୧୯୯୬ ମସିହାରେ 'କଂପ୍ରେହେନ୍‌ସିଭ୍ ଟେଷ୍ଟବ୍ୟାନ୍ ଟ୍ରିଟି', ୧୯୯୧ରେ ରୁଷିଆ ଏବଂ ଆମେରିକା ମଧ୍ୟରେ 'ଷ୍ଟ୍ରାଟେଜିକ୍ ଆର୍ମସ୍ ରିଡକସନ୍‌ଟ୍ରିଟ' (ବା ଷ୍ଟାର୍ଟ) ଏବଂ ୨୦୧୦ରେ 'ନିଉ-ଷ୍ଟ୍ରାଟେଜିକ୍ ଆର୍ମସ୍ ରିଡକସନ୍ ଟ୍ରିଟି, ୨୦୨୧ରେ 'ଲିମିଟେଡ୍ ଟେଷ୍ଟ ବ୍ୟାନ୍ ଟ୍ରିଟି' ତଥା ଆହୁରି ଅନେକ। ତେବେ ବର୍ତ୍ତମାନ ସେସବୁ ନିସ୍ତେଜ ହେବାରେ ଲାଗିଛନ୍ତି । ଇତିମଧ୍ୟରେ ଭାରତ, ପାକିସ୍ତାନ, ଉତ୍ତର କୋରିଆ, ଇସ୍ରାଏଲ ଆଦି ଦେଶ ଏ ଅସ୍ତ୍ରର ଅଧିକାରୀ ହୋଇପାରିଛନ୍ତି। ପୁନଶ୍ଚ ଏ କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇଛି ବିଗତ ଫେବୃୟାରୀ ୫, ୨୦୨୬ ଦିନ ରୁଷିଆ ଓ ଆମେରିକା ମଧ୍ୟରେ ଥିବା 'ନିଉ-ଷ୍ଟାର୍ଟ' ଚୁକ୍ତିର ଅବଧି ଶେଷ ହେବା, ପରମାଣୁ ଅସ୍ତ୍ର ନିର୍ମାଣ ଏବଂ ନିୟୋଜନକୁ ସୀମିତ ରଖିବା ପାଇଁ ଉଦ୍ଦିଷ୍ଟ ଏ ଚୁକ୍ତିର ପୁନଃ ନବୀକରଣ ଲାଗି ସେ ଉଭୟ ଦେଶ ଆଉ ରାଜି ହେଉନାହାନ୍ତି, ଅର୍ଥାତ୍ ସେମାନେ ବୋଧହୁଏ ଏବେ ଚାହୁଁଛନ୍ତି ନିଜ ନିଜର ପରମାଣୁ ଅସ୍ତ୍ର ସାମର୍ଥ୍ୟକୁ ପରିବର୍ଦ୍ଧିତ କରିବାକୁ।

ବର୍ତ୍ତମାନ ଏ ଅସ୍ତ୍ର ସର୍ବାଧିକ ସଂଖ୍ୟାରେ ରହିଛି ରୁଷିଆ ଏବଂ ଆମେରିକା ନିକଟରେ-ତାହା ଯଥାକ୍ରମେ ୫୮୮୯ ଏବଂ ୫୨୨୪। ତାଙ୍କ ପଛକୁ ଅଛନ୍ତି ଚାଇନା (୪୧୦), ଫ୍ରାନ୍ସ (୨୯୦), ବ୍ରିଟେନ୍ (୨୨୫), ପାକିସ୍ତାନ (୧୭୦), ଭାରତ (୧୬୦), ଇସ୍ରାଏଲ୍ (୧୯୦) ଏବଂ ଉତ୍ତରକୋରିଆ (୩୦)। ଅତଏବ ଉପରୋକ୍ତ ଚୁକ୍ତି ଅବଧି ସମାପ୍ତ ହେବା ଫଳରେ ପୃଥିବୀରେ ପୁନର୍ବାର ପରମାଣୁ ଅସ୍ତ୍ର ପ୍ରତିଯୋଗିତା ବୃଦ୍ଧିପ୍ରାପ୍ତ ହେବାର ଆଶଙ୍କା ଦେଖାଯାଇଛି। ଉଦାହରଣ ସ୍ୱରୂପ ଇତିମଧ୍ୟରେ ଆମେରିକା ଅଭିଯୋଗ ଆଣିଛି ଯେ, ୨୦୨୦ଠାରୁ ଚାଇନା ନୂଆ ନୂଆ ପରମାଣୁ ଅସ୍ତ୍ରମାନ ପରୀକ୍ଷା କରୁଛି । ଏଣୁ ଉଭୟ ରୁଷିଆ ଏବଂ ଚାଇନାଠାରୁ ଏ କ୍ଷେତ୍ରରେ ଅଗ୍ରଣୀ ହୋଇ ରହିବା ପାଇଁ ଖୁବ୍‌ଶୀଘ୍ର ଏ ଅସ୍ତ୍ରର ଉନ୍ନତତର ସଂସ୍କରଣମାନ ପରୀକ୍ଷା ଆରମ୍ଭ କରିବାକୁ 'ପେଣ୍ଟାଗନ୍'କୁ ନିର୍ଦ୍ଦେଶ ଦେଲେଣି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏହା ଫଳରେ ପୁନଶ୍ଚ ନୂତନ ପ୍ରତିଯୋଗିତାର ସୂତ୍ରପାତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ପୁନଶ୍ଚ ଏଥିରେ କୃତ୍ରିମ ମେଧାର ଉପଯୋଗ କଥା ମଧ୍ୟ କୁହାଗଲାଣି। ଏହା ପରିସ୍ଥିତିକୁ ଆହୁର ଜଟିଳ ଏବଂ ଭୟାବହ କରିଦେବ। ଅତଏବ ଏ କ୍ଷେତ୍ରରେ ପ୍ରତିଯୋଗିତା କେବଳ ରୁଷିଆ ଓ ଆମେରିକା କିମ୍ବା ଚାଇନା ମଧ୍ୟରେ ସୀମାବଦ୍ଧ ରହିବନାହିଁ। ଅନ୍ୟ



ଦେଶଗୁଡ଼ିକ ମଧ୍ୟ ଏଥିପାଇଁ ମନ ବଳାଇପାରନ୍ତି।

'ନିଉ-ଷ୍ଟାର୍ଟ' ଚୁକ୍ତିକୁ ରୁଷିଆ ଓ ଆମେରିକା ୨୦୧୦ରେ ସ୍ୱୀକୃତି ପ୍ରଦାନ କରିଥିଲେ। ତତ୍ପରେ ୨୦୨୧ରେ ତାହାର ଅବଧି ୫ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା। ଏହାର ଆଭିମୁଖ୍ୟ ଥିଲା ଏ ଉଭୟ ଦେଶ ଏହି ସମୟରେ ପରମାଣୁ ଅସ୍ତ୍ର ତିଆରି ଏବଂ ତାହାର ନିୟୋଜନ ସୀମିତ ରଖିବେ। ଏଥି ଅନୁଯାୟୀ ସେମାନେ ପ୍ରତ୍ୟେକ ସର୍ବାଧିକ ୭୦୦ଟି ପରମାଣୁ ଅସ୍ତ୍ର ବହନକାରୀ ବ୍ୟବସ୍ଥା (ଉଡ଼ାଜାହାଜ ଓ ବିଭିନ୍ନ ପ୍ରକାର କ୍ଷେପଣାସ୍ତ୍ର)ରେ ୧୫୫୦ଟି ପର୍ଯ୍ୟନ୍ତ ପରମାଣବିକ ଅସ୍ତ୍ର ସଜ୍ଜିତ ରଖିପାରିବେ। ପୁନଶ୍ଚ ସେମାନେ ପ୍ରତି ଦୁଇବର୍ଷରେ ଥରେ ନିଜ ନିଜର ଅସ୍ତ୍ରସଂଖ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରିବେ ଏବଂ ଚାହିଁଲେ ପରସ୍ପରର ଅସ୍ତ୍ରାଗାର ତଦାରଖ କରିପାରିବେ ବୋଲି ଏଥିରେ ବ୍ୟବସ୍ଥା ଥିଲା। ତେବେ ଏହି ଚୁକ୍ତିଟି ଅନେକ ବର୍ଷ ଧରି ଶିଥିଳ ଅବସ୍ଥାକୁ ଆସିଯାଇଥିଲା। କାରଣ ଦୀର୍ଘ ସମୟ ହେଲା କେହି କାହାରି ଅସ୍ତ୍ରାଗାର ତଦାରଖ କରିପାରିନଥିଲେ। ବିଶେଷକରି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ଏହା ସମ୍ପୂର୍ଣ୍ଣ ବନ୍ଦ ଥିଲା।

ଅବଶ୍ୟ ନିଉ-ଷ୍ଟାର୍ଟ ଚୁକ୍ତି ବିଶ୍ୱକୁ ପରମାଣୁ ଅସ୍ତ୍ର ବିପଦରୁ ମୁକ୍ତ କରିବାକୁ ଅଭିପ୍ରେତ ନ ଥିଲା। ତେବେ ଏହା ଏହି ପ୍ରତିଯୋଗିତାକୁ ଅଧିକ ହେବାକୁ ଦେଇନଥିଲା। ଏବେ ଏହାର ଅବଧି ଶେଷ ହୋଇଛି। ଏଣୁ ସମୟ ଆସିଛି ଚୁକ୍ତିଟିକୁ ନୂତନ ରୂପ ଦେଇ ଅଧିକ ବ୍ୟାପକ ଏବଂ କ୍ରିୟାଶୀଳ କରିବା ଲାଗି ସମ୍ପାଦନ କରିବା। ଅତଏବ ବିଶ୍ୱର ସବୁ ଦେଶ ଏଥିରେ ସାମିଲ ହୋଇପାରିବେ। ଏପରିକି ଏହାକୁ ସମ୍ପୂର୍ଣ୍ଣ ଅସ୍ତ୍ର ବିରତି ଦିଗରେ ମଧ୍ୟ ସମ୍ପ୍ରସାରିତ କରାଯାଇପାରିବ।

୧୯୭୦ ମସିହାରେ କାର୍ଯ୍ୟକାରୀ ହୋଇଥିବା 'ନିଉକ୍ଲିୟର ନନ୍-ପ୍ରୋଲିଫୋରେସନ ଟ୍ରିଟି' ଥିଲା ଏଭଳି ଏକ ବଳିଷ୍ଠ ପଦକ୍ଷେପ। ଏହାକୁ ୧୯୯୫ ମସିହାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବୃଦ୍ଧି କରାଯାଇଛି। ଆଗାମୀ ଏପ୍ରିଲ-ମେ ମାସରେ ଏହାର ପୁନଃ ସମୀକ୍ଷା ଲାଗି ନ୍ୟୁୟର୍କଠାରେ ଆନ୍ତର୍ଜାତିକ ସମ୍ମିଳନୀଟିଏ ବସିବାକୁ ଯାଉଛି। ଅତଏବ ପରମାଣୁ ଅସ୍ତ୍ରଶସ୍ତ୍ରକୁ ଧୀରେ ଧୀରେ ହ୍ରାସ କରି ଏକ ସମୟ ସୀମା ମଧ୍ୟରେ ବିଶ୍ୱକୁ ଏଥିରୁ ସମ୍ପୂର୍ଣ୍ଣ ମୁକ୍ତ କରିବା ଲାଗି ତହିଁରେ ବ୍ୟବସ୍ଥା ରଖିବାକୁ ଏହା ସୁଯୋଗ ସୃଷ୍ଟି କରିଛି। ପୁନଶ୍ଚ ଭାରତ, ଉତ୍ତର କୋରିଆ, ପାକିସ୍ତାନ, ଇସ୍ରାଏଲ ଭଳି ପରମାଣୁ ଅସ୍ତ୍ରଧାରୀ ହୋଇଥିଲେ ହେଁ ଏଥିରେ ସ୍ୱାକ୍ଷର କରି ନ ଥିବା ଦେଶ ଏବେ ତାହା କରିପାରିବେ ବୋଲି ଆଶା କରାଯାଏ। ଏହା ସମ୍ଭବ ହୋଇପାରିଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ପରମାଣୁ ଅସ୍ତ୍ରର ଭୟଙ୍କର ଛାୟାରେ ଥିବା ମଣିଷସମାଜ ହୁଏତ ସେଥିରୁ କିଛି ମାତ୍ରାରେ ମୁକ୍ତ ହୋଇପାରିବ।

**ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ:୯୯୩୭୩୦୧୪୬୦**

# ତିନି ଚିରଞ୍ଜୀବୀଙ୍କ ବିଚାର



ବ୍ରଜମୋହନ ମିଶ୍ର

ଶହୀଦ ଭଗତ ସିଂ, ସୁଖଦେବ ଓ ଶିବରାମ ରାଜଗୁରୁଙ୍କ ଅପରାଧଜନିତ ବିଚାରକୁ କଦାପି ବିଚାର କୁହାଯାଇ ପାରିବ ନାହିଁ। ତାହା ଅନ୍ୟାୟ, ଅବିବେକିତା ଓ ଅସଭ୍ୟତାର ଏକ ଉଦାହରଣ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ। ଭାରତର ସ୍ୱାଧୀନତା ଲାଭ ପାଇଁ ଯେଉଁ ସଶସ୍ତ୍ର ସଂଗ୍ରାମ ଏକ ପ୍ରମୁଖ ଭୂମିକା ନିଭାଇଥିଲା, ତା'ର ବହ୍ନିମାନ ସତ୍ତା ହେଉଛନ୍ତି ଉଲ୍ଲିଖିତ ଅମରତ୍ରୟୀ, ଯେଉଁମାନଙ୍କୁ ୧୯୩୧ ମାର୍ଚ୍ଚ ୨୩ ତାରିଖ ରାତି ୭ ଘଟିକା ୩୦ ମିନିଟରେ ଲାହୋରର କେନ୍ଦ୍ରୀୟ କାରାଗାରରେ ଫାଶୀ ଦିଆଯାଇଥିଲା। ତାହାପୁଣି ଦୀର୍ଘଦିନ ବିଚାରର ପ୍ରଦର୍ଶନ ପରେ। ଏ ଅମାନୁଷିକ ଦୁର୍ଘଟଣାର ପ୍ରଭାବ ସମ୍ପର୍କରେ ତତ୍କାଳୀନ ବିଶିଷ୍ଟ ସମ୍ବାଦପତ୍ର ଦି ଟ୍ରିବ୍ୟୁନ କଡ଼ାମନ୍ତବ୍ୟ ପ୍ରକାଶ କରିଥିଲେ। ଦୁଇଟି କେସ୍ ପାଇଁ ଏହି ମୃତ୍ୟୁଞ୍ଜୟୀ ମହାବୀରଙ୍କ ବିଚାରର ପ୍ରହସନ ଚାଲିଥିଲା। ପ୍ରଥମଟି ହେଉଛି, ୧୯୨୮ ମସିହାରେ ସାଇମନ କମିଶନଙ୍କ ବିରୋଧରେ ଲାହୋରରେ ପ୍ରଦର୍ଶିତ ବିକ୍ଷୋଭରେ ନେତୃତ୍ୱ ନେଉଥିବା ପଞ୍ଜାବ କେଶରୀ ଲାଲା ଲଜ୍‌ପତରାୟଙ୍କ ଉପରେ ସେଇବର୍ଷ ୩୦ ଅକ୍ଟୋବରରେ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଜେମ୍ସ ଏ. ସ୍କଟଙ୍କ ଅମାନୁଷିକ ଆକ୍ରମଣ; ଯାହାଫଳରେ ଲାଲାଜୀ ଶହୀଦ ହେଲେ ୧୭ ନଭେମ୍ବର ୧୯୨୮ରେ। ଏପରି ଜଣେ ନରାଧମକୁ ଧରାପୃଷ୍ଠରୁ ବିଦାୟ ଦେବାକୁ ଉକ୍ତ ତିନି ବିପ୍ଳବୀ ତଥା ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍ ସୁଚିନ୍ତିତ ଯୋଜନା କରନ୍ତି, କିନ୍ତୁ ତାଙ୍କୁ ଚିହ୍ନିବାରେ ଭୁଲ୍ କରି ରାଜଗୁରୁ ଓ ଭଗତ ସିଂ ସହକାରୀ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଜନ୍ ପି. ସଣ୍ଡର୍ସଙ୍କୁ ହତ୍ୟା କରନ୍ତି ୧୯୨୮ ମସିହା ୧୭ ଡିସେମ୍ବର ପ୍ରାୟ ଅପରାହ୍ନ ୪.୧୫ରେ ଏବଂ ଧରା ନ ପଡ଼ି ପଳାୟନ କରନ୍ତି।

ଦ୍ୱିତୀୟ କେସ୍ ହେଉଛି ୧୯୨୯ ଏପ୍ରିଲ ୮ରେ କେନ୍ଦ୍ରୀୟ ଆସେମ୍ବ୍ଲିରେ ସେମାନଙ୍କ ଦ୍ୱାରା ବୋମା ଫିଙ୍ଗା। ସ୍ୱେଚ୍ଛାଚାରୀ ଇଂରେଜ ସରକାର ଦୁଇଟି ଭାରତ ବିରୋଧୀ ବିଲ୍ ଗୃହୀତ କରାଇଲେ (କ) ଟ୍ରେଡ୍ ଡିସ୍‌ପ୍ୟୁଟସ୍ ବିଲ୍, (ଖ) ପବ୍ଲିକ ସେଫ୍‌ଟି ବିଲ୍। ଏହି ବୋମା ବିସ୍ଫୋରଣ ମାଧ୍ୟମରେ ସେମାନେ ଏହି ଦୁଇ ବିଲ୍‌ର ପ୍ରତିବାଦ କରିବା ସହ ଲାଲା ଲଜ୍‌ପତ ରାୟଙ୍କ ନିର୍ମମ ହତ୍ୟାର ପ୍ରତିବାଦ ଦର୍ଶାଇବାକୁ ଚାହୁଁଥିଲେ। ଏ ବୋମା ଏପରି ସ୍ଥାନରେ ନିକ୍ଷେପ କରାଯାଇଥିଲା ଯେ, ସେଥିରୁ ସ୍ପଷ୍ଟ ଜଣାଯାଉଥିଲା ଏହାର ଉଦ୍ଦେଶ୍ୟ ନଥିଲା କାହାକୁ ହତ୍ୟା କରିବା, ବରଂ ଏହାର ଉଦ୍ଦେଶ୍ୟଥିଲା ଇଂରେଜ ସରକାରଙ୍କୁ ଚେତାବନୀ ଦେବା। ଏହି କାଣ୍ଡ ପରେ ଭଗତ ସିଂ ଓ ସାଥୀ ବଟୁକେଶ୍ୱର ଦତ୍ତ ସ୍ୱତଃ ପୋଲିସ ହାତରେ ସେହି ସ୍ଥାନରେ ଧରାଦେଇଥିଲେ। ଫଳରେ ସେମାନେ ଗିରଫ ହେଲେ ଏବଂ ସେମାନଙ୍କୁ ଏଥିରେ ସହାୟତା କରିଥିବା ସେମାନଙ୍କ ଅନ୍ୟ ସାଥୀମାନଙ୍କ ବିଚାର ହେଲା। ଏହି ବୋମା ବିସ୍ଫୋରଣ ମାମଲାରେ ସେମାନଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟାକାଣ୍ଡ ଭିଆଇବାକୁ ଚେଷ୍ଟା କରିଥିବା ଅଭିଯୋଗ ଆଣିଥିଲେ ବୋମା ବିସ୍ଫୋରଣ କେସ୍‌ର ବିଚାର କରିଥିବା ସେସନ୍ସ କୋର୍ଟର ନ୍ୟାୟମୂର୍ତ୍ତି ଲିଓନାର୍ଡ ମିଲେଟ୍, ଯଦିଓ ଘଟଣା ସ୍ଥଳରେ ସେମାନଙ୍କୁ ଗିରଫ କରିଥିବା ପୋଲିସ ଅଫିସର ସର୍ଜେଣ୍ଟ ଏଚ୍. ଡି. ଟେରୀ ସ୍ପଷ୍ଟ ପ୍ରକାଶ କରିଥିଲେ ଯେ, ଭଗତଙ୍କୁ ଗିରଫ କଲାବେଳେ ତାଙ୍କ ହାତରେ ଥିବା ବନ୍ଧୁକକୁ ସେ ତଳମୁହାଁ କରି ଧରିଥିଲେ ଏବଂ ସାମାନ୍ୟ ଚେଷ୍ଟା



କରି ନ ଥିଲେ ଖସି ଯିବା ପାଇଁ ଅର୍ଥାତ୍ ଜାଣିଶୁଣି ଆସାମୀ ଦ୍ୱୟ ପୋଲିସ୍ ନିକଟରେ ଧରାଦେଇଥିଲେ। ଏହି ମୋକଦ୍ଦମାର ବିଚାର କରାଯାଇ ସେମାନଙ୍କୁ ଚଉଦବର୍ଷ ଆଜୀବନ କାରାଦଣ୍ଡ ଆଦେଶ ହୋଇଥିଲା। ଏହା ବିରୋଧରେ ସେମାନଙ୍କ ଆବେଦନ (ଅପିଲ) ଅଗ୍ରାହ୍ୟ କରାଯାଇଥିଲା। ଏହା ସଭ୍ୟ ଇଂରେଜ ବିଚାରଧାରାର ଆଉ ଏକ ଅସଭ୍ୟ, ଘୃଣ୍ୟ ଅବିଚାର। ୧୫ ଏପ୍ରିଲ ୧୯୨୯ରେ ଲାହୋର ବୋମା ତିଆରି କାରଖାନାକୁ ଆବିଷ୍କାର କରିଥିଲେ ଇଂରେଜ ପୋଲିସ। ଫଳରେ ଭଗତ ସିଂଙ୍କ ବିପ୍ଳବୀ ସଂଘ ହିନ୍ଦୁସ୍ତାନ ସୋସାଲିଷ୍ଟ ରିପବ୍ଲିକାନ୍ ଆର୍ମିର ଅନେକ ସଦସ୍ୟ ଗିରଫ ହେଲେ; ଯେଉଁମାନଙ୍କ ମଧ୍ୟରୁ ସାତଜଣ ରାଜସାକ୍ଷୀ ପାଲଟିଗଲେ। ଫଳରେ ସଣ୍ଡର୍ସ ହତ୍ୟାକାଣ୍ଡରେ ଭଗତ ସିଂ, ରାଜଗୁରୁ ଓ ସୁଖଦେବ ସଂପୃକ୍ତ ବୋଲି ଜଣାପଡ଼ିଲା। ସେମାନଙ୍କ ମୋକଦ୍ଦମାର ବିଚାର ଆରମ୍ଭ ହେଲା। ଭଗତ ସିଂଙ୍କୁ ଦିଲ୍ଲୀ ଜେଲ୍‌ରୁ ମିଆଁୱାଲି ଜେଲକୁ ସ୍ଥାନାନ୍ତର କରାଗଲା।

ବିଚାର ତ୍ୱରାନ୍ୱିତ କରିବା ବାହାନାରେ ଭାଇସ୍‌ରାୟ ଲର୍ଡ ଅରୱିନ ଏକ ଅଧ୍ୟାଦେଶ ବଳରେ ୧ ମେ ୧୯୩୦ରେ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଗଠନ କଲେ। ପ୍ରକୃତରେ ଏହାର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଥିଲା କୌଣସି ପ୍ରକାରେ ଅଭିଯୁକ୍ତମାନଙ୍କୁ ଯଥାଶୀଘ୍ର ପ୍ରାଣଦଣ୍ଡରେ ଦଣ୍ଡିତ କରିବା। ଏହି ଟ୍ରିବ୍ୟୁନାଲର ଥିଲା ଅଖଣ୍ଡକ୍ଷମତା। ଏ ଅଧ୍ୟାଦେଶ କେତେ ଅନୈତିକ ଓ ପ୍ରାଣଘାତକ ତାହା ଜଣାଯାଏ ତା'ର କ୍ଷମତାରୁ, ଯଥା: କୋର୍ଟରେ ଅଭିଯୁକ୍ତମାନଙ୍କ ବିନା ଉପସ୍ଥିତିରେ ମଧ୍ୟ ବିଚାର ଚାଲିପାରିବ। ପୁଣି ଏ ଟ୍ରିବ୍ୟୁନାଲ ରାୟ ବିରୋଧରେ ଅପିଲ କରାଯାଇ ପାରିବ କେବଳ ଲଣ୍ଡନରେ ଅବସ୍ଥିତ ପ୍ରିଭି କାଉନ୍‌ସିଲରେ। ଲାହୋରର ପୁଞ୍ଛ୍ ହାଉସ୍‌ରେ ଭଗତଙ୍କ ସମେତ ୧୮ ଜଣ ଅଭିଯୁକ୍ତଙ୍କ ବିରୋଧରେ ୫ ମେ ୧୯୩୦ରୁ ୧୧ ସେପ୍ଟେମ୍ବର ୧୯୩୦ ପର୍ଯ୍ୟନ୍ତ ବିଚାରର ପ୍ରହସନ ପରେ ୭ ଅକ୍ଟୋବରରେ ଟ୍ରିବ୍ୟୁନାଲ ୩୦୦ ପୃଷ୍ଠାର ରାୟ ଶୁଣାଇଲେ। ସେମାନଙ୍କ ଦୋଷ (ଭଗତ ସିଂ, ସୁଖଦେବ ଓ ରାଜଗୁରୁ) ଥିଲା ସଣ୍ଡର୍ସ ହତ୍ୟାକାଣ୍ଡରେ ସଂପୃକ୍ତି। ଅନ୍ୟ ୧୨ ଜଣ ଅଭିଯୁକ୍ତଙ୍କୁ ଖଲାସ କରି ଦିଆଯାଇଥିଲା, କିନ୍ତୁ ଉକ୍ତ ତିନିଜଣଙ୍କୁ ଫାଶୀ ଦଣ୍ଡାଦେଶ ଦିଆଯାଇଥିଲା। ପରେ ଲଣ୍ଡନର ପ୍ରିଭି କାଉନ୍‌ସିଲରେ ସେମାନଙ୍କ 'କ୍ଲେମେନ୍ସି' ଆବେଦନ ପତ୍ରକୁ ଚକ୍ରାନ୍ତକରି ଖାରଜ କରିଦିଆଗଲା। ଫଳରେ ୨୩ ମାର୍ଚ୍ଚ ୧୯୩୧ ରାତି ୭.୩୦ରେ ଏହି ତିନି ଚିରଞ୍ଜୀବୀଙ୍କୁ ଫାଶୀ ଦିଆଗଲା (ଯାହା ଘୋର ଅନ୍ୟାୟ, କାରଣ ସୂର୍ଯ୍ୟାସ୍ତ ପରେ ଫାଶୀଦେବା ଜେଲ ଆଇନ ବିରୁଦ୍ଧ)। ପୁଣି ରାତି ଅନ୍ଧାରରେ ଏହି ଶହୀଦମାନଙ୍କ ଶବକୁ ଟିକି ଟିକି କରି କାଟି ବସ୍ତାରେ ଭର୍ତ୍ତିକରି ଲାହୋର ଜେଲରୁ ଖୁବ୍‌ଗୁପ୍ତରେ ନିଆଯାଇ ପଞ୍ଜାବର ହୁସେନିୱାଲା ଠାରେ ଶତଲେଜ୍ ନଦୀ ନିକଟରେ ସତ୍କାର କରାଯାଉଥିଲା ବେଳେ ଜନସାଧାରଣ ଜାଣିଯିବା ଭୟରେ ଇଂରେଜ କର୍ମଚାରୀମାନେ ସେଠାରୁ ପଳାଇ ଯାଇଥିଲେ।

ଏ ସବୁ ଅମାନୁଷିକତାର ବିସ୍ତୃତ ବିବରଣୀ ଅଧ୍ୟୟନ କଲେ ଆମେ ନିଶ୍ଚୟ ଏକମତ ହେବା, ବିଶିଷ୍ଟ ଲେଖକ ଏ.ଜି. ନୁରାନୀଙ୍କ ସହ ଯେ କହିଛନ୍ତି, ଭଗତ ସିଂଙ୍କ ବିଚାର ଠିକ୍ ୧୭୭୫ ଓ ୧୮୫୮ରେ ହୋଇଥିବା ଯଥାକ୍ରମେ ମହାରାଜା ନନ୍ଦ କୁମାର ଓ ବାହାଦୁର ଶାହ ଜାଫରଙ୍କ ବିଚାରପରି। "...ଭଗତ ସିଂଙ୍କ ବିଚାରର ଛଳନାମୟ ଦିଗ ଗଭୀରଭାବେ ଅଧ୍ୟୟନ କରାଯାଇ ନାହିଁ"। ଆଜିର ଏ ଶହୀଦ ଦିବସରେ ସେହି ତିନି ଅମୃତ ସନ୍ତାନଙ୍କୁ ମୋର ଆଭୂମ ପ୍ରଣାମ।

**ଭଦ୍ରକ**
**ମୋ: ୮୦୧୮୦୮୭୮୩୧**

## ଏଇ ଭାରତରେ

ମହାରାଷ୍ଟ୍ର ପୁଣେର ଜୁନ୍ନାର ପାହାଡ଼ର ସବୁଜ ଆକର୍ଷଣ ଏବେ ପର୍ଯ୍ୟଟକଙ୍କୁ ବିମୋହିତ କରୁଛି। ଏହା ସମ୍ଭବ ହୋଇଛି ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରିବାର ଯୋଗୁ। ରମେଶ ଖାରମେଲ, ସ୍ତ୍ରୀ ସ୍ୱାତି ଓ ତାଙ୍କ ସନ୍ତାନ ମୟୂରେଶ ଓ ବୈଷ୍ଣବୀ ପାହାଡ଼ ଚାରିପାଖରେ ୭୦ଟି ଖାଇ ଖୋଳିବା ସହ ଗଛ ଲଗାଇଛନ୍ତି। ରମେଶ ସେନାରୁ ଅବସର ନେଇ ଘରକୁ ଫେରିବା ପରେ ଜୁନ୍ନାର ପାହାଡ଼କୁ ଦେଖି ତାହାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ଏହି କାର୍ଯ୍ୟ ଜାରି ରଖିଛନ୍ତି। ସେ ପରିବାର ସହିତ ସପ୍ତାହାନ୍ତରେ କୋଦାଳ, ଶାବଳ, କୋଡ଼ି ଓ ଝୁଡ଼ି ଧରି ଖାଇ ଖୋଳିବାକୁ ବାହାରି ଯାଆନ୍ତି। ଏବେ ସୁଦ୍ଧା ୭୦ଟି ଖାଇ ଖୋଳି ସାରିଲେଣି ଯେଉଁଥିରେ ୮ ଲକ୍ଷ ଲିଟର ବର୍ଷାଜଳ ଗଚ୍ଛିତ ରହିପାରୁଛି। ଖାଇ କଡ଼ରେ ସେ ୧୩ ପ୍ରକାରର ୪୫୦ ଗଛ ଲଗାଇ ସାରିଲେଣି ଓ ଆଗକୁ ଆଉ ୫୦୦ ଗଛ ଲଗାଇବା ପାଇଁ ଯୋଜନା କରିଛନ୍ତି। ମହାରାଷ୍ଟ୍ର ସରକାର ରମେଶଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଜୁନ୍ନାର ପାହାଡ଼କୁ ପର୍ଯ୍ୟଟନ ସ୍ଥଳୀ ଭାବେ ଘୋଷଣା କରିସାରିଛନ୍ତି। କେବଳ ଏତିକି ନୁହେଁ, ସେ ବିଭିନ୍ନ ଜିଲାର ୪୦୦ରୁ ଊର୍ଦ୍ଧ୍ୱ ସ୍କୁଲକୁ ଯାଇ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିସାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ମାର୍ଚ୍ଚ ୧୯୭୭**

- ପୂର୍ବତନ ପାର୍ଲାମେଣ୍ଟ ସଦସ୍ୟ ତଥା ମାର୍କ୍ସବାଦୀ ନେତା ଏ.କେ. ଗୋପାଳଙ୍କ ୭୩ ବର୍ଷ ବୟସରେ ପରଲୋକ।
- ତାମିଲନାଡୁ ରାଜ୍ୟପାଳ ମୋହନଲାଲ ମୁଖାର୍ଜୀ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।
- ସରକାର ସମ୍ବାଦପତ୍ରଗୁଡ଼ିକ ଉପରେ ରହିଥିବା ଯାଞ୍ଚ ବ୍ୟବସ୍ଥାକୁ ଉଠାଇ ଦେଇଛନ୍ତି।

## ଚିରନ୍ତନୀ

ନ ପାରେ ତୁମ ସାଥିରେ ଉଡି
ବେଦନା ତଳେ ଯାଇଛି ବୁଡ଼ି
ପବନ ତାକୁ ଠେଲିଲା ଆଜି
ସ୍ୱପନ ଏବେ ଦେଲା ଘଉଡି ।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭିତ୍ତିଭୂମିର ସ୍ୱଚ୍ଛତା ଆବଶ୍ୟକ

ମହାଶୟ,

ପାଞ୍ଚ ଟଙ୍କାର ବିସ୍କୁଟ୍ ପ୍ୟାକେଟରେ ଯଦି ସମସ୍ତ ଉପାଦାନ, ପୋଷକ ତତ୍ତ୍ୱ ଏବଂ ନିର୍ମାତାଙ୍କ ସମ୍ପୂର୍ଣ୍ଣ ବିବରଣୀ ରହିପାରୁଛି, ତେବେ କୋଟି କୋଟି ଟଙ୍କାର ସରକାରୀ ପ୍ରକଳ୍ପ କ୍ଷେତ୍ରରେ ଏଭଳି ସ୍ୱଚ୍ଛତା କାହିଁକି ନାହିଁ? ଆଜିର ସମୟରେ ଆମକୁ ପ୍ରତିଟି ସରକାରୀ କାର୍ଯ୍ୟ ପାଇଁ ଏକ "ପ୍ରକଳ୍ପ ଗୁଣବତ୍ତା ସୂଚକ" ବାଧ୍ୟତାମୂଳକ କରିବାକୁ ହେବ। ପ୍ରତ୍ୟେକ ନିର୍ମାଣସ୍ଥଳରେ ଏକ ସ୍ଥାୟୀ 'କ୍ୟୁଆର୍ କୋଡ' ଲଗାଯିବା ଉଚିତ, ଯାହାକୁ ସ୍କାନ୍ କଲେ ଜଣେ ସାଧାରଣ ନାଗରିକ ପ୍ରକଳ୍ପର ମୋଟ ବଜେଟ, ବ୍ୟବହୃତ ସାମଗ୍ରୀର ମାନ, କାର୍ଯ୍ୟର ଅବଧି ଏବଂ ଦାୟିତ୍ୱରେ ଥିବା ଠିକାଦାର ଓ ସରକାରୀ ଅଧିକାରୀଙ୍କ ନାମ ଜାଣିପାରିବେ। ପ୍ରକଳ୍ପ ସମ୍ପର୍କିତ ତଥ୍ୟ ଅଜ୍ଞାତ ରହିଲେ ଦୁର୍ନୀତି ବୃଦ୍ଧି ପାଏ। ଯେତେବେଳେ ନାମ ଏବଂ ବଜେଟ ସାଧାରଣ ରେକର୍ଡରେ ଡିଜିଟାଲ ଭାବରେ ମିଳେ ସେତେବେଳେ ଉତ୍ତରଦାୟିତ୍ୱ ବୃଦ୍ଧି ପାଇ ଏବଂ ସ୍ୱଚ୍ଛତାର ସହ କାର୍ଯ୍ୟ ସମ୍ପନ୍ନ ହୋଇପାରିବ। ଆମେ ଦେଉଥିବା ଟିକସର ଠିକ୍ ବିନିଯୋଗ ପାଇଁ ଏହି ଡିଜିଟାଲ ସ୍ୱଚ୍ଛତା ଅପରିହାର୍ଯ୍ୟ। ଆଶା କରୁ ସରକାର ଏଥିପ୍ରତି ଦୃଷ୍ଟି ଦେବେ।

-ଅଭିଦତ୍ତ ବରାଳ
କୁସୁନପୁର, ଚାନ୍ଦୋଳ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଟେଷ୍ଟ ଡ୍ରାଇଭିଂ ବାହାନାରେ କାର୍ ନେଇ ଛୁ', ୨ ଗିରଫ**

ଭୁବନେଶ୍ୱର,(ତ୍ରିନାଥ ମହାନ୍ତି): ଟେଷ୍ଟ ଡ୍ରାଇଭିଂ ଆଳରେ ମାଲିକଙ୍କୁ ଏକ ଘରେ ବନ୍ଦୀ କରି କାର୍ ନେଇ ଚମ୍ପଟ ମାରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାରର ଅରସଜିତ କୁମାର ଏବଂ ଝାଡ଼ଖଣ୍ଡର ହର୍ଷ। ସେମାନଙ୍କ ନିକଟରୁ ୨ଟି କାର ଏବଂ ୫ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଠକାମିର ଶିକାର ହୋଇଥିବା କୁଳଦୀପ ଦାସଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି।

# ହାଣ୍ଡିଶାଳରୁ ବଜାର
# ସରୁନି ରନ୍ଧନ ଗ୍ୟାସ୍ ଦୁଃଖ

*ହାଣ୍ଡିଶାଳରୁ ବଜାର ସବୁଠି ରନ୍ଧନ ଗ୍ୟାସ୍ ସଙ୍କଟ ଜାରି ରହିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଆଜି ସମସ୍ତେ ଅନୁଭବ କରୁଛନ୍ତି। ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି ଘଟିଥିବାବେଳେ ଏବେ ତାହା ବି ଠିକ୍ ସମୟରେ ମିଳୁ ନ ଥିବାରୁ ଚିନ୍ତା ବଢ଼ିଛି। ବିଶେଷକରି ବୁକିଂର ୨୫ଦିନ ପରେ ବୁକିଂ ହେଉଥିବାରୁ ବଡ଼ ପରିବାରରେ ଦୁଃଖ ବଢ଼ିଛି। ବଜାରରେ ଖୁଚୁରା ଗ୍ୟାସ୍ ମିଳିବା କଷ୍ଟକର ହୋଇପଡୁଛି। ଗ୍ୟାସ୍ ସରିଗଲେ କ'ଣ କରିବେ ତାହାକୁ ନେଇ ଚିନ୍ତାରେ ଘାଣ୍ଟି ହେଉଛନ୍ତି। ସେପଟେ କମର୍ସିଆଲ ଗ୍ୟାସ୍ ଯୋଗାଣ ସ୍ୱାଭାବିକ ହେଉ ନ ଥିବାରୁ ଖାଦ୍ୟ ବଜାର ଗୁରୁତର ପ୍ରଭାବିତ ହୋଇଛି। ଯୁଦ୍ଧ ବନ୍ଦ ହେବା ସମ୍ଭାବନା କ୍ଷୀଣ ଥିବାରୁ ଆଗକୁ ଗ୍ୟାସ୍ ସଙ୍କଟ ଆହୁରି ବଢ଼ିଯିବ ବୋଲି ଆଶଙ୍କା କରାଯାଉଛି।*

*–ରିପୋର୍ଟ: ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର*



### ଚା' ଦୋକାନ ବନ୍ଦ କରି ପରିବା ବିକୁଛି



ଅନେକ ବର୍ଷଧରି ମୁଁ ରାସ୍ତା କଡ଼ରେ ଗୋଟିଏ ଚା' ଦୋକାନ କରିଥିଲି। ବର୍ତ୍ତମାନ ଗ୍ୟାସ ଦର ବଢ଼ିବା କାରଣରୁ ତାହାକୁ ବନ୍ଦ କରିଦେଇଛି। ଖୋଲା ବଜାରରେ ଗ୍ୟାସ କେଜି ୩ଶହ ଟଙ୍କାରେ ମିଳୁଛି। ଏଥିରେ ପୁଣି ଆଗୁଆ ଟଙ୍କା ଦେବା ସହ ବହୁ ସମୟ ଅପେକ୍ଷା କରିବାକୁ ପଡୁଛି। ଏତେ ଦହଗଞ୍ଜ ହେବା ଅପେକ୍ଷା ଦୋକାନ ବନ୍ଦ କରି ଏବେ ୮ଦିନ ହେବ ଶାଗ, ପରିବା ବିକୁଛି।

**–ନିଶା ମହାରଣା, ବ୍ୟବସାୟୀ, ଭୁବନେଶ୍ୱର**

### କମର୍ସିଆଲ୍ ଟାଙ୍କି ମିଳିବା କଷ୍ଟ



ମୋର ଫାଷ୍ଟଫୁଡ୍ ବ୍ୟବସାୟ ରହିଛି। ୨ଟି ଗ୍ୟାସ୍‌ଭର୍ତ୍ତି ଟାଙ୍କି ଥିଲା। ଗୋଟେ ଟାଙ୍କି ସରିଯାଇଥିବାବେଳେ ଆଉ ଗୋଟେ ଟାଙ୍କି ସରିବା ଉପରେ । କିନ୍ତୁ କମର୍ସିଆଲ୍ ସିଲିଣ୍ଡର୍ ବର୍ତ୍ତମାନ ସମୟରେ କୌଣସି ଏଜେନ୍ସିରେ ମିଳିବା କଷ୍ଟସାଧ୍ୟ। ତେଣୁ ଗ୍ୟାସ ସରିଲେ କ'ଣ କରିବି। ସହରରେ କାଠ ମିଳିବା ବଡ଼ କଠିନ। ଅନ୍ୟ ଜାଳେଣିରେ ମଧ୍ୟ ଖାଦ୍ୟ ପ୍ରସ୍ତୁତ କରିବା କଷ୍ଟକର।

**–ବୈଶାଖୀ ପରିଡା, ବ୍ୟବସାୟୀ, ଭୁବନେଶ୍ୱର**

### ଗ୍ୟାସ ସରି ଆସିଲାଣି, ଇଣ୍ଡକ୍ସନ ଚୁଲା କିଣିବି



ଗ୍ୟାସ ଦର ହଠାତ୍ ୬୦ଟଙ୍କା ବଢି ଯାଇଥିବାବେଳେ ଏବେ ବୁକିଂ କଲେ ବି ଠିକ୍ ସମୟରେ ମିଳୁନି। ୩/୪ ଦିନ ଭିତରେ ମିଳୁଥିବା ଗ୍ୟାସ୍ ଏବେ କେତେଦିନରେ ଆସିବ କହିହେଉ ନାହିଁ। ବର୍ତ୍ତମାନ କାଠ ଚୁଲିରେ ରୋଷେଇ ସମ୍ଭବ ନୁହେଁ। କାରଣ ସହରରେ କାଠ ମିଳିବା ମଧ୍ୟ ଏକ ଜଟିଳ ସମସ୍ୟା। ଏହାର ବିକଳ୍ପ ଭାବେ ଇଣ୍ଡକ୍ସନ ଚୁଲା କିଣିବା ପାଇଁ ନିଷ୍ପତ୍ତି ନେଇଛୁ।

**–ମମତା ରାଣୀ ଦାଶ, ଗୃହିଣୀ, ଭୁବନେଶ୍ୱର**

### ଖୋଲା ବଜାରରେ ସିଲିଣ୍ଡର ଭର୍ତ୍ତି ଗ୍ୟାସ୍ ଦର ୩ ହଜାର



ବର୍ତ୍ତମାନ ଗ୍ୟାସ ଏକ ବଡ଼ ସମସ୍ୟା। ମୋର ଏବେ ଗ୍ୟାସ ସିଲିଣ୍ଡର ସରି ଯାଇଛି। ଖାତା ନ ଥିବାରୁ ଖୋଲା ବଜାରରେ କିଣିବା ଏକ ଟେନ୍‌ସନ୍‌ର କାରଣ ପାଲଟିଛି। ପୂର୍ବରୁ ସିଲିଣ୍ଡର ଭର୍ତ୍ତି ଗ୍ୟାସ୍ ହଜାରେ ୧୨ଶହ ଟଙ୍କାରେ ମିଳୁଥିବାବେଳେ ଏବେ ଅଢେଇ ହଜାରରୁ ୩ ହଜାର ଟଙ୍କା ନେଉଛନ୍ତି। ସାଧାରଣ ପରିବାର ଭାବରେ ଏହାକୁ ୨/୩ ଗୁଣା ଆଧିକ ଦାମରେ କିଣିବା ଅସମ୍ଭବ ହୋଇ ପଡୁଛି।

**–ସୋନାଲିକା ପଣ୍ଡା, ଗୃହିଣୀ, କଟକ**

### ଗ୍ୟାସ ବଢ଼ିବାରୁ ଚା' ମୂଲ୍ୟ ବଢ଼ାଇଛୁ



ମୋର ଚା' ବ୍ୟବସାୟ ସହ ଭେରାଇଟି ଷ୍ଟୋର୍ ଚାଲିଛି। ବର୍ତ୍ତମାନ ଯେଉଁ ଗ୍ୟାସ ସମସ୍ୟା ଦେଖାଦେଇଛି, ସେଥିରେ ବେପାର ପ୍ରଭାବିତ ହେଉଛି। ଖୋଲା ବଜାରରେ ମଧ୍ୟ ଦର ମନ ଇଚ୍ଛା ବଢ଼ାଯାଉଛି। ଗ୍ୟାସ ଦର ବଢିବାରୁ ଆମେ ମଧ୍ୟ ଚା' ମୂଲ୍ୟ ସାମାନ୍ୟ ବଢେଇଛୁ।

**–ପଦ୍ମିନୀ ମହାନ୍ତି, ବ୍ୟବସାୟୀ, ଭୁବନେଶ୍ୱର**

## ରୋଷେଇ ପାଇଁ ଗ୍ୟାସ୍ ଚୋରି, ୨ ଗିରଫ

ଭୁବନେଶ୍ୱର,୨୨।୩(ତ୍ରିନାଥ ମହାନ୍ତି)

ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଗ୍ୟାସ୍ ମିଳିବା ଏବେ କଷ୍ଟକର ହୋଇପଡ଼ିଛି। ଗ୍ୟାସ୍ ସରିଗଲେ ଠିକ୍ ସମୟରେ ମିଳୁନି। ଫଳର ଲୋକେ ଅନ୍ୟ ଘରୁ ଗ୍ୟାସ୍ ଚୋରି କରୁଥିବା ଘଟଣା ନଜରକୁ ଆସିଛି। ନୟାପଲ୍ଲୀ ଥାନା ଆଇଆରସି ଭିଲେଜ ନିକଟ ପୃଥ୍ୱୀ ସିଂହଙ୍କ ଘରୁ ୨ଟି ଗ୍ୟାସ୍ ଚୋରି ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଟିକାବାଲିର ରତୁବୀର ଦିଗାଲ ଏବଂ ଯାଜପୁରରୋଡ୍‌ର ଚଞ୍ଚଳ ସାଣ୍ଡିଲ୍ୟଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଚୋରି ୨ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଜବତ କରାଯାଇଛି। ଗତ ୧୭ ତାରିଖ ଭୋର୍ ପ୍ରାୟ ୪ଟାରେ କେତେଜଣ ଅଜଣା ବ୍ୟକ୍ତି ପୃଥ୍ୱୀଙ୍କ ଘର ପରିସରରୁ ଦୁଇଟି ଏଲପିଜି ଗ୍ୟାସ ଭର୍ତ୍ତି ସିଲିଣ୍ଡର ଚୋରି କରିଥିଲେ। ପଡ଼ୋଶୀ ଘରର ସିସିଟିଭି ଫୁଟେଜରୁ ଏହା ଜଣାପଡିବା ପରେ ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ସେହିଭଳି ପ୍ରତ୍ୟକ୍ଷଦର୍ଶୀମାନେ ଜଣଙ୍କୁ ଚିହ୍ନଟ କରିଥିଲେ। ପୋଲିସ ସିଆରପି ଛକ ନିକଟରେ ଚଢାଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ସେମାନଙ୍କଠାରୁ ଦୁଇଟି ଚୋରି ଗ୍ୟାସ ସିଲିଣ୍ଡର ଜବତ କରିଥିଲା।

## ଓୟୁଏଟି ଗୋଷ୍ଠୀ ବିଜ୍ଞାନ ମହାବିଦ୍ୟାଳୟରେ ପୂର୍ବତନ ଛାତ୍ରୀଛାତ୍ର ସମାବେଶ



ଅତିଥିମାନେ ସମାବେଶକୁ ଉଦ୍‌ଘାଟନ କରିଛନ୍ତି।

ଭୁବନେଶ୍ୱର,୨୨।୩ (ଅନୁରାଧା ମହାରଣା)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନ ଗୋଷ୍ଠୀ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ପୂର୍ବତନ ଛାତ୍ରୀଛାତ୍ରଙ୍କ ଦ୍ୱିତୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ପୂର୍ବତନ ଛାତ୍ରୀଛାତ୍ର ଯୋଗଦେଇ ତାଙ୍କ ଜୀବନ ଗଢ଼ିବାରେ ମହାବିଦ୍ୟାଳୟର ଅବଦାନକୁ ସ୍ମରଣ କରିଥିଲେ। ଓଡ଼ିଶା ଆୟକର ବିଭାଗର ପୂର୍ବତନ ଅଧକ୍ଷା ତଥା ଚିଫ କମିଶନର ପରମିତା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋଷ୍ଠୀ ବିଜ୍ଞାନ ଶିକ୍ଷାରେ ରାଷ୍ଟ୍ରୀୟ ଶିକ୍ଷା ନୀତି–୨୦୨୦ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଅନୁପମା ବଳିଆରସିଂହ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକାରିଣୀ ସମ୍ପାଦିକା ଏବଂ ଖାଦ୍ୟ ଓ ପୋଷଣ ବିଭାଗର ମୁଖ୍ୟ ଡ. ଚିତ୍ରୋତ୍ପଳା ଦେବଦର୍ଶିନୀ ଧନ୍ୟବାଦ ଦେଇଥିଲେ। ସମାବେଶରେ ୩ ପ୍ରମୁଖ ବିଷୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିସହ ସମାଜର ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ପୂର୍ବତନ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା ।

## ପଖାଳ କେବଳ ଖାଦ୍ୟ ନୁହେଁ, ଏକ ଆବେଗ

ବାଲକାଟୀ,୨୨।୩(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଗଡ଼କଣ୍ଟୁଣିଆସ୍ଥିତ ଶ୍ରୀସୁଦର୍ଶନ ଦାରୁପୀଠ ନିକଟ ଅରଣ୍ୟରେ ଗତ ଶୁକ୍ରବାର ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। କାଞ୍ଚନ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ପଖାଳ ଦିବସ ପାଳନ ଅବସରରେ ଅତିଥିଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ଡ. ରଜନୀ ରଞ୍ଜନ, ସୁବ୍ରତ ଛାଟୋଇ, ରଶ୍ମି ମହାପାତ୍ର, ସୁଚିସ୍ମିତା ପୃଷ୍ଟି, ଜୟଶ୍ରୀ ଧଳ, ବେଣୁଧର ଭୋଇ, ସୁବ୍ରତ ମହାନ୍ତି ଯୋଗଦେଇ ପଖାଳ କେବଳ ଖାଦ୍ୟ ନୁହେଁ, ଏକ ଆବେଗ, ଓଡ଼ିଆ ଜୀବନ ଶୈଳୀରେ ପଖାଳର ଏକ ସ୍ୱତନ୍ତ୍ର ସ୍ଥାନ ଅଛି ବୋଲି ମତବ୍ୟକ୍ତ କରିଥିଲେ। ଦୀନବନ୍ଧୁ ଭୋଇ ଆୟୋଜିତ ସଭାକୁ ପରିଚାଳନା କରିଥିଲେ। ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବାଲିଅନ୍ତା ପ୍ରେସ୍ କ୍ଲବ ପକ୍ଷରୁ ବାଲକାଟୀସ୍ଥିତ ଭାର୍ଗବୀ ନଦୀପଠାରେ ଥିବା ମା' ହାଣ୍ଡିଶାଳରେ ବିଶ୍ୱ ପଖାଳ ଦିବସର ଆୟୋଜନ ହୋଇଥିଲା। ଏହି ଅବସରରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।



ସଙ୍ଗୀତ ସୁଧାକର ବଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ରବୀନ୍ଦ୍ରମଣ୍ଡପରେ ଚାଲିଥିବା ୩ଦିନିଆ ଓଡ଼ିଶୀ ସଙ୍ଗୀତ ମହୋତ୍ସବର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ବୃନ୍ଦ ସଙ୍ଗୀତ ଗାନ କରୁଛନ୍ତି। (ଫଟୋ– ବିକାଶ ନାୟକ)

## ଓଡ଼ିଶା ଲେଖିକା ସଂସଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୨।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଲେଖିକା ସଂସଦର ୩୩ତମ ବାର୍ଷିକ ଉତ୍ସବ ଓ ସାହିତ୍ୟ ସମାରୋହ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଡ. ଶକୁନ୍ତଳା ବଳିୟାରସିଂଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଡ. ରମେଶ ଚନ୍ଦ୍ର ପାଣି, ଡ. ସୋମା ଚାନ୍ଦ, ଡ. ମିହିର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ କମଳକୁମାରୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂସଦ ସଭାପତି ଡ. ବଳିୟାରସିଂ ଲେଖିକାମାନଙ୍କୁ ଅଧିକରୁ ଅଧିକ ଲେଖନୀ ଚାଳନା କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସଂସଦର ବାର୍ଷିକ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିସହ ଉଚ୍ଚମାନର ଲେଖା ଓ ସମାଜସେବା ପାଇଁ ୨୮ଜଣ ଲେଖିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ଯୁଗ୍ମ ସମ୍ପାଦକ କାନନବାଳା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।





ଓଡ଼ିଶା ଲେଖିକା ସଂସଦର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ୧୧ଜଣଙ୍କୁ 'ଚଲାପଥ ସ୍ୱତନ୍ତ୍ର ସମ୍ମାନ'

ଭୁବନେଶ୍ୱର, ୨୨।୩ (ବନ୍ଦନା ସେଠୀ)

ସାହିତ୍ୟାନୁଷ୍ଠାନ 'ଚଲାପଥର ୫୪ତମ ସାରସ୍ୱତ ମହୋତ୍ସବ ରବିବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଚାରପତି ଭିକାରି ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ହାଇକୋର୍ଟର ବରିଷ୍ଠ ଆଡ୍‌ଭୋକେଟ ବିଭୁ ପ୍ରସାଦ ତ୍ରିପାଠୀ, ବରିଷ୍ଠ ରାଜନେତା ପ୍ରଶାନ୍ତ କୁମାର ରାୟ, 'ଚଲାପଥ'ର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀର, ଉପସଭାପତି ଭୁବନ ମୋହନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା କବିଅମରେଶ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ବରିଷ୍ଠ ପ୍ରଶାସକ ଦିଗନ୍ତ କୁମାର ରାଉତରାୟ, ବରିଷ୍ଠ ପ୍ରଶାସକ ଭବେଶ କୁମାର ନାୟକ, ସାମ୍ବାଦିକ ପ୍ରକାଶ ଦାସ, ଆଇନଜୀବୀ ନାରାୟଣ ଚନ୍ଦ୍ର ପତି, ସାମ୍ବାଦିକ ପ୍ରସନ୍ନ ପତି, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ଦୀପ୍ତିମୟୀ ମହାପାତ୍ର, କବି ସରୋଜ ଶତପଥୀ, ଇଂ. ଧୀରେନ କୁମାର ଖୁଣ୍ଟିଆ ଓ କବିଦୀପ୍ତିରେଖା ଦାସଙ୍କୁ 'ଚଲାପଥ ସ୍ୱତନ୍ତ୍ର ସମ୍ମାନ' ଏବଂ ସ୍ୱର୍ଗତ ପ୍ରଫେସର ଡ. ରାମଚନ୍ଦ୍ର ଧୀରଙ୍କୁ 'ମରଣୋତ୍ତର ଚଲାପଥ ସମ୍ମାନ' ଦିଆଯାଇଥିଲା। କବି ଦୀପ୍ତିରେଖାଙ୍କ କବିତା ସଙ୍କଳନ 'ସାଇତା ଫଗୁଣର ସ୍ୱର' ଓ ଲେଖିକା ସଂଯୁକ୍ତା ମହାପାତ୍ରଙ୍କ ପୁସ୍ତକ 'ମାତୃ ରୂପେଣ ସଂସ୍ଥିତା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କବି ଧ୍ରୁବ ଚରଣ ସେଠୀଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ତଥା ସାହିତ୍ୟିକ ଅଜୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବହୁ କବି କବିତା ପାଠ କରିଥିଲେ।





ସାରସ୍ୱତ ମହୋତ୍ସବରେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ ଚନ୍ଦ୍ର ଘଡ଼ାଇଙ୍କ ସହ ଅନ୍ୟ ଅତିଥିମାନେ।

## କର୍କଟ ରୋଗୀଙ୍କ ଘରୁ ଲୁଟିନେଲେ ୨୦ଲକ୍ଷ ଟଙ୍କାର ସୁନା ଗହଣା

ଭୁବନେଶ୍ୱର,୨୨।୩(ତ୍ରିନାଥ ମହାନ୍ତି)

**ରାଜଧାନୀରେ ମାତିଲେ ଝରକା ତଡ଼ା ଗ୍ୟାଙ୍ଗ**

ରାଜଧାନୀରେ ମାତିଲେ ଝରକା ତଡ଼ା ଗ୍ୟାଙ୍ଗ। ଝରକା ଭାଙ୍ଗି ଘରେ ପଶି ଲୁଟିନେଲେ ୨୦ ଲକ୍ଷରୁ ଅଧିକ ଟଙ୍କାର ସୁନା ଗହଣା ସହ ନଗଦ ଟଙ୍କା। ଏୟାରଫିଲ୍ଡ ଥାନା ଅଧୀନ ଜାମୁକୋଳି ବାରିକ ସାହିରେ ରହୁଥିବା ଜଣେ କର୍କଟ ରୋଗୀଙ୍କ ଘରେ ଶନିବାର ରାତିରେ ଏହି ଘଟଣା ଘଟିଛି। ସୁଶାନ୍ତ ବାରିକଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ରବିବାର ରାତି ସୁଦ୍ଧା ଲୁଟେରା ଗ୍ୟାଙ୍ଗ୍‌ର ସୁରାକ ପାଇପାରିନି ପୋଲିସ। ଅଭିଯୋଗ ଅନୁସାରେ, ସୁଶାନ୍ତ ହେଉଛନ୍ତି ଜଣେ କର୍କଟ ରୋଗୀ। ତାଙ୍କ ଚିକିତ୍ସା ପାଇଁ ବହୁ ଅର୍ଥ ଆବଶ୍ୟକ ପଡୁଥିବାରୁ ସ୍ତ୍ରୀ ଦିନ ରାତି କାମ କରି ପରିବାର ଚଳାଇବା ସହ ଭବିଷ୍ୟତ ଆବଶ୍ୟକତା ପାଇଁ ସୁନା ଓ ଟଙ୍କା ଘରେ ରଖିଥିଲେ। ଶନିବାର ରାତିରେ ଘରେ ସମସ୍ତେ ଶୋଇଥିବା ବେଳେ ଘର ବାହାର ପଟୁ କବାଟ କିଳି ବାରିପଟେ ଝରକା ଭାଙ୍ଗି ଅନ୍ୟ ଘରେ ପଶିଥିଲେ ଚୋର ଦଳ। ସେମାନେ ରାତି ତମାମ ଆତଙ୍କ ଖେଳାଇ ଘରେ ଥିବା ୨୦ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସୁନା ଗହଣା, ଟଙ୍କା ଲୁଟିନେଇ ବାରିପଟ ରାସ୍ତା ଦେଇ ଫେରାର ହୋଇଥିଲେ। ଏପରି କି ସେମାନେ ଘରେ ଥିବା ଛୋଟ ପିଲାଙ୍କ କୁମ୍ଭି ଭାଙ୍ଗି ସେଥିରେ ଥିବା ଖୁଚୁରା ପଇସାକୁ ମଧ୍ୟ ନେଇଯାଇଥିଲେ।

## ଜଳ ବ୍ୟବହାରରେ ଲିଙ୍ଗଗତ ସମାନତା ଜରୁରୀ

ଭୁବନେଶ୍ୱର, ୨୨।୩ (ବନ୍ଦନା ସେଠୀ)

ବିଶ୍ୱର ବିକାଶଶୀଳ ଅଞ୍ଚଳରେ ଜଳ ଏବଂ ଲିଙ୍ଗ ବିଶେଷରୂପେ ପରସ୍ପର ସହିତ ଘନିଷ୍ଠ ଭାବେ ଜଡିତ୍। ତେଣୁ ଜଳ ବ୍ୟବହାରରେ ଲିଙ୍ଗଗତ ସମାନତା ଜରୁରୀ। ସାଧାରଣତଃ ସମାଜରେ ମହିଳା ଏବଂ ଝିଅମାନେ ଘରୋଇ ବ୍ୟବହାର ନିମନ୍ତେ ଜଳ ସଂଗ୍ରହ କରିବାର ପ୍ରାଥମିକ ଦାୟିତ୍ୱ ବହନ କରନ୍ତି। ନିରାପଦ ପାଣିର ସୀମିତ ଉପଲବ୍ଧି ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତାକୁ ପ୍ରଭାବିତ କରେ, ଯାହା ମହିଳାମାନଙ୍କୁ ମଧ୍ୟ ଅସାମାନ୍ୟ ଭାବରେ ପ୍ରଭାବିତ କରେ। ଅପର୍ଯ୍ୟାପ୍ତ ଜଳ ଯୋଗାଣ ଋତୁସ୍ରାବକାଳୀନ ପରିଚ୍ଛନ୍ନତା ପରିଚାଳନାକୁ କଷ୍ଟକର କରିଥାଏ। ଜଳ ପରିଚାଳନା ନିଷ୍ପତ୍ତିରେ ମହିଳାଙ୍କ ଭୂମିକା କମ୍ ରହୁଥିବାରୁ ଲିଙ୍ଗଗତ ଅସମାନତା ଆହୁରି ବଢ଼ିଯାଏ ବୋଲି ମତ ପ୍ରକାଶ ପାଇଛି। ବିଶ୍ୱ ଜଳ ଦିବସ ଅବସରରେ ରବିବାର ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ବିକାଶ ଆବାସିକ ବିଦ୍ୟାଳୟ ପକ୍ଷରୁ 'ଜଳ ଏବଂ ଲିଙ୍ଗ' ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦେଇ କହିଲେ, ଜଳ ଓ ଲିଙ୍ଗଗତ ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ଗ୍ରହଣରେ ମହିଳାଙ୍କ ସମାନ ଅଂଶଗ୍ରହଣ, ନିକଟବର୍ତ୍ତୀ ସ୍ୱଚ୍ଛ ଜଳ ଉତ୍ସଗୁଡ଼ିକରେ ସମାନ ପ୍ରବେଶ ସୁଯୋଗ ଏବଂ ସ୍ୱଚ୍ଛତା ଓ ପରିମଳ ଉପରେ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ଅନ୍ତର୍ଭୁକ୍ତି ପଦ୍ଧତି ଆବଶ୍ୟକ। ବିଦ୍ୟାଳୟ ଚେୟାରମ୍ୟାନ ଭି. ଶ୍ରୀନିବାସ ଛାତ୍ରୀଛାତ୍ରଙ୍କୁ ଜଳ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା ପାଇଁ ପ୍ରକୃତିର ଜାଗ୍ରତ ସୈନିକ ଭାବରେ କାର୍ଯ୍ୟ କରିବାକୁ ପଡିବ ବୋଲି କହିଥିଲେ। ଓଇଏସ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ ଓ ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ, ଡ. ବିଜୟ କେତନ ପଟ୍ଟନାୟକ, ଡ.ଲାଲା ଏ.କେ. ସିଂହ, ପ୍ର. ସନ୍ଦୀପ ନାରାୟଣ କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। କୁଇଜ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।





ଆଲୋଚନାଚକ୍ରରେ ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ସହ ଅନ୍ୟ ଅତିଥିମାନେ।

## 'ପୂର୍ବତନ ଛାତ୍ରଙ୍କ ମାର୍ଗଦର୍ଶନ ଯୁବ ଛାତ୍ରୀଛାତ୍ରଙ୍କ ପାଇଁ ଅମୂଲ୍ୟ ସମ୍ପଦ'

**ଜେଏନ୍‌ୟୁ ଓଡ଼ିଶା ଆଲୁମ୍‌ନି ସଂଘର ବାର୍ଷିକ ସମ୍ମିଳନୀ**

ଭୁବନେଶ୍ୱର, ୨୨।୩ (ବନ୍ଦନା ସେଠୀ)

ଆଗାମୀ ପିଢ଼ିକୁ ମାର୍ଗଦର୍ଶନ କରିବାରେ ପୂର୍ବତନ ଛାତ୍ର ସଂଘର ବିଶେଷ ଭୂମିକା ରହିଛି। ସେମାନଙ୍କର ଅଭିଜ୍ଞତା, ଜ୍ଞାନ ଓ ଦୃଷ୍ଟିକୋଣ ଯୁବ ଛାତ୍ରୀଛାତ୍ରଙ୍କ ପାଇଁ ଅମୂଲ୍ୟ ସମ୍ପଦ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ରବିବାର ଓୟୁଏଟିସ୍ଥିତ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଓଡ଼ିଶା ଆଲୁମ୍‌ନି ସଂଘର ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ବାର୍ତ୍ତା ଦେଇଛନ୍ତି। ସେ କହିଲେ, ଜେଏନ୍‌ୟୁ ଦଶନ୍ଧି ଦଶନ୍ଧି ଧରି ଭାରତର ପ୍ରମୁଖ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଭାବେ ପ୍ରତିଷ୍ଠିତ ହୋଇଛି। ଏହା କେବଳ ଶିକ୍ଷାଗତ ଶ୍ରେଷ୍ଠତ୍ୱ ପାଇଁ ନୁହେଁ, ବରଂ ସମାଲୋଚନାତ୍ମକ ଚିନ୍ତାଧାରା, ବିଚାରର ଉନ୍ମୁକ୍ତତା ଏବଂ ଗଭୀର ସାମାଜିକ ଦାୟିତ୍ୱବୋଧ ପାଇଁ ମଧ୍ୟ ପରିଚିତ। ବିଶ୍ୱବିଦ୍ୟାଳୟ ସର୍ବଦା ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନ କରିବା, ଚିନ୍ତନ କରିବା ଏବଂ ବିଶ୍ୱ ସହିତ ଅର୍ଥପୂର୍ଣ୍ଣ ଭାବେ ଯୋଡ଼ି ହେବାକୁ ପ୍ରୋତ୍ସାହିତ କରିଆସିଛି। ବିଶ୍ୱବ୍ୟାପୀ ଜେଏନ୍‌ୟୁ ସ୍ନାତକମାନେ ଶିକ୍ଷା, ଲୋକସେବା, ଲୋକନୀତି, ବିଜ୍ଞାନ, ଗଣମାଧ୍ୟମ, ସାହିତ୍ୟ, କୂଟନୀତି ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ସେମାନଙ୍କ ସଫଳତା କେବଳ ବ୍ୟକ୍ତିଗତ ଶ୍ରେଷ୍ଠତ୍ୱ ନୁହେଁ, ବରଂ ବୃହତ୍ତର ସାମାଜିକ ଲକ୍ଷ୍ୟ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ଗୋଷ୍ଠୀ ରାଷ୍ଟ୍ର ନିର୍ମାଣ, ବିଚାରଧାରା ଗଠନ ଏବଂ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରୀୟ ଅଗ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଛନ୍ତି। ରାଜ୍ୟପାଳ ପୂର୍ବତନ ଛାତ୍ର ସଂଘର ସଦସ୍ୟମାନଙ୍କୁ ରାଜ୍ୟ ବିକାଶରେ ସକ୍ରିୟ ଭାବରେ ଯୋଗଦାନ ଦେବାକୁ ଆହ୍ୱାନ ଦେଇଥିଲେ। ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଉପସ୍ଥିତ ଥିବାବେଳେ ମୁଖ୍ୟ ସୂଚନା କମିଶନର ମନୋଜ କୁମାର ପରିଡ଼ା, ଓୟୁଏଟି କୁଳପତି ଡ. ପ୍ରଭାତ କୁମାର ରାଉଳ ପ୍ରମୁଖ ଯୋଗଦେଇ ବିଶ୍ୱବିଦ୍ୟାଳୟର ଗରିମା ସମ୍ପର୍କରେ ଅଭିମତ ରଖିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସଂଘର ସ୍ମରଣିକା ମଧ୍ୟ ଉନ୍ମୋଚନ କରାଯାଇଥିଲା। ସଂଘ ସଭାପତି ସଂଗ୍ରାମ କେଶରୀ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ଡ. ମାନସ ରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।





ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ଅନ୍ୟ ଅତିଥିମାନେ ଜେଏନ୍‌ୟୁ ଓଡ଼ିଶା ଆଲୁମିନି ସଂଘର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ସରିଲା ଅମୃତେଶ୍ୱର ଦେବଙ୍କ ପନ୍ଦରଦୋଳ ମେଳଣ

## ସ୍ୱମନ୍ଦିର ଫେରିଲେ ୪୨ଦେବଦେବୀ

ବୋଲଗଡ଼,୨୨।୩(ଦେବବ୍ରତ ହୋତା)



ବୋଲଗଡ଼ ସଦର ତୃତୀୟାପଡ଼ା ଠାରେ ଚାଲିଥିବା ଅମୃତେଶ୍ୱର ଦେବଙ୍କ ପନ୍ଦରଦୋଳ ଯାତ୍ରାର ମେଳଣ ଉତ୍ସବ ଶନିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ବାରପଲ୍ଲୀ ମୌଜାର ୪୨ଦେବଦେବୀ ଗତ ୩ଦିନ ଧରି ଯାତ୍ରା ପଡ଼ିଆରେ ନିଜ ପାଇଁ ଉଦ୍ଦିଷ୍ଟ ପିଣ୍ଡିରେ ବିଜେ କରି ରୀତିନୀତିରେ ପୂଜା ପାଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଥିଲେ। ଶନିବାର ମଧ୍ୟରାତ୍ର ପରେ ଆତସବାଜି ପ୍ରଦର୍ଶନ ହୋଇଥିଲା। ପରେ ଯାତ୍ରାପଡିଆ ମଧ୍ୟସ୍ଥଳରେ ନିର୍ମିତ ସ୍ୱତନ୍ତ୍ର ପୂଜାମଣ୍ଡପରେ ପଂକ୍ତି ଭୋଗର ଆୟୋଜନ ହୋଇଥିବା ବେଳେ ସମସ୍ତ ଦେବଦେବୀ ନିଜ ସ୍ଥାନରୁ ଚଉଦୋଳ ବିମାନରେ ବିଜେ କରି ପୂଜା ମଣ୍ଡପ ଚତୁଃପାର୍ଶ୍ୱରେ ଜମି ଭୋଗ ପାଇଥିଲେ। ଏହା ପରେ ଫଗୁ ଖେଳି ମେଲାଣି ନେଇଥିଲେ। ଯାତ୍ରା ଆରମ୍ଭ ଦିନ ପରି ଶେଷଦିନ ମଧ୍ୟ ରାଜଠାକୁର ଖଇଁରିଆର ଅମୃତେଶ୍ୱର ଦେବ ପ୍ରଥମେ ଓ ପରେ ପରେ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ସମେତ ଅନ୍ୟ ୪୦ ଦେବାଦେବୀ ସ୍ୱମନ୍ଦିର ଅଭିମୁଖେ ବାହୁଡ଼ିଥିଲେ। ଘଣ୍ଟଘଣ୍ଟା ନାଦ ସହ ହରିବୋଲ, ହୁଳହୁଳିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିବା ବେଳେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଯାତ୍ରାରେ ଖଇଁରିଆ, ବୋଲଗଡ଼ ଓ ଡାବରଧୂଆ ପଞ୍ଚାୟତର ବିଭିନ୍ନ ଗ୍ରାମର ଠାକୁରମାନଙ୍କ ସମେତ ଲୋକମାନେ ଉପସ୍ଥିତ ହୋଇଥାନ୍ତି। ଯାତ୍ରା ପଡ଼ିଆରେ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ବହୁ ଅସ୍ଥାୟୀ ଦୋକାନରେ ଲୋକଙ୍କ ଗହଳି ଲାଗି ରହିଥିଲା। ତେବେ ଏହି ଯାତ୍ରାର ବିଶେଷ ଆକର୍ଷଣ ପଟୁଆର ପ୍ରତିଯୋଗିତାର ଶ୍ରେଷ୍ଠ ସ୍ଥାନଭାବେ ବୋଲଗଡ଼ ଗାନ୍ଧୀନଗର ପ୍ରଥମ, ଘୋରଡ଼ିଆ ଦ୍ୱିତୀୟ ଓ ବୋଲଗଡ଼ର ତାରିଣୀନଗର ତୃତୀୟ ସ୍ଥାନ ହାସଲ କରିଥିଲା। ଏମାନଙ୍କ ତତ୍ତ୍ୱାବଧାରକଙ୍କୁ ଟ୍ରଫି, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସୂଚନାଥାଉ କି, ୧୯୦୩ ମସିହାରୁ ଏହି ଯାତ୍ରା ପ୍ରତ୍ୟେକ ବର୍ଷ ହୋଇଆସୁଛି।

## ୨୮ ଯାଏ ଝଡ଼ବର୍ଷା, ବଢ଼ିବ ତାତି

ଭୁବନେଶ୍ୱର, ୨୨।୩ (ବନ୍ଦନା ସେଠୀ)

ଗତ କିଛିଦିନ ଧରି ବିଭିନ୍ନ ସ୍ଥାନରେ ଲାଗି ରହିଥିବା ଝଡ଼ବର୍ଷାର ପ୍ରଭାବ କମିଥିଲେ ହେଁ କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ଜାରି ରହିଛି। ଆଗାମୀ ୬ଦିନ ଅର୍ଥାତ୍ ୨୮ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ଗଜପତି ଏବଂ କେନ୍ଦୁଝର ଜିଲାର କିଛି ସ୍ଥାନରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ତେବେ ୨୬, ୨୭ ଏବଂ ୨୮ ତାରିଖରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଦେଇଛି। ଅନ୍ୟପକ୍ଷରେ ଝଡ଼ବର୍ଷା ପାଇଁ ରାଜ୍ୟରେ ତାପମାତ୍ରାରେ ସାମାନ୍ୟ ହ୍ରାସ ଘଟିଛି। ରବିବାର ୬ଟି ସ୍ଥାନର ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିଥିବାବେଳେ ପାରଳାଖେମୁଣ୍ଡିରେ ସର୍ବାଧିକ ୩୬.୨ ଡିଗ୍ରୀ ରେକର୍ଡ ହୋଇଛି। ତେବେ ଆସନ୍ତା ୪ ଦିନରେ ପାରଦ ୨ରୁ ୪ ଡିଗ୍ରୀ ଯାଏ ବଢ଼ିବା ନେଇ ବିଭାଗ ପୂର୍ବାନୁମାନ କରିଛି।

# 'ରାମଚନ୍ଦ୍ର ରଚନାବଳୀ' ଲୋକାର୍ପିତ



ଖୋର୍ଦ୍ଧା,୨୨।୩(ପ୍ରଭାତ ପାଣିଗ୍ରାହୀ)

ବିଶିଷ୍ଟ କବି ସ୍ୱର୍ଗତ ରାମଚନ୍ଦ୍ର ରଥଙ୍କ କବିତାସମୂହକୁ ନେଇ ଲୋକାର୍ପିତ ହୋଇଛି 'ରାମଚନ୍ଦ୍ର ରଚନାବଳୀ'। କବି ରାମଚନ୍ଦ୍ର ରଥ ସ୍ମୃତି ପରିଷଦ ପକ୍ଷରୁ ସ୍ଥାନୀୟ ବିଡିଏ କଲୋନୀ ଗାୟତ୍ରୀ ମନ୍ଦିର ପରିସରରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ସାହିତ୍ୟିକ ଡ.ଶରତ ଚନ୍ଦ୍ର ମହାପାତ୍ର, ସୁଲେଖକ ମନୋରଞ୍ଜନ ଦାସ, ଆଧ୍ୟାତ୍ମିକ ପ୍ରବକ୍ତା ସୁରେଶ ଚନ୍ଦ୍ର ରଥ, କଳିଙ୍ଗ ପାଇକ ସଙ୍ଗଠନର ସଭାପତି ଭୀମସେନ ପ୍ରଧାନ, ପଣ୍ଡିତ କେଳୁଚରଣ ମହାରଣା, ଶିକ୍ଷାବିତ୍ ରତ୍ନାକର ବେହେରା, ଶିକ୍ଷାବିତ୍ ଜଗନ୍ନାଥ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାମଚନ୍ଦ୍ର ରଥଙ୍କ ବହୁମୁଖୀ ଗୁଣାବଳି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କବି ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠ ଉତ୍ସବରେ କବି ବିଳାସିନୀ ଦାଶ, ଶାନ୍ତିଲତା ଦେବୀ, ଡ.ଚପଳା ପଣ୍ଡା, ଡ.ବୃନ୍ଦାବନ ପଣ୍ଡା, ରାଜକିଶୋର ବଳିୟାରସିଂହ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ ସାମନ୍ତରାୟ, ପ୍ରଶାନ୍ତ ସାମନ୍ତରାୟ, ଇତିଶ୍ରୀ ସାହୁ, ସମରେନ୍ଦ୍ର ବଳିୟାରସିଂହ, ପ୍ରିୟରଞ୍ଜନ ପଟ୍ଟନାୟକ, ଦେବାଶିଷ ବେହେରା, ବିଦ୍ୟାଧର ଲେଙ୍କା ପ୍ରମୁଖ ଅଂଶଗ୍ରହଣ କରିଥିଲେ। କବି ରାମଚନ୍ଦ୍ର ରଥ ସ୍ମୃତି ପରିଷଦର ସଭାପତି ଇଂ.ସରୋଜ କୁମାର ରଥ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପୁସ୍ତକର ସମ୍ପାଦକ ରମାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୧୨ଲକ୍ଷ ଠକିନେଇ ବଟି ମାଗୁଥିଲେ, ବିଲ୍ଡର ଗିରଫ

ଭୁବନେଶ୍ୱର,୨୨।୩(ତ୍ରିନାଥ ମହାନ୍ତି)

୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିନେବା ସହ ବଟି ମାଗୁଥିଲେ। ମାଲିକଙ୍କୁ ମାଡ଼ ମାରି ଜମି ଓ ନିର୍ମାଣାଧୀନ ଘରକୁ ନିଜ ନାମରେ କରିବାକୁ ଉଦ୍ୟମ କରିବା ଜଣେ ବିଲ୍ଡରଙ୍କ ପାଇଁ ମହଙ୍ଗା ହୋଇଛି। ଅଭିଯୋଗ ପରେ ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ବିଲ୍ଡର କୋରଡ଼କଣ୍ଟାର ଖଗେଶ୍ୱର ବାରିକଙ୍କୁ ଗିରଫ କରିଥିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଅଭିଯୋଗ ଅନୁସାରେ, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସମେଇଗାଡିଆସ୍ଥିତ ପ୍ଲଟ୍ ନଂ.୫୫୭/୧୪୮୭୬କୁ ପ୍ରକାଶଚନ୍ଦ୍ର ମିଶ୍ର ସୌମ୍ୟ ପ୍ରକାଶଙ୍କଠାରୁ କିଣିବା ପରେ ତାଙ୍କ ଝିଅ ଓ ସ୍ତ୍ରୀଙ୍କ ନାମରେ କରିଥିଲେ। ଉକ୍ତ ପ୍ଲଟ୍‌ରେ ଘର ନିର୍ମାଣ ପାଇଁ ପ୍ରକାଶ ମା' ହରଚଣ୍ଡୀ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଖଗେଶ୍ୱର ବାରିକଙ୍କୁ ନିୟୋଜିତ କରିଥିଲେ। ଏଥିପାଇଁ ତାଙ୍କୁ ୧୨ ଲକ୍ଷ ୯ହଜାର ଟଙ୍କା ଅଗ୍ରୀମ ଦେଇଥିଲେ । କିନ୍ତୁ ଅଭିଯୁକ୍ତ ଖଗେଶ୍ୱର ଘର ତିଆରି କରି ନ ଥିଲେ କି ଟଙ୍କା ଫେରସ୍ତ କରି ନ ଥିଲେ। ଫଳରେ ଜମି ମାଲିକାଣୀ ଜ୍ୟୋତିର୍ମୟୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ.୩୯/୨୦୨୫ ରୁଜୁ କରିଥିଲା। ଏହାପରେ ପ୍ରକାଶ ତାଙ୍କ ପ୍ଲଟ୍‌ରେ ଅନ୍ୟଜଣେ ଠିକାଦାରଙ୍କ ସହାୟତାରେ ଘର ନିର୍ମାଣ ଆରମ୍ଭ କରିଥିଲେ। ଗତ ୯ ତାରିଖ ସକାଳ ପ୍ରାୟ ୭ଟା ୨୦ରେ ପ୍ରକାଶ ତାଙ୍କ ନବନିର୍ମିତ ଘର କାନ୍ଥକୁ ପାଣି ଦେଉଥିବା ବେଳେ ଅଭିଯୁକ୍ତ ଖଗେଶ୍ୱର ଭାଇ ପ୍ରଭାକର ବାରିକ, ସହଯୋଗୀ ରତ୍ନାକର ସାହୁ ଓ ବିଶ୍ୱଜିତ ପଲେଇଙ୍କ ସହ ସେଠାରେ ପହଞ୍ଚି ପ୍ଲଟ୍ ଭିତରକୁ ଜବରଦସ୍ତ ପଶି ପ୍ରକାଶଙ୍କୁ ଟାଣିନେଇ ତଳେ ପକାଇ ମାଡ଼ ମାରିଥିଲେ। ଆଉ ୨୦ ଲକ୍ଷ ଟଙ୍କା ଦେ ନଚେତ ପ୍ଲଟ୍ ତାଙ୍କ ନାମରେ କରିଦେବାକୁ ଧମକ ଦେଇ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଆସିବାରୁ ଜ୍ୟୋତିର୍ମୟୀଙ୍କୁ ମଧ୍ୟ ଅଭିଯୁକ୍ତମାନେ ଦୁର୍ବ୍ୟବହାର କରିବା ସହ ମାଡ଼ମାରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଖଗେଶ୍ୱରଙ୍କୁ ଗିରଫ କରିଥିଲା।

# 'କଳାଭୂମି'କୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଆହ୍ୱାନ

## ୮ମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୨୨।୩ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ରାଜ୍ୟ ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି'ର ୮ମ ପ୍ରତିଷ୍ଠା ଦିବସ ରବିବାର ସଂଗ୍ରହାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ହସ୍ତତନ୍ତ ଓ ବୟନ ନିର୍ଦ୍ଦେଶକ ସୋମେଶ କୁମାର ଉପାଧ୍ୟାୟ ଏବଂ ସିଡାକ୍‌ର ସଦସ୍ୟ ସଚିବ ଚିନ୍ମୟୀ ବିଶ୍ୱାଳଙ୍କ ସମେତ ବିଭାଗର ପଦାଧିକାରୀମାନେ ଯୋଗଦେଇଥିଲେ। କଳାଭୂମିର ଭିତ୍ତିପ୍ରସ୍ତର ସ୍ଥାପନଠାରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରାଯିବା ସହ ସଂଗ୍ରହାଳୟକୁ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ପରିଦର୍ଶକଙ୍କ ପାଇଁ ସଂଗ୍ରହାଳୟ ପ୍ରବେଶ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ କରାଯାଇଥିବା ବେଳେ ସେମାନଙ୍କ ମନୋରଞ୍ଜନ ନିମନ୍ତେ ସିତାର, ତବଲା ବାଦନ ସହ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଓଡ଼ିଶାର ହସ୍ତତନ୍ତ ଏବଂ ହସ୍ତଶିଳ୍ପର ସମୃଦ୍ଧ ପରମ୍ପରାକୁ ପ୍ରଦର୍ଶିତ କରୁଥିବା ଏହି ସୁସଜ୍ଜିତ ପରିବେଶ ଏବଂ କଳାକୃତିଗୁଡ଼ିକର ଅନୁଭୂତି ନେବା ପାଇଁ ପରିଦର୍ଶକମାନେ କଳାଭୂମି ଉତ୍ସବରେ ସାମିଲ ହୋଇ ଓଡ଼ିଶାର ସାଂସ୍କୃତିକ ଅଭିବ୍ୟକ୍ତିକୁ ଉପଭୋଗ କରିଥିଲେ। ସଂଗ୍ରହାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶାଶ୍ୱତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



'କଳାଭୂମି'ର ୮ମ ପ୍ରତିଷ୍ଠା ଦିବସର ଉଦ୍‌ଘାଟନ ଅବସରରେ ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟିଙ୍କ ସହ ଅନ୍ୟ ଅତିଥିମାନେ।

## ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା: ଘାଟି ଚକଡ଼ା ପରେ ପଟା ପଡ଼ିଲା

ପୁରୁଣା ଭୁବନେଶ୍ୱର,୨୨।୩(ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ୨୬ତାରିଖରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଯାତ୍ରା। ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥଖଳାରେ ସର୍ଦ୍ଦାରୀ ମହାରଣା ସୋମନାଥ ମହାରଣାଙ୍କ ନେତୃତ୍ୱରେ ୬୨ଜଣ ମହାରଣା ଏହି ରୁକୁଣା ରଥ ନିର୍ମାଣରେ ଲାଗିପଡିଛନ୍ତି। ରବିବାର ରାତି ୧୦ଟା ସୁଦ୍ଧା ରଥରେ ପୋଟଳ କାମ ସରିବା ପରେ ପାରାଭାଡ଼ି ଲାଗି ହୋଇଥିଲା। ପରେ ଘାଟି ଚକଡା ପକାଯାଇ ଉପର ପଟା ବାଡ଼ା ଯାଇଥିଲା। ଚଳିତ ବର୍ଷ ରଥ ନିର୍ମାଣ କ୍ଷେତ୍ରରେ ବରିଷ୍ଠ ମୁଖ୍ୟ ସର୍ଦ୍ଦାରୀ ମହାରଣା ବଟକୃଷ୍ଣ ମହାରଣାଙ୍କ ଅନୁପସ୍ଥିତି ସୋମନାଥ ମହାରଣାଙ୍କ ନିମନ୍ତେ ଚ୍ୟାଲେଞ୍ଜ ସଦୃଶ ହୋଇଛି। ତେବେ ନେତ୍ରୋତ୍ସବ ଦିନ ମନ୍ଦିର ପ୍ରଶାସନକୁ ରଥ ହସ୍ତାନ୍ତର କରାଯିବା ପାଇଁ ଯୋରଦାର କାର୍ଯ୍ୟ ଚାଲିଥିବା ସୋମନାଥ କହିଛନ୍ତି।

# ପଞ୍ଚାୟତ ସମିତି ପକ୍ଷରୁ ଗୋପାଳପୁର ସରପଞ୍ଚ ସମ୍ବର୍ଦ୍ଧିତ



ବୋଲଗଡ଼,୨୨।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତର ପ୍ରଦୀପ କୁମାର ବାରିକ ସରପଞ୍ଚ ପଦବୀରେ ରହି ଦାୟିତ୍ୱ ସୁଚାରୁଭାବେ ତୁଲାଇବା ସହ ଜନସେବାର ଅନନ୍ୟ ଉଦାହରଣ ସୃଷ୍ଟି କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ସହ ଅନେକ ବେସରକାରୀ ସଙ୍ଗଠନ ପକ୍ଷରୁ ସମ୍ମାନିତ ହୋଇପାରିଛନ୍ତି। ନିକଟରେ ସେ ରାଜ୍ୟ ସରକାରଙ୍କ ପକ୍ଷରୁ ମନୋନୀତ ହୋଇ କେନ୍ଦ୍ର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନ ପରିସରରେ ରାଷ୍ଟ୍ରପତି ଓ ମନ୍ତ୍ରୀମାନଙ୍କ ଉପସ୍ଥିତିରେ ସମ୍ମାନିତ ହୋଇଥିଲେ। ହର ଘର ଜଳ ଯୋଜନାରେ ସରପଞ୍ଚ ବାରିକ ନିଜ ପଞ୍ଚାୟତରେ ଜଳ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ପୁରସ୍କୃତ ହୋଇଥିଲେ। ଏନେଇ ବୋଲଗଡ଼ ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅଧ୍ୟକ୍ଷା ହୁଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ସାହୁ, ବିଜେଡି ଜିଲାଉପସଭାପତି ତଥା ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନଙ୍କ ସମେତ ଜିଲାପରିଷଦ ମେମ୍ବର, ବହୁ ସରପଞ୍ଚ, ସମିତିମେମ୍ବରମାନେ ଉପସ୍ଥିତ ଥିଲେ। ସେହିପରି ବୋଲଗଡ଼ ପଞ୍ଚାୟତ ପକ୍ଷରୁ କାର୍ଯ୍ୟାଳୟ ସଭାଗୃହରେ ମଧ୍ୟ ସରପଞ୍ଚ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ମହିଳା ମହାସଂଘ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଚଇତି ଘଟ ପରମ୍ପରାକୁ ଉଜ୍ଜୀବିତ ରଖିଛନ୍ତି ସୁରେଶ

ଖୋର୍ଦ୍ଧା,୨୨।୩(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଆ ସଂସ୍କୃତିରେ ଚୈତ୍ର ମାସ ଏକ ବିଶେଷ ମହତ୍ତ୍ୱ ବହନ କରେ। ଏହି ମାସରେ ମହିଳାମାନେ ଘର, ଦାଣ୍ଡ ଲିପାପୋଛା କରି ଝୋଟି ଚିତା କାଟି ପ୍ରତି ମଙ୍ଗଳବାର ଏକାଠି ହୋଇ ମା'ମଙ୍ଗଳାଙ୍କ ପୂଜାର୍ଚ୍ଚନା ସହ ପଣା ଅର୍ପଣ କରିଥାନ୍ତି। ପରିବାର ସୁଖଶାନ୍ତି, ସମୃଦ୍ଧି ମନାସୀ ମହିଳାମାନେ ଏହି ପୂଜା କରିଥାନ୍ତି। ସେହିପରି ଏହି ମାସରେ ଭକ୍ତମାନେ ମା'ମଙ୍ଗଳାଙ୍କ ଘଟ ତଥା ଚଇତି ଘଟ ଧରି ଗାଁ ଗାଁ ବୁଲିଥାନ୍ତି। ମାନସିକଧାରୀମାନେ ମାନସିକ ପୂରଣ ହେବା ପାଇଁ ମା'ଙ୍କ ଘଟକୁ ପୂଜାର୍ଚ୍ଚନା ସହ ଭକ୍ତି ନୈବେଦ୍ୟ ଅର୍ପଣ କରନ୍ତି। ତେବେ ଧୀରେ ଧୀରେ ଏହି ଗ୍ରାମୀଣ ଲୋକ ସଂସ୍କୃତି ଲୋପ ପାଇବାକୁ ବସିଥିବା ବେଳେ କେତେଜଣ ଏହି ପରମ୍ପରାକୁ ବଜାୟ ରଖିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଭକ୍ତ ହେଉଛନ୍ତି କଟକ ଜିଲା ବାଙ୍କୀ ନିକଟ ଅନୱାରୀ ପଞ୍ଚାୟତ ବାଇଗିଣି ଗ୍ରାମର ସୁରେଶ ମାଝି। ବୟସର ଅପରାହ୍ନରେ କାଠର ଗୋଡ଼, ସୁନା,ରୂପା, କଂସା ଅଷ୍ଟଧାତୁରେ ପ୍ରସ୍ତୁତ ଅଳଙ୍କାର ଆପାଦ ମସ୍ତକ ଧାରଣ କରି ଗାଁ ଗାଁ ବୁଲି ମା'ମଙ୍ଗଳାଙ୍କ ମହିମା ଗାନ ସହ ଶ୍ରଦ୍ଧାଳୁଙ୍କ ଦୁଃଖକଷ୍ଟ ଲାଘବ କରୁଛନ୍ତି। ଚୈତ୍ର ମାସ ସାରା ସେ ମା'ମଙ୍ଗଳାଙ୍କ ବେଶ ଧାରଣ କରି ବୁଲିଥାନ୍ତି। ଖୋର୍ଦ୍ଧା ଜିଲା କଳାପଥର, ପର୍ଶୁରାମପୁର, ବଡ଼ବେରଣା, ସିମୋର, ତୁଳସୀପୁର, ବାଙ୍କୀ, ବୈଦେଶ୍ୱର ଆଦି ଅଞ୍ଚଳ ବୁଲିବା ପରେ ପଣା ସଂକ୍ରାନ୍ତିରେ ଗ୍ରାମକୁ ଫେରିଯିବେ।

ସୁରେଶ କୁହନ୍ତି, ପୂର୍ବରୁ ତାଙ୍କ ଜେଜେ ନାରାୟଣ, ବିମ୍ବାଧର, କ୍ଷେତ୍ର ମାଝି, ବାପା ବାସୁଦେବଙ୍କ ପରେ ସେ ଏହି ପରମ୍ପରାକୁ ବଜାୟ ରଖିଛନ୍ତି। ପରିବାର ଗ୍ରାମର ମା'ମଙ୍ଗଳାଙ୍କ ମନ୍ଦିର ପୂଜାର୍ଚ୍ଚନା କରିବା ବେଳେ ଛୋଟ ବୟସରୁ ଏଥିପ୍ରତି ସେ ଆକୃଷ୍ଟ ହୋଇଥିଲେ। ଚୈତ୍ର ମାସର ପ୍ରଚଣ୍ଡ ଖରାରେ ଚାଲି ନାଚି ନାଚି ବୁଲିବା କେବଳଙ୍କ ମା'ଙ୍କ ଆଶୀର୍ବାଦରୁ ସମ୍ଭବ। ଯିଏ ଯାହା ଖୁସିରେ ଦେଲେ ତାହା ହିଁ ମୋର ପ୍ରାପ୍ୟ। ସ୍ୱଳ୍ପ ରୋଜଗାରରେ ଚଳିବା କଷ୍ଟକର। ତେବେ ଭକ୍ତି, ସମର୍ପଣରେ ସବୁ କିଛି ଚାଲିଛି। ଆପାଦ ମସ୍ତକରେ ଧାରଣ କରିଥିବା ଅଳଙ୍କାର ଭକ୍ତଙ୍କ ଦାନ। ମନସ୍କାମନା ପୂରଣ ହେବା ପରେ ଭକ୍ତମାନେ ମା'ଙ୍କୁ ମଧ୍ୟ ଦାନ କରିଥାନ୍ତି। ଏବେ ବାଙ୍କୀ ଚର୍ଚ୍ଚିକା ଘଟ ପରମ୍ପରା ବନ୍ଦ ହୋଇଯାଇଥିବା କେବଳ ବାଇଗିଣି ଗ୍ରାମ ମଙ୍ଗଳାଙ୍କ ଘଟ ବଞ୍ଚି ରହିଛି। ତେଣୁ ଲୋକେ ଶ୍ରଦ୍ଧାରେ ମା'ବାଇଗିଣି କାଳିଶୀ ବୋଲି ଡାକନ୍ତି। ସାଧାରଣ ମଣିଷ ଏବଂ ବେଶ ଧାରଣ ସହ ଆପାଦ ମସ୍ତକ ଅଳଙ୍କାରରେ ସଜ୍ଜାଇ ହୋଇ କାଳିଶୀ ବେଶ ସମ୍ପୂର୍ଣ୍ଣ ହେବା ପରେ କେବଳ ଭକ୍ତଙ୍କ ଦୁଃଖକଷ୍ଟ ଲାଘବ ଏକମାତ୍ର ଚିନ୍ତନ ରହିଥାଏ। ଗ୍ରାମରେ ମାସର ପ୍ରତି ମଙ୍ଗଳବାର ଏବଂ ଶନିବାର ମା'ଙ୍କ ହୁକୁମ ଲାଗିଥାଏ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଆସି ମା'ଙ୍କ ନିକଟରେ ଗୁହାରିଆ ପଡି ଦୁଃଖ ଜଣାଇଥାନ୍ତି। ସେମାନଙ୍କ କିଭଳି ଦୁଃଖଲାଘବ ହେବ, ମା'ଙ୍କ କୃପା ହେବ ସେଥିପ୍ରତି ଗୁରୁତ୍ୱ ଦେଇଥାଏ। ମା'ଙ୍କ ମହିମାରୁ ଯିଏ ଥରେ ଆସିଛି, ତାର ସକଳ କାମନା ପୂର୍ଣ୍ଣ ହୋଇଛି।



## ରୋଗୀଙ୍କ ଘରୁ ଲୁଟିନେଲେ ୨୦ଲକ୍ଷ ଟଙ୍କାର ସୁନା ଗହଣା

### ରାଜଧାନୀରେ ମାତିଲେ ଝରକା ତଡ଼ା ଗ୍ୟାଙ୍ଗ

ଭୁବନେଶ୍ୱର,୨୨।୩(ତ୍ରିନାଥ ମହାନ୍ତି)

ରାଜଧାନୀରେ ମାତିଲେ ଝରକା ତଡ଼ା ଗ୍ୟାଙ୍ଗ। ଝରକା ଭାଙ୍ଗି ଘରେ ପଶି ଲୁଟିନେଲେ ୨୦ ଲକ୍ଷରୁ ଅଧିକ ଟଙ୍କାର ସୁନା ଗହଣା ସହ ନଗଦ ଟଙ୍କା। ଏୟାରଫିଲ୍ଡ ଥାନା ଅଧୀନ ଜାମୁକୋଳି ବାରିକ ସାହିରେ ରହୁଥିବା ଜଣେ କର୍କଟ ରୋଗୀଙ୍କ ଘରେ ଶନିବାର ରାତିରେ ଏହି ଘଟଣା ଘଟିଛି। ସୁଶାନ୍ତ ବାରିକଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ରବିବାର ରାତି ସୁଦ୍ଧା ଲୁଟେରା ଗ୍ୟାଙ୍ଗ୍‌ର ସୁରାକ ପାଇପାରିନି ପୋଲିସ।

ଅଭିଯୋଗ ଅନୁସାରେ, ସୁଶାନ୍ତ ହେଉଛନ୍ତି ଜଣେ କର୍କଟ ରୋଗୀ। ତାଙ୍କ ଚିକିତ୍ସା ପାଇଁ ବହୁ ଅର୍ଥ ଆବଶ୍ୟକ ପଡୁଥିବାରୁ ସ୍ତ୍ରୀ ଦିନ ରାତି କାମ କରି ପରିବାର ଚଳାଇବା ସହ ଭବିଷ୍ୟତ ଆବଶ୍ୟକତା ପାଇଁ ସୁନା ଓ ଟଙ୍କା ଘରେ ରଖିଥିଲେ। ଶନିବାର ରାତିରେ ଘରେ ସମସ୍ତେ ଶୋଇଥିବା ବେଳେ ଘର ବାହାର ପଟୁ କବାଟ କିଳି ବାରିପଟେ ଝରକା ଭାଙ୍ଗି ଅନ୍ୟ ଘରେ ପଶିଥିଲେ ଚୋର ଦଳ। ସେମାନେ ରାତି ତମାମ ଆତଙ୍କ ଖେଳାଇ ଘରେ ଥିବା ୨୦ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସୁନା ଗହଣା, ଟଙ୍କା ଲୁଟିନେଇ ବାରିପଟ ରାସ୍ତା ଦେଇ ଫେରାର ହୋଇଥିଲେ। ଏପରି କି ସେମାନେ ଘରେ ଥିବା ଛୋଟ ପିଲାଙ୍କ କୁମ୍ପି ଭାଙ୍ଗି ସେଥିରେ ଥିବା ଖୁଚୁରା ପଇସାକୁ ମଧ୍ୟ ନେଇଯାଇଥିଲେ।

## ଜଳ ବ୍ୟବହାରରେ ଲିଙ୍ଗଗତ ସମାନତା ଜରୁରୀ

ଭୁବନେଶ୍ୱର, ୨୨।୩ (ବନ୍ଦନା ସେଠୀ)

ବିଶ୍ୱର ବିକାଶଶୀଳ ଅଞ୍ଚଳରେ ଜଳ ଏବଂ ଲିଙ୍ଗ ବିଶେଷରୂପେ ପରସ୍ପର ସହିତ ଘନିଷ୍ଠ ଭାବେ ଜଡିତ। ତେଣୁ ଜଳ ବ୍ୟବହାରରେ ଲିଙ୍ଗଗତ ସମାନତା ଜରୁରୀ। ସାଧାରଣତଃ ସମାଜରେ ମହିଳା ଏବଂ ଝିଅମାନେ ଘରୋଇ ବ୍ୟବହାର ନିମନ୍ତେ ଜଳ ସଂଗ୍ରହ କରିବାର ପ୍ରାଥମିକ ଦାୟିତ୍ୱ ବହନ କରନ୍ତି। ଗ୍ରାମୀଣ ଅଞ୍ଚଳରେ ସେମାନଙ୍କୁ ପ୍ରାୟତଃ ଦୀର୍ଘ ଦୂରତା ଯାତ୍ରା କରିବାକୁ ପଡ଼ିଥାଏ ଏବଂ ଏଥିରେ ବହୁ ସମୟ ଓ ଶାରୀରିକ ଶକ୍ତି ଖର୍ଚ୍ଚ ହୋଇଥାଏ। ନିରାପଦ ପାଣିର ସୀମିତ ଉପଲବ୍ଧି ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତାକୁ ପ୍ରଭାବିତ କରେ, ଯାହା ମହିଳାମାନଙ୍କୁ ମଧ୍ୟ ଅସାମାନ୍ୟ ଭାବରେ ପ୍ରଭାବିତ କରେ। ଅପର୍ଯ୍ୟାପ୍ତ ଜଳ ଯୋଗାଣ ଋତୁସ୍ରାବକାଳୀନ ପରିଚ୍ଛନ୍ନତା ପରିଚାଳନାକୁ କଷ୍ଟକର କରିଥାଏ। ଜଳ ପରିଚାଳନା ନିଷ୍ପତ୍ତିରେ ମହିଳାଙ୍କ ଭୂମିକା କମ୍ ରହୁଥିବାରୁ ଲିଙ୍ଗଗତ ଅସମାନତା ଆହୁରି ବଢ଼ିଯାଏ ବୋଲି ମତ ପ୍ରକାଶ ପାଇଛି। ବିଶ୍ୱ ଜଳ ଦିବସ ଅବସରରେ ରବିବାର ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ବିକାଶ ଆବାସିକ ବିଦ୍ୟାଳୟ ପକ୍ଷରୁ 'ଜଳ ଏବଂ ଲିଙ୍ଗ' ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦେଇ କହିଲେ, ଜଳ ଓ ଲିଙ୍ଗଗତ ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ଗ୍ରହଣରେ ମହିଳାଙ୍କ ସମାନ ଅଂଶଗ୍ରହଣ, ନିକଟବର୍ତ୍ତୀ ସ୍ୱଚ୍ଛ ଜଳ ଉତ୍ସଗୁଡ଼ିକରେ ସମାନ ପ୍ରବେଶ ସୁଯୋଗ ଏବଂ ସ୍ୱଚ୍ଛତା ଓ ପରିମଳ ଉପରେ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ଅନ୍ତର୍ଭୁକ୍ତି ପଦ୍ଧତି ଆବଶ୍ୟକ। ବିଦ୍ୟାଳୟ ଚେୟାରମ୍ୟାନ ଭି. ଶ୍ରୀନିବାସ ଛାତ୍ରୀଛାତ୍ରଙ୍କୁ ଜଳ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା ପାଇଁ ପ୍ରକୃତିର ଜାଗ୍ରତ ସୈନିକ ଭାବରେ କାର୍ଯ୍ୟ କରିବାକୁ ପଡିବ ବୋଲି କହିଥିଲେ।

# ବିହାର-ଓଡ଼ିଶା ମଧ୍ୟରେ ଦୃଢ଼ ଐତିହାସିକ, ସାଂସ୍କୃତିକ ସମ୍ପର୍କ ରହିଛି

ଭୁବନେଶ୍ୱର, ୨୨।୩ (ବନ୍ଦନା ସେଠୀ)

ବିଭିନ୍ନ ପରମ୍ପରା ପ୍ରତି ପାରସ୍ପରିକ ସମ୍ମାନ ଜାତୀୟ ଏକତାକୁ ସୁଦୃଢ଼ କରିଥାଏ। ଲୋକମାନେ ପରସ୍ପରର ପରମ୍ପରା ପ୍ରତି ଖୋଲା ହୃଦୟରେ ଏବଂ ସମ୍ମାନର ସହିତ ଏକାଠି ହେଲେ ଏକ ଗଭୀର ଆତ୍ମୀୟତାର ଭାବନା ସୃଷ୍ଟି ହୁଏ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ରବିବାର ଲୋକଭବନଠାରେ ବିହାର ରାଜ୍ୟର ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. କମ୍ଭମପାଟି କହିଲେ, ଏପରି ଉତ୍ସବ ଅନେକ ସଂସ୍କୃତି ଦ୍ୱାରା ସମୃଦ୍ଧ ଏକ ରାଷ୍ଟ୍ରର ଧାରଣାକୁ ମଜଭୁତ କରେ। ବିହାର ଏବଂ ଓଡ଼ିଶା ମଧ୍ୟରେ ଦୃଢ଼ ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ରହିଛି। କଳିଙ୍ଗ ଯୁଦ୍ଧର ପରିବର୍ତ୍ତନକାରୀ ପ୍ରଭାବ ସମେତ ମଗଧ ଏବଂ କଳିଙ୍ଗ ମଧ୍ୟରେ ପ୍ରାଚୀନ ସମ୍ପର୍କକୁ ରାଜ୍ୟପାଳ ସ୍ମରଣ କରାଇଥିଲେ। ସମ୍ରାଟ ଅଶୋକଙ୍କ ପରିବର୍ତ୍ତନ, ବୋଧଗୟାରେ ଭଗବାନ ବୁଦ୍ଧଙ୍କ ଜ୍ଞାନପ୍ରାପ୍ତି, ଭଗବାନ ମହାବୀରଙ୍କ ଶିକ୍ଷା ଏବଂ ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟ ବିହାରର ବିଶ୍ୱ ପ୍ରତି ଅବଦାନର ସ୍ଥାୟୀ ପ୍ରତୀକ ଭାବେ ଉଭା ହୋଇଥିଲା। ବିହାରର ସ୍ପନ୍ଦନଶୀଳ ସାଂସ୍କୃତିକ ପରମ୍ପରା, ମଧୁବଣୀ ପେଣ୍ଟିଂ ଏବଂ ଛଟ୍ ଆଦି ପର୍ବଗୁଡ଼ିକ ଉପରେ ରାଜ୍ୟପାଳ ଆଲୋକପାତ କରି ଏହା ମାନବ ଜୀବନ ଏବଂ ପ୍ରକୃତି ମଧ୍ୟରେ ସମନ୍ୱୟକୁ ପ୍ରତିଫଳିତ କରେ ବୋଲି କହିଥିଲେ। ଓଡ଼ିଶାରେ ରହୁଥିବା ବିହାରର ଲୋକଙ୍କୁ ଅଭିନନ୍ଦନ ଜଣାଇ ଓ ବିକାଶ ଏବଂ ସାଂସ୍କୃତିକ ଜୀବନରେ ସେମାନଙ୍କର ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ଅବସରରେ ଓଡ଼ିଶାରେ ବସବାସ କରୁଥିବା ବିହାରର ମୂଳ ବାସିନ୍ଦାମାନେ ସେମାନଙ୍କ ଅଭିଜ୍ଞତା ଓ ଅନୁଭୂତି ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି, ଏଡିଜି ପୋଲିସ (ଆଇନ ଏବଂ ଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ଆକାଉଣ୍ଟାଣ୍ଟ ଜେନେରାଲ ଅତୁଲ ପ୍ରକାଶ ଏବଂ ସହକାରୀ କଲ୍ୟାଣ କମିଶନର ସଞ୍ଜୀବ କୁମାର ବର୍ମା ପ୍ରମୁଖ ବିହାରର ଗରିମାମୟ ଐତିହ୍ୟ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ଅନୁଷ୍ଠାନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଉତ୍ସବରେ ଓଡ଼ିଶାରେ ରହୁଥିବା ବିହାର ଲୋକଙ୍କ ସହ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଓ ଅନ୍ୟ ଅତିଥିମାନେ।

**'ସଖୀ' ପକ୍ଷରୁ ସଚେତନତା କର୍ମଶାଳା**

ପିପିଲି,(ଦୁର୍ଗାମାଧବ ମିଶ୍ର)-'ସଖୀ' ଅନୁଷ୍ଠାନ ତରଫରୁ ଗଣମାଧମ ପ୍ରତିନିଧିଙ୍କ ନିମନ୍ତେ ଏକଦିବସୀୟ ସଚେତନତା କର୍ମଶାଳା ପିପିଲି ନିକଟବର୍ତ୍ତୀ ଦାଣ୍ଡମୁକୁନ୍ଦପୁରସ୍ଥିତ ଶ୍ରୀଗୋପାଳ ଜୀଉ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଟ୍ରାନ୍ସଜେଣ୍ଡର ସୁରକ୍ଷା ଆଇନ ୨୦୧୯-୨୦ରେ ଟ୍ରାନ୍ସଜେଣ୍ଡର ଗୋଷ୍ଠୀଙ୍କ ପାଇଁ ଯେଉଁ ସୁବିଧା ଓ ସୁଯୋଗ ସୃଷ୍ଟି କରାଯାଇଛି, ତାହା କେବଳ ଆଇନରେ ସୀମିତ ନ ରହି ସାମାଜିକ, ଅର୍ଥନୈତିକ ଓ ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟରେ ପରିଣତ କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା। ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ଯଥା ଏସ୍‌ଏଲ୍‌ପିଡି ଡିପାର୍ଟମେଣ୍ଟ ଅଧୀନରେ ସ୍ୱୀକୃତି ଯୋଜନା, ଗରିମା ଗୃହ ମାଧମରେ ସୀମିତ ସମୟ ପାଇଁ ବାସସ୍ଥାନର ବ୍ୟବସ୍ଥା, ଧନ୍ଦାମୂଳକ ତାଲିମ ଆଦିର ବ୍ୟବସ୍ଥା ରହିଛି।

# ଜାଗୃତି ମହୋତ୍ସବ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ପିପିଲି,୨୨।୩(ଦୁର୍ଗାମାଧବ ମିଶ୍ର / ପ୍ରଭାତ କୁମାର ମହାପାତ୍ର)**

ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ଅନୁଷ୍ଠିତ ଜାଗୃତି ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଯୋଗଦେଇ ସଂସ୍କୃତି ସମ୍ପନ୍ନ ଏହି ମହୋତ୍ସବର ପ୍ରୟୋଗକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ଅଭିନେତା ଅରିନ୍ଦମ ରାୟ, ଭାଜପା ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥି, ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ସିନେ ଅଭିନେତ୍ରୀ ନମ୍ରତା ଦାସ, ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ହାସ୍ୟ ଅଭିନେତା ଜ୍ଞାନ ବାରିକ, ସିନେ ଅଭିନେତା ଚନ୍ଦନ କର, ସିନିୟର୍ ଆଡଭୋକେଟ ନିଶିକାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, କଣ୍ଠଶିଳ୍ପୀ ରଶ୍ମିତା ଦାସ ପ୍ରମୁଖ ଯୋଗଦେଇ ପ୍ରମୁଖ ଯୋଗଦେଇ ଓଡ଼ିଆ ସଂସ୍କୃତି ଐତିହ୍ୟସମ୍ପନ୍ନ କାର୍ଯ୍ୟକ୍ରମର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ସ୍ଥାନୀୟ କଣ୍ଠଶିଳ୍ପୀ ସାରଦା ନନ୍ଦ ପ୍ରଧାନ, ଅନୁଷ୍ଠାନ ଉପଦେଷ୍ଟା ତଥା ସଙ୍ଗୀତ ନିର୍ଦ୍ଦେଶକ ଡ. ସଚ୍ଚିକାନ୍ତ ନାୟକଙ୍କ ନିର୍ଦ୍ଦେଶନାରେ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସୁମଧୁର ଗୀତ ସଙ୍ଗୀତ ଓ ନୃତ୍ୟ ପରିବେଷଣ ସମସ୍ତ ଦର୍ଶକଙ୍କ ହୃଦୟକୁ ଛୁଇଁଥିଲା। ଓଡ଼ିଶାର ସ୍ୱନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମଧ୍ୟ ରାତ୍ରପର୍ଯ୍ୟନ୍ତ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ବେଳେ ମିଡିଆ ଆବାହକ ତଥା ସାମ୍ବାଦିକ ମନୋରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ବିଭୂତି ସାମନ୍ତରାୟ, ଉପସଭାପତି ମନୋଜ ପ୍ରଧାନ, ସୁରେନ୍ଦ୍ର ମହାପାତ୍ର, ବିକାଶ ଅଗ୍ରୱାଲ, ସତୀଶ ପାଣିଗ୍ରାହୀ, ମୁନୁ ଅଗ୍ରୱାଲ, ପ୍ରଫୁଲ୍ଲ ସାହୁ, ବାପୁ ବେହେରା, ସମ୍ପଦ ମହାପାତ୍ର, ପ୍ରଫୁଲ୍ଲ ପ୍ରଧାନ, ପ୍ରୀତମ ବେହେରା, ଚନ୍ଦନ ମହାନ୍ତି, ପିନାକୀ ଦାଶ, ଗଜେନ୍ଦ୍ର ବେହେରାଙ୍କ ସହ ଜାଗୃତି ସଂଗଠନର ସମସ୍ତ ସଭ୍ୟାସଭ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୨।୩।୨୦୨୬

| | |
|---|---|
| ୮,୧୨,୧୩୩ ଟଙ୍କା | |
| ସୁନା | ୮.୯୦୦ ଗ୍ରାମ୍ |
| ରୁପା | ୮୪.୫୦୦ ଗ୍ରାମ୍ |

**ସଂକ୍ଷେପରେ**

## ଶହୀଦ ଦିବସରେ ୨୯ ୟୁନିଟ୍ ରକ୍ତ ସଂଗ୍ରହ

**ପୁରୀ,୨୨।୩ (ଅଜିତ୍ କୁମାର ମହାନ୍ତି)**

କୁମ୍ଭାରପଡ଼ା ବଡଜାଗା ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିର ପୁରୀ ବକ୍ସିଂ ଏକାଡେମୀ ଆନୁକୂଲ୍ୟରେ ଶକ୍ତି ଓ କଲ୍ୟାଣୀ ଆରୋଗ୍ୟ ମହିଳା ସମିତି ସହଯୋଗରେ ଆୟୋଜିତ ହୋଇଯାଇଛି। ଶିବିରକୁ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୁରୀ ବକ୍ସିଂ ଏକାଡେମୀ ପ୍ରତିଷ୍ଠାତା ସୁଦର୍ଶନ ସାହୁ, ସ୍ମିତାଞ୍ଜଳି ପତି, ସନ୍ତୋଷ ମିଶ୍ର ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଶିବିର ସହିଦ ଦିବସ ଅବସରରେ ଆୟୋଜନ କରାଯାଇଥିଲା। ଶିବିରରେ ମୋଟ ୨୯ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଶିବିରକୁ ମନୋଜ ମହାପାତ୍ର, ମନୋଜ ବେହେରା, ଜାବିର ଖାଁ, ସଂଯୁକ୍ତା ସ୍ୱାଇଁ, ମାମିନା ସିହ୍ନା, ପ୍ରକାଶ ଗୋଛାୟତ ପ୍ରମୁଖ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ।

## ବିଶ୍ୱ ଜଳ ଦିବସ ପାଳିତ

**ଅସ୍ତରଙ୍ଗ,୨୨।୩(ମମତା ଜେନା)**

ପୁରୀ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋଲାର ଆନୁକୂଲ୍ୟରେ ଲିଭିଫୁଏର ଫାଉଣ୍ଡେଶନ ମିଳିତ ସହାୟତାରେ କାକଟପୁର ବ୍ଲକ ଓଥକା ପଞ୍ଚାୟତ ନରଣପୁର ଗ୍ରାମରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। କୋଣାର୍କ ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଶମନର ଆବାହକ ହରିଶ ଚନ୍ଦ୍ର ଦାଶ ଯୋଗଦେଇ ଜଳ ଦିବସର ତାତ୍ପର୍ଯ୍ୟ ତଥା ଜଳ ଓ ମହିଳାଙ୍କର ସହଯୋଗ ରହିଲେ ଜଳର ସୁପରିଚାଳନା ଓ ସଦ୍‌ବ୍ୟବହାର ହୋଇପାରିବ ଏବଂ ଏଥିପ୍ରତି ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ସହଯୋଗ ଓ ଜଳର ସୁବଣ୍ଟନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସଂଯୋଜକ ଚିତ୍ତରଞ୍ଜନ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ୱାର୍ଡସଭ୍ୟ ବାସୁଦେବ ସେଠୀ, କ୍ଷେତ୍ରକର୍ମୀ ଅକ୍ଷୟ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ତଥା ଯୋଗାଚାର୍ଯ୍ୟ ମହେଶ୍ୱର ସାମଲ, ରମେଶ ଚନ୍ଦ୍ର ପଣ୍ଡା, ସମାଜସେବିକା ମମତା ମହାରଣା, ରାମଚନ୍ଦ୍ର ପ୍ରହରାଜ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ମାଛ ଗୋଦାମ ମାଲିକଙ୍କ ମୃତଦେହ ଜବତ

**କାକଟପୁର/ଅସ୍ତରଙ୍ଗ, ୨୨।୩ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)**

ଗଛରେ ଝୁଲନ୍ତା ଅବସ୍ଥାରେ ଅସ୍ତରଙ୍ଗ ଅଞ୍ଚଳର ମାଛ ଗୋଦାମ ମାଲିକ ଭୂପେଶ କୁମାର ଜେନା ଓରଫ ବାପିଙ୍କ ମୃତଦେହ ଝୁଲୁଥିବା ରବିବାର ସକାଳୁ ସ୍ଥାନୀୟ ଅଞ୍ଚଳବାସୀ ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ କାକଟପୁର ଥାନାରେ ଅଭିଯୋଗ ହେବା ପରେ ୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୋଲିସ ବିଭିନ୍ନ ଦିଗକୁନେଇ ତଦନ୍ତ ଜାରିରଖିଛି। ପ୍ରଶ୍ନ ଉଠୁଛି, ଏହା ଆତ୍ମହତ୍ୟା ନା ହତ୍ୟା ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ।

## ଡେଲାଙ୍ଗ ଷ୍ଟେଶନରୁ ଯୁବକଙ୍କ ମୃତଦେହ ଜବତ

**ସାକ୍ଷୀଗୋପାଳ,୨୨।୩(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

ଡେଲାଙ୍ଗ ଷ୍ଟେଶନର ୧ନଂ. ପ୍ଲାଟ୍‌ଫର୍ମରେ ଜଣେ ବ୍ୟକ୍ତି ସଂଜ୍ଞାହୀନ ଅବସ୍ଥାରେ ପଡ଼ି ରହିଥିବା ଦେଖି ଷ୍ଟେଶନ ମାଷ୍ଟର ସାକ୍ଷୀଗୋପାଳ ରେଲ୍‌ୱେ ପୋଲିସକୁ ଜଣାଇଥିଲେ। ଖବରପାଇ ରେଲ୍‌ୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ହାଟଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଯୁବକଙ୍କ କୌଣସି ପରିଚୟ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ପରିଚୟ ଚିହ୍ନଟ ପାଇଁ ପୁରୀ ମେଡିକାଲରେ ଶବକୁ ସଂରକ୍ଷିତ ରଖାଯାଇଛି।



ପୁରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ କଣ୍ଢେଇ ଦିବସ ଅବସରରେ ଶିଶୁବାଟିକାର ଶିଶୁମାନଙ୍କୁ ସାମାଜିକ ଚଳଣି ସମ୍ପର୍କରେ ସଚେତନ କରାଯାଉଛି ।

# ଆଇନ ସଚେତନତା ଶିବିର

**ପୁରୀ,୨୨।୩(ଅଜିତ୍ କୁମାର ମହାନ୍ତି)**

ଜିଲା ଆଇନ ସେବା ପ୍ରାଧିକରଣର ଭରପ୍ରାପ୍ତ ଅଧ୍ୟା ତଥା ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ ଚିନ୍ମୟୀ ଦେହୁରିଙ୍କ ନିର୍ଦ୍ଦେଶ ଅନୁଯାୟୀ, ରବିବାର ସିଭିଲ୍ କୋର୍ଟ ପରିସରରେ ବିଶ୍ୱ ଜଳ ଦିବସ ଉପଲକ୍ଷେ ବିକଳ୍ପ ସମାଧାନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର କାର୍ଯ୍ୟକାରୀ ସଚିବ ପ୍ରଜ୍ଞା ପଣ୍ଡା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଜଳହିଁ ଜୀବନ, ବିନା ଜଳରେ ଜୀବଜଗତ ତିଷ୍ଠିରହିବା କଷ୍ଟକର ଏବଂ ବିଶ୍ୱରେ କିଭଳି ଭାବେ ଦିନକୁ ଦିନ ଜଳସଙ୍କଟ ଦେଖାଦେଉଛି। କ'ଣ କଲେ ଉକ୍ତ ସଙ୍କଟରୁ ମୁକ୍ତି ମିଳିବ ଏ ସମ୍ପର୍କରେ ଆଲୋଚନା କରିଥିଲେ। ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନସେବା କ'ଣ ଏବଂ ଆଇନସେବା ପାଇବା ପାଇଁ କେଉଁ କେଉଁମାନେ ଯୋଗ୍ୟ ସେହି ବିଷୟରେ ଆଲୋକପାତ କରାଇଥିଲେ। କାର୍ଯ୍ୟକ୍ରମରେ ସିଭିଲ୍ କୋର୍ଟର ବିଚାର ବିଭାଗୀୟ ବିଚାରପତି ଓ ସମସ୍ତ ମହିଳା କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଆଇନସେବା ପ୍ରାଧିକରଣ ତରଫରୁ ଧନ୍ୟବାଦ ଅର୍ପଣ ସହ ଆଇନସେବାର ଉପଯୋଗୀତା ଓ ଉପଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ଏବଂ ଏହା କିପରି ଜନସାଧାରଣଙ୍କ ଉପଯୋଗୀ ହୋଇପାରିବ ଏଥିପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରାଧିକରଣ କର୍ମଚାରୀ ସହଯୋଗ କରିଥିଲେ।

## ଭେଙ୍କଟେଶ୍ୱର ସ୍କୁଲର ବାର୍ଷିକ ଉତ୍ସବ



ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**କୋଣାର୍କ,୨୨।୩(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ରବିବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରସାଦ ରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ଅତିଥି ଭାବେ ଓସେପା ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ଭୂଷଣ ସାମର୍ଥ, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକ, ଆର୍ଯ୍ୟଭଟ୍ଟ ଏକାଡେମୀ ଅଧ୍ୟକ୍ଷା ଡ. ଦୀପ୍ତିମୟୀ ମହାନ୍ତି, ଅଭିନେତା ଜଗଦୀଶ ପ୍ରୀତିରାଜ ଶତପଥି, ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ୍ ଗୁଣନିଧି ମୁଦୁଲି, ନିର୍ଦ୍ଦେଶକ ମାନସ କୁମାର ମୁଦୁଲି, ସମ୍ପାଦକ ପ୍ରତାପ ମୁଦୁଲି ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ଉନ୍ନତି କାମନା କରିବା ସହିତ ଆଗାମୀ ଭବିଷ୍ୟତ ପାଇଁ ଛାତ୍ରୀଛାତ୍ରମାନେ ନିଜକୁ ପ୍ରସ୍ତୁତ ରଖିବାକୁ ଉପଦେଶ ଦେଇଥିଲେ। ଶେଷରେ ସ୍କୁଲର ପିଲାମାନଙ୍କ ଦ୍ୱାରା ଚିତ୍ତାକର୍ଷକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସ୍ୱାତି ସୁଚରିତା ଦାଶ ସଞ୍ଚାଳନ କରିଥିବାବେଳେ ଶିକ୍ଷୟିତ୍ରୀ ବିସ୍ମିତା ମହାପାତ୍ର, ସଂଘମିତ୍ରା ତ୍ରିପାଠୀ, ଗୀତାଞ୍ଜଳି ମହାରଣା, ସସ୍ମିତା ଖଟୋଇ, ବିଶ୍ୱଜିତ ବେହେରା, ଶ୍ରଦ୍ଧାଞ୍ଜଳି ପ୍ରିୟଦର୍ଶିନୀ ସାହୁ, ଲକ୍ଷ୍ମିପ୍ରିୟା ମହାପାତ୍ର, ଅନୁପମା କର, ଅମୀୟ ବାରିକ ଓ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କର୍ମକର୍ତ୍ତା ପ୍ରମୁଖ ପରିଚାଳନା କରିଥିଲେ।

## ପିପିଲି ନୂଆଶାସନ ପାଟଣାସାହି ମନ୍ଦିରରୁ ଚୋରି

**ପିପିଲି,୨୨।୩(ଦୁର୍ଗାମାଧବ ମିଶ୍ର)**

ଶହ ଶହ ବର୍ଷର ପୁରୁଣା ମନ୍ଦିର ଉପରେ ଏବେ ଦୁର୍ବୃତ୍ତଙ୍କ ନଜର ପଡ଼ିଛି। ପିପିଲି ଥାନା ଅନ୍ତର୍ଗତ ନୂଆଶାସନ ପାଟଣାସାହିର ପ୍ରାଚୀନ ରାଧାକୃଷ୍ଣ ମନ୍ଦିରରେ ଶନିବାର ବିଳମ୍ବିତ ରାତିରେ ଏକ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଛନ୍ତି। କେବଳ ସେତିକି ନୁହେଁ, ଚୋରମାନେ ଭକ୍ତି ଓ ଆସ୍ଥାକୁ ମଧ୍ୟ ଅପମାନିତ କରିଛନ୍ତି। ରବିବାର ସକାଳେ ଯେତେବେଳେ ପୂଜକ ଗୋବିନ୍ଦ ଚନ୍ଦ୍ର ଦାଶ ମନ୍ଦିରରେ ପହଞ୍ଚିଥିଲେ, ସେତେବେଳେ ସେ ଦେଖିଲେ ଯେ ମନ୍ଦିରର ସମସ୍ତ ଜିନିଷ ଚାରିଆଡ଼େ ପଡ଼ିଛି ଏବଂ ମୂଲ୍ୟବାନ୍ ସାମଗ୍ରୀଗୁଡ଼ିକ ଗାଏବ ଅଛି। ଏହା ଦେଖି ସେ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଖବରପାଇ ପିପିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଘଟଣାସ୍ଥଳରେ ସନ୍ଧାନୀ କୁକୁର ସହାୟତାରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୬ଷ୍ଠ ବାର୍ଷିକ ସାରସ୍ୱତ ସମାବେଶ



ସାରସ୍ୱତ ସମାବେଶରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

**ଡେଲାଙ୍ଗ,୨୨।୩(ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗଡ଼ମୋଚରାସ୍ଥିତ ବାବା ବାଲୁଙ୍କେଶ୍ୱର ଦେବ ପୀଠରେ ଶ୍ରୀସତ୍ୟନାରାୟଣ ଦେବ ସାହିତ୍ୟ ସମାରୋହ ରବିବାର ୬ଷ୍ଠ ବାର୍ଷିକ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମହେନ୍ଦ୍ର କୁମାର ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ସମାରୋହରେ ବିଶିଷ୍ଟ ନାଟ୍ୟକାର ତଥା ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ, ବିଶିଷ୍ଟ ଗୀତି କବି ବିପିନ ମହାନ୍ତି, ଅଧ୍ୟାପିକା ସୁଧାଂଶୁବାଳା ସାହୁ, ଶିଶୁ ସାହିତ୍ୟିକ ବିପିନ ଦଳେଇ, କବି ଗୋଲଖ ବିହାରୀ ନାୟକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଚନ୍ଦ୍ରଶେଖର ମହାନ୍ତି, ବର୍ଷୀୟାନ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ, ଜଳନ୍ଧର ସ୍ମୃତି ସାହିତ୍ୟ ସଂସଦ ସଭାପତି ଦିଲ୍ଲୀପ ଧାଉଡ଼ିଆ ପ୍ରମୁଖ ଯୋଗଦେଇଥିଲେ। ସାହିତ୍ୟ ସଂସଦ ସଭାପତି ରୋହିତ କୁମାର ଚମ୍ପତି ଅତିଥି ପରିଚୟ ପ୍ରଦାନ କରିବା ସହ କବି ଓ କବୟିତ୍ରୀଙ୍କୁ ସ୍ୱାଗତ କରିଥିଲେ। ଅତିଥିମାନେ ବାଗ୍‌ଦେବୀ ମା' ସରସ୍ୱତୀଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ତଥା କବି ହରିହର ବଳବନ୍ତରାୟ ସାହିତ୍ୟ ସଂସଦର ଲକ୍ଷ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ତଥା କବୟିତ୍ରୀ ସୌଦାମିନୀ ବେହେରା ଓ ଆଇନଜୀବୀ ତଥା କବି ବିକ୍ରମ କେଶରୀ ଚମ୍ପତିଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ୱରଚିତ କବିତା ଆବୃତ୍ତି କାର୍ଯ୍ୟକ୍ରମରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ବାଲେଶ୍ୱର, ଜଗତ୍‌ସିଂହପୁର ଜିଲା ସମେତ ଭୁବନେଶ୍ୱର ଆଦି ଅଞ୍ଚଳର ଶତାଧିକ କବି ଓ କବୟିତ୍ରୀ ଅଂଶଗ୍ରହଣ କରିଥିଲେ। କବିତା ସଂକଳନ ପୁସ୍ତକ ଓ ସମ୍ପାଦକ ହରିହର ବଳବନ୍ତରାୟଙ୍କ ଲିଖିତ ନିଶାନ୍ତର ନୀରବତା ପୁସ୍ତକ ଅତିଥିଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା।

# ବଡ଼ଗୋଠ ରାସ୍ତା ଓ ଗୋଦାମ ଗୃହ ଶିଳାନ୍ୟାସ

**କଣାସ,୨୨।୩(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତର ଗୋପୀନାଥପୁର ଠାରେ ପୁରୀ ଏମ୍‌ପି ସମ୍ବିତ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ୨ଟି କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଗୋପୀନାଥପୁର ସମବାୟ ସମିତି କାର୍ଯ୍ୟାଳୟ ଓ ଗୋଦାମ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଗୋପୀନାଥପୁର ଠାରୁ ବଡ଼ଗୋଠ ପର୍ଯ୍ୟନ୍ତ ୩ କି.ମି. ରାସ୍ତା ଉନ୍ନତୀକରଣ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବଡ଼ଗୋଠ ପର୍ଯ୍ୟନ୍ତ ରାସ୍ତା ନିମନ୍ତେ ୨କୋଟି ଟଙ୍କା ଓ ବଡ଼ଗୋଠ ତ୍ରିବେଣୀ ଘାଟରେ ତୁଠ ଓ ପୂଜା ମଣ୍ଡପ ପାଇଁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ବିଧାୟକ ପ୍ରକାଶ କରିଛନ୍ତି। ବଡ଼ଗୋଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅବଗତ କରାଇଥିବା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜଳସମ୍ପଦ ବିଭାଗର ଏସ୍‌ସି ସୌରଭ କୁମାର ସାହୁ, ଏସ୍‌ଡିଓ ପାକିଜା ହୁସେନ, ସହକାରୀ ଯନ୍ତ୍ରୀ ସନତ ମଲ୍ଲିକ, ଜିଲା ପରିଷଦ ସଭ୍ୟା ଲତାମଣି ଜଗଦେବ, ଆତ୍ମା ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ସାହୁପଡ଼ା ସରପଞ୍ଚ ଭିକାରୀ ବଳିୟାରସିଂହ, ଗଡ଼ିଶାଗୋଦା ସରପଞ୍ଚ ମଧୁସୂଦନ ସାହୁ, ବନମାଳୀ ରାଉତ, ଧବଳେଶ୍ୱର ନାୟକ, ଅଜୟ ପ୍ରଧାନ, ପଦ୍ମନାଭ ବେହେରା, ସୁଶାନ୍ତ ମହାରଥୀ, ଶିଶିର ହରିଚନ୍ଦନ, ରାଜକିଶୋର ସାମନ୍ତରାୟଙ୍କ ସମେତ ଦଳୀୟ କର୍ମକର୍ତ୍ତା ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ଓମ୍ ପ୍ରକାଶ ମିଶ୍ର ଶିଳାନ୍ୟାସ କରୁଛନ୍ତି ।

## ଭାରତ ବିକାଶ ପରିଷଦର ବାର୍ଷିକ ସାଧାରଣ ସଭା

**ସାକ୍ଷୀଗୋପାଳ,୨୨।୩(ଭରତ ରାଉତ)**

ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖାର ୨୦୨୫-୨୬ ମସିହା ପାଇଁ ବାର୍ଷିକ ସାଧାରଣ ସଭା ପଟ୍ଟନାଇକିଆ ସାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଇବାବାଙ୍କୁ ପୂଜାର୍ଚ୍ଚନା ପରେ ସଭାଗୃହରେ ଭାରତ ମାତା ଓ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସମସ୍ତ ସଭ୍ୟ ସଭ୍ୟା ଦଣ୍ଡାୟମାନ ହୋଇ ବନ୍ଦେ ମାତରଂ ଗାନ କରିଥିଲେ। ପରେ ପରେ ପଣ୍ଡିତ ନିରଞ୍ଜନ ମହାପାତ୍ର, କବି ବିଶାଖା ଦେବୀ, ବସନ୍ତ କୁମାର ମିଶ୍ର, ଦିଗମ୍ବର ମହାପାତ୍ର ଓ ବନ୍ଦନା ଦାସ ଭକ୍ତିସଙ୍ଗୀତ ଗାନ କରିଥିଲେ। ସଭାରେ ଶାଖାର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ଚଳିତବର୍ଷର ସମସ୍ତ କାର୍ଯ୍ୟକ୍ରମ ଶାଖାର ସମ୍ପାଦକ ବିଜୟ କୁମାର ପରିଡ଼ା ବିବରଣୀ ପାଠ କରିଥିଲେ।

## ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର

**ଅସ୍ତରଙ୍ଗ,୨୨।୩(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ଜାଗୁଳାଇ ପଡ଼ିଆରେ ଓଡ଼ିଶା ମହିଳା କମିଶନ ତରଫରୁ ତଥା ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ସହଯୋଗରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ତନୁପ୍ରଭା ବେଉରା ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର, ମୁଖ୍ୟବକ୍ତା ଭାବେ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ସମ୍ମାନିତ ଅତିଥି ଭାବେ ବିଡିଓ ସସ୍ମିତା ବେହେରା, ଶିଶୁ ବିକାଶ ଅଧିକାରିଣୀ ଲୋଚନା ସେଠୀ, ଜିଲାର ପ୍ରୋଗ୍ରାମ ଅଧିକାରିଣୀ ସୁହାଗି ହେମ୍ବ୍ରମ, ଶକ୍ତି ସଦନ, ସଖୀ ସେଣ୍ଟର କର୍ମକର୍ତ୍ତା, ଜନ ପ୍ରତିନିଧି, ଛାତ୍ରୀ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମା' ଓ ଭଉଣୀ, କିଶୋରୀ ବାଳିକା ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର ନାରୀମାନେ ଆଜିର ସମାଜରେ ସମ୍ମାନର ସହିତ କିପରି ସୁରକ୍ଷିତ ଭାବେ ପରିବାରରେ ରହିବା ଦରକାର ସେ ନେଇ ମତବ୍ୟକ୍ତ କରିଥଲେ। କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ସାହୁ ବିଭିନ୍ନ ମହିଳା ସୁରକ୍ଷିତ ଆଇନ ବିଷୟରେ ତାଲିମ ପ୍ରଦାନ କରିଥିଲେ।



ସଚେତନତା ଶିବିରରେ ଉପସ୍ଥିତ ଅଧିକାରୀଙ୍କ ସହ ମହିଳାମାନେ ।

# ସଂସ୍କୃତି, ପରମ୍ପରା ବଞ୍ଚାଇ ରଖିବାରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଗୋପ ଲୋକ ଉତ୍ସବର ୫ମ ସନ୍ଧ୍ୟା**

**ଗୋପ,୨୨।୩(ଭାରତୀ ଭୂଷଣ ଉପାଧ୍ୟାୟ)**

ସଂସ୍କୃତି, ପରମ୍ପରା ବଞ୍ଚାଇ ରଖିବା କ୍ଷେତ୍ରରେ ଓଡ଼ିଆ ଘରର ମହିଳାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଗୋପ ଲୋକ ଉତ୍ସବର ୫ମ ସନ୍ଧ୍ୟାରେ ଜଗତ୍‌ସିଂହପୁର ଏମ୍‌ପି ବିଭୂପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଲୋକ ଉତ୍ସବ କମିଟିର ସମ୍ପାଦକ ତଥା ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଆଇନଜୀବୀ ସୁଧୀର କୁମାର ମହାନ୍ତି, ରଞ୍ଜିତ କୁମାର ସାହୁ, ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି, ନାଟ୍ୟକାର ବିଜୟ କୁମାର ମହାନ୍ତି, ପୂର୍ବତନ କମିଟି ସଭାପତି ନରେନ୍ଦ୍ର ଦାଶ, ବିଭୂତି ଭୂଷଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ଗୋପ ମହିଳା ମହାସଂଘ ପକ୍ଷରୁ ମ୍ୟୁଜିକ ଚେୟାର, ହୁଳହୁଳି, କାନ୍ଦଣା, ହୁଳହୁଳି, ନୃତ୍ୟ ଗୀତ ସହିତ ଆଉ କେତେକ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷ ଭାଗରେ ଯୋଗ ଦେଇଥିବା ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳା ଗୋଷ୍ଠୀ ଓ ଗୋଷ୍ଠୀର ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଭାଷ୍ୟକାର ସଂଗ୍ରାମ କେଶରୀ ଭୋଳ, କାର୍ତ୍ତିକ ପ୍ରଧାନ, ଜଟାଧାରୀ ବେହେରା, ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।



ଲୋକ ଉତ୍ସବର ୫ମ ସନ୍ଧ୍ୟାରେ ଏମ୍‌ପି ବିଭୂପ୍ରସାଦ ତରାଇ ଜଣେ ମହିଳାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ବିଜେଡି ଛାଡ଼ିଲେ ସୌମ୍ୟଦୀପ

କଟକ,(କୁମାରଶ୍ରୀ): କଟକ ମହାନଗର ବିଜୁ ଜନତା ଦଳର ପୂର୍ବତନ ସଭାପତି ସୌମ୍ୟଦୀପ ଘୋଷ ଦଳ ଛାଡ଼ିଛନ୍ତି। ଏ ନେଇ ସେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ନିକଟକୁ ଇସ୍ତଫାପତ୍ର ଦେଇଛନ୍ତି। ସୌମ୍ୟଦୀପ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ୨୦୦୩ ମସିହାରୁ ସେ ଶୃଙ୍ଖଳିତ କର୍ମୀ ଭାବେ ଦଳରେ ରହିଥିଲେ। ଦଳର ସମସ୍ତ କାର୍ଯ୍ୟକୁ ସୁଚାରୁରୂପ ତୁଲାଉଥିଲେ। କିନ୍ତୁ ଅଣଓଡ଼ିଆ ଅଦୃଶ୍ୟ ଶକ୍ତି ଦ୍ୱାରା ଦଳ ଭୁଲ ଭାବେ ପରିଚାଳିତ ହେଉଛି, ଯାହାର ପରିଣାମ ହେଉଛି ଗତ ସାଧାରଣ ନିର୍ବାଚନରେ ବିଜେଡିର ପରାଜୟ। ଅନ୍ୟ ଦଳରୁ ଆସୁଥିବା ନେତାଙ୍କୁ ଏବେ ଅଗ୍ରାଧିକାର ମିଳୁଥିବା ବେଳେ ପୁରୁଖା ନେତାଙ୍କୁ କଣଠେସା କରାଯାଉଛି। ଏଥିସହ ସେ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି।

**ସଂକ୍ଷେପରେ**

## 'ବିଚାର ବ୍ୟବସ୍ଥାରେ ସଂସ୍କାର ଲୋଡ଼ା'

କଟକ,୨୨।୩(କାର୍ତ୍ତିକ ସାହୁ)

ସୋସାଇଟି ଫର୍ ଫାଷ୍ଟ ଜଷ୍ଟିସ୍ ପକ୍ଷରୁ ନ୍ୟାୟ ବ୍ୟବସ୍ଥାରେ ସଂସ୍କାର ପାଇଁ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ସେମିନାର ଟାଉନ ହଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କଟକ ଶାଖା ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସେମିନାର୍‌ରେ ମୁଖ୍ୟବକ୍ତା ଭାବେ କଟକ ସଦର ବିଧାୟକ ପ୍ରକାଶ ସେଠୀ ଯୋଗଦେଇ ନ୍ୟାୟ ବ୍ୟବସ୍ଥାରେ ସଂସ୍କାର ପାଇଁ କେନ୍ଦ୍ର ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସର୍ବଭାରତୀୟ ସଭାପତି ଭଗବାନ ଭାଇ ରୟିୟାନୀ, ସମ୍ପାଦକ ଆଶିଷ ମେହେଟା, ଆବାହକ ପ୍ରବୀଣ ପଟେଲ, ରାଜ୍ୟ ସଭାପତି ଯୁଧିଷ୍ଠିର ମହାରଣା, ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ବିଚାର ବ୍ୟବସ୍ଥାରେ ସଂସ୍କାର ଲୋଡ଼ା ବୋଲି ମତବ୍ୟକ୍ତ କରିଥିଲେ। ନୀହାର ରଞ୍ଜନ ଦାସ ଅତିଥି ପରିଚୟ ଓ ସୁଶାନ୍ତ ସାମଲ ବିବରଣୀ ପାଠ କରିଥିଲେ।

# ୨୬ରୁ କଟକ-ବୈଶାଖୀ ବାଣିଜ୍ୟମେଳା

କଟକ,୨୨।୩(କାର୍ତ୍ତିକ ସାହୁ)

କଟକର ଐତିହାସିକ ବାଲିଯାତ୍ରା ପଡ଼ିଆରେ ଚଳିତ ମାର୍ଚ୍ଚ ୨୬ରୁ ଏପ୍ରିଲ ୫ ପର୍ଯ୍ୟନ୍ତ କଟକ-ବୈଶାଖୀ ବାଣିଜ୍ୟ ମେଳା ଅନୁଷ୍ଠିତ ହେବ। ଚଳିତ ଥର ୨୨ ବର୍ଷରେ ପଦାର୍ପଣ କରିଥିବା ଏହି ବାଣିଜ୍ୟ ମେଳାରେ ଏସି ହ୍ୟାଙ୍ଗର ଷ୍ଟଲରେ ଦେଶବିଦେଶରୁ ବହୁ ବାଣିଜ୍ୟିକ ପ୍ରତିଷ୍ଠାନ ଅଂଶଗ୍ରହଣ କରିବେ। ଓଡ଼ିଶା ସମେତ ୨୨ଟି ରାଜ୍ୟର କ୍ଷୁଦ୍ର, ମଧ୍ୟମ ଓ ବୃହତ ଔଦ୍ୟୋଗିକ ପ୍ରତିଷ୍ଠାନ ଏବଂ ଜଣାଶୁଣା ଉଦ୍ୟୋଗୀମାନେ ଅଂଶଗ୍ରହଣ କରିବେ। ଚଳିତ ବର୍ଷ ବାଣିଜ୍ୟ ମେଳାରେ ୫୭୪ଟି ଷ୍ଟଲ ଖୋଲିବାର ଯୋଜନା ରହିଛି। ଏହି ଅବସରରେ କଣ୍ଠଶିଳ୍ପୀ ତୃପ୍ତି ଦାସଙ୍କୁ ଚଳିତ ବର୍ଷ ରୁଚି ବୈଶାଖୀ ସମ୍ମାନରେ ସମ୍ମାନିତ କରାଯିବ ବୋଲି କଟକ ବୈଶାଖୀ ବାଣିଜ୍ୟ ମେଳା କମିଟି ପକ୍ଷରୁ ରବିବାର ବାରବାଟୀ ଗେଷ୍ଟହାଉସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ସୂଚନାନୁସାରେ, ଆଫଗାନିସ୍ତାନ, ଥାଇଲାଣ୍ଡ, ବାଂଲାଦେଶ, ମାଲେସିଆ, ଦୁବାଇ, ଇରାନ ଓ ତୁର୍କୀ ସମେତ କେତେକ ରାଷ୍ଟ୍ରର ଉଦ୍ୟୋଗୀଙ୍କ ବିଭିନ୍ନ



ବାଣିଜ୍ୟମେଳା ସମ୍ପର୍କରେ କମିଟି ପକ୍ଷରୁ ସୂଚନା ଦିଆଯାଉଛି।

- ଭାଗ ନେବେ ୧୦ ଦେଶ ଓ ୨୨ ରାଜ୍ୟର ବ୍ୟବସାୟୀ
- କଣ୍ଠଶିଳ୍ପୀ ତୃପ୍ତି ଦାସ ପାଇବେ ରୁଚି ବୈଶାଖୀ ସମ୍ମାନ

ସୌଖିନ ଓ ଘରକରଣା ସାମଗ୍ରୀ ଓ ଶୁଖିଲା ଖାଦ୍ୟସାମଗ୍ରୀ ଏସି ହ୍ୟାଙ୍ଗର ଷ୍ଟଲରେ ସ୍ଥାନ ପାଇବ। ସେହିଭଳି ଦିଲ୍ଲୀ, ଉତ୍ତରପ୍ରଦେଶ, ହରିୟାଣା, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ, ମଣିପୁର, ଆସାମ, ଜମ୍ମୁକଶ୍ମୀରର ବ୍ୟବସାୟୀମାନେ ସେମାନଙ୍କ କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ବିକ୍ରୟ କରିବେ। ଓଡ଼ିଶାର ବିଭିନ୍ନ ଜିଲାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବହୁ ପ୍ରତିଷ୍ଠିତ ଉଦ୍ୟୋଗୀ ଅଂଶଗ୍ରହଣ କରିବେ। ମେଳା ବୁଲିବାକୁ ଆସୁଥିବା ଜନସାଧାରଣଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଫୁଡ୍‌କୋର୍ଟ ଷ୍ଟଲ ଖୋଲାଯିବ। ଓଡ଼ିଶାର ପାରମ୍ପରିକ ଖାଦ୍ୟ ମୁଢ଼ି ମାଂସ, ଛେନାଝିଲି, ରସାବଳୀଠାରୁ ରାଜସ୍ଥାନୀ ଖାଦ୍ୟ ଓ ସମସ୍ତ ପ୍ରକାର ଫାଷ୍ଟଫୁଡ୍ ଉପଲବ୍ଧ ହେବ। କଟକର ପ୍ରସିଦ୍ଧ ଦହିବରା ବ୍ୟବସାୟୀ ରଘୁଙ୍କ ସ୍ମୃତିରେ 'ସ୍ୱତନ୍ତ୍ର ଦହିବରା ହାଟ'ର ପରିକଳ୍ପନା କରାଯାଇଛି। ପିଲାଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ଦୋଳିର ବ୍ୟବସ୍ଥା ହୋଇଛି। ପ୍ରତି ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ ହେବ। କଟକ ଜିଲା ପ୍ରଶାସନ, କମିଶନରେଟ ପୋଲିସ, ଅଗ୍ନିଶମ ବାହିନୀ, କଟକ ମହାନଗର ନିଗମ ଏବଂ ୱାଟ୍‌କୋ ସହଯୋଗରେ କଟକ ବୈଶାଖୀ ବାଣିଜ୍ୟମେଳାର ଆୟୋଜନ କରାଯାଉଛି ବୋଲି କମିଟି ପକ୍ଷରୁ କୁହାଯାଇଛି।

ବୈଶାଖୀ ବାଣିଜ୍ୟମେଳା ଆୟୋଜନ ସମିତିର ମୁଖ୍ୟ ପୃଷ୍ଠପୋଷକ ତଥା କଟକ ମେୟର ସୁବାସ ସିଂ, ଅଧ୍ୟକ୍ଷ ମଧୁସୂଦନ ସାହୁ, ରୁଚିର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ସାହୁ, ପୃଷ୍ଠପୋଷକ ଡ. ରଞ୍ଜନ କୁମାର ବିଶ୍ୱାଳ, ସଂଯୋଜକ ଦେବୀପ୍ରସାଦ ଦାଶ, ସଞ୍ଜୀବ ବେହେରା, କୋଷାଧ୍ୟକ୍ଷ ଦିଲୀପ ସାହୁ, ରମେଶ ଚନ୍ଦ୍ର ସାହୁ, ଗୁପ୍ତା ଇଭେଣ୍ଟ୍‌ର ସୁଜିତ ଗୁପ୍ତା ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରୁଚିର ଲୋକସମ୍ପର୍କ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଭାଷଣ ଦେଇଥିଲେ।

## ତୃଣମୂଳସ୍ତରରେ କାର୍ଯ୍ୟ କରିବାକୁ କର୍ମୀଙ୍କୁ ଆହ୍ୱାନ

କଟକ,୨୨।୩(ଶିଳ୍ପା ପ୍ରିୟଦର୍ଶିନୀ)

**କଂଗ୍ରେସର ସାଙ୍ଗଠନିକ ବୈଠକ**

ସିଏମ୍‌ସି ୱାର୍ଡ ନଂ-୫୬ କାଜିପାଟଣାସ୍ଥିତ ନାଣ୍ଡିଆ ମନ୍ଦିର ପ୍ରାଙ୍ଗଣରେ କଂଗ୍ରେସର ଏକ ସାଙ୍ଗଠନିକ ବୈଠକ ପ୍ରାକ୍ତନ ସଭାପତି ସାଗର ବେଉରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ବିଶ୍ୱନାଥ ବେଉରାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ କଟକ ଜିଲା କଂଗ୍ରେସର ପୂର୍ବତନ ସଭାପତି ମାନସ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ବିଶ୍ୱଜିତ ମହାନ୍ତି ଓ ରାମଚନ୍ଦ୍ର ଗୋଛାୟତ ଯୋଗଦେଇଥିଲେ। କଂଗ୍ରେସ କର୍ମୀମାନେ ୱାର୍ଡରେ ଏକଜୁଟ୍ ହୋଇ କାମ କରିବା ସହ ଅଧିକରୁ ଅଧିକ ଯୁବ, ଛାତ୍ର, ମହିଳାଙ୍କୁ ସାମିଲ କରି ସଙ୍ଗଠନକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରିବା ସହ ଲୋକଙ୍କ ସମସ୍ୟାକୁ ନେଇ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ଦଳୀୟ ନୀତି ଆଦର୍ଶକୁ ମାନି ଶୃଙ୍ଖଳିତ ଭାବେ କାମ କରିବାକୁ ପରାମର୍ଶ ଦିଆଯାଇଥିଲା। କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳ ଛାଡ଼ି ପ୍ରାୟ ୧୫ରୁ ଉର୍ଦ୍ଧ୍ୱ କର୍ମୀ କଂଗ୍ରେସରେ ସାମିଲ ହୋଇଥିଲେ। ବୈଠକରେ ଜିଲା କଂଗ୍ରେସର ପ୍ରାକ୍ତନ ଉପସଭାପତି ରାଜେଶ ସ୍ୱାଇଁ ଓ ଶିଶିର ରଥ, ମୁଖପାତ୍ର ମାନସ ପରିଡ଼ା, ପିସିସି ଓବିସି ସେଲ୍ ପ୍ରାକ୍ତନ ଉପାଧ୍ୟକ୍ଷ ଜଗନ୍ନାଥ ସାହୁ, ବରିଷ୍ଠ କର୍ମୀ ବାମନ ନାୟକ, ବଂଶୀଧର ବେହେରା, ଶରତ ନାୟକ, ଶରତ ପରିଜା, ଶୁକଦେବ ସାମଲ ଏବଂ ତନ୍ମୟ ପରିଜା ଉପସ୍ଥିତ ଥିଲେ। ଯୁବନେତା ତନ୍ମୟ ପରିଜା ଧନ୍ୟବାଦ ଦେଇଥିଲେ।


କେଭିକେ ଅଡିଟୋରିୟମରେ ରବିବାର ସଂସ୍କୃତି ବିହାରର ୬୪ତମ ବାର୍ଷିକ ଉତ୍ସବରେ ପରିବେଷିତ 'ଗଜପତି ପୁରୁଷୋତ୍ତମ ଦେବ' ଗୀତିନାଟ୍ୟର ଏକ ଦୃଶ୍ୟ। (ଫଟୋ: ରାଜକିଶୋର ମହାନ୍ତି)

## କଳାବିଲା ସାଂସ୍କୃତିକ ପରିଷଦର ସାରସ୍ୱତ ସମାରୋହ

କଟକ,୨୨।୩(କାର୍ତ୍ତିକ ସାହୁ)

କଳାବିଲା ସାଂସ୍କୃତିକ ପରିଷଦ' ପକ୍ଷରୁ ସାରସ୍ୱତ ସମାରୋହ ଶତାବ୍ଦୀ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବକୁ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀ, ବରେଣ୍ୟ ଅତିଥି କବି ଅମିୟ ରଞ୍ଜନ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଅକ୍ରୁର ବିଶ୍ୱାଳ ଯୋଗଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ 'ସଭ୍ୟ ସମାଜରେ ବିଜ୍ଞାନ ମାନସିକତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ନୀଳଚକ୍ରର ସଭାନେତ୍ରୀ ନମିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭୁବନେଶ୍ୱରସ୍ଥ ସି.ଭି. ରମଣ ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝୀ, ବରେଣ୍ୟ ଅତିଥି ହାଇକୋର୍ଟର ଆଇନଜୀବୀ ଅମିତ୍ ପ୍ରସାଦ ବୋଷ ଏବଂ ସମ୍ମାନିତ ଅତିଥି ଭାବେ ବୁର୍ଲାସ୍ଥିତ ଭିସୁଟ୍‌ର ପ୍ରଫେସର ଡ. ସଞ୍ଜୟ କୁମାର ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂହଙ୍କୁ 'ଶ୍ରେଷ୍ଠ ଶିକ୍ଷକ (ଉଚ୍ଚଶିକ୍ଷା) ସମ୍ମାନ', ପ୍ରଫେସର ପ୍ରଶାନ୍ତ ପାଣିଗ୍ରାହୀଙ୍କୁ 'ବିଶିଷ୍ଟ ବୈଜ୍ଞାନିକ ସମ୍ମାନ', ସଞ୍ଜୟ ପଟ୍ଟନାୟକଙ୍କୁ 'ଅଗ୍ରଣୀ ଉଦ୍ୟୋଗପତି ସମ୍ମାନ', ପ୍ରମୋଦ ପ୍ରସାଦ ନନ୍ଦଙ୍କୁ 'ସମ୍ବେଦନଶୀଳ ସମାଜସେବୀ ସମ୍ମାନ' ଏବଂ ଡ. ଜ୍ଞାନରଞ୍ଜନ ପଣ୍ଡାଙ୍କୁ 'ଯୁବ ବୈଜ୍ଞାନିକ ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡ. ଗୌରୀଶଙ୍କର ସାହୁ ସ୍ୱାଗତ ଭାଷଣ, ଓ ସମ୍ପାଦକ ଆଇନଜୀବୀ ସୌଭାଗ୍ୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଆବାହକ ଡା. ପ୍ରଦ୍ୟୋତ ତ୍ରିପାଠୀ, ପରିଚାଳନା ତ୍ରଷ୍ଟି ବିପ୍ଳବ ସମ୍ବିତ୍ କୁମାର, ସଂଯୋଜକ ଆଇନଜୀବୀ ପ୍ରତାପ ସାହୁ, ସଦସ୍ୟ ଇଂ. ହିମାଂଶୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୋଚିଲେଇ ମହୋତ୍ସବ ଉଦ୍‌ଯାପିତ



କୋଚିଲେଇ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ ସଦର,୨୨।୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ସଫିପୁର ଗ୍ରାମରେ ରବିବାର କୋଚିଲେଇ ମହୋତ୍ସବ-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜୟ ଭାରତ ମସଲାର ସଭାପତି ସୁରେନ୍ଦ୍ରନାଥ ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ମହୋତ୍ସବ କମିଟିର ସଭାପତି ପ୍ରଫୁଲ୍ଲ କୁମାର ସିଂହ, ସମ୍ପାଦକ ସୁମନ୍ତ ପଣ୍ଡା, କଟକ ମହାନଗର ନିଗମର ମେୟର ସୁବାସ ସିଂ, ସାମାଜିକକର୍ମୀ ମହମ୍ମଦ ସକିଲ, ଡ. ଏସ୍.କେ. କଲିମୁଲ୍ଲା, ପ୍ରକାଶ ସିଂହ, ଅରବିନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସୁବୋଧ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବାହ୍ନରେ ମା'ଙ୍କ ନିକଟରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ହୃଷୀକେଶ ରଣା ଓ କିଶୋର ହରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷାବିତ୍‌ଙ୍କ ପରଲୋକ

ଚୌଦ୍ୱାର,୨୨।୩(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଆଗ୍ରାହାଟ ପଞ୍ଚାୟତ ଅଧୀନ ନୂଆଗାଁ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ କର(୮୭)ଙ୍କର ରବିବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେ ଛାତ୍ରବତ୍ସଳ, ମିଷ୍ଟଭାଷୀ ଓ ଆଦର୍ଶ ଶିକ୍ଷକ ଥିଲେ। ଅନେକ ଛାତ୍ରୀଛାତ୍ର ତଥା ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ମଝିଆ ପୁଅ କ୍ଷୀତିଶ କୁମାର କର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ସମେତ ବହୁ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ରକ୍ତଦାନ ଶିବିର

ଚୌଦ୍ୱାର,୨୨।୩(ଆଶୁତୋଷ ଦାସ)

ଚୌଦ୍ୱାର ରୋଟାରୀ କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର ରବିବାର କପାଳେଶ୍ୱରସ୍ଥିତ ଆର.ଡି. ହାଉସ୍‌ରେ ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ରୋଟାରୀ ଜିଲା ଗଭର୍ନର ମନୋଜ କୁମାର ତ୍ରିପାଠୀ, ଶିକ୍ଷାବିତ୍ ତ୍ରିଦେବ ବେହେରା ଏବଂ ଅଧ୍ୟାପିକା ସସ୍ମିତା ପଟ୍ଟନାୟକ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଶିବିରରୁ ୧୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଚୌଦ୍ୱାର ରକ୍ତଦାତା ସଂଘ ସହଯୋଗ କରିଥିଲା। ରୋଟାରିଆନ୍ ସଂଜିତ ଜେନା, ରବୀନ୍ଦ୍ର କୁମାର ସାହୁ, କାଉନ୍‌ସିଲର ସୁବ୍ରତ ସାମଲ, ରାଜକିଶୋର ସାମନ୍ତରାୟ, ବିକାଶ କୁମାର ଗିରି, ବିଶ୍ୱକଲ୍ୟାଣ ଦାସ, କ୍ଷୀତିନ୍ଦ୍ରନାଥ କାନୁନ୍‌ଗୋ, ରମେଶ ବରାଳ, ପ୍ରତାପ ଶତପଥୀ, ଜୟଶ୍ରୀ ମହାନ୍ତି, ଭାରତୀ ମହାନ୍ତି ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# କଟକକୁ କଳଙ୍କିତ କରିଛନ୍ତି ୩ ବିଧାୟକ: ସୁବାସ ସିଂ

କଟକ,୨୨।୩(ଶିଳ୍ପା ପ୍ରିୟଦର୍ଶିନୀ)

**ଦଳ ସହ ବେଇମାନି କରିଛ, ଖତ ହୋଇଯିବ**

ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବା କଟକର ୩ ବିଧାୟକଙ୍କ ଉପରେ ବିଜେଡି ନେତା ତଥା କଟକ ମେୟର ସୁବାସ ସିଂ ବର୍ଷିଛନ୍ତି। ରବିବାର ଗଡ଼ଖାଇସ୍ଥିତ ନିଜ ସରକାରୀ କ୍ୱାର୍ଟର୍ସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁବାସ କହିଛନ୍ତି, ବିଧାୟକ ସୌଭିକ ବିଶ୍ୱାଳ, ଦେବୀରଞ୍ଜନ ତ୍ରିପାଠୀ ଓ ସୋଫିଆ ଫିର୍ଦ୍ଦୋସ ନିଜ ଦଳ ସହ ବେଇମାନି କରିଛନ୍ତି। ଏପରି କି ସେମାନଙ୍କର ଏଭଳି କାର୍ଯ୍ୟ କଟକକୁ କଳଙ୍କିତ କରିଛି। ଦଳ ସହ ଉକ୍ତ ୩ ଜଣ ଷଡ଼ଯନ୍ତ୍ର କରିଛନ୍ତି। ବିଶେଷକରି ବିଜେଡି ସହ ଦୁଇ ବିଧାୟକ ଷଡ଼ଯନ୍ତ୍ର କରିଥିବା ଜାଣିବା ପରେ ଏବେ ଦଳ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ତିନିଜଣଙ୍କ ଏଭଳି କାର୍ଯ୍ୟକଳାପ ପରେ ଓଡ଼ିଶାବାସୀ ସେମାନଙ୍କୁ ଆଉ ବିଶ୍ୱାସ କରିବେ ନାହିଁ। ଏହି ୩ ବିଧାୟକଙ୍କ ଭବିଷ୍ୟତ ଖତ ହୋଇଯିବ। ସତ୍‌ସାହସ ଅଛି ତ ତୁରନ୍ତ ବିଧାୟକ ପଦରୁ ଇସ୍ତଫା ଦେବାକୁ ସେ ସମ୍ପୃକ୍ତ ବିଧାୟକମାନଙ୍କୁ ଆହ୍ୱାନ କରିଛନ୍ତି। ସେହିପରି ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଓ ପ୍ରଭାତ ବିଶ୍ୱାଳଙ୍କୁ ମଧ୍ୟ ସେ କଡ଼ା ସମାଲୋଚନା କରିଛନ୍ତି। ସୁବାସ କହିଛନ୍ତି, ଉଭୟ ବାପ ପୁଅ ଦଳକୁ ଦୁର୍ବଳ କରିବାକୁ ଚେଷ୍ଟା କରିଛନ୍ତି, ହେଲେ ଏବେ ବିଜେଡି ଅଧିକ ଶକ୍ତିଶାଳୀ ହେଉଛି। କାର୍ତ୍ତିକେୟନ ପାଣ୍ଡିଆନଙ୍କ ଦଳ ପ୍ରତି ଖାସ୍‌କରି କଟକ ପ୍ରତି ବହୁ ଅବଦାନ ରହିଛି। ସେହିପରି ଟ୍ରଷ୍ଟ ପ୍ରସଙ୍ଗରେ ନବୀନ ପଟ୍ଟନାୟକ ସ୍ପଷ୍ଟ କରିସାରିଛନ୍ତି। ଉଭୟ ବାପପୁଅ ଦୁଇବର୍ଷ ହେବ ଦଳକୁ ବରବାଦ୍ କରିବାକୁ ଚେଷ୍ଟା କରିଆସୁଥିଲେ। ପ୍ରଭାତ କିଛିଦିନ ପୂର୍ବେ ପାଣ୍ଡିଆନଙ୍କୁ ପ୍ରଶଂସା କରୁଥିଲେ, ହେଲେ ଏବେ ଓଲଟା କହୁଛନ୍ତି। ନିଜ ସ୍ୱାର୍ଥ ହାସଲ ନ ହେବାରୁ ଏବେ ଏପରି କହୁଛନ୍ତି। ଏମାନେ କଟକର ବିକାଶ ଆଦୌ ଚାହିଁ ନାହାନ୍ତି। ଏବେ ରାଜ୍ୟ ସଭା ନିର୍ବାଚନ ଏମାନଙ୍କର ଅସଲ ଚରିତ୍ରକୁ ସର୍ବସମ୍ମୁଖକୁ ଆଣିଛି। କଟକର ବିଧାୟକମାନେ ଗଣତାନ୍ତ୍ରିକ ପ୍ରକ୍ରିୟାର ହତ୍ୟା କରିଛନ୍ତି। ଏବେ କଟକ ବିଜେଡିରେ କେବଳ ସୁବାସ ସିଂ, ପ୍ରତାପ ଜେନା, ଦେବୀ ମିଶ୍ର, ପ୍ରଫୁଲ୍ଲ ସିଂ ଏବଂ ଦେବାଶିଷ ସାମନ୍ତରାୟ ନେତା ଭାବେ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସୌଭିକଙ୍କ ପ୍ରତିକ୍ରିୟା ହସ୍ତଗତ ହୋଇନାହିଁ, ତେବେ ସେ ଗଣମାଧ୍ୟମରେ ଅସନ୍ତୋଷ ଝାଡ଼ିଛନ୍ତି। ଅନ୍ୟପଟେ ସୋଫିଆ ଓ ଦେବୀରଞ୍ଜନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ମୁଖ୍ୟ ସୂଚନା ଆୟୁକ୍ତଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରିତାରେ ବିଳମ୍ବ

କଟକ ସଦର,୨୨।୩(ସୁଶାନ୍ତ କୁମାର ଜେନା)

କଟକ ଜିଲାରେ ବିଭିନ୍ନ ବିଭାଗ ପକ୍ଷରୁ ସୂଚନା ଅଧିକାର ଆଇନ-୨୦୦୫କୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ସୂଚନା ଆୟୁକ୍ତଙ୍କ ନିକଟରେ ଦ୍ୱିତୀୟ ଅପିଲ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଭଳି ମାମଲାର ଶୁଣାଣି ପାଇଁ ସୂଚନା ଆୟୁକ୍ତଙ୍କୁ ୩-୪ ବର୍ଷ ଲାଗିଯାଉଛି। ତେଣୁ ଜିଲା ପ୍ରଶାସନ ଅଧୀନ ସମସ୍ତ ସରକାରୀ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀମାନେ ଠିକ ସମୟରେ ଆବେଦନକାରୀମାନଙ୍କୁ ଆବେଦନର ୩୦ଦିନ ମଧ୍ୟରେ ଆବଶ୍ୟକ ସୂଚନା ଉପଲବ୍ଧ କରିବା ପାଇଁ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଅଧସ୍ତନ ବିଭାଗକୁ ନିର୍ଦ୍ଦେଶନାମା ଜାରି କରିବା ଲାଗି ମଧ୍ୟ ଜିଲାପାଳଙ୍କୁ ନିର୍ଦ୍ଦେଶ ଥିଲା। ତେବେ ଇତିମଧ୍ୟରେ ସାଢ଼େ ୫ବର୍ଷ ବିତିଯାଇଥିଲେ ସୁଦ୍ଧା ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହୋଇପାରିନାହିଁ। ସେଥିପାଇଁ ସୂଚନା କମିଶନରଙ୍କ ପୂର୍ଣ୍ଣାଙ୍ଗ ବେଞ୍ଚରେ ଏହା ଉପରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି। ପତ୍ରସଂଖ୍ୟା ୧୫୪୭୨/୬।୩।୨୦୨୬ରେ ସୂଚନା ଆୟୁକ୍ତଙ୍କ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ଅଂଶୁମାନ ମହାପାତ୍ର ଏହି ସୂଚନା ଦେଇଛନ୍ତି। ବିବରଣୀରୁ ପ୍ରକାଶ ଯେ, କଟକ ଜିଲା ପ୍ରଶାସନ ଅଧୀନରେ ଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, କଟକ ସଦର ତହସିଲ ଓ ସଦର ବ୍ଲକ କାର୍ଯ୍ୟାଳୟ, ସଦର ବ୍ଲକ ଶିକ୍ଷାଧିକାରୀ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଜଳସେଚନ, ମହାନଗର ନିଗମ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଅଧିକାର ଆଇନ ବଳରେ ଆବେଦନ କରୁଥିବା ବ୍ୟକ୍ତିଙ୍କୁ ବର୍ଷାଧିକ କାଳ ପରେ ମଧ୍ୟ ସୂଚନା ମିଳୁ ନ ଥିଲା। ଏପରି କି ପ୍ରଥମ ଅପିଲ କଲେ ମଧ୍ୟ କଟକ ସଦର ବ୍ଲକ, ସଦର ତହସିଲ, କିଶନ ନଗର ତହସିଲ ଏବଂ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ କୌଣସି ସୂଚନା ନିର୍ଦ୍ଧାରିତ ଅବଧି ମଧ୍ୟରେ ଦିଆଯାଉ ନ ଥିଲା। ତେଣୁ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତଙ୍କ ନିକଟରେ ଅଭିଯୋଗ ପରେ ପତ୍ର ସଂଖ୍ୟା ୪୧୪୫୮/୨୩।୧୧।୨୦୨୦ରେ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ରହିଥିଲା। ଏହି ନିର୍ଦ୍ଦେଶନାମାକୁ ଠିକ୍ ଭାବେ ପାଳନ କରାଯାଇ ନ ଥିବାରୁ କମିଶନରଙ୍କ ପୂର୍ଣ୍ଣାଙ୍ଗ ବେଞ୍ଚରେ ଏହା ଉପରେ ନିଷ୍ପତ୍ତି ଗ୍ରହଣ କରାଯିବ।

## ଆଡ୍‌ଭୋକେଟ୍ସ ଟି-୨୦ କ୍ରିକେଟ ଉଦ୍‌ଯାପିତ

କଟକ,୨୨।୩(କୁମାରଶ୍ରୀ)

ବସୁନ୍ଧରା କ୍ରିକେଟ୍ ପଡ଼ିଆରେ ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନ ଦ୍ୱାରା ଆୟୋଜିତ ୧୧ତମ ବାରିଷ୍ଟର ରଣଜିତ ମହାନ୍ତି ଓ ସତ୍ୟବ୍ରତ ବେହେରା ମେମୋରିଆଲ ଆଡ୍‌ଭୋକେଟ୍ସ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କ୍ୟାଟ୍ ବାର୍ ଆସୋସିଏଶନ ଏବଂ ଏମ୍.ଭି. ବାର୍ ଆସୋସିଏଶନ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍.ଭି. ବାର୍ ଆସୋସିଏଶନ ବିଜୟୀ ହୋଇଛି। ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମିଲନ୍ କାନୁନ୍‌ଗୋ, ଲଲାଟେନ୍ଦୁ ସାମନ୍ତରାୟ, ଲକ୍ଷ୍ମୀଧର ପଙ୍ଗାରୀ, ମାନସ ମହାପାତ୍ର ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ରାଜେଶ ରଞ୍ଜନ ଦାସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବିଶ୍ୱଜିତ ସିଂ ମ୍ୟାନ୍ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ସଭାପତି ଜ୍ଞାନ ରଞ୍ଜନ ପଟ୍ଟନାୟକ, ସମ୍ପାଦକ ଜ୍ଞାନେନ୍ଦ୍ର ପରିଡ଼ା ଉକ୍ତ ମ୍ୟାଚ ପରିଚାଳନା କରିଥିଲେ।

# ପୁସ୍ତକ 'ଦି ଆଡ୍‌ଭେଞ୍ଚର୍ସ ଅଫ୍ ରୋକ୍‌ସା' ଉନ୍ମୋଚିତ



ଅମୃତା ମିତ୍ରଙ୍କ ରଚିତ ପୁସ୍ତକ 'ଦି ଆଡ୍‌ଭେଞ୍ଚର୍ସ ଅଫ୍ ରୋକ୍‌ସା'କୁ ଅତିଥି ଉନ୍ମୋଚନ କରୁଛନ୍ତି।

କଟକ,୨୨।୩(କାର୍ତ୍ତିକ ସାହୁ)

ଅମୃତା ମିତ୍ରଙ୍କ ରଚିତ ଶିଶୁମାନଙ୍କ ଉପଯୋଗୀ ଇଂଲିଶ ପୁସ୍ତକ 'ଦି ଆଡ୍‌ଭେଞ୍ଚର୍ସ ଅଫ୍ ରୋକ୍‌ସା' ଶ୍ରୀରାମଚନ୍ଦ୍ର ଭବନରେ ରବିବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଷ୍ଟାଫ୍ ସିଲେକ୍ସନ କମିଶନ୍ ସଦସ୍ୟା ଡ. ଶ୍ରୁତି ଦାସ ଯୋଗଦେଇ କହିଲେ, ପୁସ୍ତକଟି କିଶୋରୀକିଶୋରମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିବ। ଏହି ଗଳ୍ପ ପୁସ୍ତକଟିର ମୁଖ୍ୟ ଚରିତ୍ର 'ରୋକ୍‌ସା'ର ଦୁଃସାହସିକ ଅଭିଯାନକୁ ଏଥିରେ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଅଧ୍ୟାପିକା ଡ. ମଞ୍ଜୁଶ୍ରୀ ପଟ୍ଟନାୟକ ଲେଖିକାଙ୍କ ସରଳ ଓ ବୋଧଗମ୍ୟ ଭାଷାର ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଡ. ସତ୍ୟ ରାୟ ପିଲାମାନଙ୍କ ପଠନାଭ୍ୟାସ ବୃଦ୍ଧି କରିବା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସପନ କୁମାର ଦେ ପୁସ୍ତକ ସମୀକ୍ଷା କରିଥିଲେ। ଆଇନଜୀବୀ ଆରୋଲିନା ପାଲ ଧନ୍ୟବାଦ ଦେଇଥିଲେ।

# ଦେବୀରଞ୍ଜନଙ୍କ ନିଲମ୍ବନକୁ ସମର୍ଥକଙ୍କ ବିରୋଧ

**ପାଣ୍ଡିଆନଙ୍କ କୁଶପୁତ୍ତଳିକା ଦାହ**

କଟକ,୨୨।୩(ଶିଳ୍ପା ପ୍ରିୟଦର୍ଶିନୀ)

ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ନିଲମ୍ବନକୁ କଟକରେ ତୀବ୍ର ବିରୋଧ କରାଯାଇଛି। ରବିବାର ବିଜୁ ପଟ୍ଟନାୟକ ଛକରେ ଦେବୀରଞ୍ଜନଙ୍କ ସମର୍ଥକ ତଥା ବିଜୁ ଯୁବ ଛାତ୍ର ଜନତା ଦଳର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ ସହ ଭି.କେ. ପାଣ୍ଡିଆନଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଏପରି କି ଦଳରୁ ପାଣ୍ଡିଆନଙ୍କୁ ବୟକଟ୍ ପାଇଁ ଦାବି କରିବା ସହ ପାଣ୍ଡିଆନ ଗୋ ବ୍ୟାକ୍ ନାରାବାଜି କରିଛନ୍ତି। ପାଣ୍ଡିଆନ ସନ୍ନ୍ୟାସ ନେବାର ୨ବର୍ଷ ପରେ ବି ଦଳ ତାଙ୍କ ଦ୍ୱାରା ପରିଚାଳିତ ବୋଲି ଛାତ୍ର ନେତାମାନେ କହି ତାଙ୍କୁ ଟାର୍ଗେଟ କରିଛନ୍ତି। ଏନେଇ ପୂର୍ବତନ ଉପସଭାପତି ଅବିନାଶ ମହାନ୍ତି କହିଛନ୍ତି, ଯେଉଁ


ବିଜୁ ପଟ୍ଟନାୟକ ଛକରେ କଟକ ବିଜୁ ଯୁବ ଛାତ୍ର ଜନତା ଦଳର କର୍ମୀମାନେ ଭି.କେ. ପାଣ୍ଡିଆନ୍‌ଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

ନୀତି ଓ ଆଦର୍ଶରେ ଏହି ଦଳ ଗଠନ କରାଯାଇଥିଲା ତାହା ଏବେ ଦିଗହରା ହୋଇଯାଇଛି। ଏଥିପାଇଁ ପାଣ୍ଡିଆନ ହିଁ ଦାୟୀ। ତାଙ୍କ ପାଇଁ ଦଳ ଗତ ସାଧାରଣ ନିର୍ବାଚନରେ ପରାଜୟ ବରଣ କଲା। ସେହିପରି ପୂର୍ବତନ କଟକ ଜିଲା ଛାତ୍ର ସଭାପତି ଆସିଫ୍ ଅମିନ୍ କହିଛନ୍ତି, ଦଳ ଆଉ କେତେ ନେତାଙ୍କୁ ନିଲମ୍ବନ କରିବ? ଯିଏ ପାଣ୍ଡିଆନଙ୍କ ବିରୋଧରେ ମୁହଁ ଖୋଲିବ ସେ ନିଲମ୍ବନ ହେବ। ଦେବୀରଞ୍ଜନଙ୍କୁ ଆମେ ସର୍ବଦା ସମର୍ଥନ କରିବୁ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସନ୍ତୋଷ ମହାରଣା, ସୌମ୍ୟଦୀପ ଘୋଷ, ରଞ୍ଜିତ ଦାସ, ଅନୁପମ ଶତପଥୀ, ଶୋଭନ ମହାନ୍ତି, ସଞ୍ଜୀବ ପୃଷ୍ଟି, ପୀୟୁଷ ନାୟକ, ପରମିତ କୁମାର ଦାସ ଏବଂ ଦେବାଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବିହାର-ଓଡ଼ିଶା ମଧ୍ୟରେ ଦୃଢ଼ ଐତିହାସିକ, ସାଂସ୍କୃତିକ ସମ୍ପର୍କ ରହିଛି

## ଲୋକଭବନରେ ବିହାର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୨।୩ (ବନ୍ଦନା ସେଠୀ)



ଉତ୍ସବରେ ଓଡ଼ିଶାରେ ରହୁଥିବା ବିହାର ଲୋକଙ୍କ ସହ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଓ ଅନ୍ୟ ଅତିଥିମାନେ।

ବିଭିନ୍ନ ପରମ୍ପରା ପ୍ରତି ପାରସ୍ପରିକ ସମ୍ମାନ ଜାତୀୟ ଏକତାକୁ ସୁଦୃଢ଼ କରିଥାଏ। ଲୋକମାନେ ପରସ୍ପରର ପରମ୍ପରା ପ୍ରତି ଖୋଲା ହୃଦୟରେ ଏବଂ ସମ୍ମାନର ସହିତ ଏକାଠି ହେଲେ ଏକ ଗଭୀର ଆତ୍ମୀୟତାର ଭାବନା ସୃଷ୍ଟି ହୁଏ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ରବିବାର ଲୋକଭବନଠାରେ ବିହାର ରାଜ୍ୟର ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. କମ୍ଭମପାଟି କହିଲେ, ଏପରି ଉତ୍ସବ ଅନେକ ସଂସ୍କୃତି ଦ୍ୱାରା ସମୃଦ୍ଧ ଏକ ରାଷ୍ଟ୍ରର ଧାରଣାକୁ ମଜଭୁତ କରେ। ବିହାର ଏବଂ ଓଡ଼ିଶା ମଧ୍ୟରେ ଦୃଢ଼ ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ରହିଛି। କଳିଙ୍ଗ ଯୁଦ୍ଧର ପରିବର୍ତ୍ତନକାରୀ ପ୍ରଭାବ ସମେତ ମଗଧ ଏବଂ କଳିଙ୍ଗ ମଧ୍ୟରେ ପ୍ରାଚୀନ ସମ୍ପର୍କକୁ ରାଜ୍ୟପାଳ ସ୍ମରଣ କରାଇଥିଲେ। ସମ୍ରାଟ ଅଶୋକଙ୍କ ପରିବର୍ତ୍ତନ, ବୋଧଗୟାରେ ଭଗବାନ ବୁଦ୍ଧଙ୍କ ଜ୍ଞାନପ୍ରାପ୍ତି, ଭଗବାନ ମହାବୀରଙ୍କ ଶିକ୍ଷା ଏବଂ ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟ ବିହାରର ବିଶ୍ୱ ପ୍ରତି ଅବଦାନର ସ୍ଥାୟୀ ପ୍ରତୀକ ଭାବେ ଉଭା ହୋଇଥିଲା। ବିହାରର ସ୍ପନ୍ଦନଶୀଳ ସାଂସ୍କୃତିକ ପରମ୍ପରା, ମଧୁବଣୀ ପେଣ୍ଟିଂ ଏବଂ ଛଟ୍ ଆଦି ପର୍ବଗୁଡ଼ିକ ଉପରେ ରାଜ୍ୟପାଳ ଆଲୋକପାତ କରି ଏହା ମାନବ ଜୀବନ ଏବଂ ପ୍ରକୃତି ମଧ୍ୟରେ ସମନ୍ୱୟକୁ ପ୍ରତିଫଳିତ କରେ ବୋଲି କହିଥିଲେ। ଓଡ଼ିଶାରେ ରହୁଥିବା ବିହାରର ଲୋକଙ୍କୁ ଅଭିନନ୍ଦନ ଜଣାଇ ଓ ବିକାଶ ଏବଂ ସାଂସ୍କୃତିକ ଜୀବନରେ ସେମାନଙ୍କର ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

ଏହି ଅବସରରେ ଓଡ଼ିଶାରେ ବସବାସ କରୁଥିବା ବିହାରର ମୂଳ ବାସିନ୍ଦାମାନେ ସେମାନଙ୍କ ଅଭିଜ୍ଞତା ଓ ଅନୁଭୂତି ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି, ଏଡିଜି ପୋଲିସ (ଆଇନ ଏବଂ ଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ଆକାଉଣ୍ଟାଣ୍ଟ ଜେନେରାଲ ଅତୁଲ ପ୍ରକାଶ ଏବଂ ସହକାରୀ କଲ୍ୟାଣ କମିଶନର ସଞ୍ଜୀବ କୁମାର ବର୍ମା ପ୍ରମୁଖ ବିହାରର ଗରିମାମୟ ଐତିହ୍ୟ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ଅନୁଷ୍ଠାନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# 'କଳାଭୂମି'କୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଆହ୍ୱାନ


'କଳାଭୂମି'ର ୮ମ ପ୍ରତିଷ୍ଠା ଦିବସ ଉତ୍ସବର ଉଦ୍‌ଘାଟନ ଅବସରରେ ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟିଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୨।୩ (ସୌମ୍ୟରଞ୍ଜନ ରାଉତ)

## ୮ମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ରାଜ୍ୟ ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି'ର ୮ମ ପ୍ରତିଷ୍ଠା ଦିବସ ରବିବାର ସଂଗ୍ରହାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ହସ୍ତତନ୍ତ ଓ ବୟନ ନିର୍ଦ୍ଦେଶକ ସୋମେଶ କୁମାର ଉପାଧ୍ୟାୟ ଏବଂ ସିଡାକ୍‌ର ସଦସ୍ୟ ସଚିବ ଚିନ୍ମୟୀ ବିଶ୍ୱାଳଙ୍କ ସମେତ ବିଭାଗର ପଦାଧିକାରୀମାନେ ଯୋଗଦେଇଥିଲେ। କଳାଭୂମିର ଭିତ୍ତିପ୍ରସ୍ତର ସ୍ଥାପନଠାରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରାଯିବା ସହ ସଂଗ୍ରହାଳୟକୁ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ପରିଦର୍ଶକଙ୍କ ପାଇଁ ସଂଗ୍ରହାଳୟ ପ୍ରବେଶ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ କରାଯାଇଥିବା ବେଳେ ସେମାନଙ୍କ ମନୋରଞ୍ଜନ ନିମନ୍ତେ ସିତାର, ତବଲା ବାଦନ ସହ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଓଡ଼ିଶାର ହସ୍ତତନ୍ତ ଏବଂ ହସ୍ତଶିଳ୍ପର ସମୃଦ୍ଧ ପରମ୍ପରାକୁ ପ୍ରଦର୍ଶିତ କରୁଥିବା ଏହି ସୁସଜ୍ଜିତ ପରିବେଶ ଏବଂ କଳାକୃତିଗୁଡ଼ିକର ଅନୁଭୂତି ନେବା ପାଇଁ ପରିଦର୍ଶକମାନେ କଳାଭୂମି ଉତ୍ସବରେ ସାମିଲ ହୋଇ ଓଡ଼ିଶାର ସାଂସ୍କୃତିକ ଅଭିବ୍ୟକ୍ତିକୁ ଉପଭୋଗ କରିଥିଲେ। ସଂଗ୍ରହାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶାଶ୍ୱତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨ଲକ୍ଷ ଠକିନେଇ ବଟି ମାଗୁଥିଲେ, ବିଲ୍ଡର ଗିରଫ

ଭୁବନେଶ୍ୱର,୨୨।୩(ତ୍ରିନାଥ ମହାନ୍ତି)

## ମାଲିକଙ୍କୁ ମାଡ଼, ସ୍ତ୍ରୀଙ୍କୁ ଦୁର୍ବ୍ୟବହାର କରି ଘର କବ୍‌ଜା ଉଦ୍ୟମ

୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିନେବା ସହ ବଟି ମାଗୁଥିଲେ। ମାଲିକଙ୍କୁ ମାଡ଼ ମାରି ଜମି ଓ ନିର୍ମାଣାଧୀନ ଘରକୁ ନିଜ ନାମରେ କରିବାକୁ ଉଦ୍ୟମ କରିବା ଜଣେ ବିଲ୍ଡରଙ୍କ ପାଇଁ ମହଙ୍ଗା ହୋଇଛି। ଅଭିଯୋଗ ପରେ ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ବିଲ୍ଡର କୋରଡ଼କଣ୍ଟାର ଖଗେଶ୍ୱର ବାରିକଙ୍କୁ ଗିରଫ କରିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

ଅଭିଯୋଗ ଅନୁସାରେ, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସମେଇଗାଡିଆସ୍ଥିତ ପ୍ଲଟ୍ ନଂ.୫୫୭/୧୪୮୭୬କୁ ପ୍ରକାଶଚନ୍ଦ୍ର ମିଶ୍ର ସୌମ୍ୟ ପ୍ରକାଶଙ୍କଠାରୁ କିଣିବା ପରେ ତାଙ୍କ ଝିଅ ଓ ସ୍ତ୍ରୀଙ୍କ ନାମରେ କରିଥିଲେ। ଉକ୍ତ ପ୍ଲଟ୍‌ରେ ଘର ନିର୍ମାଣ ପାଇଁ ପ୍ରକାଶ ମା' ହରଚଣ୍ଡୀ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଖଗେଶ୍ୱର ବାରିକଙ୍କୁ ନିଯୋଜିତ କରିଥିଲେ। ଏଥିପାଇଁ ତାଙ୍କୁ ୧୨ ଲକ୍ଷ ୯ହଜାର ଟଙ୍କା ଅଗ୍ରିମ ଦେଇଥିଲେ । କିନ୍ତୁ ଅଭିଯୁକ୍ତ ଖଗେଶ୍ୱର ଘର ତିଆରି କରି ନ ଥିଲେ କି ଟଙ୍କା ଫେରସ୍ତ କରି ନ ଥିଲେ। ଫଳରେ ଜମି ମାଲିକାଣୀ ଜ୍ୟୋତିର୍ମୟୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ.୩୯/୨୦୨୫ ରୁଜୁ କରିଥିଲା। ଏହାପରେ ପ୍ରକାଶ ତାଙ୍କ ପ୍ଲଟ୍‌ରେ ଅନ୍ୟଜଣେ ଠିକାଦାରଙ୍କ ସହାୟତାରେ ଘର ନିର୍ମାଣ ଆରମ୍ଭ କରିଥିଲେ। ଗତ ୯ ତାରିଖ ସକାଳ ପ୍ରାୟ ୭ଟା ୨୦ରେ ପ୍ରକାଶ ତାଙ୍କ ନବନିର୍ମିତ ଘର କାନ୍ଥକୁ ପାଣି ଦେଉଥିବା ବେଳେ ଅଭିଯୁକ୍ତ ଖଗେଶ୍ୱର ଭାଇ ପ୍ରଭାକର ବାରିକ, ସହଯୋଗୀ ରତ୍ନାକର ସାହୁ ଓ ବିଶ୍ୱଜିତ ପଲେଇଙ୍କ ସହ ସେଠାରେ ପହଞ୍ଚି ପ୍ଲଟ୍ ଭିତରକୁ ଜବରଦସ୍ତ ପଶି ପ୍ରକାଶଙ୍କୁ ଟାଣିନେଇ ତଳେ ପକାଇ ମାଡ଼ ମାରିଥିଲେ। ଆଉ ୨୦ ଲକ୍ଷ ଟଙ୍କା ଦେ ନଚେତ ପ୍ଲଟ୍ ତାଙ୍କ ନାମରେ କରିଦେବାକୁ ଧମକ ଦେଇ ମରଣାନ୍ତକ ଆକ୍ରମଣ କରିଥିଲେ। ଜ୍ୟୋତିର୍ମୟୀ ପହଞ୍ଚିବାରୁ ଅଭିଯୁକ୍ତମାନେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ମାରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଖଗେଶ୍ୱରଙ୍କୁ ଗିରଫ କରିଥିଲା। ତାଙ୍କ ନାମରେ ବିଭିନ୍ନ ଥାନାରେ ୧୧ ମାମଲା ରହିଛି।

# ମାଙ୍କଡ଼ ଆକ୍ରମଣରେ ଛାତରୁ ଖସି ମହିଳା ମୃତ

ଆଠଗଡ,୨୨।୩(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ରାଜନଗର ଗ୍ରାମରେ ରବିବାର ମାଙ୍କଡ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଜନଗର ଗ୍ରାମର ଅଭିରାମ ସାହୁଙ୍କ ସ୍ତ୍ରୀ ସୁଲୋଚନା ସାହୁ (୬୧) । ସେ ଅପରାହ୍ନରେ ଛାତ ଉପରକୁ ଯାଇଥିବା ବେଳେ ତାଙ୍କୁ ଏକ ମାଙ୍କଡ ଆକ୍ରମଣ କରିଥିଲା। ଫଳରେ ସେ ଛାତ ଉପରୁ ତଳକୁ ଖସି ପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଆଠଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସୁଲୋଚନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆଠଗଡ଼ ସଦର ରେଞ୍ଜରେ ଏବେ ମାଙ୍କଡ଼ ଉତ୍ପାତ ବୃଦ୍ଧି ପାଉଥିବା ବେଳେ ଗତ କିଛିଦିନ ହେବ ଉକ୍ତ ମାଙ୍କଡ଼ ଆକ୍ରମଣରେ ୬ରୁ ୭ଜଣ ଲୋକ ଆହତ ହୋଇଛନ୍ତି। ଉକ୍ତ ମାଙ୍କଡ଼କୁ ତୁରନ୍ତ କାବୁ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ବ୍ରାଉନ୍ ସୁଗାର ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୨।୩(ତ୍ରିନାଥ ମହାନ୍ତି)

ବ୍ରାଉନ୍‌ସୁଗାର ବିକ୍ରି କରିବାକୁ ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ଲକ୍ଷ୍ମୀସାଗର ପୋଲିସ ଜଣେ ଅଭିଯୁକ୍ତ ଗିରଫ କରିଛି। ସେ ହେଲେ ଚିନ୍ତାମଣୀଶ୍ୱରର ଦୀପକ କୁମାର ଭୂୟାଁ। ତାଙ୍କ ନିକଟରୁ ୭ ଗ୍ରାମର ବ୍ରାଉନ୍ ସୁଗର ଜବତ କରାଯାଇଛି।

ସୂଚନାଯୋଗ୍ୟ, ଅଭିଯୁକ୍ତ ଦୀପୁ ଚିନ୍ତାମଣିଶ୍ୱର ଲେନ-୭ରେ ଥିବା ପୋଖରୀ କୂଳରେ ଏକ ସ୍କୁଟି ସହିତ ଠିଆ ହୋଇ ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ପୋଲିସ ଟିମ ତାଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। ଏହି ସମୟରେ ସେ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ଗୋଡ଼ାଇ ଧରିଥିଲା। ଯାଞ୍ଚ ସମୟରେ ତାଙ୍କ ହେପାଜତରୁ ୭ ଗ୍ରାମ ବ୍ରାଉନସୁଗାର, ନଗଦ ୫ହଜାର ୨ଶହ ଟଙ୍କା ଓ ଏକ ସ୍କୁଟି ଜବତ କରାଯାଇଥିଲା ।

# ଆଜି ଓୟୁଟିଆରରେ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨୨।୩ (ଅନୁରାଧା ମହାରଣା)

ଓୟୁଟିଆରର କେମିଷ୍ଟ୍ରି ବିଭାଗ ପକ୍ଷରୁ ଦୁଇଦିନିଆ ଜାତୀୟ ସମ୍ମିଳନୀ ସୋମବାରଠାରୁ ଆରମ୍ଭ ହେବ। ପ୍ରସଙ୍ଗ ରହିଛି 'ଏମର୍ଜିଂ ଟ୍ରେଣ୍ଡସ୍ ଇନ୍ କେମିକାଲ ସାଇସେନ୍ସ'। ଦେଶର ପ୍ରମୁଖ ବୈଜ୍ଞାନିକ, ଗବେଷକ ଓ ଶିକ୍ଷାବିତ୍‌ମାନେ ଗ୍ରିନ କେମିଷ୍ଟ୍ରି, ନ୍ୟାନୋଟେକ୍ନୋଲୋଜି, ଆଡଭାନ୍ସଡ ମେଟେରିଆଲ୍ସ, ବାୟୋକେମିଷ୍ଟ୍ରି ଓ ଏନର୍ଜି କ୍ଷେତ୍ରରେ ନୂତନ ଗବେଷଣା ଉପରେ ଆଲୋଚନା କରିବେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ଡ. ସଞ୍ଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମାନସ


@ ପ୍ରୀତମ୍


@ ରାଧାକାନ୍ତ


@ ରାଜେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୮ ଯାଏ ଝଡ଼ବର୍ଷା, ବଢ଼ିବ ତାତି

ଭୁବନେଶ୍ୱର, ୨୨।୩ (ବନ୍ଦନା ସେଠୀ)

ଗତ କିଛିଦିନ ଧରି ବିଭିନ୍ନ ସ୍ଥାନରେ ଲାଗି ରହିଥିବା ଝଡ଼ବର୍ଷାର ପ୍ରଭାବ କମିଥିଲେ ହେଁ କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ଜାରି ରହିଛି। ଆଗାମୀ ୬ଦିନ ଅର୍ଥାତ୍ ୨୮ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ଗଜପତି ଏବଂ କେନ୍ଦୁଝର ଜିଲାର କିଛି ସ୍ଥାନରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ତେବେ ୨୬, ୨୭ ଏବଂ ୨୮ ତାରିଖରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଦେଇଛି। ଅନ୍ୟପକ୍ଷରେ ଝଡ଼ବର୍ଷା ପାଇଁ ରାଜ୍ୟରେ ତାପମାତ୍ରାରେ ସାମାନ୍ୟ ହ୍ରାସ ଘଟିଛି। ରବିବାର ୬ଟି ସ୍ଥାନର ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିଥିବାବେଳେ ପାରଳାଖେମୁଣ୍ଡିରେ ସର୍ବାଧିକ ୩୬.୨ ଡିଗ୍ରୀ ରେକର୍ଡ ହୋଇଛି। ତେବେ ଆସନ୍ତା ୪ ଦିନରେ ପାରଦ ୨ରୁ ୪ ଡିଗ୍ରୀ ଯାଏ ବଢ଼ିବା ନେଇ ବିଭାଗ ପୂର୍ବାନୁମାନ କରିଛି।

# ୨୬ରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

## ଘାଟି ଚକଡ଼ା ପରେ ପଟା ପଡ଼ିଲା

ପୁରୁଣା ଭୁବନେଶ୍ୱର,୨୨।୩
(ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ୨୬ତାରିଖରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଯାତ୍ରା। ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥଖଳାରେ ସର୍ଦ୍ଦାରୀ ମହାରଣା ସୋମନାଥ ମହାରଣାଙ୍କ ନେତୃତ୍ୱରେ ୬୨ଜଣ ମହାରଣା ଏହି ରୁକୁଣା ରଥ ନିର୍ମାଣରେ ଲାଗିପଡିଛନ୍ତି। ରବିବାର ରାତି ୧୦ଟା ସୁଦ୍ଧା ରଥରେ ପୋଟଳ କାମ ସରିବା ପରେ ପାରାଭାଡ଼ି ଲାଗି ହୋଇଥିଲା। ପରେ ଘାଟି ଚକଡା ପକାଯାଇ ଉପର ପଟା ବାଡ଼ା ଯାଇଥିଲା। ଚଳିତ ବର୍ଷ ରଥ ନିର୍ମାଣ କ୍ଷେତ୍ରରେ ବରିଷ୍ଠ ମୁଖ୍ୟ ସର୍ଦ୍ଦାରୀ ମହାରଣା ବଟକୃଷ୍ଣ ମହାରଣାଙ୍କ ଅନୁପସ୍ଥିତି ସୋମନାଥ ମହାରଣାଙ୍କ ନିମନ୍ତେ ଚ୍ୟାଲେଞ୍ଜ ସଦୃଶ ହୋଇଛି। ତେବେ ନେତ୍ରୋତ୍ସବ ଦିନ ମନ୍ଦିର ପ୍ରଶାସନକୁ ରଥ ହସ୍ତାନ୍ତର କରାଯିବା ପାଇଁ ଯୋରଦାର କାର୍ଯ୍ୟ ଚାଲିଥିବା ସୋମନାଥ କହିଛନ୍ତି। ଅନ୍ୟପଟେ ଶନିବାର ସର୍କିଟ ହାଉସ ପରିସରରେ ଜିଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ହୋଇଥିଲା। ଏଥିରେ ସମସ୍ତ ନିଯୋଗ ପ୍ରମୁଖ ସେବାୟତ, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ସହ କିଭଳି ରଥ ଟଣା ଯାଇପାରିବ ବିଭିନ୍ନ ବିଭାଗର କାର୍ଯ୍ୟ ଦାୟିତ୍ୱ, କର୍ତ୍ତବ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ପୂର୍ବରୁ ସ୍ଥିରୀକୃତ ନୀତିନିର୍ଘଣ୍ଟ ଅନୁଯାୟୀ ଆସନ୍ତା ୨୬ ତାରିଖ ଗୁରୁବାର ଅପରାହ୍ନ ୨ଟା ୩୦ରେ ରଥ ଟଣା ହେବ ବୋଲି ସ୍ଥିର ହୋଇଥିଲା।


ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ନିର୍ମାଣ ଚାଲିଛି।

## ଅପରାହ୍ନ ୨ଟା ୩୦ରେ ରଥଟଣା

| ନୀତି | ନିର୍ଦ୍ଧାରିତ ସମୟ |
|---|---|
| ମଙ୍ଗଳ ଆଳତି ଓ ଅବକାଶ | ଭୋର ୪ଟାରୁ ୪ଟା ୩୦ |
| ସାହାଣମେଲା ଦର୍ଶନ | ଭୋର ୪ଟା ୩୦ରୁ ୫ଟା |
| ରୋଷ ହୋମ ଓ ପାକ କାର୍ଯ୍ୟ | ଭୋର ୪ଟା ୩୦ |
| ଛାମୁ ପରିଷ୍କାର | ଭୋର ୫ଟାରୁ ୫ଟା ୩୦ |
| ମହାସ୍ନାନ, ବେଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା | ଭୋର ୫ଟା ୩୦ରୁ ସକାଳ ୬ଟା ୩୦ |
| ଶ୍ରୀଜୀଉଙ୍କ ବଲ୍ଲଭ | ସକାଳ ୬ଟା ୩୦ରୁ ୬ଟା ୫୦ |
| ଶ୍ରୀଭୁବନେଶ୍ୱରୀଙ୍କ ବଲ୍ଲଭ | ସକାଳ ୬ଟା ୫୦ରୁ ୭ଟା |
| ଶ୍ରୀଜୀଉଙ୍କ ସକାଳ ଧୂପ | ସକାଳ ୭ଟାରୁ ୭ଟା ୪୫ |
| ଶ୍ରୀଭୁବନେଶ୍ୱରୀଙ୍କ ସକାଳ ଧୂପ | ସକାଳ ୭ଟା ୪୫ରୁ ୮ଟା ୧୫ |
| ଭୋଗ ମଣ୍ଡପ | ସକାଳ ୮ଟା ୧୫ରୁ ୯ଟା ୧୫ |
| ସୂର୍ଯ୍ୟ ପୂଜା | ସକାଳ ୯ଟା ୧୫ରୁ ୯ଟା ୩୦ |
| ଦ୍ୱାରପାଳ ପୂଜା | ସକାଳ ୯ଟା ୩୦ରୁ ୯ଟା ୪୫ |
| ମହାସ୍ନାନ | ସକାଳ ୯ଟା ୪୫ରୁ ପୂର୍ବାହ୍ନ ୧୦ଟା |
| ବେଶ | ପୂର୍ବାହ୍ନ ୧୦ଟାରୁ ୧୦ଟା ୧୫ |
| ଯାତ୍ରାପୂଜା | ପୂର୍ବାହ୍ନ ୧୦ଟା ୧୫ରୁ ୧୦ଟା ୪୫ |
| ଶ୍ରୀଜୀଉଙ୍କ ପହଣ୍ଡି ଓ ରଥାରୂଢ଼ | ପୂର୍ବାହ୍ନ ୧୦ଟା ୪୫ଟାରୁ ୧୧ଟା ୪୫ |
| ରଥରେ ପୂଜା | ପୂର୍ବାହ୍ନ ୧୧ଟା ୪୫ଟାରୁ ଅପରାହ୍ନ ୧ଟା ୪୫ |
| ଘୋଡ଼ା ବନ୍ଧା ଓ ରଥ ଚାରମାଳ ଖୋଲା | ଅପରାହ୍ନ ୧ଟା ୪୫ରୁ ୨ଟା ୩୦ |
| ରଥଟଣା ଆରମ୍ଭ | ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୬ଟା ୩୦ |
| ଶ୍ରୀରାମେଶ୍ୱର ମନ୍ଦିରକୁ ବିଜେ | ସନ୍ଧ୍ୟା ୬ଟା ୩୦ |
| ଶ୍ରୀଜୀଉଙ୍କ ଅନ୍ୟାନ୍ୟ ନୀତି | ସନ୍ଧ୍ୟା ୭ଟା ୩୦ରୁ ଆରମ୍ଭ ହୋଇ ରାତି ୧୦ଟାରେ ସରିବ |

**୨ ବିଧାୟକଙ୍କ ଇସ୍ତଫା ଦାବି କଲେ ଜିଲା ବିଜେଡି ସଭାପତି**

କଟକ,(ଶିଳ୍ପା ପ୍ରିୟଦର୍ଶିନୀ): ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବା ବିଜେଡିର ଦୁଇ ବିଧାୟକଙ୍କୁ ବିରୋଧ କରିବା ସହ ଦୁହେଁ ତୁରନ୍ତ ପଦରୁ ଇସ୍ତଫା ଦେବାକୁ କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂ, ସାଧାରଣ ସମ୍ପାଦକ (ସଂଗଠନ) ତାପସ ମହାନ୍ତି ଏବଂ ମନୋରଞ୍ଜନ ଦାସ ପ୍ରମୁଖ ଦାବି କରିଛନ୍ତି। ଦଳର ହୁଇପ୍ ସତ୍ତ୍ୱେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ସୌଭିକ୍ ବିଶ୍ୱାଳ ଦଳ ବିରୋଧରେ ଯାଇ କ୍ରସ ଭୋଟିଂ କରି ଭାଜପା ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ଉଭୟ ବିଧାୟକ ଦଳୀୟ କର୍ମୀ ଓ ଭୋଟରଙ୍କ ସହ ବିଶ୍ୱାସଘାତକତା କରିଛନ୍ତି। ଉଭୟ ବିଧାୟକ ଇସ୍ତଫା ଦେଇ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ନ୍ତୁ ବୋଲି ଜିଲା ବିଜେଡି ସଭାପତି ଏକ ପ୍ରେସ୍ ବିବୃତିରେ କହିଛନ୍ତି।



## ସଂକ୍ଷେପରେ

### ମା’ବୁଢ଼ୀ ମଙ୍ଗଳାଙ୍କ ଭୁବନେଶ୍ୱରୀ ବେଶ

ବାସନ୍ତିକ ଦୁର୍ଗାପୂଜାର ଚତୁର୍ଥ ଦିନ



ତିଗିରିଆ,୨୨।୩(ଜାଫର ଖାଁ): ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମାର ଆରାଧ୍ୟ ଠାକୁରାଣୀ ମା’ ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଚାଲିଥିବା ବାସନ୍ତିକ ଦୁର୍ଗାପୂଜାର ରବିବାର ଚତୁର୍ଥ ଦିବସରେ ଭକ୍ତମାନଙ୍କୁ ଭୁବନେଶ୍ୱରୀ ବେଶରେ ମା’ ଦର୍ଶନ ଦେଇଛନ୍ତି। ଏହି ଅବସରରେ ମା’ଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମଙ୍ଗଳ ଆଳତି, କଳସ ପୂଜା, ଅଗ୍ନିସ୍ଥାପନ, ଚଣ୍ଡୀ ପାଠ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଆଳତି ଆଦି ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ମା’ଙ୍କ ପୀଠରେ ଭଜନ, କୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ମାଙ୍କଡ଼ ଆକ୍ରମଣରେ ଛାତରୁ ଖସି ମହିଳା ମୃତ

ଆଠଗଡ,୨୨।୩(ସତ୍ୟ ପ୍ରସାଦ ରଥ) ଆଠଗଡ଼ ଥାନା ଅନ୍ତର୍ଗତ ରାଜନଗର ଗ୍ରାମରେ ରବିବାର ମାଙ୍କଡ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଜନଗର ଗ୍ରାମର ଅଭିରାମ ସାହୁଙ୍କ ସ୍ତ୍ରୀ ସୁଲୋଚନା ସାହୁ (୬୧)। ସେ ଅପରାହ୍ନରେ ଛାତ ଉପରକୁ ଯାଇଥିବା ବେଳେ ତାଙ୍କୁ ଏକ ମାଙ୍କଡ ଆକ୍ରମଣ କରିଥିଲା। ଫଳରେ ସେ ଛାତ ଉପରୁ ତଳକୁ ଖସି ପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଆଠଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସୁଲୋଚନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆଠଗଡ଼ ସଦର ରେଞ୍ଜରେ ଏବେ ମାଙ୍କଡ଼ ଉତ୍ପାତ ବୃଦ୍ଧି ପାଉଥିବା ବେଳେ ଗତ କିଛିଦିନ ହେବ ଉକ୍ତ ମାଙ୍କଡ଼ ଆକ୍ରମଣରେ ୬ରୁ ୭ଜଣ ଲୋକ ଆହତ ହୋଇଛନ୍ତି। ଉକ୍ତ ମାଙ୍କଡ଼କୁ ତୁରନ୍ତ କାବୁ କରିବା ପାଇଁ ସାଧାରଣରେ ଦାବି ହୋଇଛି।

### ଯୁବକଙ୍କ ଆତ୍ମାର ସଦ୍‌ଗତି ପାଇଁ ମହମବତି ଶୋଭାଯାତ୍ରା

ବାଙ୍କୀ,୨୨।୩( ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ ଓସ୍ତିଆ ପଞ୍ଚାୟତସ୍ଥିତ ଆନନ୍ଦପୁର ଗ୍ରାମର ବିଜୟ ଦାସଙ୍କ ଏକ ମାତ୍ର ପୁତ୍ର ବିନୋଦ ଦାସ (୨୫) ଗତ ୧୩ ତାରିଖରେ କଟକରୁ କାମ ସାରି ଆସୁଥିବାବେଳେ ଏକ ଗାଡ଼ି ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ରବିବାର ଏକାଦଶାହ ଅବସରରେ ଉକ୍ତ ଗ୍ରାମର ଯୁବ ଗୋଷ୍ଠୀ ଓ ଗ୍ରାମବାସୀ ବିନୋଦଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଭଗବାନଙ୍କ ପାଖରେ ପ୍ରାର୍ଥନା କରିବା ସହ ଏକ ମହମବତି ଶୋଭାଯାତ୍ରା କରିଥିଲେ। ବାଙ୍କୀ ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ କୁମାର ବେଉରା, ସାମାଜିକ କର୍ମୀ ବିରଞ୍ଚି ନାରାୟଣ ମାଦେଳି, ରମେଶ ତ୍ରିପାଠୀ, ନିଲୁ ନାୟକ, ସୁରେନ୍ଦ୍ର ରାଉତରାୟଙ୍କ ସମେତ ଯୁବଗୋଷ୍ଠୀ ଓ ଗ୍ରାମବାସୀ ଏକତ୍ରିତ ହୋଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ସାଙ୍ଗ ପାଇଁ ଦିନଟିଏ

ତିଗିରିଆ,୨୨।୩ (ଜାଫର ଖାଁ) ତିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତ ଅଧୀନ ଦଧିବାମନ ଜୀଉ ବିଦ୍ୟାପୀଠର ୧୯୯୪ ମାଟ୍ରିକ ବ୍ୟାଚ ପକ୍ଷରୁ ସାଙ୍ଗ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଯମୁନାବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିକଟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦିନ ପରେ ପୁରୁଣା ବନ୍ଧୁମାନେ ଏକତ୍ରିତ ହୋଇ ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପୁରାତନ ଛାତ୍ରୀଛାତ୍ରମାନେ ପାଠପଢା ସମୟର ଶିକ୍ଷକ ସୁବାସ ଚନ୍ଦ୍ର ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ବନ୍ଧୁ ତଥା ବରିଷ୍ଠ ଆଇନଜୀବୀ ରଘୁନାଥ ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁକାନ୍ତ କୁମାର ଧଳ, ଅଜୟ ଜେନା, ରମେଶ ହାତୀ, ମିନୁ ସ୍ୱାଇଁ, ମାନସ ପଣ୍ଡା, ଉଦିତ ସାହୁ, ଲକ୍ଷ୍ମୀଧର ସାହୁ, ଦେବାଶିଷ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ଚୌଦ୍ୱାରରେ ପିଲା ବିକ୍ରି ଅଭିଯୋଗ

- ଥାନାରେ ଅଭିଯୋଗ ସତ୍ତ୍ୱେ ମା’ଙ୍କୁ ମିଳୁନି ନ୍ୟାୟ
- ଆତ୍ମହତ୍ୟା ଚେତାବନୀ ଦେଲେ

ମଙ୍ଗୁଳି–ଜଗତପୁର,୨୨।୩ (ମାନସ ସାମଲ):

କଟକ ଜିଲା ଚୌଦ୍ୱାରରେ ପିଲା ବିକ୍ରି ଅଭିଯୋଗ ହୋଇଛି। ଚୌଦ୍ୱାର ଥାନା ଅଧୀନ ଓଟିଏମ୍ ଦୁର୍ଗାବଜାର ସାହିର ରଘୁନାଥ ରେଡ୍ଡୀଙ୍କ ସାନପୁଅଙ୍କୁ ସ୍ଥାନୀୟ ବାସିନ୍ଦା ଯଦୁମଣି ବେହେରା ଅନ୍ୟତ୍ର ବିକ୍ରି କରିଦେଇଥିବା ଶୁକ୍ରବାର ଥାନାରେ ରଘୁନାଥଙ୍କ ସ୍ତ୍ରୀ ଆଶାବତୀ ରେଡ୍ଡୀ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏତଲା ଗ୍ରହଣ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଖସାଇବାକୁ ଚେଷ୍ଟା କରିବା ସହ ତାଙ୍କ ସ୍ୱାମୀ ରଘୁନାଥଙ୍କୁ ବାରମ୍ବାର ଡକାଇ



ଅଭିଯୋଗକାରିଣୀ ଆଶାବତୀ ରେଡ୍ଡୀ ।

ଦୋଷୀ ସାବ୍ୟସ୍ତ କରିବା ଭଳି ଜେରା କରୁଛି। ୩ଦିନ ହେଲା ଥାନାକୁ ଦୌଡୁଛି, ଯଦି ନ୍ୟାୟ ନ ପାଏ ; ତେବେ ଜୀବନ ହାରିବି ବୋଲି ଆଶାବତୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

ଅଭିଯୋଗ ମୁତାବକ, ରଘୁନାଥ ଜଣେ ରାଜମିସ୍ତ୍ରି। ଅଭାବ ଅନଟନ ଯୋଗୁ ଏହି ଦମ୍ପତିଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ୨୦୨୧ରେ ଝଗଡ଼ା ଏତେ ଉଗ୍ରରୂପ ନେଇଥିଲା ଯେ, ଆଶାବତୀ ୩ ପିଲାଙ୍କୁ ଶାଶୁଘରେ ଛାଡ଼ି ବାପଘର ଚଣ୍ଡିଖୋଲସ୍ଥିତ ତୁରଙ୍ଗ ଗ୍ରାମକୁ ଚାଲିଯାଇଥିଲେ। ଏହାର ୬ମାସ ପରେ ରଘୁନାଥଙ୍କ ବୁଝାଶୁଝା ପରେ ପୁଣି ଚୌଦ୍ୱାର ଫେରିଆସିଥିଲେ। କିନ୍ତୁ ଘରକୁ ଆସି ଦେଖନ୍ତି ତ ସାନପୁଅ ନାହିଁ। ରଘୁନାଥଙ୍କୁ ଏନେଇ ପଚାରିବାରୁ ତମେ ଯିବା ପରେ ୩ଜଣଙ୍କ ଯତ୍ନନେବା ସମ୍ଭବ ନ ହେବାରୁ ଘର ମାଲିକ ଯଦୁମଣି ବେହେରାଙ୍କ କଥାରେ ସାନପୁଅକୁ ତାଙ୍କ ସମ୍ପର୍କୀୟ ପାଖରେ ଛାଡ଼ିଦେଇଛି ବୋଲି କହିଥିଲେ। ବର୍ଷକ ପରେ ରଘୁନାଥଙ୍କୁ ଯଦୁମଣି ଏକୁଟିଆ ଡାକି ପୁଅକୁ ହଷ୍ଟେଲରେ ରଖାଇ ପାଠ ପଢ଼ାଇବାକୁ କହି କୋର୍ଟ ପେପରରେ ସ୍ୱାକ୍ଷର କରିନେଇଥିଲେ। କିନ୍ତୁ ପୁଅକୁ ସବୁଦିନ ପାଇଁ ନେଇଯାଇଥିବା ସମ୍ପୃକ୍ତ କୋର୍ଟ ପେପରରେ ଲେଖା ହୋଇଛି ବୋଲି ପରେ ଜାଣିବାକୁ ପାଇଥିବା ଆଶାବତୀ କହିଛନ୍ତି। ଉଭୟ ଅଶିକ୍ଷିତ ହୋଇଥିବାରୁ ପୋଲିସ ଆମକୁ ନ୍ୟାୟ ଦେବା ପରିବର୍ତ୍ତେ ଦହଗଞ୍ଜ କରୁଛି ବୋଲି ଆଶାବତୀ ଅଭିଯୋଗ କରିଛନ୍ତି। କୋର୍ଟ ପେପରରେ ଦସ୍ତଖତ ଓ ପୋଲିସର ତଦନ୍ତକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଶିଶୁ ମଙ୍ଗଳ ବିଭାଗ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏ ନେଇ ଥାନା ଅଧିକାରୀ ରଜନୀକାନ୍ତ ଦାସ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତି ଆଇନଗତ ଭାବେ ପିଲାଟିକୁ ଆଡପ୍ଟ କରିଛନ୍ତି। ପୋଲିସ ଏଥିରେ ହସ୍ତକ୍ଷେପ କରିପାରିବ ନାହିଁ। ଅନ୍ୟପକ୍ଷରେ ଯଦୁମଣିଙ୍କ ସ୍ତ୍ରୀ ଜୟନ୍ତୀ ବେହେରା କହିଛନ୍ତି, ସମ୍ପୃକ୍ତ ପିଲାଟି ମା’ଙ୍କ ଅନୁପସ୍ଥିତିରେ ବେସାହାରା ହୋଇପଡ଼ିଥିଲା, ତେଣୁ ତାକୁ ନେଇଆସିଥିଲୁ। ଖୁବ୍‌ଶୀଘ୍ର ଆମେ ପିଲାଟିକୁ ନେଇ ତାଙ୍କ ଘରେ ଛାଡ଼ିଦେଇ ଆସିବୁ।



ପଲିଫେଷ୍ଟ–୨୦୨୬ ଡ୍ରିମସ୍‌ରେ ପଲିଟେକ୍‌ନିକ୍ ଛାତ୍ରୀଛାତ୍ରଙ୍କ ସଫଳତା ନେଇ ଚେୟାରମ୍ୟାନ୍ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ର ।

### ଜଙ୍ଗଲ ଭିତରୁ ତାଳପତ୍ର ବୋଝେଇ ଟ୍ରାକ୍ଟର ଜବତ

ଆଠଗଡ,୨୨।୩(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବନ ବିଭାଗ ପକ୍ଷରୁ ଜଙ୍ଗଲ ଭିତରୁ ଗୋଟିଏ ତାଳପତ୍ର ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଆଠଗଡ଼ର ପ୍ରାୟ ପ୍ରତ୍ୟେକ ଗ୍ରାମରେ ରାମ ନବମୀ ଉତ୍ସବ ପାଳିତ ହୋଇଥାଏ। ନବଦିନ ବ୍ୟାପୀ ପାଳିତ ହେଉଥିବା ଏହି ଉତ୍ସବରେ ତାଳ ଛାମୁଡିଆ କରିବା ପାଇଁ ବ୍ୟବହୃତ ତାଳପତ୍ର ଜଙ୍ଗଲରୁ ସଂଗ୍ରହ କରିବାକୁ ଥିବାବେଳେ ଏଥିପାଇଁ ବନବିଭାଗଠାରୁ ଅନୁମତି ଆଣିବା ବାଧ୍ୟତାମୂଳକ। ମାତ୍ର ବିନା ଅନୁମତିରେ ଆଠଗଡ଼ ସଦର ରେଞ୍ଜ ସୁକାଶନ ସଂରକ୍ଷିତ ଜଙ୍ଗଲରେ ଗୋଟିଏ ତାଳପତ୍ର ବୋଝେଇ ହୋଇ ଥିବା ଟ୍ରାକ୍ଟର ଆଠଗଡ଼ ପର୍ଶୁରାମପୁର ରାମ ନବମୀ ଉତ୍ସବ ପାଇଁ ଆସୁଥିବା ବେଳେ ବନବିଭାଗ ଦ୍ୱାରା ଏହାକୁ ଜବତ କରା ଯାଇଥିବା ସଦର ବନପାଳ ଆଶିଷ କୁମାର ନାଏକ ସୂଚନା ଦେଇଛନ୍ତି। ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବରେ ପଶି ଶାଳ ଭଳି ମୂଲ୍ୟବାନ ଗଛର ତାଳପତ୍ର ଆଣିବାକୁ ସାଧାରଣରେ ନାପସନ୍ଦ କରାଯାଇଛି।

### ଆଇନଜୀବୀ ରମେଶ ଚନ୍ଦ୍ର ମାଝୀ ଲିଗାଲ ରିଟେନର ନିଯୁକ୍ତ

ତିଗିରିଆ,୨୨।୩(ଜାଫର ଖାଁ)

ତିଗିରିଆ କୋର୍ଟ ତାଲୁକ ଆଇନସେବା ସମିତିର ନୂତନ ଲିଗାଲ ରିଟେନର ଭାବେ ଆଇନଜୀବୀ ରମେଶ ଚନ୍ଦ୍ର ମାଝୀ ନିଯୁକ୍ତି ପାଇଛନ୍ତି। ମାଝୀଙ୍କର ଏହି ନିଯୁକ୍ତି ପରେ ଅନ୍ୟ ଆଇନଜୀବୀଙ୍କ ତରଫରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ଦୁଃସ୍ଥ, ଆର୍ଥିକ ଅନଗ୍ରସର, ପୀଡ଼ିତ, ଅସହାୟ ବ୍ୟକ୍ତି ବିଶେଷ କିଭଳି ଭାବେ ମାଗଣାରେ ଓ ତ୍ୱରିତ ନ୍ୟାୟିକ ସେବା ପାଇପାରିବେ ସେ ଦିଗରେ କାର୍ଯ୍ୟ ସମ୍ପାଦନ କରିବେ ବୋଲି ମାଝୀ କହିଛନ୍ତି।

## ସମାଜ ପାଇଁ କୈବର୍ତ୍ତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବଡ଼ମ୍ବା ପୂର୍ବ ରାଜ୍ୟ କୈବର୍ତ୍ତ ସମାଜର ବିଂଶତମ ସାଧାରଣ ସଭା**

ବଡ଼ମ୍ବା, ୨୨।୩(ମାୟାଧର ମଲ୍ଲିକ)

ନିଜିଗଡ଼ ବଡ଼ମ୍ବା କାଛିତଳ ସାହିସ୍ଥିତ ବିଳାସିନୀ ମଣ୍ଡପରେ ବଡ଼ମ୍ବା ପୂର୍ବ ରାଜ୍ୟ କୈବର୍ତ୍ତ ସମାଜର ବିଂଶତମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପୂର୍ବରାଜ୍ୟ ସଭାପତି ବୈକୁଣ୍ଠନାଥ ବେହେରା ସଭାପତିତ୍ୱ କରିଥିଲେ। ସଭାରେ ମୁଖ୍ୟ ଅତିଥିଭାବେ ଓଡିଶା କୈବର୍ତ୍ତ ମହାସଂଘ କାର୍ଯ୍ୟକାରୀ ସଭାପତି ମନୋଜ କୁମାର ବେହେରା ଯୋଗଦେଇ ସମାଜ ପାଇଁ କୈବର୍ତ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଶା ମତ୍ସ୍ୟଜୀବୀ ସଂଗଠନ ସଭାପତି ପ୍ରସନ୍ନ କୁମାର ବେହେରା ଯୋଗଦେଇ ସୁଦୃଢ଼ ସଙ୍ଗଠନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୨୦୨୧ରୁ ୨୦୨୫ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୧୪ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶିକ୍ଷା କମିଟି ଅଧ୍ୟକ୍ଷ ଭାଗୀରଥି ବେହେରା ଏଥିରେ ସହଯୋଗ କରିଥିଲେ। ଉପସଭାପତି ରମେଶ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଆସନ୍ତା ୨ ବର୍ଷ ପାଇଁ ଅର୍ଥାତ ୨୦୨୮ ପର୍ଯ୍ୟନ୍ତ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ପୁନର୍ବାର ବୈକୁଣ୍ଠନାଥ ବେହେରା, ଉପସଭାପତିଭାବେ ରମେଶ ଚନ୍ଦ୍ର ବେହେରା,ସମ୍ପାଦକ ବ୍ରଜ କିଶୋର ରାଉତ,ସହ ସମ୍ପାଦକ ସଦାଶିବ ବେହେରା, କୋଷାଧ୍ୟକ୍ଷ ଭାବେ ଗୁରୁବାରୀ ବେହେରା, ଶିକ୍ଷା କମିଟି ଅଧ୍ୟକ୍ଷ ଭାବେ ଭାଗିରଥି ବେହେରା ପ୍ରମୁଖ ନିର୍ବାଚିତ ହୋଇଥିଲେ। ଦୟାନନ୍ଦ ଦଳେଇ, ଫଗୁ ବେହେରାଙ୍କ ସମେତ ବଡମ୍ବା ପୂର୍ବ ରାଜ୍ୟର ୩୩ ଜଣ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପୂର୍ବରାଜ୍ୟର ବରିଷ୍ଠ ସଭ୍ୟ ତଥା ତ୍ରୟୋଦଶ ରାଜ୍ୟର ପ୍ରାକ୍ତନ କୋଷାଧ୍ୟକ୍ଷ ଚରଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ବଡ଼ମ୍ବା ପୂର୍ବ ରାଜ୍ୟ କୈବର୍ତ୍ତ ସମାଜର ସାଧାରଣ ସଭାରେ ଯୋଗଦେଇଥିବା ସଦସ୍ୟମାନେ ।

### ‘ଆନନ୍ଦମୟ ପାଟି ହିଁ ଏକ ସୁଖମୟ ଜୀବନ’

କଟକ,୨୨।୩(କାର୍ତ୍ତିକ ସାହୁ):

ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ ଅବସରରେ ଚଳିତ ବର୍ଷର ବିଷୟବସ୍ତୁ ହେଉଛି ‘ଏକ ଆନନ୍ଦମୟ ପାଟି ହିଁ ଏକ ସୁଖମୟ ଜୀବନ’ ଆଧାରିତ କାର୍ଯ୍ୟକ୍ରମ ଚାନ୍ଦିନୀଚୌକସ୍ଥିତ ହେରିଟେଜ୍ ହେଲ୍‌ଥ କେୟାର୍ ହସ୍‌ପିଟାଲରେ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀ, ଆଉଟ–ପେସେଣ୍ଟ ଏବଂ ସେମାନଙ୍କ ସମ୍ପର୍କୀୟମାନଙ୍କୁ ସଚେତନ କରାଯାଇଥିଲା। ହସ୍‌ପିଟାଲର ନିର୍ଦ୍ଦେଶିକା ତଥା ମାଡ଼ି ରୋଗ ବିଶେଷଜ୍ଞ ଡା. ମୋନାଲିସା ପଣ୍ଡା ରୋଗୀମାନଙ୍କୁ ମୁଖ ସ୍ୱାସ୍ଥ୍ୟ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ସାମଗ୍ରୀ ଓ ଡେଣ୍ଟାଲ କିଟ ବଣ୍ଟନ କରିଛନ୍ତି। ଏଥିସହ କେତେକ ଗରିବ ତଥା ଅସହାୟ ଲୋକଙ୍କୁ ନିଃଶୁଳ୍କ ମୁଖ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଚିକିତ୍ସା ପ୍ରଦାନ କରିଥିଲେ।

### ବନରକ୍ଷୀ ରମାକାନ୍ତ ବଳବନ୍ତରାୟ ସମ୍ମାନିତ



ଖୁଣ୍ଟୁଣୀ,୨୨।୩(ସଚ୍ଚିଦାନନ୍ଦ ପଣ୍ଡା)

ବିଶ୍ୱ ବନ ଦିବସ ପାଳନ ଅବସରରେ ଅନୁଗୋଳ ଫରେଷ୍ଟ ସର୍କଲ ତଥା ଆଠଗଡ଼ ବନଖଣ୍ଡର ଖୁଣ୍ଟୁଣୀ ବନାଞ୍ଚଳ ବନରକ୍ଷୀ ରମାକାନ୍ତ ବଳବନ୍ତରାୟଙ୍କୁ ଜଙ୍ଗଲ ସୁରକ୍ଷା ଓ ବନସେବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶ୍ରେଷ୍ଠ ବନରକ୍ଷୀ ସମ୍ମାନରେ ସମ୍ମାନିତ କରାଯାଇଛି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ବନରକ୍ଷୀ ବଳବନ୍ତରାୟଙ୍କୁ ମାନପତ୍ର ଓ ପଦକ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମାଙ୍କ ସମେତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଓଡ଼ିଶା ବନ ବାହିନୀ ମୁଖ୍ୟ ଡ. କେ. ମୁରୁଗେସନ ଉପସ୍ଥିତ ଥିଲେ। ଅନୁଗୋଳ ଫରେଷ୍ଟ ସର୍କଲରୁ ମୋଟ ୩ ଜଣ ବନ କର୍ମଚାରୀ ଏହି ରାଜ୍ୟସ୍ତରୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଆଠଗଡ଼ ବନଖଣ୍ଡରୁ ବନରକ୍ଷୀ ବଳବନ୍ତରାୟଙ୍କ ସମେତ କଟକ ବନଖଣ୍ଡରୁ ବନପାଳ ସସ୍ମିତା ସ୍ୱାଇଁ ଏବଂ ଅନୁଗୋଳ ଫରେଷ୍ଟ ଡିଭିଜନରୁ ବନରକ୍ଷୀ ଲଳିତା ସେଠୀ ଉକ୍ତ ସମ୍ମାନରେ ସମ୍ମାନିତ ହୋଇଥିବା ସୂଚନା ମିଳିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ମାନସ



@ ପ୍ରୀତମ୍



@ ରାଧାକାନ୍ତ



@ ରାଜେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜଳ ସଂରକ୍ଷଣରେ ସନ୍ତୁଳିତ ହେବ ପରିବେଶ




ବିଶ୍ୱ ଜଳ ଦିବସ କାର୍ଯ୍ୟକ୍ରମରେ ବଡ଼ମ୍ବାରେ ଯୋଗଦେଇଥିବା ଅତିଥି ଓ ମହିଳାମାନେ ।




ବାଙ୍କୀରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ବାଙ୍କୀ/ବଡ଼ମ୍ବା,୨୨।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର/ମାୟାଧର ମଲ୍ଲିକ):

ଡମପଡ଼ା ବ୍ଲକ ଅନ୍ତର୍ଗତ ଗୟଳବାଙ୍କ ଗ୍ରାମର ଜାରିଆପାଟଠାରେ କଳିଙ୍ଗକୁସୁମ ଫାଉଣ୍ଡେଶନ ଓ ଇନ୍‌ଫୋସିସ୍‌ର ମିଳିତ ଆନୁକୂଲ୍ୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ସଭାପତିତ୍ୱ କରି ଜଳଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ କଳିଙ୍ଗକୁସୁମ ଫାଉଣ୍ଡେଶନ୍‌ର ମୁଖ୍ୟଟ୍ରଷ୍ଟି ସଞ୍ଜିତ କୁମାର ବେହେରା ଯୋଗଦେଇ ସାରା ବିଶ୍ୱରେ ଏବେ ଜଳସଙ୍କଟ ଦେଖାଯାଇଛି ବୋଲି କହିବା ସହ ଏହାର କିପରି ସମାଧାନ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁଶାନ୍ତ ସୂତାର, ସମରେନ୍ଦ୍ର ମହାପାତ୍ର, ସିଆର୍‌ପି. କଳ୍ପନା ସାହୁ, ରେଖା ସାମଲ, ସିଆର୍‌ପି ମହାସଂଘର ସଭାପତି

**ବିଶ୍ୱ ଜଳଦିବସ ପାଳିତ**



ସୁଜାତା ମହାନ୍ତି ପ୍ରମୁଖ ଯୋଗଦେଇ ଜଳ ବିନା ଏ ସୃଷ୍ଟି ଅସମ୍ଭବ। ଜଳ ସଂରକ୍ଷଣ ହେଲେ ପରିବେଶ ସନ୍ତୁଳିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଜାରିଆ ପାଟରେ କିପରି ଜଳସ୍ତର ବୃଦ୍ଧି ହୋଇ କାମରେ ଲାଗିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। କଳିଙ୍ଗକୁସୁମ ଫାଉଣ୍ଡେଶନ ପକ୍ଷରୁ ଏହି ପାଟର ପୁନରୁଦ୍ଧାର କରାଯାଇ ପର୍ଯ୍ୟଟକଙ୍କ ପାଇଁ ବୋଟିଂ ଏବଂ ପାର୍କର ସୁବିଧା କରାଯାଉଛି ବୋଲି ସୂଚନା ଦିଆଯାଇଥିଲା। ସଭା ପୂର୍ବରୁ ସ୍ଥାନୀୟ ମହିଳା ଓ ଛାତ୍ରୀଛାତ୍ରମାନେ ପ୍ଲା–କାର୍ଡ ଧରି ଜଳ ସଂରକ୍ଷଣ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁଲଣାପୁର ପଞ୍ଚାୟତସ୍ଥିତ ବଡହାମିରା ଆଦିବାସୀ ଗ୍ରାମରେ ବିଶ୍ୱ ଜଳଦିବସ ପାଳିତ ହୋଇଯାଇଛି। ଆଦର୍ଶ ଯୁବପରିଷଦ ଓ ଶ୍ରୀରାମ କମିଟିର ମିଳିତ ଆନୁକୂଲ୍ୟରେ ବିଶ୍ୱ ଜଳଦିବସ ତାତ୍ପର୍ଯ୍ୟ ଉପରେ ଆଲୋଚନା କରିବା ସହ ଜଳ କିପରି ସଂରକ୍ଷଣ ହୋଇପାରିବ ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା। ମୁଖ୍ୟଅତିଥିଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଜଳ ଉପରେ ସମସ୍ତ ଜୀବଜଗତ ନିର୍ଭରଶୀଳ ବୋଲି କହିଥିଲେ। ଆଦର୍ଶ ଯୁବପରିଷଦର ଆବାହକ ଅକ୍ଷୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଏହି ଜଳଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଆଦିବାସୀ ଗ୍ରାମରେ ସ୍ୱାଧୀନତାର ୭୫ବର୍ଷ ପରେବି ଗୋଟିଏ ହେଲେ ପୋଖରୀ ନ ଥିବାରୁ ଗ୍ରାମବାସୀ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେବିଷୟରେ ଆଲୋଚନା କରାଯାଇଥିଲା। ଶ୍ରୀରାମ କମିଟି ଅଧ୍ୟକ୍ଷ ବିଶ୍ୱରଞ୍ଜନ ସ୍ୱାଇଁ ଯୋଗଦେଇ ଜଳ କଷ୍ଟରୁ କିପରି ଦୂର ହୋଇପାରିବ ସେ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସେହିପରି ବଡ଼ମ୍ବା ବ୍ଲକ ନରଣପୁର ଶନି ମନ୍ଦିର ପରିସରରେ ବିଶ୍ୱ ଜଳଦିବସ ପାଳିତ ହୋଇଯାଇଛି। ସ୍ନେହଲତା ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ଭୁବନେଶ୍ୱର ବରିଷ୍ଠ ବୈଜ୍ଞାନିକ ଡ. ଦିଲୀପ କୁମାର ପଣ୍ଡା ଯୋଗଦେଇ ବିଶ୍ୱ ଜଳ ଦିବସ ସମ୍ପର୍କରେ ବୁଝାଇବା ସହ ଦିନକୁଦିନ ଜଳସ୍ତର ହ୍ରାସ ପାଉଥିବାସ୍ଥଳେ ମହିଳାମାନେ କିଭଳି ଜଳକୁ ଅପ ବ୍ୟବହାର ନ କରି ଆବଶ୍ୟକ ଅନୁଯାୟୀ ବ୍ୟବହାର କରିବେ ତା’ଉପରେ ପରାମର୍ଶ ଦେଇଥିଲେ। ସରସ୍ୱତୀ ପରିଡା, ରୀନା ଦେହୁରୀ, ମିନତୀ ଦଳେଇଙ୍କ ସମେତ ଗ୍ରାମର ଶହେରୁ ଊର୍ଦ୍ଧ୍ୱ ମହିଳା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଶହୀଦ, ସଂଗ୍ରାମୀଙ୍କ ନାଁରେ ବରପୁତ୍ର ଐତିହ୍ୟ ଗ୍ରାମ ଘୋଷଣା ଦାବି

ଖୋର୍ଦ୍ଧା,୨୨।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ଏକ ଅଧିବେଶନ ଅଞ୍ଜୁଶ୍ରୀ କଲ୍ୟାଣ ମଣ୍ଡପ ସନ୍ନିକଟ ମଙ୍ଗଳା ମନ୍ଦିର ସଭାଗୃହରେ ସଭାପତି ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ତଥା ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଓଡ଼ିଶାର ବରପୁତ୍ର ଶହୀଦ ଓ ସଂଗ୍ରାମୀମାନଙ୍କ ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମଭାବେ ୨୫ଟି ନାମ ଘୋଷଣା କରିଛନ୍ତି। ସେଥିମଧ୍ୟରେ ଜୟୀ ରାଜଗୁରୁ ଓ ବକ୍ସି ଜଗବନ୍ଧୁଙ୍କ ଗ୍ରାମ ସ୍ଥାନ ପାଇଛି। ଖୋର୍ଦ୍ଧା ପାଇକ ବିଦ୍ରୋହରେ ଅଂଶଗ୍ରହଣ କରିଥିବା ଅନ୍ୟ ବରପୁତ୍ରମାନଙ୍କ ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମଭାବେ ଘୋଷଣା କରିବା ପାଇଁ ଦାବି ହୋଇଛି। ଦାରୁଠେଙ୍ଗର ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ର, ତାପଙ୍ଗ ଦଳବେହେରା ମାଧବ ଚନ୍ଦ୍ର ରାଉତରାୟ, ବାଣପୁର ଦେଓଗାଁର କୃତ୍ତିବାସ ପାଟଶାଣୀ ଓ ତାଙ୍କ ପିତା ଶ୍ୟାମ ସୁନ୍ଦର ପାଟଶାଣୀ ଦଳବେହେରା, ପାଇକ ବିଦ୍ରୋହର ଉପନେତା ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ପାଇକ ବିଦ୍ରୋହରେ ଫାଶୀ ବରଣ କରିଥିବା ଭୁବନେଶ୍ୱର ବଡ଼ଗଡ଼ର ଦଳବେହେରା ଶହୀଦ ପଦ୍ମନାଭ ଛୋଟରାୟ, ମେଣ୍ଢାଶାଳର ଶହୀଦ ରାମସିଂହ, ବାଙ୍କୋଇର ଶହୀଦ ସଚ୍ଚିଦାନନ୍ଦ ପଟ୍ଟନାୟକ ଓ ଶହୀଦ ପର୍ଶୁରାମ ରାଉତରାୟ, ଶହୀଦ ଗୋପାଳ ଛୋଟରାୟ, ଶହୀଦ ନାଥ ପ୍ରଧାନଙ୍କ ଗ୍ରାମକୁ ମଧ୍ୟ ବରପୁତ୍ର ଐତିହ୍ୟ ଗ୍ରାମ ଘୋଷଣା କରାଯିବା ପାଇଁ ଦାବି ହୋଇଥିଲା। ସେହିପରି ବକ୍ସିଙ୍କ ପ୍ରଧାନ ସହଯୋଗୀ ଭାଟପଡ଼ା ଦଳବେହେରା, ଦୀନବନ୍ଧୁ ସାମନ୍ତରାୟ ମହାପାତ୍ର, ପଞ୍ଚୁପଲ୍ଲୀ ଦଳବେହେରା, ସାମନ୍ତସିଂହାରପୁରର ଶ୍ରୀହରି ମାନସିଂହ, ଛତ୍ରଗଡ଼ ଦଳବେହେରା ରଥୀ ସାମନ୍ତସିଂହାର, ସିକୋର ଦାମ ସୁବୁଦ୍ଧି, କାଇପଦର ଦଳବେହେରା ବିଷ୍ଣୁ ହରିଚନ୍ଦନ ଓ ପୀତବାସ ମଙ୍ଗରାଜ, ନାଳସିଂହ ଦଳବେହେରା ବିଷ୍ଣୁ ହରିଚନ୍ଦନ ଓ ପୀତବାସ ମଙ୍ଗରାଜ, ନାଳସିଂହ ଦଳବେହେରା ଗୌରାଙ୍ଗ ବରିସଲ, ଡୁମୁଡୁମା ଦଳବେହେରା ମୀର ହାଇଦର ଅଲ୍ଲୀ, ସିରେଇ ଦଳବେହେରା କାଳିଆ ମାନସିଂହ, ଯମୁନା ଝାରପଡ଼ାର ଭଗବାନ ସିଂ, କରୁଣାକର ପରମଗୁରୁ, କୁଜଙ୍ଗର ବାମଦେବ ପଟ୍ଟଯୋଶୀ ଓ ନାରାୟଣ ପରମଗୁରୁ, ବଡ଼ପାରିର ଉପେନ୍ଦ୍ର ଜଗଦ୍ଦେବ, ଗଙ୍ଗପଡ଼ାର ଭାଗୁ ହରିଚନ୍ଦନ ଓ ମାଖନସିଂହ, ଯାଁଳା ସର୍ଦ୍ଦାର ଲୋକନାଥ ବଳିୟାରସିଂହ, ପିପିଲି ପଦନପୁରର ସାମନ୍ତ ରାଜବଲ୍ଲଭ ଛୋଟରାୟଙ୍କ ଗ୍ରାମମାନଙ୍କୁ 'ବରପୁତ୍ର ଐତିହ୍ୟ' ଗ୍ରାମ ଘୋଷଣା କରାଯିବା ସହିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଗ୍ରାମ ସତ୍ୟଭାମାପୁର, ପୂର୍ବତନ ଲୋକସଭା ବାଚସ୍ପତି ରବି ରାୟ ଏବଂ ମହାନ ସଂଗ୍ରାମୀ ବିଶ୍ୱନାଥ ସାମନ୍ତଙ୍କ ଚମ୍ପେଇଲ ଗ୍ରାମକୁ ମଧ୍ୟ ବରପୁତ୍ର ଐତିହ୍ୟ ଗ୍ରାମଭାବେ ଘୋଷଣା କରାଯିବା ପାଇଁ ଦାବି ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ପାଇକ ସଙ୍ଗଠନର ଉପଦେଷ୍ଟା ଇଂ.ଶିଶିର କୁମାର ନାୟକ, ସତ୍ୟବାଦୀ ବଳିୟାରସିଂହ, ଗଙ୍ଗାଧର ଜଗଦ୍ଦେବ, ରୁନି ଗୁମାନସିଂହ, ସୁରଥ ବିଶ୍ୱାଳ, ଶ୍ରୀରଞ୍ଜନ ମଙ୍ଗରାଜ, ଅମରେନ୍ଦ୍ର ମହାପାତ୍ର, ସୁଧୀର ମାନସିଂହ, ମୃତ୍ୟୁଞ୍ଜୟ ଛୋଟରାୟ, ପ୍ରଫୁଲ୍ଲ ସାମନ୍ତରାୟ, ବୈଦ୍ୟନାଥ ବରାଳ, ରାମ ନାରାୟଣ ଦାଶ, ପ୍ରଦୀପ ବିଶ୍ୱାଳ, କବିରାଜ ପ୍ରଧାନ, ସୁବାସ ସାମନ୍ତରାୟ, ଭାଗୀରଥି ମଙ୍ଗରାଜ, ଶକ୍ତିଧର ମହାପାତ୍ର, ବିନାୟକ ପାଇକରାୟ, ସମରେନ୍ଦ୍ର ବଳିୟାରସିଂହ, ଧରଣୀଧର ଛୋଟରାୟ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ଖୋର୍ଦ୍ଧା କଳିଙ୍ଗ ପାଇକ ସଙ୍ଗଠନର କର୍ମକର୍ତ୍ତା ଓ ଅନ୍ୟମାନେ।


ଜଟଣୀ ପୌରାଞ୍ଚଳ କୁଦିଆରୀ ଗ୍ରାମର ମା'ଜାଗୁଲାଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ଉତ୍ସବ ଅବସରରେ ରବିବାର ମା'କୁଷ୍ମାଣ୍ଡା ଏବଂ ସ୍କନ୍ଦମାତା ବେଶରେ ଦର୍ଶନ ଦେଉଛନ୍ତି। (ଫଟୋ: ରବୀନ୍ଦ୍ର ନାଥ ମହାକୁଡ଼)

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବେଗୁନିଆ,୨୨।୩
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ରାଧାକାନ୍ତପୁର ଗ୍ରାମର ନୂଆସାହିରୁ ରବିବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ସୁଶାନ୍ତ କୁମାର ନାୟକ(୨୮)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଘଟଣାସ୍ଥଳରେ ବେଗୁନିଆ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୬) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ସୁଶାନ୍ତଙ୍କ ପରିବାର ଲୋକେ ଶନିବାର ରାତିରେ ଖାଇପିଇ ଶୋଇଥିଲେ। ରବିବାର ସକାଳେ ଘର ଉପରମହଲା ଆଜବେଷ୍ଟସ ରେଲିଙ୍ଗରେ ସୁଶାନ୍ତ ଗାମୁଛାରେ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଏନେଇ ମୃତକଙ୍କ ଭାଇ ଆଲୋକ କୁମାର ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ ଏବଂ ଅଗ୍ନିଶମ ବାହିନୀ ଘଟଣସ୍ଥଳରେ ପହଞ୍ଚିଥିଲେ। ଅଭିଯୋଗ ଆଧାରରେ ପୋଲିସ ସାଇଣ୍ଟିଫିକ ଟିମ୍‌ର ସହାୟତା ନେବା ସହ ସୁଶାନ୍ତଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

## ଅବକାରୀ ଚଢ଼ାଉ, ୨ ଗିରଫ

ଟାଙ୍ଗୀ,୨୨।୩ (ରଘୁନାଥ ସାହୁ)

ଟାଙ୍ଗୀ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪୪ଲିଟର ଦେଶୀ ମଦ ସହ ଦୁଇଟି ବାଇକ୍ ଜବତ କରଯାଇଛି। ଏଥିରେ ସମ୍ପୃକ୍ତି ନେଇ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଟାଙ୍ଗୀ ଗୋଡ଼ିପାଟଣା ସାହିର ଚରଣ ମହାରଣା ଏବଂ ଅବିନାଶ ନାୟକ। ସୂଚନା ମୁତାବକ, ଦୁର୍ଗା ଚରଣ ଚିଲିକା କଲେଜ ନିକଟସ୍ଥ ରାସ୍ତାରେ ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ଚରଣଙ୍କୁ ଗିରଫ କରାଯିବା ସହ ଏକ ବାଇକ୍ ଏବଂ ୩୦ ଲିଟର ଦେଶୀ ମଦ ଜବତ ହୋଇଥିଲା। ସେହିପରି ମଧୁମଙ୍ଗଳ ପଡିଆଠାରେ ଚଢ଼ାଉ କରାଯାଇ ଅବିନାଶଙ୍କୁ ଗିରଫ କରାଯିବା ସହ ୧୪ଲିଟର ଦେଶୀମଦ ଜବତ କରାଯାଇଥିଲା। ଗିରଫଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ସବଇନ୍ସପେକ୍ଟର ରମେଶ ଚନ୍ଦ୍ର ବାରିକ କହିଛନ୍ତି।

## ଜଳ ସଂରକ୍ଷଣ ପାଇଁ ଶପଥ ନେଲେ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ବୋଲଗଡ଼,୨୨।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ମର୍ଦ୍ଧାବାଡ଼ି ଗ୍ରାମର ଆଞ୍ଚଳିକ ଶିକ୍ଷା, ସେବା ଓ ସାଂସ୍କୃତିକ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଜଳ ଦିବସ ଅବସରରେ ରବିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସମ୍ପାଦକ ଚନ୍ଦନ ପଶ୍ଚିମକବାଟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ସଭାପତି ମନମୋହନ କହଲସିଂହ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଭୁବନେଶ୍ୱର ପିକକ୍ ଅନୁଷ୍ଠାନର ବୋଲଗଡ଼ ବ୍ଲକ ସଂଯୋଜକ ବାମଦେବ ଜେନା, ଶିକ୍ଷକ ପ୍ରଶାନ୍ତ ରାଉତରାୟ, ସଞ୍ଜୟ ବେହେରା, ପ୍ରମୋଦ କହଲସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ଜଳ ଦିବସ ପାଳନର ଗୁରୁତ୍ୱ, ଏହାର ଆବଶ୍ୟକତା ଓ ଭବିଷ୍ୟତରେ ଜଳ ସଞ୍ଚୟ କିପରି କରିବା ତାହା ମତବ୍ୟକ୍ତ କରିଥିଲେ। ଜଳର ସଠିକ ବ୍ୟବହାର, ବର୍ଷା ଜଳ ସଂଗ୍ରହ ଓ ପରିବେଶ ସୁରକ୍ଷା ଉପରେ ବିଶେଷ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମ ମଧ୍ୟରେ ଅନେକ ଛାତ୍ରୀଛାତ୍ର କୁଇଜ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିମାନେ ଜୀବନ ଧାରଣର ପ୍ରମୁଖ ଉପାଦାନ ଜଳକୁ ପ୍ରଦୂଷିତ ହେବାରୁ ରୋକିବା ସହ ଆସନ୍ତାକାଲି ପାଇଁ ଏହାକୁ ସଂରକ୍ଷିତ କରି ରଖିବାକୁ ଛାତ୍ରୀଛାତ୍ରଙ୍କ ସହ ଶପଥ ଗ୍ରହଣ କରିଥିଲେ।

## ୫ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା

ଟାଙ୍ଗୀ,୨୨।୩(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ନୂଆଗଡ଼ ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ ପରିସରରେ ନୂଆଗଡ ସ୍ୱୟଂ ସେବକ ସଂଘ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ବରିଷ୍ଠ ଭେଷଜ ବିଶେଷଜ୍ଞ ଡା.ଗଣପତି ପ୍ରଧାନ, ସ୍ତ୍ରୀ ରୋଗ ବିଶେଷଜ୍ଞ ଡା.କବିତା ଛନିଆ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା.ହିମାଂଶୁ ଭୂଷଣ ବେହେରା, ଚର୍ମରୋଗ ବିଶେଷଜ୍ଞ ଡା.ତପନ କୁମାର ସେଠୀ, ଶିଶୁରୋଗ ବିଶେଷଜ୍ଞ ଡା.ପ୍ରତ୍ୟୁଷ ପାତ୍ର ପ୍ରମୁଖ ରୋଗୀଙ୍କ ଚିକିତ୍ସା କରିବା ସହ ପରାମର୍ଶ ଦେଇଥିଲେ। ଶିବିରରେ ନୂଆଗଡ଼ ସରପଞ୍ଚ ରଘୁନାଥ ମାଝୀ, ସମିତି ସଭ୍ୟା ଗୀତାଞ୍ଜଳି ପାଟଶାଣୀ, ନୂଆଗଡ଼ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତି ଦେଇ, ସହକାରୀ ଶିକ୍ଷୟିତ୍ରୀ ସବିତା ରାଣୀ ସାହୁ, ଗିରିଶ ମହାରଣା, ଗୋପାଳ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ। ନୂଆଗଡ଼ ସ୍ୱୟଂ ସେବକ ସଂଘର ସଭାପତି ମନୋରଞ୍ଜନ ମୁଦୁଲି, ସମ୍ପାଦକ ସମୀର ଜେନା, ଉପଦେଷ୍ଟା ପ୍ରଣବ କିଶୋର ମହାନ୍ତି, ରବୀନ୍ଦ୍ର କୁମାର ମାର୍ଥା, ଭାଗୀରଥି ପାଇକରାୟ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ପଶାଖେଳ ପ୍ରତିଯୋଗିତା ଉଦ୍‌ଯାପିତ

ଜଟଣୀ,୨୨।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ବେଲପଡା-ଖୋଲାଦ୍ୱାର ଗ୍ରାମସ୍ଥିତ ମଦନମୋହନ ଦେବଙ୍କ ପୀଠ ପରିସରରେ ରବିବାର ୭୩ତମ ରାଜ୍ୟସ୍ତରୀୟ ପଶାଖେଳ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ନିଧି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିଯୋଗତା ଦୁଇଦିନ ବ୍ୟାପୀ ହୋଇଥିଲା। ପ୍ରତିଯୋଗିତାରେ ଖୋର୍ଦ୍ଧା, ପୁରୀ, କଟକ ଓ ନୟାଗଡ଼ ଜିଲାର ୪୨ଟି ଦଳ ଅଂଶଗ୍ରହଣ କରିଥିଲେ। ଗଡ଼ମାଣତ୍ରୀ ନିକଟ କୋଚିଆଖାଲ ଦଳ ଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ ବାସୁଦେବ ସାମନ୍ତରାୟ ଓ ବାବୁଲି ପାଇକରାୟ ଅତିଥିଙ୍କଠାରୁ ଟ୍ରଫି ସହ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ବେଲପଡ଼ା ଖୋଲାଦ୍ୱାର ଗ୍ରାମର ରନରଅପ୍ ଦଳର ବ୍ରହ୍ମାନନ୍ଦ ସାହୁ ଓ ପ୍ରସନ୍ନ ମଙ୍ଗରାଜ ଅତିଥିଙ୍କଠାରୁ ଟ୍ରଫି ଓ ପୁରସ୍କାର ଗ୍ରହଣ କରିଥିଲେ। ଉଦଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି ଏବଂ ମୁଖ୍ୟ ବକ୍ତା ଅଧ୍ୟାପକ ସାରଙ୍ଗଧର ମହାପାତ୍ର, ସମ୍ମାନିତ ଅତିଥି ସଉରି ଚରଣ ଜେନା, ଲକ୍ଷ୍ମୀଧର ଡେଙ୍ଗ ପ୍ରମୁଖ ଯୋଗଦେଇଥିଲେ। ପ୍ରଫୁଲ୍ଲ ମହାପାତ୍ର, ମଗୁଲି ସାହୁ, ନିକୁଞ୍ଜ ଜେନା, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରଫୁଲ୍ଲ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥଲେ।

## ସମାଜ ମଙ୍ଗଳ ପାଇଁ ବରିଷ୍ଠ ନାଗରିକଙ୍କ ସମ୍ମିଳନୀ

ଜଟଣୀ,୨୨।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ଗଙ୍ଗପଡ଼ା ଭାତଖୁରିସ୍ଥିତ ଜୀବନଜ୍ୟୋତି ମଣ୍ଡପଠାରେ ରବିବାର ଜଗତ ମଙ୍ଗଳ ପାଇଁ ସମ୍ମିଳନୀ ଓ ପ୍ରାର୍ଥନା କରାଯାଇଛି। ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଏକତ୍ରିତ ହୋଇ ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କୁ କିପରି ସଠିକ ମାର୍ଗ ଏବଂ ସଂସ୍କାର ଦିଆଯାଇ ସମାଜକୁ ବିପଦରୁ ସୁରକ୍ଷା କରାଯାଇପାରିବ ସେ ବିଷୟରେ ବିଭିନ୍ନ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବଂଶୀଧର ବେହେରା, ନିମେଇ ମାର୍ଥା, ଅଧେଇ ମହାକୁଡ଼, ଗଙ୍ଗା ସାହୁ, ସୁଦର୍ଶନ ମହାକୁଡ଼ଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।


ସମ୍ମିଳନୀରେ ଯୋଗଦେଇଥିବା ବରିଷ୍ଠ ନାଗରିକମାନେ।

## କାଇପଦର ଚାମ୍ପିୟନ, ଦେଉଳଟାଙ୍ଗୀ ରନରଅପ୍

ଖୋର୍ଦ୍ଧା,୨୨।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀ ମା'ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କାଇପଦର ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ କାଇପଦର ଏବଂ ଦେଉଳଟାଙ୍ଗୀ ମଧ୍ୟରେ ହୋଇଥିଲା। କାଇପଦର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮.୨ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୬୮ରନ ସଂଗ୍ରହ କରିଥିଲା। ଜବାବରେ ଦେଉଳଟାଙ୍ଗୀ ଟିମ୍ ୧୮.୨ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୩ରନ ସଂଗ୍ରହ କରିଥିଲା। ଫଳରେ କାଇପଦର ଟିମ୍ ୪୫ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ କୁଳଦୀପ ପାଇକରାୟ ୩୮ବଲରୁ ୮୯ରନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଝଜ ସାମନ୍ତରାୟ ଏବଂ ତିରୁପତି ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସନ୍ତୋଷ କୁମାର ସାହୁ ସ୍କୋରର ଏବଂ ଜିତେନ୍ଦ୍ର ପ୍ରଧାନ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ଚାମ୍ପିୟନ ଏବଂ ରନରଅପ୍ ଟିମକୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ଅଜିତ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି, ବିଏସ୍‌ଏନ୍‌ଏଲ୍ ପୂର୍ବତନ ମହାପ୍ରବନ୍ଧକ ଯୋଗିନାଥ ସେନାପତି ସମ୍ମାନିତ ଅତିଥି, ସତ୍ୟବାଦୀ ସ୍ୱାଇଁ, ରଘୁନାଥ ମିଶ୍ର, ଶ୍ୟାମସୁନ୍ଦର ଜେନା, ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ, ମଦନମୋହନ ସ୍ୱାଇଁ, ବିପିନ କୁମାର ମହାପାତ୍ର, ରାମଲୀଳା ଗୁରୁ ମନୋଜ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ଅତିଥି ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମାନସ


@ ପ୍ରୀତମ୍


@ ରାଧାକାନ୍ତ


@ ରାଜେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୨୨।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ଦିନିଆରୀ(ନୀଳକଣ୍ଠପୁର) ଗ୍ରାମର ଆରାଧ୍ୟ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଚାରିଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞାଚାର୍ଯ୍ୟ ପୀତବାସ ମିଶ୍ରଙ୍କ ତତ୍ତ୍ୱାବଧାନରେ ମାୟାଧର ପଣ୍ଡା ଓ ସହଧର୍ମିଣୀ ସଞ୍ଜୁକ୍ତା କର୍ତ୍ତା ଭାବେ ଉପବେଶନ କରିଥିଲେ। ବୈଦିକ ରୀତିନୀତି ଅନୁଯାୟୀ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ରବିବାର ଅପରାହ୍ନରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଯଜ୍ଞ ନାରାୟଣଙ୍କୁ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ବାଗ୍ମୀବାଣୀ ଗାୟିକା ଉର୍ମିଳା ସାହୁ, ଗାୟିକା ଟିକିନା ତ୍ରିପାଠୀ ଲୋକକଳା ପାଲା ପରିବେଷଣ କରିବା ସହ କାଳୀୟ ଦଳନ ଆଦି କାର୍ଯ୍ୟକ୍ରମ ହୋଇଥିଲା।

**ଠିକାଦାର ମହାସଂଘ ବୈଠକ**

କାକଟପୁର/ଅସ୍ତରଙ୍ଗ,(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ) -କାକଟପୁର ନିର୍ବାଚନମଣ୍ଡଳୀ ଠିକାଦାର ମହାସଂଘ ପକ୍ଷରୁ ରବିବାର କୁଆମଚଣ୍ଡୀ ଠାରେ ଠିକାଦାର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମସ୍ତ ଠିକାଦାରଙ୍କ ଦୁରବସ୍ଥା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ବିଶେଷକରି କାମରେ ଲେସ୍ ପ୍ରତିଶତ କମ୍‌ରେ କାମକୁ ସମସ୍ତେ ବିରୋଧ କରିଥିଲେ। ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହେଲା, ଲେସ୍ ପ୍ରତିଶତ କମ୍‌ରେ କେହି କାମ କରିବେନି, ଯଦି ବା କାମ କରନ୍ତି ତା'ହେଲେ ତାହାର ତୀବ୍ର ବିରୋଧ କରାଯିବ। ଦରକାର ପଡ଼ିଲେ ସଂଘ ତରଫରୁ ଜିଲ୍ଲାପାଳଙ୍କ ବିଭାଗକୁ ଅଭିଯୋଗ କରାଯିବ। ଏହାସହ ମାସକୁ ଥରେ ବୈଠକ କରିବା ଓ ଏହି ବୈଠକରେ କାମକୁ ପୁଙ୍ଖାନୁପୁଙ୍ଖ କରାଯାଇ ପ୍ରସ୍ତାବ ଗୃହୀତ କରାଗଲା।



ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ରବିବାର ସିଂହଦ୍ୱାର ସମ୍ମୁଖରେ ଅପେକ୍ଷାରତ ଭକ୍ତମାନେ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ବାଡ଼ି ନୃସିଂହଙ୍କ ଚାରି ଆଶ୍ରମ ବିଜେ

ପୁରୀ,୨୨।୩(ଅଜିତ୍ କୁମାର ମହାନ୍ତି)

ଚୈତ୍ର ମାସ ଶୁକ୍ଳପକ୍ଷ ଚତୁର୍ଥ ତିଥି ରବିବାର ଅବସରରେ ବାଡ଼ିନୃସିଂହ ଶ୍ରୀମନ୍ଦିରରୁ ବାହାରି ଶ୍ରୀକ୍ଷେତ୍ରର ଚାରିଆଶ୍ରମ ବିଜେନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ବାଡ଼ରେ ଖଣ୍ଡିଏ ଅଧିକ ଆଜ୍ଞାମାଳ ଲାଗି କରାଯାଇଥିଲା। ପରେ ବାଡ଼ିନୃସିଂହ ଦକ୍ଷିଣୀ ଘରୁ ମହାଜନ ସେବକଙ୍କ ହାତରେ ଭିତରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଆଜ୍ଞାମାଳ ପାଇଁ ମୁକ୍ତିମଣ୍ଡପ ନିକଟରେ ଥିବା ବିମାନକୁ ବିଜେ କରିଥିଲେ। ଠାକୁରଙ୍କ ରୁନ୍ଧା କାର୍ଯ୍ୟ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବା ପରେ ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ସହ ବିମାନବଡୁ ସେବକମାନେ ବାଡ଼ିନୃସିଂହଙ୍କୁ ଶ୍ରୀକ୍ଷେତ୍ରରେ ଥିବା ମହର୍ଷି ମାର୍କଣ୍ଡେୟ, ମହର୍ଷି କଣ୍ଡୁ, ମହର୍ଷି ଭୃଗୁ ଓ ମହର୍ଷି ଅଙ୍ଗିରାଙ୍କ ଆଶ୍ରମକୁ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ ବିଭିନ୍ନ ନୀତି ହୋଇ ଶୀତଳଭୋଗ ମଣୋହି କରାଯିବା ସହ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ଏହାସହ ନଗର ପରିକ୍ରମା ସମୟରେ ବିଭିନ୍ନ ମଠ, ଆଖଡ଼ା, ଦେବାଳୟ ଆଦି ପକ୍ଷରୁ ପ୍ରାୟ ୪୨ଟି ସ୍ଥାନରେ ନୃସିଂହ ଦେବଙ୍କୁ ପନ୍ତିଭୋଗ କରାଯାଇଥିଲା। ନଗର ପରିକ୍ରମା କରି ନୃସିଂହ ଦେବ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।



ବାଡି ନୃସିଂହ ଚାରିଆଶ୍ରମ ବିଜେ କରୁଛନ୍ତି।

## ଗରମ ଡାଲି ପଡ଼ି ଅବଢ଼ା ବ୍ୟବସାୟୀ ଆହତ

ପୁରୀ,୨୨।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଆନନ୍ଦବଜାରରେ ରବିବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଆନନ୍ଦବଜାରରେ ଗରମ ଡାଲି ପଡ଼ି ଜଣେ ଅବଢ଼ା ବିକ୍ରେତା ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ଡାଲି ପଡ଼ି ଆହତ ହୋଇଥିବା ବିକ୍ରେତା ଜଣଙ୍କ ହେଉଛନ୍ତି ସନ୍ତୋଷ ମହାପାତ୍ର(୩୮)। ସୂଚନାଯୋଗ୍ୟ, ରବିବାର ରାତି ୮ଟାରେ ଆନନ୍ଦବଜାରରେ ପ୍ରବଳ ଗହଳି ଲାଗିଥିବା ବେଳେ ଆନନ୍ଦବଜାରକୁ ମହାପ୍ରସାଦ ଆସୁଥିବା ବେଳେ ଗରମ ଡାଲି ତାଙ୍କ ଉପରେ ପଡ଼ି ଯାଇଥିଲା। ଫଳରେ ସନ୍ତୋଷ ଆହତ ହୋଇଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୁରୁଷ ଭେଷଜ ୱାର୍ଡରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

## ଅଟୋକୁ ଧକ୍କାଦେଲା ମିନି ବସ୍, ୩ ଆହତ

ପୁରୀ,୨୨।୩(ଅଜିତ୍ କୁମାର ମହାନ୍ତି)

ସଦର ଥାନା ଅଧୀନ କଦଳୀବାଡ଼ି ପାଟଣା ନିକଟରେ ଏକ ଅଟୋକୁ ମିନିବସ ଧକ୍କା ଦେଇଥିଲା। ଫଳରେ ଅଟୋ ଓଲଟି ପଡ଼ିବା ସହ ଚାଳକ ସମେତ ପାସେଞ୍ଜର ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ଅଟୋଚାଳକ ଜଗନ୍ନାଥ ସ୍ୱାଇଁ(୪୦) କେତେଜଣ ପାସେଞ୍ଜରଙ୍କୁ ନେଇ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ଫେରୁଥିବା ବେଳେ କଦଳୀବାଡ଼ି ପାଟଣା ନିକଟରେ ସାମ୍ନାରୁ ଆସୁଥିବା ଏକ ମିନିବସ୍ ଧକ୍କା ଦେଇଥିଲା। ଫଳରେ ଅଟୋଟି ଓଲଟି ପଡ଼ିବା ସହ ଚାଳକ ସମେତ ଅନ୍ୟ ୩ଜଣ ପାସେଞ୍ଜର ଆହତ ହୋଇଥିଲେ। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗକାରୀ ଜଗନ୍ନାଥ ମିନିବସ୍ ଚାଳକଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ୪ ପେସାଦାର ବ୍ରାଉନ୍‌ସୁଗାର ବେପାରୀ ଗିରଫ

ପୁରୀ,୨୨।୩(ଅଜିତ୍ କୁମାର ମହାନ୍ତି)

ଅପରେଶନ ଚକ୍ର ଅଭିଯାନରେ ପୁଣି ୪ ଜଣ ପେସାଦାର ବ୍ରାଉନ୍‌ସୁଗାର ବେପାରୀଙ୍କୁ ଟାଉନ୍ ଥାନା ପୋଲିସ ଗିରଫ କରିଛି। ରବିବାର ସନ୍ଧ୍ୟାରେ ଟାଉନ୍ ଥାନା ଅନ୍ତର୍ଗତ କୁସୁନ୍ଦୁ ଖୁଣ୍ଟିଆ ଜାଗା ପାଖରେ ଜଣେ ଆନ୍ତଃଜିଲା ବେପାରୀ ବ୍ରାଉନସୁଗାର ବିକ୍ରି ପାଇଁ ୩ଜଣ ସ୍ଥାନୀୟ ବେପାରୀଙ୍କ ସହ କଥା ହେଉଥିଲେ। ଏନେଇ ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଘଟଣାସ୍ଥଳରେ ଚଢ଼ାଉ କରି ସମସ୍ତ ୪ ଆସାମୀଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୧୫.୫୦ ଗ୍ରାମ୍ ବ୍ରାଉନସୁଗାର, ୪ଟି ମୋବାଇଲ, ୩୮୦୦ ଟଙ୍କା, ଗୋଟିଏ କେଟିଏମ୍ ବାଇକ୍ ଏବଂ ଗୋଟିଏ ସ୍କୁଟି ଜବତ କରିଛି। ଏନେଇ ସମସ୍ତ ଅଭିଯୁକ୍ତଙ୍କୁ ଥାନାକୁ ଅଣାଯିବା ସହ ରବିବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ ବ୍ରାଉନ୍‌ସୁଗାର କେସ୍ ସମେତ ଦାଦାବଟି, ଚୋରି, ଆକ୍ରମଣ ଓ ହତ୍ୟା ଉଦ୍ୟମ ପରି ସଙ୍ଗିନ୍ ମାମଲା ବିଭିନ୍ନ ଥାନାରେ ରହିଥିବା ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ମାନସ



@ ପ୍ରିତମ୍



@ ରାଧାକାନ୍ତ



@ ରାଜେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ସଂକ୍ଷେପରେ

## ଭାସିଯାଉଥିବା ବେଳେ ଉଦ୍ଧାର ହେଲେ ୨ ପର୍ଯ୍ୟଟକ

ପୁରୀ,୨୨।୩(ଅଜିତ୍ କୁମାର ମହାନ୍ତି)

ପୁରୀ ସ୍ୱର୍ଗଦ୍ୱାର ବେଳାଭୂମିରେ ସ୍ନାନ ବେଳେ ଭାସି ଯାଉଥିବା ୨ ପର୍ଯ୍ୟଟକଙ୍କୁ ଲାଇଫ୍‌ଗାର୍ଡମାନେ ଉଦ୍ଧାର କରିଛନ୍ତି। ରବିବାର ସକାଳ ୮ଟା ୧୫ରେ ହୋଟେଲ ଶୁଭ ପ୍ୟାଲେସ ୧୪ ନଂ ସେକ୍ଟର ବେଳାଭୂମିରେ ଦେବାଶିଷ ପରିବାର ସହ ଗାଧୋଉଥିବା ସମୟରେ ହଠାତ୍ ଲହଡ଼ି ମାଡରେ ଗଭୀର ସମୁଦ୍ରକୁ ଭାସି ଯାଇଥିଲେ। ତାଙ୍କ ସମ୍ପର୍କୀୟଙ୍କ ପାଟିଶୁଣି ସେଠାରେ ନିୟୋଜିତ ଥିବା ଲାଇଫଗାର୍ଡ ୨ଜଣଙ୍କୁ ଉଦ୍ଧାର କରି କୂଳକୁ ଆଣିବାରେ ସକ୍ଷମ ହୋଇଛନ୍ତି। ଉଦ୍ଧାର ପର୍ଯ୍ୟଟକ ହେଲେ ପଶ୍ଚିମବଙ୍ଗ ନଦିଆ ଜିଲାର ଦେବାଶିଷ ସିଂ(୫୦)। ସେହିପରି ପୂର୍ବାହ୍ନ ୧୦ଟା ୦୫ରେ ପଶ୍ଚିମବଙ୍ଗର ଉଜ୍ଜ୍ୱଳ ସାହା (୫୫)। ପୁରୀ ହୋଟେଲ୍ ସମ୍ମୁଖ ସେକ୍ଟର-୪ରେ ଗାଧୋଉଥିବା ବେଳେ ଡିପ୍ କରେଣ୍ଟ ଲହଡ଼ି ମାଡ଼ରେ ଗଭୀର ସମୁଦ୍ରକୁ ଭାସି ଯାଇଥିଲେ। ସମୁଦ୍ର ବେଳାଭୂମିରେ ଉପସ୍ଥିତ ଥିବା ଲାଇଫଗାର୍ଡ ସମୁଦ୍ରରେ ପଶି ତାଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ଲହଡ଼ି ମାଡ଼ରେ ତାଙ୍କ ବାମଗୋଡ଼ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ତେବେ ଉଭୟ ଉଦ୍ଧାର ପର୍ଯ୍ୟଟକଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିବା ବେଳେ ୨ଜଣ ସୁସ୍ଥ ଥିବା ସୂଚନା ମିଳିଛି।

## ଡକାୟତି ଯୋଜନା ପଣ୍ଡ, ୭ ଗିରଫ

ପୁରୀ,୨୨।୩(ଅଜିତ୍ କୁମାର ମହାନ୍ତି)

ଡକାୟତି ଯୋଜନା କରିବା ଅଭିଯୋଗରେ ବାସେଳୀସାହି ଥାନା ପୋଲିସ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁବାସ ବେହେରା (୪୫), ସନ୍ତୁ ବେହେରା(୩୮), ବାବୁନା ଭୋଇ (୨୧), ଶମ୍ଭୁ ଦାଶ(୨୩), ଶିବୁନା ନାୟକ(୨୬), ଖଗ ନାୟକ (୩୫) ଏବଂ ପିନାକୀ ବରାଳ (୨୯)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଖଣ୍ଡା, ଲୁହା ରଡ୍, ଜୀବନ୍ତ ବୋମା, ଛୁରି, ବିୟର ବୋତଲ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏନେଇ ପୋଲିସ କେସ୍ ନଂ ୧୦୬/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ ବାସେଳୀସାହି ଥାନା ପୋଲିସ ପକ୍ଷରୁ ଥାନା ଅଞ୍ଚଳରେ ନାଇଟ୍ ପାଟ୍ରୋଲିଂ କରାଯାଉଥିବା ବେଳେ ଏକ ବିଶେଷ ସୂତ୍ରରୁ ଖବର ମିଳିଥିଲା କି ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତି ପାଣିଟାଙ୍କି ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ କିଛି ଅସାମାଜିକ ବ୍ୟକ୍ତି ଡକାୟତି ପାଇଁ ଯୋଜନା କରୁଥିବା ନେଇ ସୂଚନା ମିଳିଥିଲା। ସୂଚନାକୁ ଆଧାର କରି ପୋଲିସର ଏକ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଥାନାକୁ ଆଣିବା ସହ ରବିବାର କୋର୍ଟଚାଲାଣ କରିଛି।

## ଆଧୁନିକ ଔଷଧୀୟ ଗବେଷଣାରେ ସୃଜନକୁ ଗୁରୁତ୍ୱ

**ଫାର୍ମାସୀ କଲେଜରେ ରାଷ୍ଟ୍ରୀୟ ସଂଗୋଷ୍ଠୀ ଆୟୋଜିତ**

ପୁରୀ,୨୨।୩(ଅଜିତ୍ କୁମାର ମହାନ୍ତି)

ଆଇଏମ୍‌ଟି ଫାର୍ମାସୀ କଲେଜ ପରିସରରେ କଲେଜର ୧୫ତମ ରାଷ୍ଟ୍ରୀୟ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିରଳା ବୈଷୟିକ ଅନୁଷ୍ଠାନ, ରାଞ୍ଚିର ପ୍ରଫେସର୍ ସ୍ୱାଗତିକା ଗାଙ୍ଗୁଲି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, କଟକର ଡିନ୍ ବିଶ୍ୱରଞ୍ଜନ ମହାନ୍ତି, ପାରୁଲ୍ ବିଶ୍ୱବିଦ୍ୟାଳୟ, ଗୁଜରାଟର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର୍ ଲକ୍ଷ୍ମଣଭାଇ ଦୁଙ୍ଗରଭାଇ ପଟେଲ, ଆଇଏମ୍‌ଟି ଶିକ୍ଷାନୁଷ୍ଠାନ ସମୂହର ନିର୍ଦ୍ଦେଶକ ମନୋଜ କୁମାର ରଥ, ଶୈକ୍ଷିକ ନିର୍ଦ୍ଦେଶକ ପ୍ରଫେସର ଅନ୍ନଦା ପ୍ରସାଦ ମହାପାତ୍ର, ବିତ୍ତୀୟ ନିର୍ଦ୍ଦେଶିକା ଦେବସ୍ମିତା ରଥ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଆଇଏମ୍‌ଟି ଫାର୍ମାସୀ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ଅଗ୍ନିମିତ୍ର ଦିଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏହି ରାଷ୍ଟ୍ରୀୟ ସଂଗୋଷ୍ଠୀର ଦ୍ୱିତୀୟ ପର୍ଯ୍ୟାୟରେ ବୈଜ୍ଞାନିକ ଓ ବୈଷୟିକ ଉପସ୍ଥାପନାରେ ବିରଳା ବୈଷୟିକ ଅନୁଷ୍ଠାନର ପ୍ରଫେସର୍ ସ୍ୱାଗତିକା ଗାଙ୍ଗୁଲି ଥ୍ରୀଡି- କ୍ୟୁଏସ୍ଏଆର୍ ସମ୍ବନ୍ଧରେ, ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଶ୍ୱରଞ୍ଜନ ମହାନ୍ତି ନୂତନ ଔଷଧ ଗବେଷଣାର ଆହ୍ୱାନ ବିଷୟରେ ଏବଂ ପାରୁଲ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଲକ୍ଷ୍ମଣଭାଇ ପଟେଲ ସିକ୍ସ-ସିଗ୍ମା ଔଷଧୀୟ ଗୁଣବତ୍ତା ବିଷୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଶୀର୍ଷକ 'ଇନୋଭେଶନ୍ ଏଣ୍ଡ ଚ୍ୟାଲେଞ୍ଜେସ୍ ଇନ୍ ମଡର୍ନ ଫର୍ମାସ୍ୟୁଟିକଲ୍ ରିସର୍ଚ୍ଚ' ଉପରେ ଆଲୋକପାତ କରିଥିଲେ। ଏହି ସଂଗୋଷ୍ଠୀ ଅନୁଷ୍ଠାନର ପ୍ରେକ୍ଷାଳୟରେ ପ୍ରତ୍ୟକ୍ଷ ରୂପେ ଚାଲିବା ସଙ୍ଗେ ସଙ୍ଗେ ଆଭସୀ ମାଧ୍ୟମରେ ଦେଶର ବିଭିନ୍ନ ପ୍ରାନ୍ତରୁ ଯଥା ଝାଡ଼ଖଣ୍ଡ, ମହାରାଷ୍ଟ୍ର, ଗୁଜରାଟ, ଛତିଶଗଡ଼, ପଶ୍ଚିମବଙ୍ଗ ଆଦିରୁ ପ୍ରାୟ ୨୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ରାଷ୍ଟ୍ରୀୟ ସଂଗୋଷ୍ଠୀର ସଭା ଓ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନା କରିଥିଲେ ଉପାଧ୍ୟକ୍ଷ ପ୍ରଫେସର ତୁଷାର ରଞ୍ଜନ ମହାପାତ୍ର, ବିଭାଗୀୟ ମୁଖ୍ୟ ଡ. ନିଗମଜ୍ୟୋତି ମାଇତି, ସମୀର କୁମାର ପାତ୍ର ଓ ଜଗନ୍ନାଥ ପ୍ରସାଦ ମିଶ୍ର। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଜ୍ୟୋତିର୍ମୟୀ ଦାଶ ସଞ୍ଚାଳନ ଓ ଅଧ୍ୟାପିକା ବର୍ଷା ପଲାଇ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଏବଂ ସଡ଼କ ସୁରକ୍ଷା ସଚେତନତା

ପୁରୀ,୨୨।୩(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ପରିବହନ ବିଭାଗ ପକ୍ଷରୁ ୩୧ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଏନ୍‌ଫୋସମେଣ୍ଟ ଏବଂ ସଡ଼କ ସୁରକ୍ଷା ସଚେତନତା ଆରମ୍ଭ ହୋଇଛି। ରବିବାର ଏନ୍‌ଫୋର୍ସମେଣ୍ଟ ଏବଂ ଆୱାରନେସ କାର୍ଯ୍ୟକ୍ରମ କରାଯାଇଛି। ଏନ୍‌ଫୋର୍ସମେଣ୍ଟ ଆଣ୍ଡ ଆୱାରନେସ୍‌ରେ ଆଞ୍ଚଳିକ ପରିବହନ ଅଧିକାରୀ ସୁସ୍ମିତା ବେହେରା, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଦେବାଶିଷ ପଣ୍ଡା, ମୋଟରଯାନ ନିରୀକ୍ଷକ ବିଭୁ ରଞ୍ଜନ ନାୟକ, କନିଷ୍ଠ ମୋଟରଯାନ ନିରୀକ୍ଷକ ଦମୟନ୍ତୀ ମାହାଲି, ଟ୍ରାଫିକ ଇନ୍ସପେକ୍ଟର ସୁଶାନ୍ତ ପାତ୍ରଙ୍କ ସହ ପିପିଲି ଥାନାଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ଆଇନ ଉଲ୍ଲଘଂନକାରୀଙ୍କ ଉପରେ ବିଭିନ୍ନ ପ୍ରକାରର ୪୧ଟି ଚାଲାଣ କରାଯାଇ ୨ ଲକ୍ଷ ୨ହଜାର ୬୧୭ ଟଙ୍କାର ଜରିମାନା କରାଯାଇଥିବା ସୂଚନା ମିଳିଛି।

## ଶହୀଦ ଭଗତ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା

ପୁରୀ,୨୨।୩(ଅଜିତ୍ କୁମାର ମହାନ୍ତି)

ପୁରୀ ସହରର ଅନ୍ୟତମ ବୌଦ୍ଧିକ ଅନୁଷ୍ଠାନ ପ୍ରଗତିଶୀଳ ପାଠଚକ୍ର ପକ୍ଷରୁ ସ୍ଥାନୀୟ ସାଲବେଗ ପୀଠ ସମ୍ମିଳନୀ କକ୍ଷରେ ଶହୀଦ ଭଗତ ସିଂଙ୍କ ଅମ୍ଲାନ ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଆଲୋଚ୍ୟ ବିଷୟ 'ଶାନ୍ତି ଓ ସହାବସ୍ଥାନ ପାଇଁ ଯୁଦ୍ଧ ଅନିର୍ବାଯ୍ୟ ନୁହେଁ' ବିଷୟ ଆଲେଚନାରେ ଭାଗ ନେଇ ବକ୍ତାମାନେ ନିଜ ନିଜ ସୁଚିନ୍ତିତ ମତାମତ ଜରିଆରେ ଯୁଦ୍ଧ ଭଳି ଏକ ଧ୍ୱଂସ ସାଧନକାରୀ ପ୍ରକ୍ରିୟାର ଘୋର ବିରୋଧ କରିଥିଲେ। ପାଠଚକ୍ରର ସମ୍ପାଦକ ସୁରେନ୍ଦ୍ର ତପସ୍ୱୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଦେବଦତ୍ତ ବିଶ୍ୱରଞ୍ଜନ, ସୁମିତ୍ରା ବାରିକ, ଜଗନ୍ନାଥ ଦେଓ, ଶ୍ରୀମନ୍ତ ମହାନ୍ତି, ହରିହର ସେନାପତି, ଲୋକନାଥ ନାୟକ, ଗୁନା ନାୟକ, ଗୋପାଳ ପ୍ରଧାନ, ଦେବଦତ୍ତ ପ୍ରଧାନ, କନକଲତା ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ ଦେବୀ ପ୍ରସନ୍ନ ରଥ ଧନ୍ୟବାଦ ଦେଇଥିଲେ।

## ଖବରକାଗଜ ଯୁବମୋର୍ଚ୍ଚାର ବାର୍ଷିକୋତ୍ସବ

ପୁରୀ,୨୨।୩(ଅଜିତ୍ କୁମାର ମହାନ୍ତି)

ପୁରୀରୁ ପ୍ରକାଶିତ ଦୈନିକ ଖବରକାଗଜ ଯୁବମୋର୍ଚ୍ଚାର ଚତୁର୍ଥ ବାର୍ଷିକ ଉତ୍ସବ ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମହାଲକ୍ଷ୍ମୀଙ୍କ ସେବାୟତ ତଥା ଖବରକାଗଜର ସମ୍ପାଦକ ଜଗନ୍ନାଥ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାଶ, ବରେଣ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସମାଜର ପୂର୍ବତନ ପ୍ରକାଶକ ଡ. ପ୍ରଭାସ ଆଚାର୍ଯ୍ୟ, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ନବକିଶୋର ପତି ମହାପାତ୍ର, ବିଶିଷ୍ଟ ସ୍ତମ୍ଭକାର ଗୌରାଙ୍ଗ ପରିଡ଼ା, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ବରିଷ୍ଠ ପ୍ରଶାସକ ଆଜାଦ ହିନ୍ଦ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଖବରକାଗଜ ଯୁବମୋର୍ଚ୍ଚାର ସଫଳତା ଓ ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ସଠିକ ଖବର ପ୍ରକାଶ ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରୁ ଆସିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ପୁରୀ ସଂସ୍କୃତି ଭବନ ପରିସରରେ 'ଯୁବମୋର୍ଚ୍ଚା'ର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଭୁବନେଶ୍ୱର ତମାଣ୍ଡୋ ଚାମ୍ପିୟନ

**ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

ଗୋପ,୨୨।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ତୃତୀୟ ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚରେ କୋଲକାତାର ଲକ୍ଷ୍ମୀ ରତନ ଶୁକ୍ଳା କ୍ଲବକୁ ଭୁବନେଶ୍ୱର ତମାଣ୍ଡୋ କ୍ଲବ୍ ୯୧ ରନରେ ପରାଜୟ କରି ଚଳିତ ବର୍ଷର ଚାମ୍ପିୟନ ହୋଇଛି।

ଉଦ୍‌ଯାପନୀ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କସ୍ତୁରୀ ଫାଉଣ୍ଡେଶନର ଅଧ୍ୟକ୍ଷା କସ୍ତୁରୀବାଳା ସ୍ୱାଇଁ, ତୃପ୍ତି କିଆ ମୋଟର କମ୍ପାନୀର ଓଡ଼ିଶା ମୁଖ୍ୟ ଗୋପାଳ ସିଂ, ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଗାୟତ୍ରୀ ଫର୍ନିଚର ଅଧ୍ୟକ୍ଷ ଜୟଦେବ ମହାପାତ୍ର ଯୋଗ ଦେଇଥିଲେ। ଫାଇନାଲ୍ ମ୍ୟାଚରେ କୋଲକାତା ଲକ୍ଷ୍ମୀ ରତନ ଶୁକ୍ଳା କ୍ଲବ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭରରେ ଭୁବନେଶ୍ୱରର ତମାଣ୍ଡୋ କ୍ଲବ ବ୍ୟାଟିଂ କରି ଦଳର କ୍ଷମାସାଗର ବଳ ୧୬ ବଲ୍ ଖେଳି ୫ଟି ଛକା, ୬ଟି ଚୌକା ବଳରେ ୫୫ ରନ୍ କରିଥିଲେ। ଯମୁନା ଝା ୧୯ ବଲରେ ୩ ଛକା, ୪ ଚୌକା ମାରି ୪୪ ରନ ବଳରେ ୯ ଉଇକେଟ ହରାଇ ୨୫୪ ରନ୍ କରିଥିଲା। ଏହାର ଜବାବରେ କୋଲକାତାର ଲକ୍ଷ୍ମୀ ରତନ ଶୁକ୍ଳା କ୍ରିକେଟ ଟିମ ପ୍ରଥମରୁ ଭଲ ଖେଳି ଓଭର ପିଛା ରନ ହାର ବଢ଼ାଉଥିବା ବେଳେ ପରେ ଦଳ କ୍ରମାଗତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଅଗସ୍ଥିଆ ଶୁକ୍ଳା ୧୭ ଗୋଟି ବଲ ଖେଳି ୩ଟି ଛକା ଓ ୩ଟି ଚୌକା ମାଧ୍ୟମରେ ୩୬ ରନ କରିଥିବା ବେଳେ ଦଳ ୧୮.୧ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୬୩ ରନ୍ କରି ୯୧ ରନ୍‌ରେ ପରାଜୟ ବରଣ କରିଥିଲା।

କାର୍ଯ୍ୟକ୍ରମରେ ଭୁବନେଶ୍ୱରର ତମାଣ୍ଡୋ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଥିବାରୁ ନଗଦ ୭୦ ଲକ୍ଷ ଟଙ୍କା ସହିତ ଧର୍ମେନ୍ଦ୍ର ସାହୁ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର ଅପ୍ କୋଲକାତାର ଲକ୍ଷ୍ମୀ ରତନ ଶୁକ୍ଳା କ୍ରିକେଟକୁ ନଗଦ ୫୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ତମାଣ୍ଡୋ କ୍ରିକେଟ କ୍ଲବର ଖେଳାଳି କ୍ଷମାସାଗର ବଳଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚ୍‌କୁ ପ୍ରମୋଦ କୁମାର ସିହ୍ନା, ଦେବେନ୍ଦ୍ର ମିଶ୍ର ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ମନୋଜ କୁମାର ପାତ୍ର, ସଂଗ୍ରାମ କେଶରୀ ଭୋଳ ଓ ପ୍ରଶାନ୍ତ କୁମାର ପାତ୍ର ରହିଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଗଣମାଧ୍ୟମ ପ୍ରତିନିଧି, କ୍ରିଡାବିତ୍ ଓ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଚାମ୍ପିୟନ ଦଳକୁ ଅତିଥିମାନେ ଚଳିତବର୍ଷର ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

# ଏକତରଫା ପ୍ରେମରୁ ତଣ୍ଟିଚିପି ହତ୍ୟା

## ଅଖା ଭିତରୁ ନାବାଳିକାଙ୍କ ମୃତଦେହ ଜବତ ଘଟଣା

### ପୂର୍ବତନ ଟ୍ୟୁଶନ ଶିକ୍ଷକ ଗିରଫ

ବାରିପଦା/କରଞ୍ଜିଆ,୨୨।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ/କବିତା ମହାନ୍ତ)




ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛି।

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଞ୍ଚଳରେ ଅଖା ଭିତରୁ ଜଣେ ନାବାଳିକା ଛାତ୍ରୀ ମନସା ବିନ୍ଧାଣୀଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ଅଟକ ଥିବା କରଞ୍ଜିଆ ବିଇଓ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର (ମୃତ ଛାତ୍ରୀଙ୍କ ପୂର୍ବତନ ଟ୍ୟୁଶନ ଶିକ୍ଷକ) ତ୍ରିଲୋଚନ ମହାକୁଡ଼ଙ୍କୁ ପୋଲିସ ଗିରଫ କରିଛି। ଏକତରଫା ପ୍ରେମରୁ ଅଭିଯୁକ୍ତ ନାବାଳିକା ତଥା ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ନେଇ ସ୍ୱୀକାର କରିଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ତ୍ରିଲୋଚନ ଉକ୍ତ ଛାତ୍ରୀଙ୍କୁ ପୂର୍ବରୁ ଟ୍ୟୁଶନ କରୁଥିଲେ। ଏହି ସମୟରେ ସେ ଛାତ୍ରୀଙ୍କୁ ଏକତରଫା ପ୍ରେମ କରିବା ସହ କଥାବାର୍ତ୍ତା କରୁଥିଲେ। ଛାତ୍ରୀଙ୍କ ପରିବାର ଲୋକ ଏକଥା ଜାଣି ତାଙ୍କୁ ଗାଳିମନ୍ଦ କରିଥିଲେ। ଏଥିରେ ସେ ପ୍ରତିଶୋଧ ପରାୟଣ ହୋଇ ଛାତ୍ରୀଙ୍କୁ ଜୀବନରୁ ମାରିଦେବାର ଯୋଜନା କରିଥିଲେ। ଶୁକ୍ରବାର ଛାତ୍ରୀଙ୍କ ସହ କଥା ହେବା ପାଇଁ ଡାକିଥିଲେ। ସେଠାରୁ ଏକ ସ୍କୁଟିରେ ବସାଇ ନିଛାଟିଆ ସ୍ଥାନକୁ ନେଇଥିଲେ। ଉଭୟଙ୍କ ମଧ୍ୟରେ ଝଗଡ଼ା ବିସ୍ଫୋରକ ରୂପ ନେଇଥିଲା। ତ୍ରିଲୋଚନ ଏଥିରେ ଉତ୍କ୍ଷିପ୍ତ ହୋଇ ଛାତ୍ରୀଙ୍କ ତଣ୍ଟି ଚିପି ଅଚେତ କରିବା ପରେ ଅଣ୍ଟାରୁ ବେଲ୍ଟ କାଢ଼ି ବେକକୁ ବାନ୍ଧି ମାରିଦେଇଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ଦୁଇଟି ପ୍ଲାଷ୍ଟିକ ଅଖା ମୁଣ୍ଡ ଓ ଗୋଡ଼ ଆଡୁ ଭର୍ତ୍ତି କରି ବାଉଁଶ ବୁଦା ମୂଳରେ ଫିଙ୍ଗି ଦେଇଥିଲେ ବୋଲି ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ପ୍ରକାଶ କରିଛି। ଏ ସଂକ୍ରାନ୍ତରେ କରଞ୍ଜିଆ ପୋଲିସ ଏକ ହତ୍ୟା ମାମଲା (ନଂ.୧୧୧/୨୬) ରୁଜୁ କରିଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ଅଭିଯୁକ୍ତ ଜଣକ ବିବାହିତ ଓ ତାଙ୍କର ଦୁଇ ସନ୍ତାନ ଥିବା ପୋଲିସ କହିଛି। ଖବରଦାତା ସମ୍ମିଳନୀରେ କରଞ୍ଜିଆ ଏସ୍‌ଡିପିଓ ନବଚରଣ ନାଏକ ଏବଂ ଆଇଆଇସି ମୃତ୍ୟୁଞ୍ଜୟ ପ୍ରଧାନ ଉପସ୍ଥିତ ଥିଲେ।

# କଳାବାଘ ଚମଡ଼ା ଜବତ, ୫ ଅଟକ

ବାରିପଦା,୨୨।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

■ଫେଲ୍ ମାରିଲା ଏଆଇ କ୍ୟାମେରା
■ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ କୁଳିଅଣା ଅଞ୍ଚଳରୁ ବନ ବିଭାଗ ଏକ କଳାବାଘ (ମିଲେନାଷ୍ଟିକ ଟାଇଗର) ଚମଡ଼ା ଜବତ କରିଛି। ଘଟଣାରେ ୫ ଜଣକୁ ଅଟକ ରଖି ପଚରାଉଚୁରା କରୁଛି। ଅଧିକ ଲୋକଙ୍କ ସମ୍ପୃକ୍ତି ଥିବା ସନ୍ଦେହରେ ବିଭାଗ ଛାନ୍‌ଭିନ୍ ଚଳାଇଛି। ଏ ନେଇ ବନ ବିଭାଗ ସ୍ପଷ୍ଟ ସୂଚନା ଦେଇ ନ ଥିବା ବେଳେ ଅଟକ ୫ଜଣ କୁଳିଅଣା ଅଞ୍ଚଳର ବୋଲି ଜଣାପଡ଼ିଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ନିଜେ ଘଟଣାର ତଦନ୍ତ କରୁଛନ୍ତି। ଶିମିଳିପାଳରେ ବନ୍ୟଜନ୍ତୁଙ୍କ ସୁରକ୍ଷା ବାବଦରେ ଅନେକ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଶିକାର ରୋକାଯାଇ ପାରୁ ନ ଥିବାରୁ ପ୍ରାଣୀପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏପରିକି ଏଆଇ କ୍ୟାମେରା, ଶିମିଳିପାଳ ଟାଇଗର ଫୋର୍ସ, ପୋଲିସ ଫୋର୍ସ, ବନ କର୍ମଚାରୀ ଏବଂ ଗୋଇନ୍ଦା ବିଭାଗ ଶିକାରୀଙ୍କ ଚାଲ୍ ଆଗରେ ଫେଲ୍ ମାରିଛନ୍ତି। ସବିଶେଷ ତଥ୍ୟ ଜଣାପଡ଼ିବା ପରେ ଖବରଦାତା ସମ୍ମିଳନୀରେ ସମସ୍ତ ବିବରଣୀ ପ୍ରଦାନ କରାଯିବ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ବିଶ୍ୱାଳ କହିଛନ୍ତି।

ସୂଚନାଯୋଗ୍ୟ, ରବିବାର ସକାଳେ କୁଳିଅଣା ଅଞ୍ଚଳରେ ବାଘ ଚମଡ଼ା ବିକ୍ରି ପାଇଁ ମସୁଧା ଚାଲିଥିବା ବେଳେ ବନ ବିଭାଗ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୩ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ୫ ଜଣଙ୍କୁ ବନ ବିଭାଗ କାବୁ କରିଥିଲା। ତେବେ ବାଘ ଚମଡ଼ା କେଉଁଠାରୁ ଆସିଛି ଓ କିଏ ନେବାକୁ ଚାହିଁଥିଲା, ତାହାକୁ ନେଇ ତଦନ୍ତ ଜାରି ରହିଛି। ଏନେଇ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟଙ୍କୁ ପଚାରିବାରୁ ଶିମିଳିପାଳରେ ଅନେକ ଶହ କ୍ୟାମେରା ଲାଗିଥିବା ବେଳେ ଶିକାରୀଙ୍କ ଅନୁପ୍ରବେଶକୁ ନେଇ ବନ ବିଭାଗର ଦମ୍ଭୋକ୍ତି ପଦାରେ ପଡ଼ିଛି। କୋର୍ ଅଞ୍ଚଳରେ ଶିକାରୀମାନେ ପ୍ରବେଶ କରି ବିଶ୍ୱସ୍ତରରେ ପରିଚୟ ସୃଷ୍ଟି କରିଥିବା ଶିମିଳିପାଳରୁ କଳାବାଘ ଶିକାର କରିବା ଅତ୍ୟନ୍ତ ନିନ୍ଦନୀୟ। ଉଲ୍ଲେଖଯୋଗ୍ୟ, ୨ ବର୍ଷ ପୂର୍ବେ ଉଦଳା ଅଞ୍ଚଳରୁ କଳାବାଘ ଚମଡ଼ା ଧରାପଡ଼ିଥିଲା।

# କ୍ରିକେଟରଙ୍କୁ ହତ୍ୟା ଘଟଣାରେ ୨ ଗିରଫ

ଭଦ୍ରକ,୨୨।୩(ସନାତନ ରାଉତ)

### ସୁଧାରଗୃହକୁ ଗଲେ ନାବାଳକ

ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପା ଗୁଣ୍ଡୁଣିଆ ବଜାରରେ ଦୋଳ ମେଳଣ ଚାଲୁଥିବା ବେଳେ ଗତ ୮ ତାରିଖରେ ଯୁବ କ୍ରିକେଟର ସି. କୁମାରସ୍ୱାମୀଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଫେରାର ଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ଜଣେ ନାବାଳକଙ୍କୁ ଅନୁଗୋଳସ୍ଥିତ ସୁଧାରଗୃହକୁ ପଠାଯାଇଛି। ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ଏବଂ ଆଉ ଜଣେ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ରବିବାର ଅପରାହ୍ଣରେ ଭଦ୍ରକ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଅନିଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

ଡିଏସ୍‌ପି ପ୍ରଧାନ କହିଛନ୍ତି, ହତ୍ୟା ଘଟଣାରେ ୪ ଅଭିଯୁକ୍ତ ସମ୍ପୃକ୍ତ ଥିବାବେଳେ ସେମାନେ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଗତ ୧୪ ତାରିଖରେ ଅଭିଯୁକ୍ତ ହିମାଂଶୁ ମିଶ୍ର(୨୧)ଙ୍କୁ କେନ୍ଦୁଝରରୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ୧୭ ତାରିଖରେ ଅଭିଯୁକ୍ତ ନାବାଳକଙ୍କୁ କେନ୍ଦ୍ରାପଡ଼ାରୁ ପୋଲିସ ଧରିଥିଲା। ରବିବାର ଆଉ ଜଣେ ଅଭିଯୁକ୍ତ ବିଶ୍ୱଜିତ ବେହେରା(୨୫)ଙ୍କୁ ବାଲେଶ୍ୱରରୁ ଗିରଫ କରାଯାଇଛି। ସମସ୍ତ ଅଭିଯୁକ୍ତ ଟାଉନ ଥାନା ଅଧୀନ ବିଦାଙ୍ଗ ଗ୍ରାମର। ଏହି ହତ୍ୟାକାଣ୍ଡରେ କୌଣସି ପୂର୍ବଶତ୍ରୁତା ନ ଥିଲା। ମୃତ ସି. କୁମାରସ୍ୱାମୀଙ୍କ ସହ ଅଭିଯୁକ୍ତମାନେ ପରିଚିତ ଥିଲେ। ଘଟଣା ଦିନ ରାତିରେ କୌଣସି କଥାକୁ ନେଇ ସି. କୁମାର ସ୍ୱାମୀଙ୍କ ସହ କଥା କଟାକଟି ହେବାରୁ ଛୁରିରେ ହତ୍ୟା କରିଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ହତ୍ୟାକାଣ୍ଡରେ ବ୍ୟବହାର କରାଯାଇଥିବା ଛୁରିକୁ ଫୋରେନସିକ୍ ଲାବରେଟୋରିକୁ ପଠାଯାଇଛି। କୁମାରସ୍ୱାମୀଙ୍କ ବାପା ସି. ରମେୟାଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ମାମଲା (ନଂ.୧୭୪/୨୬) ରୁଜୁ ହୋଇଥିଲା।

# ବଚସାକୁ କେନ୍ଦ୍ରକରି ଗୁଳିମାଡ଼

ନବରଙ୍ଗପୁର/ଝରିଗାଁ,୨୨।୩(କିଶୋର ଚନ୍ଦ୍ର ମଣ୍ଡଳ)

### ଦେଶୀ ବନ୍ଧୁକ ଗୁଳିରେ ଯୁବକ ଗୁରୁତର

ନବରଙ୍ଗପୁର ଜିଲା ଝରିଗାଁ ଥାନା ଚକଲାପଦର ପଞ୍ଚାୟତ ଅଧୀନ ଏକମ୍ବାପଡ଼ା ଗ୍ରାମରେ ଜଣେ ଯୁବକଙ୍କ ଉପରେ ଶନିବାର ରାତିରେ ଗୁଳିମାଡ଼ ହୋଇଛି। ଏଥିରେ କୁସୁମପଦର ଗାଁର କନ୍ଦୁ ଭତ୍ରା (୩୦) ଗୁରୁତର ହୋଇଛନ୍ତି। କନ୍ଦୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏବେ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ କୌଣସି ଏକ କାରଣ ଯୋଗୁ କୁସୁମପଦର ଗ୍ରାମର କନ୍ଦୁଙ୍କ ସହ ଏକମ୍ବାପଡା ଗ୍ରାମର ବିଷମ ଶବରଙ୍କ ଝଗଡ଼ା ହୋଇଥିଲା। ଏଥିରେ ବିଷମ ରାଗିଯାଇ କନ୍ଦୁଙ୍କୁ ଠେଙ୍ଗାରେ ଆକ୍ରମଣ କରିବା ସହ ଦେଶୀ ବନ୍ଧୁକରୁ ଗୁଳି କରିଥିଲେ। ଗୁଳି ବାଜି କନ୍ଦୁ ଗୁରୁତର ହୋଇଥିଲେ। ପରିବାର ଲୋକେ କନ୍ଦୁଙ୍କୁ ଉଦ୍ଧାର କରି ଶନିବାର ବିଳମ୍ବିତ ରାତିରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର କରିଥିଲେ। ରବିବାର ସକାଳୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ କନ୍ଦୁଙ୍କୁ ଏବେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଖବରପାଇ ଝରିଗାଁ ଥାନାଧିକାରୀ ରଚିକା ମାଡକାମୀ ପହଞ୍ଚି ବିଷମଙ୍କୁ ଥାନାକୁ ଆଣି ପଚରାଉଚରା କରୁଛନ୍ତି। ଉକ୍ତ ଦେଶୀ ବନ୍ଧୁକଟି ସିଙ୍ଗଲ୍ ବ୍ୟାରେଲ୍ ମଜଲ୍ ଲୋଡିଂ ବନ୍ଧୁକ। ଏଥିରେ ଗୋଟିଏ ବ୍ୟାରେଲ୍ ଥାଏ ବୋଲି ଥାନାଧିକାରୀ କହିଛନ୍ତି। ଏନେଇ ଝରିଗାଁ ଥାନାରେ ୪୧/୨୦୨୬ ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି। ବିଷମଙ୍କ ବିରୋଧରେ ବିଏନ୍‌ଏସ୍ ଦଫା ୧୨୬/୧୧୮(୨)୧୦୯ ଏବଂ ଆର୍ମ୍ସ ଆକ୍ଟ ୨୫/୨୬ ଲଗାଯାଇଥିବା ସୂଚନା ମିଳିଛି।

# ଟ୍ରେନ୍ ବଗିରୁ ମୃତଦେହ ଜବତ

ଟିଟିଲାଗଡ଼,୨୨।୩(ଶରତ ମିଶ୍ର)

ଟିଟିଲାଗଡ଼ ରେଲଷ୍ଟେଶନରେ ତାମ୍ବରମ ଏକ୍ସପ୍ରେସ୍ ଟ୍ରେନ୍ ବଗିରୁ ଜଣେ ଯୁବକଙ୍କ ମୃତଦେହ ରବିବାର ସକାଳେ ଜବତ ହୋଇଛି। ମୃତକ ହେଲେ ଝାଡଖଣ୍ଡର ରାଜେନ୍ଦ୍ର ତୁରୀ (୩୫)। ରାଜେନ୍ଦ୍ର ଚେନ୍ନାଇକୁ କାମ କରିବାକୁ ଯାଇଥିଲେ। ସେଠାରେ ରନ୍ଧନ ଗ୍ୟାସ ଅଭାବରୁ ଖାଇବାରେ ସମସ୍ୟା ଦେଖାଦେବାରୁ ଅନ୍ୟ ସାଙ୍ଗମାନଙ୍କ ସହ ଫେରୁଥିଲେ। ତେବେ ତାଙ୍କର କିଭଳି ମୃତ୍ୟୁ ହେଲା ତାହା ଜଣାପଡ଼ିନାହିଁ। ବଗିରୁ ତାଙ୍କ ମୃତଦେହ ଜବତ ହେବା ପରେ ଏହାକୁ ନେଇ ନାନା ଆଲୋଚନା ହେଉଛି। ଜିଆର୍‌ପି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଟିଟିଲାଗଡ଼ ଡାକ୍ତରଖାନା ପଠାଇଛି। ଟିଟିଲାଗଡ଼ ଆର୍‌ପିଏଫ୍ ଓ ଜିଆର୍‌ପି ପକ୍ଷରୁ ତଦନ୍ତ ଜାରି ରହିଛି।

# ପ୍ରେମ ନାଁରେ ଛାତ୍ରୀଙ୍କୁ ବ୍ଲାକମେଲ୍

ଗୋସାଣୀ,୨୨।୩(ଗଣେଶ ପାତ୍ର)

### ୨ ସହପାଠୀ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

ଗଜପତି ଜିଲା ଗୋସାଣି ବ୍ଲକ ଆର. ସୀତାପୁର ନିକଟରେ ଥିବା ଏକ ଘରୋଇ ଶିକ୍ଷା ଅନୁଷ୍ଠାନର ଜଣେ ଛାତ୍ରୀ ପ୍ରତାରଣାର ଶିକାର ହୋଇଛନ୍ତି। ୬ ମାସ ତଳେ ଛାତ୍ରୀଙ୍କୁ ତାଙ୍କର ଜଣେ ସହପାଠୀ ପ୍ରେମ ଜାଲରେ ଫସାଇ ଅସଦ୍‌ବ୍ୟବହାର କରିବା ସହ ୨ ସାଙ୍ଗଙ୍କ ସହ ମିଶି ଅଶ୍ଳୀଳ ଫଟୋ ଉଠାଇଥିଲେ। ପରେ ସେମାନେ ବ୍ଲାକମେଲ୍ କରୁଥିବା ଗୁରାଣ୍ଡି ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୪୦/୨୬ରେ ଏକ ମାମଲା ରୁଜୁ କରିଛି। ମୁଖ୍ୟ ଅଭିଯୁକ୍ତ ଫେରାର ଥିବାବେଳେ ତାଙ୍କର ୨ ସହଯୋଗୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ କାଶୀନଗର ଥାନା ଅଞ୍ଚଳର ଚିନ୍ମୟ କୁମାର ପ୍ରଧାନ ଓ ରାୟଗଡ଼ା ଜିଲାର ଆୟୁଷ କୁମାର ସିଂ।

ପୀଡ଼ିତା ଛାତ୍ରୀ ଜଣକ ପଶ୍ଚିମବଙ୍ଗର। ସେ ଗଜପତି ଜିଲାରେ ନିଜ କକାଙ୍କ ଘରେ ରହି ପାଠ ପଢ଼ୁଥିଲେ। ୬ମାସ ତଳେ ୩ ସହପାଠୀ କୌଣସି ବାହାନାରେ ଶିକ୍ଷା ଅନୁଷ୍ଠାନ ସମ୍ମୁଖରେ ଥିବା ଏକ ଦୋକାନକୁ ଡକାଇ କଥାବାର୍ତ୍ତା ହେବାବେଳେ କୋଲ୍ଡ ଡ୍ରିଙ୍କସରେ କିଛି ନିଶାଯୁକ୍ତ ପଦାର୍ଥ ମିଶାଇ ଛାତ୍ରୀଙ୍କୁ ପିଇବାକୁ ଦେଇଥିଲେ। ଏହାପରେ ୩ ଅଭିଯୁକ୍ତ ଛାତ୍ରୀଙ୍କୁ କୌଣସି ଏକ ସ୍ଥାନକୁ ନେଇ ଯାଇଥିଲେ। ପ୍ରେମିକ ଜଣକ ଅସଦବ୍ୟବହାର କରୁଥିବା ବେଳେ ୨ ସହଯୋଗୀ ଛାତ୍ରୀଙ୍କ ଅସଂଯତ ଅବସ୍ଥାର ଭିଡିଓ ଉତ୍ତୋଳନ କରୁଥିଲେ। ପରେ ଉକ୍ତ ଭିଡିଓକୁ ନେଇ ଛାତ୍ରୀଙ୍କୁ ବ୍ଲାକମେଲ୍ କରାଯିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଗୁରାଣ୍ଡି ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି, ମାମଲାର ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି।

# ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ସହ ଯୁବତୀ ମୃତ

ବିଷମ କଟକ,୨୨।୩(ପ୍ରସନ୍ନ କୁମାର ପଣ୍ଡା)



ରାୟଗଡା ଜିଲା ବିଷମକଟକ ଥାନା ଅନ୍ତର୍ଗତ ଚାଟିକୋଣା ଗ୍ରାମ ନିକଟରେ ୩୨୬ ନମ୍ବର ରାଜ୍ୟ ରାଜପଥରେ ରବିବାର ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡି ଧକ୍କାରେ ବାଇକ୍ ଚାଳକଙ୍କ ସହ ପଛରେ ବସିଥିବା ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ରାୟଗଡା ଅଞ୍ଚଳର ଆକାଶ ନାୟକ ଏବଂ ଯୁବତୀ ହେଲେ କଲ୍ୟାଣସିଂହପୁର ବ୍ଲକ୍ ସେରିଗୁମା ପଞ୍ଚାୟତ କଣ ଗ୍ରାମର ପୂର୍ଣ୍ଣାଲୁ ମିଣିଆକା ବୋଲି ସୂଚନା ମିଳିଛି। ଘଟଣାସ୍ଥଳରେ ବିଷମ କଟକ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ୩ୟ ପୃଷ୍ଠାର ଅବଶିଷ୍ଟାଂଶ

### ଏସ୍‌ସିବି: ବଦଳିଲେ...

ଆସୋସିଏଟ ପ୍ରଫେସର ଭାବେ ନିଯୁକ୍ତ କରାଯାଇଛି। ସୂଚନାଯୋଗ୍ୟ, ଗତ ୧୮ରେ କାର୍ଯ୍ୟରେ ଅବହେଳା ଯୋଗୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କଟକ ସର୍କଲର ଡେପୁଟି ଫାୟାର ଅଫିସର ପ୍ରକାଶ କୁମାର ଜେନାଙ୍କ ସହିତ ଆସିଷ୍ଟାଣ୍ଟ ଫାୟାର ଅଫିସର ସଞ୍ଜୀବ କୁମାର ବେହେରା, ଏସ୍‌ସିବି ମେଡିକାଲ ଓ ହସ୍ପିଟାଲର ଷ୍ଟେସନ ଅଫିସର ଅଭିନବ ପୃଷ୍ଟି ଏବଂ କଟକ ଜିଇଡି ଅନ୍ତର୍ଗତ ଏସ୍‌ସିବି ସବ୍‌ଡିଭିଜନର ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ରଞ୍ଜନ କୁମାର ବିଶ୍ୱାଳଙ୍କୁ ନିଲମ୍ବନ କରାଯାଇଥିଲା। ସେହିପରି ଗୁରୁବାର ଡା. ଦୁର୍ଗାମାଧବ ଶତପଥୀଙ୍କୁ ଡିଏମ୍‌ଇଟି ଭାବେ ନୂତନ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଡିଏମ୍‌ଇଟି ଦାୟିତ୍ୱରେ ଥିବା ଡା.ସନ୍ତୋଷ ମିଶ୍ରଙ୍କୁ ସ୍ୱାସ୍ଥ୍ୟବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିଲା।

### ୩ ବିଧାୟକଙ୍କ ସଭ୍ୟପଦ...

ଦିନରେ ସମ୍ପୃକ୍ତ ୩ ସଦସ୍ୟଙ୍କ ବିରୋଧରେ ଦଳବିରୋଧୀ କାର୍ଯ୍ୟ ପାଇଁ ସବୁପ୍ରକାର ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ସେମାନେ ନିଜ ସ୍ୱାର୍ଥ ପାଇଁ ଦଳ ସହିତ ଯେଉଁ ବିଶ୍ୱାସଘାତକତା କରିଛନ୍ତି ତା'ର ପରିଣାମ ଭୋଗିବେ। ଆବଶ୍ୟକସ୍ଥଳେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଦଳ ଯିବ ବୋଲି କାଡାମ କହିଛନ୍ତି।

ସୂଚନାଯୋଗ୍ୟ, ବାଚସ୍ପତି ସୁରମା ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ମାର୍ଚ୍ଚ ୨୦ରେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ କଂଗ୍ରେସର ୩ ସଦସ୍ୟଙ୍କୁ ଆସନ ପରିବର୍ତ୍ତନ ନେଇ କଂଗ୍ରେସ ସଦସ୍ୟ କାଡାମଙ୍କୁ ପତ୍ର ଲେଖି ଅବଗତ କରାଇଥିଲେ। ବ୍ଲକ-ଇ'ର ୯ ନମ୍ବର ଆସନରେ ରମେଶ ଚନ୍ଦ୍ର ଜେନା, ୧୩ରେ ସୋଫିଆ ଫିର୍ଦ୍ଦୋସ ଏବଂ ୧୪ରେ ଦାଶରଥି ଗମାଙ୍ଗ ବସିବେ ବୋଲି ସଚିବ ପତ୍ରରେ ଦର୍ଶାଇଛନ୍ତି।

### ହର୍ମୁଜ୍ ପ୍ରଣାଳୀ...

ଇରାନ୍‌ର ସବୁ ପାୱାର ପ୍ଲାଣ୍ଟକୁ ଉଡ଼ାଇ ଦେଇ ଅନ୍ଧାର କରିଦିଆଯିବ ବୋଲି ଟ୍ରମ୍ପ୍ ଚେତାଇ ଦେଇଛନ୍ତି। ଏପରିକି ଚେତାବନୀ ଦିଆଯିବାର ନିର୍ଦ୍ଦିଷ୍ଟ ସମୟ ଠାରୁ ଇରାନ୍ ଗଣନା ଆରମ୍ଭ କରି ପ୍ରସ୍ତୁତ ରହିବା ଉଚିତ ବୋଲି ଟ୍ରମ୍ପ୍ କହିବା ସହ ପ୍ରଥମେ ଆମେରିକା ସେନା ଇରାନ୍‌ର ସର୍ବବୃହତ ପାୱାର ପ୍ଲାଣ୍ଟକୁ ଟାର୍ଗେଟ କରିବ ବୋଲି ଟ୍ରମ୍ପ୍ କହିଛନ୍ତି। ଆମେରିକା ଏବଂ ଇସ୍ରାଏଲ ଇରାନ୍ ବିରୋଧରେ ନେବାକୁ ଥିବା କାର୍ଯ୍ୟାନୁଷ୍ଠାନରେ ସଫଳ ହୋଇଥିବାବେଳେ ବର୍ତ୍ତମାନ ଯୁଦ୍ଧକୁ ବିରତି ଦେବାର ସମୟ ଆସିଛି ବୋଲି ଟ୍ରମ୍ପ୍ କହିବାର କିଛି ଘଣ୍ଟା ପରେ ଏଭଳି ଧମକ ଦେଇଛନ୍ତି। ସେପଟେ ୨୨୦୦ ଆମେରିକୀୟ ମେରିନ୍ କମାଣ୍ଡୋଙ୍କୁ ନେଇ ଆମେରିକାର ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ତ୍ରିପୋଲି ଇରାନ୍ ଅଭିମୁଖେ ଯାତ୍ରା କରି ନିକଟବର୍ତ୍ତୀ ହୋଇଥିବାବେଳେ ହର୍ମୁଜ୍ ଏବଂ ଇରାନ୍‌ର ଖର୍ଗ ଦ୍ୱୀପକୁ ଆମେରିକା କବ୍‌ଜାକୁ ନେବା ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି।

ଅପରପକ୍ଷରେ ଟ୍ରମ୍ପଙ୍କ ଏଭଳି ଧମକ ପରେ ଇରାନ୍ ହର୍ମୁଜ୍ ଷ୍ଟ୍ରେଟ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିଦେବାକୁ ପାଲଟା ଧମକ ଦେଇଛି। କେବଳ କେତେକ ନିର୍ଦ୍ଦିଷ୍ଟ ଦେଶକୁ ବାଦ୍ ଦେଇ ଏହି ସାମୁଦ୍ରିକ ପଥ ଦେଇ ଅନ୍ୟ କୌଣସି ଜାହାଜକୁ ଯାତାୟାତ ଲାଗି ଅନୁମତି ଦିଆଯିବ ନାହିଁ ବୋଲି ଇରାନ୍ କହିଛି। ଏହାଛଡ଼ା ଯଦି ଆମେରିକା ଇରାନ୍‌ର ପାୱାର ପ୍ଲାଣ୍ଟ ଉପରେ ଆକ୍ରମଣ କରେ ତେବେ ଇରାନ୍ ଉପସାଗରୀୟ ଅଞ୍ଚଳର ଅନ୍ୟ ଦେଶର ତୈଳ ଓ ଗ୍ୟାସ୍ ଭିତ୍ତିଭୂମି ଉପରେ ଆହୁରି ଜୋରଦାର୍ ଆକ୍ରମଣ କରିବା ସହ ସେଗୁଡ଼ିକର ୱାଟର ଡିସ୍ଲାଇନେଜେଶନ ପ୍ଲାଣ୍ଟଗୁଡ଼ିକ ଉପରେ ଆକ୍ରମଣକୁ ଜୋରଦାର କରାଯିବ ବୋଲି ଇରାନ୍ ପକ୍ଷରୁ କୁହାଯାଇଛି।

### ସର୍ବାଧିକ ସମୟ...

୨୦୧୪ ଲୋକ ସଭା ନିର୍ବାଚନରେ ବିଜୟ ହାସଲ କରିଛନ୍ତି, ଯାହାକି ରାଜନୀତିରେ ଦୀର୍ଘକାଳିନତା ଏବଂ ନିରନ୍ତର ଜନସମର୍ଥନକୁ ପ୍ରତିପାଦିତ କରୁଥିବା ଏକ କୃତିତ୍ୱ। ମୋଦି ୨୦୦୧ ଅକ୍ଟୋବର ୭ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ହୋଇ ୨୦୧୪ ମେ' ୨୧ ପର୍ଯ୍ୟନ୍ତ ଉକ୍ତ ପଦବୀରେ ରହିଥିଲେ। ଜାତୀୟ ରାଜନୀତିକୁ ଆସିବା ପୂର୍ବରୁ ସେ ମୁଖ୍ୟମନ୍ତ୍ରୀ ଭାବେ ୧୩ ବର୍ଷରୁ ଅଧିକ ସମୟ କ୍ଷମତାରେ ଥିଲେ। ୨୦୧୪ ମେ' ୨୬ରେ ସେ ଭାରତର ୧୪ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇ ଲୋକ ସଭାରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ପ୍ରଥମ ଅଣକଂଗ୍ରେସ ନେତା ହୋଇଥିଲେ। ସେହିପରି ସେ ପ୍ରଥମ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ପୂରା ୨ଟି ପାଳି କ୍ଷମତାରେ ରହିବା ପରେ କ୍ରମାଗତ ତୃତୀୟ ଥର କ୍ଷମତାକୁ ଫେରିଛନ୍ତି। ଏହା ବ୍ୟତୀତ ଡିଜିଟାଲ କ୍ଷେତ୍ରରେ ଦେଖିଲେ, ୟୁଟ୍ୟୁବ୍ ଚ୍ୟାନେଲରେ ଚଳିତ ମାସ ଆରମ୍ଭରେ ମୋଦିଙ୍କ ସବ୍‌ସ୍କ୍ରାଇବର ସଂଖ୍ୟା ୩୦ ନିୟୁତରେ ପହଞ୍ଚିଥିଲା, ଯାହାକି ଉକ୍ତ ପ୍ଲାଟ୍‌ଫର୍ମରେ ଅନ୍ୟତମ ସର୍ବାଧିକ ଫଲୋ ହେଉଥିବା ବିଶ୍ୱ ନେତା। ସେହିପରି ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରଧାନମନ୍ତ୍ରୀଙ୍କ ଫଲୋଅରଙ୍କ ସଂଖ୍ୟା ଫେବୃଆରୀରେ ୧୦୦ ନିୟୁତ ଅତିକ୍ରମ କରିଥିଲା। ସେ କ୍ଷମତାରେ ଥିବା ପ୍ରଥମ ବିଶ୍ୱନେତା ଓ ରାଜନେତା ଭାବେ ଏହି ସଫଳତା ହାସଲ କରିଛନ୍ତି। Xରେ ମୋଦିଙ୍କର ଫଲୋଅର ସଂଖ୍ୟା ୧୦୬.୪ ନିୟୁତ ରହିଛି।

ସର୍ବାଧିକ ସମୟ ସରକାର ମୁଖ୍ୟ ରହିବାରେ ମୋଦିଙ୍କ ସଫଳତାକୁ ସେବା, କଠିନ ପରିଶ୍ରମ ଓ ଅତୁଟ ପ୍ରତିଶ୍ରୁତିବଦ୍ଧତାର ଏକ ମାଇଲ୍‌ଖୁଣ୍ଟ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ମୋଦିଙ୍କ ଏହି ସଫଳତାକୁ ନେଇ ଶାହାଙ୍କ ସମେତ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଜେ.ପି. ନଡ୍ଡା, ପୀୟୂଷ ଗୋୟଲ, ଅଶ୍ୱିନୀ ବୈଷ୍ଣବ ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ପ୍ରମୁଖ ଉଚ୍ଚ ପ୍ରଶଂସା କରିଛନ୍ତି।

## ରାଜ୍ୟ ଖବର

# ଓଡ଼ିଶା, ଗୁଜରାଟ ମଧ୍ୟରେ ସାଂସ୍କୃତିକ ସମ୍ପର୍କ ଆହୁରି ସୁଦୃଢ଼ ହେବ

ଭୁବନେଶ୍ୱର,୨୨।୩(ସୌମ୍ୟରଞ୍ଜନ ରାଉତ)

### 'ଓଡ଼ିଶା ପରବ'ର ଦ୍ୱିତୀୟ ଦିବସ



ଓଡ଼ିଶା ପରବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟ ଅତିଥିମାନେ।

ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଅହମ୍ମଦାବାଦରେ ଚାଲିଥିବା 'ଓଡ଼ିଶା ପରବ'ର ରବିବାର ଦ୍ୱିତୀୟ ଦିବସରେ ଓଡ଼ିଆ ପ୍ରବାସୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଗୁଜରାଟର ବିଭିନ୍ନ ପ୍ରାନ୍ତରେ ରହୁଥିବା ଓଡ଼ିଆ ସମ୍ପ୍ରଦାୟର ଲୋକେ ଏକାଠି ହୋଇ ଭାବର ଆଦାନପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଲେ, ସଂସ୍କୃତି, ବାଣିଜ୍ୟ, ପର୍ଯ୍ୟଟନ ଏବଂ ଗୋଷ୍ଠୀଗତ ବିକାଶ କ୍ଷେତ୍ରରେ ବିଭିନ୍ନ ରାଜ୍ୟ ମଧ୍ୟରେ ପାରସ୍ପରିକ ସହଯୋଗର ଆବଶ୍ୟକତା ରହିଛି। 'ଓଡ଼ିଶା ପରବ' କେବଳ ଏକ ସାଂସ୍କୃତିକ ପ୍ରଦର୍ଶନୀ ନୁହେଁ, ବରଂ ଏହା ଓଡ଼ିଶା ଏବଂ ଗୁଜରାଟର ଜନସାଧାରଣଙ୍କ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ସହ ପାରସ୍ପରିକ ବୁଝାମଣା ବୃଦ୍ଧି କରିବା ପାଇଁ ଏକ ସକ୍ରିୟ ମାଧ୍ୟମ। ଏହିଭଳି ପଦକ୍ଷେପ ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ସ୍ଥାୟୀ ସମ୍ପର୍କ ଗଠନ କରିବାରେ ସହାୟକ ହେବ ବୋଲି ସେ ମତପ୍ରକାଶ କରିଥିଲେ।

ଅନ୍ୟତମ ଅତିଥି ଭାବେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଅବସରପ୍ରାପ୍ତ ଆଇଏଏସ୍ ଅଫିସର ମହେଶ୍ୱର ସାହୁ ଏବଂ ଅହମ୍ମଦାବାଦ ଓଡ଼ିଆ ସାମାଜିକ ସାଂସ୍କୃତିକ ସଂଘର ସଭାପତି ଏସ୍.କେ. ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ପ୍ରବାସୀ ଓଡ଼ିଆମାନେ ଉତ୍ସାହର ସହ ଅଂଶଗ୍ରହଣ କରି ନିଜ ଅନୁଭୂତି ଓ ମାଟି ସହ ରହିଥିବା ନିବିଡ଼ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଗୁଜରାଟ ଭଳି ସ୍ଥାନରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ହସ୍ତତନ୍ତ, ଖାଦ୍ୟ ଏବଂ ପରମ୍ପରାର ପ୍ରଦର୍ଶନକୁ ନେଇ ସେମାନେ ଗର୍ବ ଅନୁଭବ କରିଥିଲେ।

# ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ନିୟମ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୩(ବନ୍ଦନା ସେଠୀ)

### ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଗତ କିଛିଦିନ ତଳେ କଟକ ଏସ୍‌ସିବି ମେଡିକାଲ କଲେଜରେ ଘଟିଥିବା ଅଗ୍ନିକାଣ୍ଡରେ ୧୨ଜଣଙ୍କ ମୃତ୍ୟୁ ପରେ ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଛି। ସମସ୍ତ ସରକାରୀ ହସ୍ପିଟାଲଗୁଡ଼ିକରେ ଅଗ୍ନି ନିରାପତ୍ତା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ନିୟମିତ ଯାଞ୍ଚ କରାଇବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ଲୋକସେବା ଭବନଠାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଗ୍ନି ନିରାପତ୍ତା ସଂକ୍ରାନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମନ୍ତ୍ରୀ ଆଲୋଚନା କରିବା ସହ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନିରୀକ୍ଷଣ, ଅଗ୍ନି ସୁରକ୍ଷାମାନ ଠିକ୍ ଭାବେ ପାଳନ କରିବା ନିମନ୍ତେ ଅଧିକାରୀଙ୍କୁ ବିଶେଷ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ମେଡିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନି ସୁରକ୍ଷା ସମ୍ବନ୍ଧୀୟ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଆପତକାଳୀନ ପରିସ୍ଥିତିରେ ତ୍ୱରିତ ପ୍ରତିକ୍ରିୟା ଓ ରୋଗୀଙ୍କ ସୁରକ୍ଷାକୁ ସର୍ବପ୍ରଥମେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିବା ସହ ସମସ୍ତ ହସ୍ପିଟାଲରେ ଅଗ୍ନି ନିରୋଧକ ଯନ୍ତ୍ର ଠିକ୍ ଭାବରେ କାର୍ଯ୍ୟକ୍ଷମ ରହିବା ସହିତ ନିୟମିତ ଯାଞ୍ଚ ଓ ମକ୍ ଡ୍ରିଲ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ବିଭାଗ ଏବଂ ଅଗ୍ନିଶମ ବିଭାଗ ସହ ସମନ୍ୱୟ ରଖି ପଦକ୍ଷେପ ଗ୍ରହଣ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ରୋଗୀ ଓ ସାଧାରଣ ଲୋକଙ୍କ ସୁରକ୍ଷା ସରକାରଙ୍କ ପ୍ରଥମ ପ୍ରାଥମିକତା। ଏଥିରେ କୌଣସି ପ୍ରକାର ଅବହେଳା ସହ୍ୟ କରାଯିବ ନାହିଁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିବା ସହ ଆଗାମୀ ଦିନରେ ସମସ୍ତେ ଏଥିପ୍ରତି ସଚେତନ ରହିବାକୁ କହିଥିଲେ। ବୈଠକରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍, ସ୍ୱତନ୍ତ୍ର ସଚିବ ଡା. ବିଜୟ ମହାପାତ୍ର ଓ ବରିଷ୍ଠ ଅଧିକାରୀଙ୍କ ସହ ସମସ୍ତ ଜିଲାର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ କଲେଜ ମୁଖ୍ୟମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କ ସୋସିଆଲ ମିଡିଆରେ କଣ୍ଠଶିଳ୍ପୀ ଦୀପ୍ତିରେଖାଙ୍କ ଭଜନ




ଭୁବନେଶ୍ୱର,୨୨।୩(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢୀଙ୍କ ଭକ୍ତିମୟ ଭଜନ 'ଦୁର୍ଗତି ନାଶିନୀ ମା'ର ଭିଡ଼ିଓ ଲିଙ୍କକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ 'X'ରେ ପୋଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ ଗୀତର ଲିଙ୍କ୍ ଶେୟାର କରି ହିନ୍ଦୀରେ ଲେଖିଛନ୍ତି ଯେ, ମାତାଙ୍କ ପ୍ରତି ଭକ୍ତିରେ ଅନନ୍ୟ ଶକ୍ତି ରହିଛି। ମାଆଙ୍କ ପୂଜା ଓ ଆରାଧନା କରିବା ଦ୍ୱାରା ଭକ୍ତଙ୍କ ମନ ସକାରାତ୍ମକ ଶକ୍ତିରେ ପରିପୂର୍ଣ୍ଣ ହୋଇଥାଏ ବୋଲି ସେ ଲେଖିଛନ୍ତି। ଏନେଇ କଣ୍ଠଶିଳ୍ପୀ ଦିପ୍ତି କହିଛନ୍ତି, ଏହି ଭିଡିଓଟି ୪ବର୍ଷ ତଳର। ବର୍ତ୍ତମାନ ଚୈତ୍ର ନବରାତ୍ରି ଚାଲିଥିବାରୁ ସେଥିପାଇଁ ପ୍ରଧାନମନ୍ତ୍ରୀ ତାଙ୍କ ଫେସ୍‌ବୁକ୍, X, ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ଏହାକୁ ପୋଷ୍ଟ କରିଛନ୍ତି। ଏନେଇ ବହୁତ୍ ଖୁସି ଲାଗୁଛି। ମୁଁ କେବେ ଭାବି ନ ଥିଲି କି ପ୍ରଧାନମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆରେ ମୋ ଗୀତକୁ ପୋଷ୍ଟ କରିବେ। ଏହି ଗୀତକୁ ଶରତ ଚନ୍ଦ୍ର ମହାପାତ୍ର ଲେଖିଛନ୍ତି ଓ ମୋ ଗୁରୁ ପ୍ରଦୀପ କୁମାର ଦାସ କମ୍ପୋଜ୍ କରିଥିଲେ। କଟକସ୍ଥିତ ମା' ଧାକୁଲେଇ ପୀଠରେ ଗୀତଟିକୁ ସମ୍ପୂର୍ଣ୍ଣ ଟିମ୍ ଶୁଟିଂ କରିଥିଲେ। ତେଣୁ ସମସ୍ତଙ୍କୁ ହୃଦୟର ସହ ଧନ୍ୟବାଦ ଦେଉଛି।

# ଅଧା କ୍ଷମତାରେ ଚାଲୁଛି ୟୁରିଆ ପ୍ଲାଣ୍ଟ

■ଭାରତ ଉପରେ ପଶ୍ଚିମ ଏସିଆ ଯୁଦ୍ଧର ପ୍ରଭାବ

■ଆଗାମୀ ଖରିଫ୍‌ରେ ଦେଖାଦେଇପାରେ ୟୁରିଆ ସଙ୍କଟ



ନୂଆଦିଲ୍ଲୀ, ୨୨।୩ (ପି.ଟି.)

ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଯୋଗୁ ଭାରତର ସାର କାରଖାନାଗୁଡ଼ିକ ଏବେ ବଡ଼ ସଙ୍କଟ ଦେଇ ଗତି କରୁଛନ୍ତି। ହର୍ମୁଜ ପ୍ରଣାଳୀ (ଷ୍ଟ୍ରେଟ୍ ଅଫ୍ ହର୍ମୁଜ) ଦେଇ ଏଲ୍‌ଏନ୍‌ଜି(ତରଳ ପ୍ରାକୃତିକ ଗ୍ୟାସ୍) ପରିବହନ ବାଧାପ୍ରାପ୍ତ ହୋଇଛି। ଫଳରେ ଦେଶର ୟୁରିଆ କାରଖାନାଗୁଡ଼ିକ ଏବେ ମାତ୍ର ୫୦ ପ୍ରତିଶତ କ୍ଷମତାରେ ଚାଲୁଥିବା ରବିବାର ଶିଳ୍ପ ସୂତ୍ରରୁ ଜଣାପଡ଼ିଛି।

ଭାରତର ସବୁଠାରୁ ବଡ଼ ଗ୍ୟାସ୍ ଟର୍ମିନାଲ ପରିଚାଳନା କରୁଥିବା ପେଟ୍ରୋନେଟ୍ ଏଲ୍‌ଏନ୍‌ଜି ଲିମିଟେଡ୍ 'ଫୋର୍ସ ମେଜର' ଘୋଷଣା କରିଛି। ଏହାର ଅର୍ଥ ହେଉଛି ଯୁଦ୍ଧ ସ୍ଥିତି ଯୋଗୁ ସେମାନେ ଚୁକ୍ତି ଅନୁଯାୟୀ ଗ୍ୟାସ୍ ଯୋଗାଇବାରେ ଅସମର୍ଥ। ଉପରମୁଣ୍ଡର ଯୋଗାଣକାରୀ କମ୍ପାନୀଗୁଡ଼ିକ ଗ୍ୟାସ୍ ପଠାଇବାରେ ଅସମର୍ଥ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ସରକାରୀ ଗ୍ୟାସ୍ ବିତରକ କମ୍ପାନୀ ଯଥା ଗେଲ୍, ଆଇଓସି ଏବଂ ବିପିସିଏଲ୍ ପରି କମ୍ପାନୀଗୁଡ଼ିକ ସାର କାରଖାନାଗୁଡ଼ିକୁ ଯୋଗାଉଥିବା ଗ୍ୟାସ୍ ପରିମାଣକୁ ୬୦ରୁ ୬୫ ପ୍ରତିଶତକୁ କମାଇ ଦେଇଛନ୍ତି। କେତେକ ୟୁରିଆ ୟୁନିଟ୍‌ରେ ପ୍ରକୃତ ଯୋଗାଣ ୫୦ ପ୍ରତିଶତରୁ ମଧ୍ୟ କମ୍ ରହିଛି। ଏଭଳିସ୍ଥଳେ ଦେଶର ୟୁରିଆ ପ୍ଲାଣ୍ଟଗୁଡ଼ିକ ସେମାନଙ୍କର ସମ୍ପୂର୍ଣ୍ଣ କ୍ଷମତାର ମାତ୍ର ୫୦ ପ୍ରତିଶତରେ କାମ କରୁଛନ୍ତି। ଉତ୍ପାଦନ କମିଥିଲେ ମଧ୍ୟ ଏହି ପ୍ଲାଣ୍ଟଗୁଡ଼ିକରେ ଶକ୍ତି ବ୍ୟୟ ପ୍ରାୟ ୪୦ ପ୍ରତିଶତ ବଢ଼ିଯାଇଛି। କାରଣ ବଡ଼ ମେଶନ୍‌ଗୁଡ଼ିକୁ କମ୍ ଲୋଡ୍‌ରେ ଚଲାଇଲେ ସେଗୁଡ଼ିକ ଅଧିକ ଇନ୍ଧନ ଖର୍ଚ୍ଚ କରନ୍ତି।

ସାର ଉତ୍ପାଦନ ହ୍ରାସ ପାଇଥିବାରୁ ଚାଷ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା କରାଯାଉଛି। ଆଗକୁ ଖରିଫ୍ ଋତୁ ଆସୁଥିବାରୁ ସାରର ଚାହିଦା ବଢ଼ିବ। ବର୍ତ୍ତମାନ ଭାରତ ପାଖରେ ୬୧.୧୪ ଲକ୍ଷ ଟନ୍ ୟୁରିଆ ମହଜୁଦ ଅଛି (ଯାହା ଗତ ବର୍ଷ ତୁଳନାରେ ଅଧିକ)। ହେଲେ ଉତ୍ପାଦନ ଏଭଳି କମ୍ ରହିଲେ, ଚାଷ ସମୟରେ ସାରର ଅଭାବ ଦେଖାଦେଇପାରେ। କାରଖାନା କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ଗ୍ୟାସ୍ ଯୋଗାଣ କମାଇବା ପାଇଁ ଅତି ବିଳମ୍ବିତ ରାତିରେ ସୂଚନା ମିଳୁଛି। ଏଭଳିସ୍ଥଳେ ବଡ଼ ପ୍ଲାଣ୍ଟଗୁଡ଼ିକୁ ହଠାତ୍ ବନ୍ଦ କରିବା ବା ଲୋଡ୍ କମାଇବା ଦ୍ୱାରା ମେଶିନ ଖରାପ ହେବା ସହ ଦୁର୍ଘଟଣାର ଭୟ ମଧ୍ୟ ରହିଛି। ଅନ୍ୟପକ୍ଷରେ ଗେଲ୍ ପକ୍ଷରୁ ଗ୍ୟାସ୍ ଦରକୁ ନେଇ ନୂଆ ନିୟମ ମାର୍ଚ୍ଚ ୧ରୁ ଲାଗୁ କରାଯାଇଛି। ବିଭିନ୍ନ ପ୍ରକାରର ପୁଲ୍ଡ ପ୍ରାଇସ୍ ଯୋଗୁ ସାର କମ୍ପାନୀଗୁଡ଼ିକ ପାଇଁ ଉତ୍ପାଦନ ଖର୍ଚ୍ଚ ହିସାବ କରିବା କଷ୍ଟକର ହୋଇପଡୁଛି, ଯାହା ସେମାନଙ୍କୁ ଆର୍ଥିକ କ୍ଷତି ଆଡ଼କୁ ଠେଲି ଦେଉଛି।

## ସାମଗ୍ରୀ ପରିବହନରେ ବିଳମ୍ବ, କଞ୍ଚାମାଲ ଅଭାବ ଚିନ୍ତା ବଢ଼ାଇଛି: ସିଆଇଆଇ

ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁ ଭାରତର ବାଣିଜ୍ୟ କାରବାର ଓ ଶିଳ୍ପ ଉତ୍ପାଦନ ଗୁରୁତର ପ୍ରଭାବିତ ହେଉଛି। ରବିବାର ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ କୁହାଯାଇଛି ଯେ, ବିଶ୍ୱ ବାଣିଜ୍ୟ ମାର୍ଗରେ ବାଧା ସୃଷ୍ଟି ହେବା ଫଳରେ ଭାରତୀୟ କମ୍ପାନୀଗୁଡ଼ିକ ଅନେକ ଜଟିଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସିଆଇଆଇ ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ ଏକ ବିବୃତିରେ କହିଛନ୍ତି, ସମୁଦ୍ର ପଥରେ ସାମଗ୍ରୀ ପରିବହନ ବିଳମ୍ବ ହେବା ସହ ଜରୁରୀ ଶକ୍ତି ଉତ୍ସ ମିଳିବାରେ ସମସ୍ୟା ଦେଖାଦେଇଛି। ବିଶେଷକରି ସେହିସବୁ କ୍ଷେତ୍ର ଅଧିକ ପ୍ରଭାବିତ ହୋଇଛି, ଯେଉଁଗୁଡ଼ିକ ବିଦେଶରୁ ଆସୁଥିବା କଞ୍ଚାମାଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଯୁଦ୍ଧ ଯୋଗୁ କେବଳ ସାମଗ୍ରୀ ଆସିବାରେ ବିଳମ୍ବ ହେଉନାହିଁ, ବରଂ ଉତ୍ପାଦନ ପାଇଁ ଆବଶ୍ୟକ ହେଉଥିବା ଅନେକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲର ଘୋର ଅଭାବ ଦେଖାଦେଲାଣି। ଏହାର ପ୍ରଭାବ ଉଭୟ ରପ୍ତାନି ଓ ଆମଦାନୀ ଉପରେ ପଡ଼ିଥିବାବେଳେ ଶକ୍ତି ବଜାରରେ ମଧ୍ୟ ଅସ୍ଥିରତା ସୃଷ୍ଟି ହୋଇଛି ବୋଲି ବାନାର୍ଜୀ କହିଛନ୍ତି।

## ପୂର୍ବତଟ ରେଳପଥର ୨୭୫ ଏମ୍‌ଟି ପଣ୍ୟ ପରିବହନ

ଭୁବନେଶ୍ୱର,୨୨।୩ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ମାର୍ଚ୍ଚ ୨୦ ସୁଦ୍ଧା ୨୭୫ ନିୟୁତ ଟନ୍ (ଏମ୍‌ଟି) ପରିବହନ ଲକ୍ଷ୍ୟ ହାସଲ କରି ପଣ୍ୟ ପରିବହନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ନିର୍ଦ୍ଧାରିତ ସମୟର ୧୧ ଦିନ ପୂର୍ବରୁ ଏହି ସଫଳତା ହାସଲ କରିଛି। ପୂର୍ବତଟ ରେଳପଥ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ୨୭୫.୬ ଏମ୍‌ଟି ପଣ୍ୟ ପରିବହନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିର ୨୪୯.୬ ଏମ୍‌ଟି ସହିତ ତୁଳନା କଲେ ୧୦.୪% ଅଭିବୃଦ୍ଧି ଦର୍ଶାଉଛି। ଅନ୍ୟପଟେ ପୂର୍ବତଟ ରେଳପଥ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ୨୫୦ଏମ୍‌ଟି ଅନଲୋଡିଂ ଅତିକ୍ରମ କରିଛି, ଯାହା ଗତ ବର୍ଷର ସମାନ ଅବଧିରେ ୨୩୬.୫ ନିୟୁତ ଟନ୍ ଅନଲୋଡିଂ ସଂଖ୍ୟା ତୁଳନାରେ ଯଥେଷ୍ଟ ଉନ୍ନତି ଆଣିଛି। ପୂର୍ବତଟ ରେଳପଥ ପଣ୍ୟ ପରିବହନରେ, ବିଶେଷ କରି କୋଇଲା, ଲୁହାପଥର, ଇସ୍ପାତ ଏବଂ ଅନ୍ୟାନ୍ୟ ବଲ୍କ ସାମଗ୍ରୀଗୁଡ଼ିକରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି, ଯାହା ଦେଶର ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରୁଛି।

## ଏଫ୍‌ପିଆଇ ନିୟମ ସରଳ କରିବ ସେବି

ଭୁବନେଶ୍ୱର,୨୨।୩ (ଅନୁରାଧା ମହାରଣା)

ସେବି ବୋର୍ଡ ସୋମବାର ବୈଠକରେ ବିଦେଶୀ ପୋର୍ଟଫୋଲିଓ ନିବେଶକ ପାଇଁ ଫଣ୍ଡ ସେଟଲମେଣ୍ଟ ନିୟମ ସରଳ କରିବା ସହ ବଜାର ମଧ୍ୟସ୍ଥଙ୍କ ନିୟମାବଳୀରେ ପରିବର୍ତ୍ତନ ଉପରେ ଆଲୋଚନା କରିବ। ପ୍ରସ୍ତାବ ଅନୁଯାୟୀ ଏଫ୍‌ପିଆଇମାନେ ସମାନ ଦିନର ବିକ୍ରିରୁ ପ୍ରାପ୍ତ ଟଙ୍କାକୁ କ୍ରୟ ବାଧ୍ୟବାଧକତା ସହ ନେଟ କରି କେବଳ ନେଟ ପରିମାଣ ପୂରଣ କରିପାରିବେ। ଏହା ଅପରେଶନାଲ ଦକ୍ଷତା ବଢ଼ାଇବ ଓ ଫଣ୍ଡିଙ୍ଗ ଖର୍ଚ୍ଚ କମାଇବ। ବିଶେଷକରି ଇଣ୍ଡେକ୍ସ ରିବାଲାନ୍ସିଙ୍ଗ ଦିନରେ ଏହା ସୁବିଧା ଦେବ। ଏହା ବ୍ୟତୀତ ବୋର୍ଡ 'ଫିଟ ଏଣ୍ଡ ପ୍ରପର୍ ପର୍ସନ' ମାନଦଣ୍ଡ ସଂସ୍କାର, ଇଜ୍ ଅଫ୍ ଡୁଇଙ୍ଗ ବିଜନେସ ପ୍ରସ୍ତାବ ଉପରେ ଉଚ୍ଚସ୍ତରୀୟ ପ୍ୟାନେଲ ରିପୋର୍ଟରେ ଗୁରୁତ୍ୱ ଦିଆଯିବ। ଏହି ବୈଠକ ଅଧ୍ୟକ୍ଷ ତୁହିନକାନ୍ତ ପାଣ୍ଡେଙ୍କ ପଞ୍ଚମ ବୋର୍ଡ ବୈଠକ ହେବ।

# ପ୍ରଥମ ରାଫ୍ଟ ସର୍ବଭାରତୀୟ ଓପନ ର୍‍ୟାପିଡ୍ ଚେସ୍ ଉଦ୍‌ଯାପିତ




ଭୁବନେଶ୍ୱର, ୨୨।୩ (ତପନ ସ୍ୱାଇଁ)

ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର ହେରିଟେଜ ଏବଂ ରାଇ ଫାଉଣ୍ଡେଶନ ଟ୍ରଷ୍ଟ (ଆରଏଏଫ୍‌ଟି) ଆନୁକୂଲ୍ୟରେ ରୟାଲ କଲେଜ ପରିସରରେ ପ୍ରଥମ ସର୍ବଭାରତୀୟ ଓପନ ଏବଂ ଏଜ୍ ଗ୍ରୁପ୍ ର୍‍ୟାପିଡ୍ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରୟାଲ କଲେଜ ଚେୟାରମ୍ୟାନ ରୋଟାରିଆନ ବିଷ୍ଣୁ ମୋହନ ମହାନ୍ତି ଏବଂ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ତଥା ରାଇ ଫାଉଣ୍ଡେଶନ ଟ୍ରଷ୍ଟ ପ୍ରତିଷ୍ଠାତା ରୋଟାରିଆନ ରମନ ଅଗ୍ରୱାଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ମୋଟ ୨୦୧ ଖେଳାଳି ଭାଗ ନେଇଥିଲେ। କ୍ରିଷ୍ଣା କୁମାର ମହାବୀର ପ୍ରସାଦ ଅଗ୍ରୱାଲ ମେମୋରିଆଲ ଟ୍ରଫି ସହ ମୋଟ ୫୭,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଓପନ ବର୍ଗର ଶ୍ରେଷ୍ଠ ୩ ଖେଳାଳିଙ୍କୁ ଟ୍ରଫି ସହ ଯଥାକ୍ରମେ ୭୦୦୦, ୬୦୦୦ ଓ ୫୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ୧୬ ବର୍ଷରୁ କମ୍ ଟୁର୍ନାମେଣ୍ଟରେ ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ମୋଟ ୮୦ଟି ଟ୍ରଫି ଏବଂ ପଦକ ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟକୁ ଫିଡେ ଆର୍ବିଟର ଅଭିଷେକ ଆଚାର୍ଯ୍ୟ ପରିଚାଳନା କରିଥିଲେ।

# କ୍ରିଟିକାଲ ମିନେରାଲ୍ସ ରେସରେ ଭାରତ ହେବ ଗେମ ଚେଞ୍ଜର୍

ନୂଆଦିଲ୍ଲୀ, ୨୨।୩

ଆଧୁନିକ ପ୍ରଯୁକ୍ତି ଓ ଇଲେକ୍ଟ୍ରିକ ଯାନର ଭବିଷ୍ୟତ ଦୁର୍ଲଭ ଖଣିଜ (ରେୟାର୍ ଆର୍ଥ ଏଲିମେଣ୍ଟ୍ସ) ଉପରେ ନିର୍ଭର କରୁଛି। ଏହି ଖଣିଜର ପ୍ରକ୍ରିୟାକରଣ ଓ ଉତ୍ପାଦନରେ ଚୀନର ଏକଚାଟିଆ କବଜା ରହିଛି, ଯାହାର ଅଂଶ ପ୍ରାୟ ୯୦% ଏବଂ ମ୍ୟାଗ୍ନେଟ ଉତ୍ପାଦନରେ ୯୩% ରହିଛି। ଏହି ନିୟନ୍ତ୍ରଣ ଯୋଗୁଁ ଚୀନ ବାରମ୍ବାର ଅନ୍ୟ ଦେଶକୁ ଚାପ ଦେଇଆସିଛି। ଭାରତ ଏହି ନିର୍ଭରଶୀଳତାରୁ ମୁକ୍ତି ପାଇବା ସହ ଦୁନିଆକୁ ଏକ ବିଶ୍ୱସନୀୟ ବିକଳ୍ପ ଦେବାକୁ ପ୍ରସ୍ତୁତ ହେଉଛି। ଜାନୁଆରୀ ୨୦୨୫ରେ ଲଞ୍ଚ ହୋଇଥିବା 'ନ୍ୟାସନାଲ କ୍ରିଟିକାଲ ମିନେରାଲ୍ସ ମିଶନ' ମାଧ୍ୟମରେ ଦେଶ ଭିତରେ ଏହି ଖଣିଜର ଅନୁସନ୍ଧାନ, ପ୍ରକ୍ରିୟାକରଣ ଓ ବ୍ୟବହାରକୁ ବଢ଼ାଇବାକୁ ଯୋଜନା କରାଯାଇଛି। ପୂର୍ବରୁ ଏହି କ୍ଷେତ୍ର କେବଳ ସରକାରୀ କମ୍ପାନୀଙ୍କ ମଧ୍ୟରେ ସୀମିତ ଥିଲା, କିନ୍ତୁ ଏବେ ପ୍ରାଇଭେଟ ସେକ୍ଟରକୁ ମଧ୍ୟ ଖୋଲା ଯାଇଛି। ଭାରତ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ସହ 'ମିନେରାଲ୍ସ ସିକ୍ୟୁରିଟି ପାର୍ଟନରଶିପ' (ଏମଏସପି) ମାଧ୍ୟମରେ ଏକ ସୁରକ୍ଷିତ ସପ୍ଲାଇ ଚେନ ଗଠନ କରୁଛି। ଦକ୍ଷିଣ ଏସିଆରେ ଭାରତର ଭୌଗୋଳିକ ଅବସ୍ଥାନ ଓ ପଡ଼ୋଶୀ ଦେଶମାନଙ୍କ ସହ ସମ୍ପର୍କ ଏହାର ସବୁଠାରୁ ବଡ଼ ଶକ୍ତି। ଆଫଗାନିସ୍ତାନରେ ଲାନ୍ଥାନମ ଓ ସିରିୟମ, ମ୍ୟାନମାରରେ ଡିସପ୍ରୋସିୟମ, ଶ୍ରୀଲଙ୍କା ଓ ବାଲାଂଦେଶରେ ମୋନାଜାଇଟ, ନେପାଳ ଓ ଭୁଟାନରେ ଟାଣ୍ଟାଲମ, ଲିଥିୟମ ଭଳି ଖଣିଜ ପ୍ରଚୁର ରହିଛି।

# ଏସ୍‌ବିଆଇ ପେନ୍‌ସନର୍ସ ସଂଘର ସାଧାରଣ ସଭା



ଭୁବନେଶ୍ୱର,୨୨।୩ (ଅନୁରାଧା ମହାରଣା)

କଟକ ଶହୀଦ ଭବନରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଭୁବନେଶ୍ୱର ମଣ୍ଡଳ ସଂଘର ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଗଣେଶ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ଜେନେରାଲ ମ୍ୟାନେଜର କୌଶଲ କିଶୋର ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଭୁବନେଶର ମଣ୍ଡଳର ମଣ୍ଡଳ ଉନ୍ନୟନ ଅଧିକାରୀ ଶାମଦେନ ଦୋରଜୀ ଲାମା, ଷ୍ଟେଟ ବ୍ୟାଙ୍କ ଅଧିକାରୀ ସଂଘର ସାଧାରଣ ସମ୍ପାଦକ ଅମିତାଭ ଦାସ ଓ ୪ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଘର ଉପ ସଭାପତି ନିର୍ମଳ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ଦାଶ ପ୍ରାରମ୍ଭିକ ସୂଚନା ଦେବାସହ ସଭ୍ୟମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀମାନଙ୍କର ବିଭିନ୍ନ ସମସ୍ୟା ପ୍ରତି ଇଣ୍ଡିଆନ ବ୍ୟାଙ୍କର୍ସ ଆସୋସିଏଶନ ଓ କେନ୍ଦ୍ର ସରକାରଙ୍କ ଉଦାସୀନତା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସଂଘର ଅଭିଯୋଗ ଅନୁଯାୟୀ ଦୀର୍ଘବର୍ଷ ଧରି ପେନ୍‌ସନଭୋଗୀ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ଅଧିକାରୀଙ୍କର ପେନ୍‌ସନ ସମ୍ବନ୍ଧୀୟ ଜରୁରୀ ସମସ୍ୟାର ସମାଧାନ ଯଥା ବେତନ ସଂଶୋଧନ ସମୟରେ ପେନ୍‌ସନଭୋଗୀଙ୍କ ମୂଳ ଦରମାର ସଂଶୋଧନ କରିବା ଓ କମ୍ୟୁଟେଶନ ଅବଧି ୧୫ ବର୍ଷ ପରିବର୍ତ୍ତେ ୧୦ ବର୍ଷ କରିବାକୁ ଦାବି କରିଥିଲେ। ନିର୍ବାଚନ ଅଧିକାରୀ କୃଷ୍ଣଚନ୍ଦ୍ର ରାଉତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଅବସରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କର ନାମ ଘୋଷଣା କରିଥିଲେ।


BATHWAL CORPORATION

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ପେଙ୍ଗୁଇନ ଟ୍ରେଡିଂ ଏଣ୍ଡ ଏଜେନ୍ସି ଲିମିଟେଡ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, କୋଇଡା ତହସିଲ ଅନ୍ତର୍ଗତ ରାଇକେଲା ଓ ତନ୍ତରା ଗ୍ରାମରେ ୪୯.୩୭୨ ହେକ୍ଟର ପରିମିତ ଖଣି ଲିଜ ଅଞ୍ଚଳରେ ଅବସ୍ଥିତ ରାଇକେଲା ଓ ତନ୍ତରା ଲୌହ ଖଣିର ବାର୍ଷିକ ୨.୫୯୨ ନିୟୁତ ଟନରୁ ବାର୍ଷିକ ୪.୯୫ ନିୟୁତ ଟନର ସମ୍ପ୍ରସାରଣ ଭାରତ ସରକାରଙ୍କର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶ ମଞ୍ଜୁରୀ ସଂଖ୍ୟା SEIAA File No.549993/41-MINB1/09-2025 ତା.୧୭.୦୩.୨୦୨୬ ରିଖ ଦିନ ପ୍ରାପ୍ତ ହୋଇଛି।

ରମଣ ରଶ୍ମି ନାୟକ, ଅଭିକର୍ତ୍ତା



**କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, କୋଣାର୍କ, ପୁରୀ**

ପତ୍ରାଙ୍କ ସଂଖ୍ୟା-୧୦୦୮/ତାରିଖ ୨୦.୦୩.୨୦୨୬

**ନିଲାମ ଇସ୍ତାହାର**

No.13001/714/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ପରିଷଦଙ୍କ ତରଫରୁ ଚଳିତ ଆର୍ଥିକ ବର୍ଷ ୨୦୨୬-୨୦୨୭ ପାଇଁ ପରିଷଦର ବିଭିନ୍ନ ସମ୍ପତ୍ତି ନିଲାମ ଓ ଫି ଆଦାୟ କରିବାପାଇଁ ଜଉମୁଦ ନିଲାମ କରାଯିବ । ସେଗୁଡ଼ିକ ହେଲା:- (୧) କ୍ରମିକ ସଂ. ୧ ରୁ ୧୮- ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ଠାରୁ ୨୦୨୮-୨୯ ପର୍ଯ୍ୟନ୍ତ (ତିନି ବର୍ଷ ପାଇଁ), (୨) କ୍ରମିକ ସଂ. ୧୯ ରୁ ୨୪- ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ (ଏକ ବର୍ଷ ପାଇଁ) ।

ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ନିର୍ଦ୍ଧାରିତ ଫର୍ମ ତା.୨୦.୦୩.୨୦୨୬ରିଖ ଠାରୁ ତା.୨୬.୦୩.୨୦୨୬ରିଖ ଅପରାହ୍ନ ଘ.୧୨.୩୦ମି. ମଧ୍ୟରେ କାର୍ଯ୍ୟାଳୟରେ ଦେୟଯୁକ୍ତ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ଉପରୋକ୍ତ ସମୟ ମଧ୍ୟରେ ଟେଣ୍ଡର ଫର୍ମ କ୍ରୟ କରି ତା.୨୬.୦୩.୨୦୨୬ରିଖ ପୂର୍ବାହ୍ନ ଘ.୧୧.୩୦ ମି. ସମୟ ମଧ୍ୟରେ ପରିଷଦ କାର୍ଯ୍ୟାଳୟରେ ଥିବା ସୂଚିତ ନିଲାମ ବାକ୍ସରେ ଜଉମୁଦ ଯୁକ୍ତ ଟେଣ୍ଡର ଫର୍ମ ଓ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜ ଯଥା ଫଟୋ ପରିଚୟପତ୍ର ଏବଂ ଆଧାର କାର୍ଡର ଅବିକଳ ନକଲ ଦାଖଲ ଦେଇ ଟେଣ୍ଡରରେ ଭାଗ ନେଇପାରିବେ । ଉକ୍ତ ନିଲାମ ତା.୨୬.୦୩.୨୦୨୬ରିଖ ଅପରାହ୍ନ ଘ.୧୨.୩୦ ମି.ରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ସର୍ବସମ୍ମୁଖରେ ଖୋଲାଯିବ । ନିଲାମ ସଂପର୍କୀୟ ସମସ୍ତ ସର୍ତ୍ତାବଳୀ ଟେଣ୍ଡର ଫର୍ମରେ ସୂଚିତ କରାଯାଇଅଛି । ଟେଣ୍ଡର ଫର୍ମ କାର୍ଯ୍ୟାଳୟରେ କେବଳ ସରକାରୀ କାର୍ଯ୍ୟଦିବସରେ ଦେୟଯୁକ୍ତ ପ୍ରାପ୍ତ ସମ୍ଭବ ।

ସ୍ୱା./-ନିର୍ବାହୀ ଅଧିକାରୀ
କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ

OIPR-13001/13174/1/25-26/0003



**GOVERNMENT OF ODISHA**
**e-Procurement Notice, ANGUL (R&B) DIVISION**
**Bid Identification No. 77 of 2025-26**
e-mail ID - angulrbdivision@yahoo.co.in

No.34001/241/2526

1 Number of Works : 03 (Three) number of road works 07 (Seven) number of building works
2 Approximate estimated cost : Varies from 5.47 lakh to 84.00 lakh
3 Period of completion : Varies from 02 (Two) to 06 (Six) Calendar months
4 Date & Time of availability of bid document in the portal : From Dt.25.03.2026
5 Last date / Time for receipt of bid in the portal : Dt.08.04.2026 up to 5.00 P.M.
6 Date of opening Bid : Dt.09.04.2026 at 11.00 A.M.
7 Name and address of the Office Inviting Bid : Superintending Engineer, Angul (R&B) Division, Angul
8 The bidders must participate in **ONLINE** bidding only. Further details can be seen from the e-procurement portal https:/ tendersodisha.gov.in

Sd./- Superintending Engineer, Angul (R&B) Division

OIPR-34001/34074/1/25-26/0008



ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ମଣ୍ଡଳ, କୋରାପୁଟ
ଡି.ଏନ୍.କେ. ରୋଡ଼, ଦମକଳ ଷ୍ଟେସନ ପାର୍ଶ୍ୱ, କୋରାପୁଟ, ପିନ୍-୭୬୪୦୨୦

**OFFICE OF THE ADDITIONAL ENGINEER**
**RURAL WATER SUPPLY & SANITATION CIRCLE, KORAPUT**

At- D.N.K Road, Beside Fire Station, Koraput, Pin-764020, Email - acerwsskpt@gmail.com

**Tender Identification No. 02 /ACE/RWSS/KPT/2025-26/ 19.03.2026**

**No.25001/351/2526** : The Additional Chief Engineer, RWS&S Circle, Koraput on behalf of the Governor of Odisha invites Percentage Rate Bids in Double cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work. | 1. Rural piped water supply to village Deobharandi PH-I of G.P. Naktisemoda under Raighar Block in the district of Nabarangpur.<br>2. Rural piped water supply to village Chhatabeda PH -I of G.P. Parua under Raighar Block in the district of Nabarangpur. |
| 2 | Time period for completion | Eleven (11) Months. |
| 3 | Estimated Cost. | Varies from Rs. 168.06 Lakhs to Rs. 396.54 Lakh respectively |
| 4 | Total Nos of works | 2 nos. |
| 5 | Tender cost | Rs.10,000.00/- Each. |
| 6 | Class of Contractor | "B" & "A" |
| 7 | Availability of Bid document in the website | Dt. 26.03.2026 at 17.00 hours to 06.04.2026 up to 17.00 hours. |
| 8 | Last Date of Seeking clarification | During the Office hours of 02.04.2026 |
| 9 | Date of Opening of Bid | Dt. 07.04.2026 at 11.00 AM |

***Note: The amount put to tender is exclusive of GST. The intending bidders should offer their rates which shall be exclusive of GST applicable as per norms. GST applicable on works contract shall be paid over the bill amount at the time of payment of bill.***

Further details can be seen in the bidding documents which is available in the e-procurement portal https/www.tendersorissa.gov.in Subsequent corrigendum if required shall be appeared in the website Authority reserves the right to reject any or all tenders without assigning any reason thereof.

Sd./- Addl. Chief Engineer, RWS&S Circle, Koraput

OIPR-25001/25115/1/25-26/0002



No.11001/63/2526

**Government of Odisha**
**Higher Education Department**

**Important notice for the applicants seeking admission into 2 year B.Ed./B.H.Ed./M.Ed. Courses at the State Public Universities and Colleges participating under SAMS for the Academic Session 2026-27**

It is for information of all concerned that admission into 2 year B.Ed./B.H.Ed./M.Ed. Courses for the HEIs participating under SAMS shall be done through an Entrance test. Accordingly, the candidates are hereby instructed to fill-up the Common Application Form by visiting the SAMS B.Ed./B.H.Ed./M.Ed. portal as per the timeline mentioned below. Information Brochure for course B.Ed./B.H.Ed./M.Ed. is available on the SAMS portal. Please refer to the Information Brochure before filling up the CAF. The key points of e-Admission for the Academic Year 2026-27 are as follows.

1. Like the previous academic session, admissions into 2 year B.Ed./B.H.Ed./M.Ed. courses for the Academic Session 2026–27 shall be made exclusively on the basis of scores obtained in the Entrance Test.
2. In the current academic session, Phase-I admission will be conducted initially. Based on the availability of vacant seats, the Higher Education Department may consider conducting Phase-II or SPOT admissions later only for left out students.
3. Like previous Year, In the current academic session (AY: 2026-27), same counselling based online admission will be implemented. For Applicants who got a seat in a round are advised to choose one of the following options Freeze and Slide.
   Freeze: - If an applicant is satisfied with the allotted HEI, S/he can choose this option. After selecting the "Freeze" option, applicants have to pay the admission fees for that seat allocated. The required fees will be shown in the screen and s/he has to pay the fees in online mode only. The applicants who will choose the "Freeze" option can download the Intimation Letter and have to visit the selected HEIs to complete the admission formalities.
   Slide: - If an applicant has accepted the allotted seat but also wants for his/her higher preferences, s/he can choose this option. After selecting the "Slide" option, applicants have to pay the admission fees for that seat allocated. The required fees will be shown in the screen and s/he has to pay the fees in online mode only. However, such applicants need not have to visit the allocated HEIs, as they will not get the Intimation Letter and they will wait for the subsequent round of selection.
4. Whenever a seat is allocated, applicants are compulsorily required to choose one of the option – Freeze, or Slide – carefully. If the applicant will not choose any of the options that implies the applicant is rejecting the offered/allocated seat and s/he will be out of the counselling process for the subsequent rounds of that Phase. The detail process of "Freeze" & "Slide" is mentioned in the Information Brochure available on the SAMS portal.
5. As per previous year practice, the CAF fees and Admission fees will be taken through online mode for this academic session.
6. While applying for the CAF for B.Ed., B.H.Ed. & M.Ed. Courses applicants are advised to check the Eligibility Criteria mentioned in the Information Brochure.
7. The candidates, whose final U.G. results are awaited (not published), can also apply on-line in the CAF to appear the Entrance Examination. But they must provide their Choice Locking (preference of HEIs) and upload their marks by logging into the "Existing Students Login" as per the timeline fixed by the Higher Education Department.
8. The applicants wish to be considered for Scholarship from the Higher Education Department must upload the Residence, Income & Caste Certificates while filling up the CAF. Hence, they are advised to keep ready the required certificates in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during updation of graduation marks/choice filling timeline.
9. The Timelines mentioned below are tentative and if all the seats are filled in a particular round, then subsequent rounds will not take place.

Timeline for 2 Year B.Ed., B.H.Ed., M.Ed. courses e-Admission for the year 2026-27 under 'Student Academic Management System (SAMS)' is given below. Any change in the timeline will be published on the website https://te.samsodisha.gov.in/ . The applicants are requested to read the Information Brochure carefully.

| SL# | Activities | Timeline |
|---|---|---|
| 1) | Availability of online Common Application Form(CAF) in the website www.samsodisha.gov.in | 23.03.2026 (11.00 AM) |
| 2) | Last date of applying online CAF through www.samsodisha.gov.in | 06.04.2026 (11.45 PM) |
| 3) | Editing of the CAF (if required) for the CAF submitted earlier (No fresh CAF will be allowed during this period) | 07.04.2026 (11.00 AM to 11.45 PM) |
| 4) | Submission of applicant's data to State Selection Board (SSB) to conduct the Entrance Examination by OCAC | 13.04.2026 |
| 5) | Availability of Hall Ticket on the website of the State Selection Board (SSB) i.e. https://ssbodisha.ac.in and also a link will be available on SAMS portal for downloading the admit Card (https://www.samsodisha.gov.in/) | 27.05.2026 (02.00 PM onwards) |
| 6) | Conduct of Entrance Test-2026 for B.Ed. Course | 31.05.2026 (Sunday) |
| 7) | Conduct of Entrance Test – 2026 for B.H.Ed. and M.Ed. Courses | 03.06.2026 (Wednesday) |
| 8) | Hosting of Provisional Answer Keys (B.Ed.,B.H.Ed. & M.Ed. courses) by SSB, Odisha on its official portal (https://ssbodisha.ac.in/) | 04.06.2026 |
| 9) | Receiving objections to the Provisional Answer Keys by the Candidates on their Student's Login on SAMS Portal: https://www.samsodisha.gov.in/ by paying a non-refundable processing fee of Rs. 200/- for each question challenged (Payment will be collected in Online Mode) | 05.06.2026 to 07.06.2026 |
| 10) | Submission of objections to the Provisional Answer Keys data to SSB, Odisha by OCAC | 09.06.2026 |
| | Hosting of Revised/Final Answer Key by SSB, Odisha on its official Portal (https://ssbodisha.ac.in/), Handing over the entrance marks to OCAC by SSB, Odisha, Publication of Entrance Mark, Updation of Graduation/Equivalent marks, Choice filling of HEIs by the eligible applicants and publication of Provisional Allotment of Seats for different Rounds. | Dates will be notified by the Higher Education Department Later |

**For more details please contact: e-Admission Helpline (Toll Free) Number 155335 / 1800-345-6770**

Officer on Special Duty
PTC Section

OIPR-11001/11001/1/25-26/0021

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମେଣ୍ଟେଶାଳ ଦଳ ଚାମ୍ପିୟନ


ଚାମ୍ପିୟନ ମେଣ୍ଟେଶାଳ ଦଳର ଖେଳାଳି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଜଗବନ୍ଧୁ ସ୍ମାରକୀ କ୍ରିକେଟ୍**

ପୁରୁଣା ଭୁବନେଶ୍ୱର, ୨୨।୩ (ସୁବାସ ଚନ୍ଦ୍ର ପ୍ରଧାନ)

ସ୍ଥାନୀୟ ବାଙ୍କୁଆଳ ହାଇସ୍କୁଲ ଖେଳ ପଡ଼ିଆରେ ଜଗବନ୍ଧୁ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ମଞ୍ଚେଶ୍ୱରକୁ ହରାଇ ମେଣ୍ଟେଶାଳ କ୍ରିକେଟ ଦଳ ଚାମ୍ପିୟନ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମେଣ୍ଟେଶାଳ ନିର୍ଦ୍ଧାରିତ ୧୮ଓଭରରେ ୬ ଉଇକେଟ ହରାଇ ୧୯୫ରନ କରିଥିଲା। ଜବାବରେ ମଞ୍ଚେଶ୍ୱର ଦଳ ୧୭.୫ ଓଭରରେ ୧୦୮କରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ଚିତ୍ତରଞ୍ଜନ ସେନାପତି ପ୍ଲେୟର ଅଫ ଦି ମ୍ୟାଚ ହୋଇଥିଲେ। ଆୟୋଜକ ଭଗବତୀ କ୍ରିକେଟ କ୍ଲବର ସଦସ୍ୟ ସୁନୀଲ ସ୍ୱାଇଁ, ଆଲୋକ ସାମନ୍ତରାୟ ଏବଂ ଜିତେନ୍ଦ୍ର ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ଚାମ୍ପିୟନ ଦଳକୁ ୬୦ହଜାର ଟଙ୍କା ସହ ଟ୍ରଫି ଏବଂ ରନରଅପ୍ ଦଳକୁ ୪୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାତ୍ରା ଅଭିନେତା ଗୌର ଦାସ, ଦେବ ମିଶ୍ର, ସାମାଜିକ କର୍ମୀ ଅଶୋକ କୁମାର ଜେନା, ଜ୍ଞାନରଞ୍ଜନଜେନା, ଶୁକଦେବସ୍ୱାଇଁ, କୃତାର୍ଥ ପ୍ରଧାନ, ରାଜାରାଣୀ ମଣ୍ଡଳ ସଭାପତି ସଂଗ୍ରାମ ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ।

# ମୁକ୍ତେଶ୍ୱର କ୍ରିକେଟ କ୍ଲବ ଚାମ୍ପିୟନ

ଭୁବନେଶ୍ୱର, ୨୨।୩ (ତପନ ସ୍ୱାଇଁ)

ମୁକ୍ତେଶ୍ୱର କ୍ରିକେଟ କ୍ଲବ (ଏମ୍‌ସିସି) ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ 'ଖିମ୍‌ଜି କପ୍' ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ପ୍ରଗତି ସ୍ପୋର୍ଟିଂକୁ ୧୩ ରନରେ ହରାଇ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ମୁକ୍ତେଶ୍ୱର ୪୦ ଓଭରରେ ୪ ଉଇକେଟ ହରାଇ ୨୭୪ ରନ କରିଥିଲା। ଦଳ ପକ୍ଷରୁ ଅର୍ଶଦ କିଶୋର ୬୬ ବଲ୍‌ରୁ ୧୦୨ ରନର ଦ୍ରୁତ ଶତକୀୟ ଇନିଂସ ଖେଳିଥିଲେ। ସ୍ୱପ୍ନ ଭୂୟାଁ ୪୧ ରନ କରିଥିଲେ। ବିପକ୍ଷ ଦଳର ଶାନ୍ତନୁ ମିଶ୍ର ୩ ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ରଘୁନାଥ ମଲ୍ଲ ଓ ଆୟୁଷ ବାରିକଙ୍କ ୧୬୮ ରନର ଭାଗୀଦାରି ସତ୍ତ୍ୱେ ୪୦ ଓଭରରେ ୯ ଉଇକେଟ ହରାଇ ୨୬୧ ରନରେ ସୀମିତ ରହିଥିଲା। ରଘୁନାଥ ୯୬ ଓ ଆୟୁଷ ୮୪ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ଆଶୁତୋଷ ମାରାଣ୍ଡି ୫ଟି ଓ ଶ୍ରୀରାଜ ପଟ୍ଟନାୟକ ୩ ଉଇକେଟ ନେଇଥିଲେ।



ଚାମ୍ପିୟନ ମୁକ୍ତେଶ୍ୱର କ୍ରିକେଟ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ଏମ୍‌ସିସିର ଅର୍ଶଦ କିଶୋର ପ୍ଲେୟର ଅଫ୍ ଦି ଫାଇନାଲ ଓ ଶ୍ରେଷ୍ଠ ଉଇକେଟ କିପର, ଅନୁରାଗ ଷଡ଼ଙ୍ଗୀ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଓ ଶ୍ରେଷ୍ଠ ବ୍ୟାଟର, ଦୀନେଶ ମାଝି ଇମର୍ଜିଂ ଖେଳାଳି ଏବଂ ପ୍ରଗତିର ମିଳନ ସାମଲ ଶ୍ରେଷ୍ଠ ବୋଲର ପୁରସ୍କାର ପାଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧ ଲକ୍ଷ ଏବଂ ରନରଅପ୍ ଦଳକୁ ୬୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ତଥା ବର୍ତ୍ତମାନର ବିସିସିଆଇ ସିନିୟର ଚୟନ କମିଟି ସଦସ୍ୟ ଶିବ ସୁନ୍ଦର ଦାସ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଖିମ୍‌ଜିର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜି ଏବଂ ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୁକ୍ତେଶ୍ୱର କ୍ଲବ ସଭାପତି ତଥା ବିଧାୟକ ବାବୁ ସିଂ, କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂ ଚୌହାନ, ସମ୍ପାଦକ ଗୌର ପ୍ରସାଦ ନନ୍ଦ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଏଲ୍‌ଏଲ୍‌ସିସି 'ଏ' ବିଜୟୀ

ଭୁବନେଶ୍ୱର, ୨୨।୩ (ତପନ ସ୍ୱାଇଁ)

ସ୍ଥାନୀୟ ଆଇଆର୍‌ସିରେ ଚାଲିଥିବା ୧୪ ବର୍ଷରୁ କମ୍ ୫ମ ଏଲ୍‌ଏଲ୍‌ସିସି କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚରେ ଏଲ୍‌ଏଲ୍‌ସିସି 'ଏ' ଦଳ ଜାଗୃତି କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ଟସ୍‌ଜିତି ବ୍ୟାଟିଂ କରିଥିବା ଏଲ୍‌ଏଲ୍‌ସିସି ୩୫ ଓଭରରେ ୮ ଉଇକେଟ ହରାଇ ୨୬୦ ରନ କରିଥିଲା। ଆର୍ଯ୍ୟନ ପାଟଶାଣୀ ସର୍ବାଧିକ ୬୮ (୭୬ ବଲ) ଓ ସୁନୀଲ ନାୟକ ୫୨ (୫୪ ବଲ୍) ରନ କରିଥିଲେ। ବିପକ୍ଷ ଦଳର ଅଂଶୁମାନ ନାୟକ, ସୋହନ ସ୍ୱରୂପ, ସ୍ୱୟମ ଦାସ ଓ ସାଇ ସଙ୍କେତ ନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଜାଗୃତି କ୍ଲବ ୨୨.୧ ଓଭରରେ ୧୦୫ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ସ୍ୱୟମ ଦାସ ସର୍ବାଧିକ ୨୫ ରନ କରିଥିଲେ। ବିଜୟୀ ଦଳର ଜୟଦୀପ ରାଜ ୩ଟି ଏବଂ ପ୍ରତୀକ ସାମନ୍ତରାୟ ଓ ମୋହନିତ ପଙ୍କଜ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ୭୮ ରନ କରିବା ସହ ଗୋଟିଏ ଉଇକେଟ ନେଇଥିବା ଆର୍ଯ୍ୟନ ପାଟଶାଣୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ରାଜ୍ୟ ଓପନ ଚେସ୍: ନଟବରଙ୍କୁ ଟାଇଟଲ

ଭୁବନେଶ୍ୱର, ୨୨।୩ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ବଡ଼ଗଡ଼ସ୍ଥିତ ଓଁ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ୨ୟ ଲକ୍ଷ୍ମୀଧର ଶତପଥୀ ସ୍ମାରକୀ ରାଜ୍ୟ ଓପନ ଚେସ୍‌ରେ ନଟବର ଦାସ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୫ ପଏଣ୍ଟ ପାଇଛନ୍ତି। ରବୀନ୍ଦ୍ର କୁମାର ଓଝା ଓ ଲରେନ୍ସ ପ୍ରଧାନ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଏଜ୍‌ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, କମଳା ଏଣ୍ଟରପ୍ରାଇଜେସ ପରିଚାଳନା ନିର୍ଦ୍ଦେଶକ ମାନସ ଶତପଥୀ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସସ୍ମିତା ଶତପଥୀ, ମାଧବ ଶତପଥୀ ଓ ସ୍ୱୟମ ପ୍ରକାଶ ଶତପଥୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଫିଡେ ଓମେନ୍ସ କ୍ୟାଣ୍ଡିଡେଟ୍ସ: ହମ୍ପି ଓହରିଲେ

ନୂଆଦିଲ୍ଲୀ, ୨୨।୩ (ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ରବିବାର ଚଳିତ ପଶ୍ଚିମ ଏସିଆ ବିବାଦ କାରଣରୁ ଫିଡେ ଓମେନ୍ସ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ଆୟୋଜକଙ୍କ ପକ୍ଷରୁ ସୁରକ୍ଷା ନେଇ ଆଶ୍ୱାସନା ଦିଆଯିବା ସତ୍ତ୍ୱେ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୮ ତାରିଖରୁ ସାଇପ୍ରସର ପାଫୋସଠାରେ ହେବାକୁ ଥିବା ଟୁର୍ନାମେଣ୍ଟର ଚାମ୍ପିୟନ ଖେଳାଳି ୱାର୍ଲ୍ଡ ଚାମ୍ପିୟନ ଡି ଗୁକେଶ (ପୁରୁଷ) ଓ ଜୁ ୱେନଜୁନ (ମହିଳା)ଙ୍କୁ ଚ୍ୟାଲେଞ୍ଜ କରିବେ। 'ଖୁବ ଚିନ୍ତା କରିବା ପରେ ମୁଁ ଫିଡେ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟରୁ ଓହରିବାକୁ ନିଷ୍ପତ୍ତି ନେଇଛି। କୌଣସି ଇଭେଣ୍ଟ, ଯେତେ ଗୁରୁତ୍ୱପୂର୍ଣ୍ଣ ହେଲେ ବି ବ୍ୟକ୍ତିଗତ ସୁରକ୍ଷାଠାରୁ କିଛି ବି ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଆଶ୍ୱାସନା ଦିଆଯିବା ସତ୍ତ୍ୱେ ମୁଁ ବର୍ତ୍ତମାନ ପରିସ୍ଥିତିରେ ନିଜକୁ ସୁରକ୍ଷିତ ମନେ କରୁନାହିଁ। ଏହା ଯନ୍ତ୍ରଣା ଦାୟକ, ହେଲେ ଅପରିହାର୍ଯ୍ୟ ନିଷ୍ପତ୍ତି' ବୋଲି ହମ୍ପି ଏକ୍ସ'ରେ ପୋଷ୍ଟ କରିଛନ୍ତି।

# ଆଇଏସ୍‌ଏଲ୍: ଚେନ୍ନାୟିନ-ଗୋଆ ମ୍ୟାଚ୍ ଡ୍ର'

ଚେନ୍ନାଇ, ୨୨।୩

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ରବିବାର ଚେନ୍ନାୟିନ ଏଫ୍‌ସି ଓ ଗୋଆ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୧-୧ ଗୋଲରେ ବରାବର ଭାବେ ଶେଷ ହୋଇଛି। ଏଥିଯୋଗୁ ଗୋଆ ଦଳର ଅପରାଜେୟ ଧାରା ଜାରି ରହିଛି।

ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧର ୪୮ତମ ମିନିଟ୍‌ରେ ଗୋଆ ଦଳର ଡିଫେନ୍ସ ଭାଗରେ ତ୍ରୁଟି କାରଣରୁ ମିଳିଥିବା ସୁଯୋଗକୁ ଇର୍ଫାନ ୟଦୱାଡ ଗୋଲରେ ପରିଣତ କରିଥିଲେ। ଫଳରେ ଚେନ୍ନାୟିନ ୧-୦ ଗୋଲରେ ଆଗରେ ରହିଥିଲା। ଏହାର ଜବାବରେ ୮୮ତମ ମିନିଟ୍‌ରେ ଗୋଆ ଅଧିନାୟକ ସନ୍ଦେଶ ଝିଙ୍ଗାନ ହେଡର ଜରିଆରେ ଗୋଲ ଦେଇ ସ୍କୋର ଲାଇନ୍‌କୁ ବରାବର କରିଥିଲେ।


ପୁରୀ ବିଚ୍‌ରେ ଚାଲିଥିବା ଫିଟ୍ ଇଣ୍ଡିଆ କାର୍ନିଭାଲ ଅବସରରେ ରବିବାର ଏମ୍‌ପି ସମ୍ବିତ ପାତ୍ର ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ କୋଲକାତା 'ସାଇ'ର ଆଞ୍ଚଳିକ ନିର୍ଦ୍ଦେଶକ ଶିବାନନ୍ଦ ମିଶ୍ର ଉପସ୍ଥିତ ଅଛନ୍ତି।

# ସିଏସ୍‌କେ ହଲ ଅଫ୍ ଫେମ୍‌ରେ ରାଇନା, ହେଡେନ


ପୁରସ୍କୃତ ହେବା ଅବସରରେ ସୁରେଶ ରାଇନା।

ଚେନ୍ନାଇ, ୨୨।୩ (ପି.ଟି.)

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ରବିବାର ପୂର୍ବତନ ଅଲରାଉଣ୍ଡର ସୁରେଶ ରାଇନା ଓ ଅଷ୍ଟ୍ରେଲିଆର ବ୍ୟାଟିଂ କିମ୍ବଦନ୍ତୀ ମାଥ୍ୟୁ ହେଡେନଙ୍କୁ ଫ୍ରାଞ୍ଚାଇଜର ସର୍ବପ୍ରଥମ ହଲ ଅଫ୍ ଫେମ୍‌ରେ ସାମିଲ କରାଯାଇଛି। ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫ୍ୟାନ ଇଭେଣ୍ଟ 'ରୋର ୨୦୨୬' କାର୍ଯ୍ୟକ୍ରମରେ ଏହି ଘୋଷଣା କରାଯାଇଛି। ଏହି ଅବସରରେ ସିଏସକେର ଅନେକ ପୂର୍ବତନ ଖେଳାଳି ମୁଥିଆ ମୁରଲିଧରଣ, ଅମ୍ବାତି ରାୟୁଡୁ, ଲକ୍ଷ୍ମୀପତି ବାଲାଜି, ଏସ୍ ବଦ୍ରିନାଥ, ମାଇକେଲ ହସି ଉପସ୍ଥିତ ଥିଲେ। ରାଇନା ୨୦୦୮ରୁ ୨୦୨୧ ପର୍ଯ୍ୟନ୍ତ ସିଏସ୍‌କେ ଫ୍ରାଞ୍ଚାଇଜର ଅଂଶ ଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଦଳ ୨୦୧୦, ୨୦୧୧, ୨୦୧୮ ଓ ୨୦୨୧ରେ ଟାଇଟଲ ଜିତିଥିଲା। ଏଥିସହିତ ୨୦୧୦ ଓ ୨୦୧୪ରେ ଚାମ୍ପିୟନ୍ସ ଲିଗ୍ ଟି୨୦ ଜିତିଥିବା ସିଏସ୍‌କେ ଦଳର ସେ ଅଂଶ ଥିଲେ। ସେ ସିଏସ୍‌କେ ପାଇଁ ୨ ଶତକ ଓ ୩୮ ଅର୍ଦ୍ଧଶତକ ସହ ସର୍ବାଧିକ ୫,୫୨୯ ରନ କରିଛନ୍ତି। ସେହିଭଳି ହେଡେନ ୨୦୦୮ରୁ ୨୦୧୦ ପର୍ଯ୍ୟନ୍ତ ସିଏସ୍‌କେ ଦଳର ଅଂଶ ଥିଲେ। ତାଙ୍କ ପ୍ରତିନିଧିତ୍ୱରେ ସିଏସ୍‌କେ ୨୦୧୦ ଚାମ୍ପିୟନ ହୋଇଥିଲା। ସେ ୨୦୦୯ ସଂସ୍କରଣରେ ୫୭୨ ରନ କରି ଅରେଞ୍ଜ କ୍ୟାପ ଜିତିଥିଲେ।

# ବିନା ଦର୍ଶକରେ ହେବ ପିଏସ୍‌ଏଲ୍

ଲାହୋର, ୨୨।୩ (ପି.ଟି.)

ମାର୍ଚ୍ଚ ୨୬ରୁ ପାକିସ୍ତାନ କ୍ରିକେଟ ଲିଗ୍ (ପିଏସ୍‌ଏଲ୍) ଅନୁଷ୍ଠିତ ହେବ। ତେବେ ଇରାନ-ୟୁଏସ୍‌ଏ-ଇସ୍ରାଏଲ ଯୁଦ୍ଧ ଯୋଗୁ ପ୍ରତିଯୋଗିତା ବିନା ଦର୍ଶକରେ ଅନୁଷ୍ଠିତ ହେବ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ମହସିନ ନକ୍‌ଭି କହିଛନ୍ତି, ସଦ୍ୟତମ ପିଏସ୍‌ଏଲ୍ ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଏହି ଟି୨୦ ଲିଗ୍‌କୁ କେବଳ ଦୁଇଟି ଭେନ୍ୟୁ କରାଚୀ ଓ ଲାହୋର ମଧ୍ୟରେ ସୀମିତ ରଖାଯାଇଛି। ନକ୍‌ଭି କହିଛନ୍ତି, ପିଏସ୍‌ଏଲ୍ ହେଉଛି ଏକ ଇଣ୍ଟରନ୍ୟାଶନାଲ ବ୍ରାଣ୍ଡ ଏବଂ ଏହା ଆମପାଇଁ ଗର୍ବର ବିଷୟ। ଲିଗ୍ କାର୍ଯ୍ୟସୂଚୀ ଅନୁସାରେ ମାର୍ଚ୍ଚ ୨୬ରେ ଆରମ୍ଭ ହେବାକୁ ଯାଉଛି, କିନ୍ତୁ କୌଣସି ଦର୍ଶକଙ୍କୁ ଅନୁମତି ମିଳିବ ନାହିଁ। ତେବେ ପାକିସ୍ତାନରେ ସୁରକ୍ଷାକୁ ନେଇ ନକ୍‌ଭି ଯାହା କହିଛନ୍ତି, ପିଏସ୍‌ଏଲ୍ ସିଇଓ ସଲମନ ନସିର ହାଲ୍‌କାରେ ନେଇଛନ୍ତି।


# Classified Everyday 0674-2580101, 9692975378


REAL ESTATE
SALE

3BHK Flats near 200sqft. Sikharchandi Chandaka Road, Sundarpur (The New Patia) Bhubaneswar. Rera & BDA approved. Near DN Wisdom Tree School and KIMS Hospital. Bricks work completed. Book Site Visit- 8018461579, 9437095996. D-105

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ଫ୍ଲାଟ୍/Duplex ମିଳୁଛି। 8327785834. D-3649

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡ଼ି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ଫ୍ଲାଟ୍ ମିଳୁଛି। 8093465134. D-3683

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ଫ୍ଲାଟ୍ ବିକ୍ରିହେବ। 9658891108. D-25

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types of physiotherapy and massage contact 9556924059 / 7656969134. D-3668

**LOST**

ମୁଁ, ଅଭିଲିପ୍ସା ତ୍ରିପାଠୀ, ପିତା: ମନୋଜ ତ୍ରିପାଠୀ, କଟକ, ମୋର ବି.ଟେକ୍ ସାର୍ଟିଫିକେଟ୍, ଯାହା ୧୮।୦୩।୨୦୨୬ ତାରିଖରେ ମାନସିଂହ ପାଟଣାରୁ ବକ୍ସି ବଜାରକୁ ଯିବା ସମୟରେ ହଜିଯାଇଛି। କେହି ପାଇଥିଲେ ଦୟାକରି ଯୋଗାଯୋଗ କରନ୍ତୁ: ୯୯୦୨୯୭୭୫୫୫। ଧ-୩୭୧୮

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

By virtue of an affidavit CF No.- 209/ 21.01.2026 Executed before the Executive Magistrate Khordha, I, Suresh Chandra Mallick, S/o.- Late Satrughan Mallick, At- GGP Colony, Rasulgarh, Bhubaneswar declared that my daughter's actual name is Sai Smital Mallick but in the School Register her name reflected as Sai Smitol Mallick. That Sai Smitol Mallick & Sai Smital Mallick, D/o.- Suresh Chandra Mallick @ Suresh Ch Mallick is one and same person. D-3720

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱଧୋବୁଣି ନାହାକ
ଆବିର୍ଭାବ: ୦୧।୦୧।୧୯୪୫
ତିରୋଧାନ: ୦୧।୦୪।୨୦୨୫
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର: ଚିତ୍ତରଞ୍ଜନ, ରାମଚନ୍ଦ୍ର, ପୁତ୍ରବଧୂ: ତପସ୍ୱିନୀ ଓ ରିଙ୍କି, ଝିଅ: ବାସନ୍ତୀ, ଦେବକୀ, ସମାପ୍ତି, ଜ୍ୱାଇଁ: କବି, ସୁରେଶ, କୃଷ୍ଣଚନ୍ଦ୍ର, ନାତିନାତୁଣୀ: ପଦ୍ମନାଭ, ଏଞ୍ଜେଲ, କାହ୍ନା, ବଳରାମ, ଶୁଭଶ୍ରୀ, ସିଲୁ, ଜିଜ୍ଞାସା ଏବଂ ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୩୭୧୫

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ତୃପ୍ତିମୟୀ ମିଶ୍ର
ଆବିର୍ଭାବ: ୦୨।୧୦।୧୯୬୮
ତିରୋଧାନ: ୧୩।୦୩।୨୦୨୬
ଗ୍ରାମ: ତାଳ ସଡ଼କ, ରାଜ ରଣପୁର, ନୟାଗଡ଼
"ଚାଲିଗଲ ସିନା ଫେରିବ ନାହିଁ ବୋଲି,
ରହିଗଲା ଖାଲି ସ୍ମୃତିର ସେ ଦୀପାଞ୍ଜଳି।"
ତୁମର ଅକାଳ ବିୟୋଗ ଆମ ପରିବାର ପାଇଁ ଏକ ଅପୂରଣୀୟ କ୍ଷତି। ତୁମର ସେହି ନିଃସ୍ୱାର୍ଥପର ସ୍ନେହ, ତ୍ୟାଗ ଏବଂ ଅମୂଲ୍ୟ ଆଦର୍ଶ ଆମ ଜୀବନ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ଓ ମୋକ୍ଷପ୍ରାପ୍ତି ନିମନ୍ତେ ଚକାଡୋଳା ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା। ତୁମର ଆଶୀର୍ବାଦ ଆମ ଉପରେ ସଦା ଶୁଭଦାୟୀ ହେଉ।
-:ଶୋକାକୁଳ:-
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ
ଧ-୩୭୧୬

REMEMBRANCE



✓Kumari Amrita Satapathy
Sikharpur, Cuttack
DOB : 26.10.1998 / DOD : 22.03.2025
It's been a year, and the ache of your absence is still as sharp as the day you left. I find myself wanting to call you to share a silly thought, a piece of news, or just to hear your voice. They say it gets easier, but I think I've just learned how to carry you with me—in every smile, every quiet moment, and every memory that makes me laugh through the tears. You were the best friend In the form of my little sister. You were the best human I could have asked for in my life and I miss you more than I have the vocabulary to say. Rest in peace, my dearest Dudule...
Debasmita Satapathy (Mamali Nani)
ଧ-୩୭୧୭

# ଫଳପ୍ରଦ ଆଣ୍ଟିବାୟୋଟିକ ପଦାର୍ଥର ବିକାଶ



ନିକୁଞ୍ଜ ବିହାରୀ ସାହୁ

''ଉଚ୍ଚ-ବିଭେଦନଶୀଳ ଅଣୁବୀକ୍ଷଣ ଛବିରୁ ଜଣାଯାଏ ଯେ, ଏହି ଭାଇରସ ପ୍ରୋଟିନଗୁଡ଼ିକ ବ୍ୟାକ୍ଟେରିଆ ଶରୀର ମଧ୍ୟରେ ମୁରଜେ ପ୍ରୋଟିନକୁ ଅଚଳ କରି ଗୋଟିଏ ସ୍ଥାନରେ ବନ୍ଦୀ କରିଦିଏ, ଯାହା ଦ୍ୱାରା ବ୍ୟାକ୍ଟେରିଆର କୋଷଭିତ୍ତି ନିର୍ମାଣ ପ୍ରକ୍ରିୟା ଗୁରୁତର ବାଧାପ୍ରାପ୍ତ ହୋଇ ତା'ର ମୃତ୍ୟୁ ଘଟେ। ଉଲ୍ଲେଖନୀୟ ଭାବରେ ଅଲଗା ଅଲଗା ଭାଇରସ ନିଜର ପୃଥକ ପ୍ରୋଟିନ ବିକଶିତ କଲେ ସୁଦ୍ଧା ସବୁ ପ୍ରୋଟିନ ଅନୁରୂପ ପଦ୍ଧତିରେ ବ୍ୟାକ୍ଟେରିଆର ପ୍ରୋଟିନ 'ମୁରଜେ'କୁ ଅବରୋଧ କରିଥାନ୍ତି। ସୁତରାଂ ଏହି ଆବିଷ୍କାର ଆଗାମୀ ଦିନରେ ଏକ ନୂତନ ଓ ଫଳପ୍ରଦ ଆଣ୍ଟିବାୟୋଟିକ ପଦାର୍ଥ ବିକାଶ ଦିଗରେ ସମ୍ଭାବନା ବହନ କରିବ ବୋଲି ଆଶା କରାଯାଏ।''





ଏବେ କିଛି ବ୍ୟାଧି ସୃଷ୍ଟିକାରୀ ବ୍ୟାକ୍ଟେରିଆଙ୍କ ପ୍ରଚଳିତ ଜୀବାଣୁନାଶକ ଔଷଧ ବା ଆଣ୍ଟିବାୟୋଟିକ ପ୍ରତି ପ୍ରତିରୋଧକଶୀଳତା ବୃଦ୍ଧି ପାଇଛି। ଫଳରେ ଡାକ୍ତରଙ୍କ ପକ୍ଷରେ ଏଭଳି ଔଷଧ-ପ୍ରତିରୋଧୀ ବ୍ୟାକ୍ଟେରିଆଙ୍କ ଦ୍ୱାରା ସଂକ୍ରମିତ ରୋଗର ଚିକିତ୍ସା କରିବା କଷ୍ଟକର ହୋଇପଡୁଛି। ଏହାର ମୁକାବିଲା ନିମନ୍ତେ ଏବେ ବୈଜ୍ଞାନିକମାନେ ନୂତନ ଆଣ୍ଟିବାୟୋଟିକ ତତ୍ତ୍ୱର ସନ୍ଧାନ କରିବାକୁ ପ୍ରୟାସ ଚଳାଇଛନ୍ତି, ଯାହା ଏଭଳି ବ୍ୟାକ୍ଟେରିଆଙ୍କ ପ୍ରତିହତ ପାଇଁ ଫଳପ୍ରଦ ଭାବେ କାର୍ଯ୍ୟ କରିବ। ଏ କ୍ଷେତ୍ରରେ କିଛି ଅନାମଧେୟ ଭାଇରସ ପ୍ରତିଶ୍ରୁତି ବହନ କରିଥାନ୍ତି। ଗବେଷଣାରୁ ଜଣାପଡ଼ିଛି ଯେ, ଏହି ଭାଇରସଙ୍କ କିଛି ପ୍ରୋଟିନ ବ୍ୟାକ୍ଟେରିଆର କୋଷଭିତ୍ତି ନିର୍ମାଣ ପାଇଁ ଆବଶ୍ୟକ ମୁରଜେ ନାମକ ଏକ ପ୍ରମୁଖ ପ୍ରୋଟିନକୁ ଅକ୍ଷମ କରିଦିଏ, ଯାହା ଦ୍ୱାରା ଘଟଣାକ୍ରମେ ବ୍ୟାକ୍ଟେରିଆର ମୃତ୍ୟୁ ଘଟେ। ଉଚ୍ଚ-ବିଭେଦନଶୀଳ ଅଣୁବୀକ୍ଷଣ ଛବିରୁ ଜଣାଯାଏ ଯେ, ଏହି ଭାଇରସ ପ୍ରୋଟିନଗୁଡ଼ିକ ବ୍ୟାକ୍ଟେରିଆ ଶରୀର ମଧ୍ୟରେ ମୁରଜେ ପ୍ରୋଟିନକୁ ଅଚଳ କରି ଗୋଟିଏ ସ୍ଥାନରେ ବନ୍ଦୀ କରିଦିଏ, ଯାହା ଦ୍ୱାରା ବ୍ୟାକ୍ଟେରିଆର କୋଷଭିତ୍ତି ନିର୍ମାଣ ପ୍ରକ୍ରିୟା ଗୁରୁତର ବାଧାପ୍ରାପ୍ତ ହୋଇ ତା'ର ମୃତ୍ୟୁ ଘଟେ। ଉଲ୍ଲେଖନୀୟ ଭାବରେ ଅଲଗା ଅଲଗା ଭାଇରସ ନିଜର ପୃଥକ୍ ପ୍ରୋଟିନ ବିକଶିତ କଲେ ସୁଦ୍ଧା ସବୁ ପ୍ରୋଟିନ ଅନୁରୂପ ପଦ୍ଧତିରେ ବ୍ୟାକ୍ଟେରିଆର ପ୍ରୋଟିନ 'ମୁରଜେ'କୁ ଅବରୋଧ କରିଥାନ୍ତି। ସୁତରାଂ ଏହି ଆବିଷ୍କାର ଆଗାମୀ ଦିନରେ ଏକ ନୂତନ ଓ ଫଳପ୍ରଦ ଆଣ୍ଟିବାୟୋଟିକ ପଦାର୍ଥ ବିକାଶ ଦିଗରେ ସମ୍ଭାବନା ବହନ କରିବ ବୋଲି ଆଶା କରାଯାଏ। ଗବେଷଣାର ଏହି ଫଳାଫଳ ଚଳିତ ବର୍ଷ ଫେବୃଆରୀ ୨୬ ତାରିଖର 'ନେଚର' ପତ୍ରିକାରେ ପ୍ରକାଶିତ ହୋଇଛି। ଏହି ଗବେଷଣାର ସୂତ୍ରଧର ଥିଲେ ଯୁକ୍ତରାଷ୍ଟ୍ର ଆମେରିକର କାଲଟେକର ବିଲ୍ କ୍ଲେମନ୍ସ ଗବେଷଣାଗାରରେ କାର୍ଯ୍ୟରତ ଜଣେ ସ୍ନାତକ ଛାତ୍ର ୟାନଚେଙ୍ଗ ଏଭଲିନ ଲି।

### ନୂତନ ଆଣ୍ଟିବାୟୋଟିକ୍ସ ତତ୍ତ୍ୱ ବିକାଶର ଆବଶ୍ୟକତା

ବ୍ୟାକ୍ଟେରିଆ ଶୀଘ୍ର ବିବର୍ତ୍ତିତ ହୋଇ ନୂଆ ରୂପରେ ଆତ୍ମପ୍ରକାଶ କରିଥାଏ। ସେମାନଙ୍କର ଏହି ଅଭୂତପୂର୍ବ ଅନୁକୂଳନଶୀଳତା ସାର୍ବଜନୀନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଘୋର ସମସ୍ୟା ସୃଷ୍ଟି କରିଛି। ଉପରୋକ୍ତ ଗବେଷଣାର ସହଗବେଷକ କ୍ଲେମନ୍ସ କୁହନ୍ତି ଯେ, 'ବିବର୍ତ୍ତନ ପ୍ରକ୍ରିୟା ପ୍ରକୃତିର ଏକ ଶକ୍ତିଶାଳୀ କାରକ; ତେଣୁ ବ୍ୟାକ୍ଟେରିଆର ଆଣ୍ଟିବାୟୋଟିକ୍ସ ପ୍ରତିରୋଧ କ୍ଷମତା ଦ୍ରୁତ ବିକଶିତ ହେଉଛି। ଏହାର ଅର୍ଥ ହେଉଛି, ଆମେ ବର୍ତ୍ତମାନ ଏପରି ଜୀବାଣୁ ସହିତ ମୁକାବିଲା କରୁଛୁ ଯାହା ଆମ ପାଖରେ ଥିବା ସମସ୍ତ ଔଷଧ ପ୍ରତି ପ୍ରତିରୋଧକଶୀଳ; ଅର୍ଥାତ ଆମର କୌଣସି ଔଷଧ ସେମାନଙ୍କ ବିରୋଧରେ କାର୍ଯ୍ୟ କରେ ନାହିଁ।'' କେବଳ ଆମେରିକାରେ ପ୍ରତିବର୍ଷ ହଜାର ହଜାର ଲୋକ ଆଣ୍ଟିବାୟୋଟିକ-ପ୍ରତିରୋଧୀ ଜୀବାଣୁଙ୍କ ସଂକ୍ରମଣରୁ ମୃତ୍ୟୁବରଣ କରିଥାନ୍ତି ଏବଂ ଏହି ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ତେଣୁ ଏହାର ମୁକାବିଲା ପାଇଁ ଆଗାମୀ ଦିନରେ ନୂତନ ଆଣ୍ଟିବାୟୋଟିକ୍ସ ପଦାର୍ଥର ସନ୍ଧାନ କରିବାର ଜରୁରୀ ଆବଶ୍ୟକତା ରହିଛି।'' ପ୍ରଚଳିତ ଔଷଧସବୁ ବ୍ୟାକ୍ଟେରିଆ ବିପକ୍ଷରେ ପ୍ରଭାବଶୀଳତା ହରାଇବା ଦୃଷ୍ଟିକୋଣରୁ, ଗବେଷକମାନେ ବ୍ୟାକ୍ଟେରିଆ ଶରୀରର ଏପରି କିଛି ନୂତନ ଦୁର୍ବଳ ବିନ୍ଦୁ ଖୋଜୁଛନ୍ତି ଯେଉଁଠାରେ ନୂତନ ଔଷଧ ପ୍ରୟୋଗ କରି ସେମାନଙ୍କୁ ପ୍ରତିହତ କରିପାରିବ।

### ନୂତନ ଲକ୍ଷ୍ୟସ୍ଥଳୀ

ଏ କ୍ଷେତ୍ରରେ ଏକ ସହଜସାଧ୍ୟ କୌଶଳ ହେଉଛି ବ୍ୟାକ୍ଟେରିଆର କୋଷଭିତ୍ତି ଗଠନ କରୁଥିବା ଏକ କଠୋର ଉପାଦାନ ପେପ୍ଟିଡୋଗ୍ଲାଇକାନ ନିର୍ମାଣ ପାଇଁ ବ୍ୟବହୃତ କ୍ରିୟାପଥକୁ ପ୍ରତିହତ କରିବା। ଏହି ପ୍ରକ୍ରିୟାକୁ 'ପେପ୍ଟିଡୋଗ୍ଲାଇକାନ ଜୈବସଂଶ୍ଲେଷଣ କ୍ରିୟାପଥ' କୁହାଯାଏ। ଏହା ବୈଜ୍ଞାନିକମାନଙ୍କ ପାଇଁ ବିଶେଷ ଭାବରେ ଆକର୍ଷଣୀୟ; କାରଣ ପେପ୍ଟିଡୋଗ୍ଲାଇକାନ ପ୍ରୋଟିନ କେବଳ ବ୍ୟାକ୍ଟେରିଆଠାରେ ହିଁ ମିଳିଥାଏ, ମାନବ କୋଷରେ ନୁହେଁ। କ୍ଲେମନ୍ସ ଉଲ୍ଲେଖ କରିଛନ୍ତି ଯେ, ''ପେପ୍ଟିଡୋଗ୍ଲାଇକାନ ହେଉଛି ବ୍ୟାକ୍ଟେରିଆର ଅନନ୍ୟ ବୈଶିଷ୍ଟ୍ୟ, ଯାହା ଏହାକୁ ବୈଜ୍ଞାନିକମାନଙ୍କ ପାଇଁ ଏକ ଆକର୍ଷଣୀୟ ଆଣ୍ଟିବାୟୋଟିକ ଲକ୍ଷ୍ୟସ୍ଥଳୀରେ ପରିଣତ କରିଥାଏ।''

ପ୍ରଚଳିତ ଅନେକ ଆଣ୍ଟିବାୟୋଟିକ ପଦାର୍ଥର କାର୍ଯ୍ୟପ୍ରଣାଳୀ ଏହି ପଥକୁ ବ୍ୟାହତ କରିବା ପଦ୍ଧତି ଉପରେ ପର୍ଯ୍ୟବସିତ। ଗତ ୧୯୨୮ ମସିହାରେ ବୈଜ୍ଞାନିକ ଆଲେକଜାଣ୍ଡାର ଫ୍ଲେମିଂଙ୍କ ଦ୍ୱାରା ଆବିଷ୍କୃତ ବିଶ୍ୱର ସର୍ବପ୍ରଥମ ଆଣ୍ଟିବାୟୋଟିକ ଔଷଧ 'ପେନିସିଲିନ' ବ୍ୟାକ୍ଟେରିଆ ଶରୀରରେ ପେପ୍ଟିଡୋଗ୍ଲାଇକାନ ଉତ୍ପାଦନର ଏକ ଶେଷ ପର୍ଯ୍ୟାୟକୁ ଅବରୋଧ ଦ୍ୱାରା କାର୍ଯ୍ୟ କରିଥାଏ। ଆମୋକ୍ସିସିଲିନ ଭଳି ଆଣ୍ଟିବାୟୋଟିକ ଔଷଧ ମଧ୍ୟ ଅନୁରୂପ ପଦ୍ଧତିରେ କାର୍ଯ୍ୟ କରେ।

### ବ୍ୟାକ୍ଟେରିଆର ସୁରକ୍ଷା ପ୍ରୋଟିନ ବଳୟ

ବ୍ୟାକ୍ଟେରିଆର ସୁରକ୍ଷା ପ୍ରୋଟିନ ବଳୟ ତିନୋଟି ଅତ୍ୟାବଶ୍ୟକ ପ୍ରୋଟିନ ଯଥା ଏମରେ, ମୁରଜି ଏବଂ ମୁରଜେକୁ ନେଇ ଗଠିତ। ଏହି ପ୍ରୋଟିନ ସବୁ ବ୍ୟାକ୍ଟେରିଆର ଅନ୍ତର୍ଝିଲ୍ଲୀ ଦେଇ ପେପ୍ଟିଡୋଗ୍ଲାଇକାନ ନିର୍ମାଣ ପ୍ରକ୍ରିୟାକୁ ପରିଚାଳିତ କରନ୍ତି। ଏହି ପ୍ରୋଟିନଗୁଡ଼ିକ ବାହ୍ୟଝିଲ୍ଲୀ ବାହାରେ କୋଷଭିତ୍ତି ଗଠନ କରିବା ପାଇଁ ଆବଶ୍ୟକ ଉପାଦାନଗୁଡ଼ିକୁ ପରିବହନ କରିବାରେ ସାହାଯ୍ୟ କରନ୍ତି। ଯଦି ଏଗୁଡିକ ମଧ୍ୟରୁ କୌଣସି ଗୋଟିଏ ପ୍ରୋଟିନ ଅକାମୀ ହୋଇଯାଏ, ତେବେ ପେପ୍ଟିଡୋଗ୍ଲାଇକାନ ଉତ୍ପନ୍ନ ହୋଇପାରେ ନାହିଁ ଏବଂ ଘଟଣାକ୍ରମେ ବ୍ୟାକ୍ଟେରିଆର ମୃତ୍ୟୁ ଘଟେ। ସୁତରାଂ ଏହି ବ୍ୟବସ୍ଥା ହିଁ ନୂତନ ଆଣ୍ଟିବାୟୋଟିକ ଔଷଧର କାର୍ଯ୍ୟକାରିତା ପାଇଁ ବୈଜ୍ଞାନିକମାନଙ୍କର ଏକ ପ୍ରମୁଖ ଲକ୍ଷ୍ୟସ୍ଥଳୀ ରୂପେ ସାବ୍ୟସ୍ତ ହୋଇଥାଏ। ଯଦିଓ ଗବେଷକମାନେ ଏହି ପ୍ରୋଟିନଗୁଡ଼ିକର କାର୍ଯ୍ୟପ୍ରଣାଳୀ ଉପରେ କିଛିଟା ଅବଗତ, ଏ କ୍ଷେତ୍ରରେ ମଧ୍ୟ ଅନେକ ତଥ୍ୟ ରହସ୍ୟାବୃତ ହୋଇ ରହିଛି।

ଏବେକାର କୌଣସି ଅନୁମୋଦିତ ଔଷଧ ବ୍ୟାକ୍ଟେରିଆର ଏହି ତିନୋଟି ପ୍ରୋଟିନ ଗଠନକୁ ସିଧାସଳଖ ପ୍ରତିହତ କରେ ନାହିଁ। ତଥାପି, କ୍ଲେମନ୍ସ କୁହନ୍ତି ଯେ, ଭବିଷ୍ୟତରେ ଏପରି ପଦ୍ଧତି ବିକାଶର ସମ୍ଭାବନା ଅଛି। ସେ କହନ୍ତି, ''ଆମେ ଜାଣୁ ଯେ ଆମେ ପ୍ରକୃତିରୁ କିମ୍ବା ରାସାୟନଗାରରେ ସଂଶ୍ଳେଷିତ କିଛି ସୂକ୍ଷ୍ମ ଅଣୁର ସନ୍ଧାନ କରି ପାରିବା, ଯାହା ବ୍ୟାକ୍ଟେରିଆ ଶରୀରର ଏହି ପ୍ରୋଟିନଗୁଡ଼ିକର ଗଠନକୁ ପ୍ରତିହତ କରିପାରିବ। ଉତ୍ସାହଜନକ ଭାବରେ, ସଦ୍ୟତମ ଆବିଷ୍କାରରୁ ଜଣାପଡିଛି ଯେ ବ୍ୟାକ୍ଟେରିଆଗୁଡ଼ିକୁ ଆକ୍ରମଣ କରୁଥିବା ବ୍ୟାକ୍ଟେରିଓଫେଜ ଭାଇରସଗୁଡିକ ବ୍ୟାକ୍ଟେରିଆର ପ୍ରତିରକ୍ଷା ବଳୟ ଭେଦ କରି ଏହି ନୂତନ ପଦ୍ଧତିର ସୂତ୍ରଧର ହୋଇ ପାରିବେ।'' (କ୍ରମଶଃ...)

-ଏଜୁକେଶନ ଅଫିସର
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୁବନେଶ୍ୱର
ମୋ : ୮୦୧୮୭୦୮୮୫୮

## ଓଜନ ନିୟନ୍ତ୍ରିତ ରଖେ ମହୁ



ନିୟମିତ ମହୁ ଖାଇଲେ ତାହା ଓଜନ କମାଇବାରେ ସାହାଯ୍ୟ କରିଥାଏ। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ପରିମାଣରେ ମହୁ ଖାଇବାକୁ ଦିଆଯାଇଥିଲା। କିଛି ମାସ ବ୍ୟବଧାନ ପରେ ସେମାନଙ୍କର ଓଜନ ପୂର୍ବାପେକ୍ଷା କେତେକାଂଶରେ ନିୟନ୍ତ୍ରଣରେ ରହିଥିବା ସିଡ୍‌ନୀ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଜାଣିପାରିଛନ୍ତି। ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଗୋଟିଏ ଲେମ୍ବୁ ରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ମଧ୍ୟ ଓଜନ ହ୍ରାସ ପାଏ। ମହୁରେ ମଧ୍ୟ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ରହିଛି। ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ, ନିୟମିତ ମହୁ ଖାଇଲେ ତାହା ହୃଦ୍‌ରୋଗ ଏପରିକି ଷ୍ଟ୍ରୋକ୍ ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ମହୁ ଶରୀରରେ ଶର୍କରାର ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ଡାଇବେଟିସ୍ ସମସ୍ୟା ଥିବା ବ୍ୟକ୍ତିଙ୍କ ପାଇଁ ମହୁ ବେଶ୍ ଉପଯୋଗୀ। ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଛୋଟ ପିଲାମାନଙ୍କୁ ମୁଖ୍ୟତଃ ଥଣ୍ଡା, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ଏହା ବରଦାନ ସଦୃଶ। ଘରୋଇ ଉପଚାର ଭାବରେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ସେମାନଙ୍କୁ ଆରାମ ମିଳିଥାଏ। ଏହା ଆମ ମସ୍ତିଷ୍କ କାର୍ଯ୍ୟଧାରାକୁ ସକ୍ରିୟ ରଖିବା ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ କେତେକାଂଶରେ ସହାୟକ ହୋଇଥାଏ।

## ଆଲ୍‌ଜିମର୍ସ ସମସ୍ୟାର ସହଜ ଉପଚାର



ବିଶେଷଭାବରେ ବୟସ୍କ ବ୍ୟକ୍ତିଙ୍କ ଠାରେ ଆଲଜିମର୍ସ ସମସ୍ୟା ଅଧିକ ପରିମାଣରେ ଦେଖାଦେଇଥାଏ। ଏହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡିଥାଏ। ତେବେ ଏହାଠାରୁ ନିଜକୁ ଦୂରେଇ ରଖିବା ଲାଗି କେତୋଟି ସହଜ ତଥା ସରଳ ଉପାୟ ରହିଛି। ପ୍ରଥମ କଥା ହେଲା ସବୁବେଳେ ଏପରି ଖାଦ୍ୟ ଖାଆନ୍ତୁ ଯାହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ଆହୁରି ସକ୍ରିୟ ରହିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିଜକୁ ଅବସାଦ ଏବଂ ଟେନସନ୍ ଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ଏଭଳି ଏକ ଜୀବନଶୈଳୀ ଅନୁସରଣ କରନ୍ତୁ, ଯାହାର ସୁପ୍ରଭାବ ମସ୍ତିଷ୍କ ଉପରେ ପଡିବ। ଉପରୋକ୍ତ ବିଷୟଗୁଡିକ ଆଲଜିମର୍ସ ଆଶଙ୍କାକୁ କେତେ ଦୂରେଇ ରଖେ ସେ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଜାଣିପାରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଖାଦ୍ୟପେୟ, ଏକ ରୁଟିନ୍ ଜୀବନଶୈଳୀ ଏବଂ ଯେତେସମ୍ଭବ ଟେନସନ୍ ଏବଂ ଅବସାଦଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଥିଲା। ପରିଶେଷରେ ଏମାନଙ୍କୁ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତି ନିଜକୁ ଆଲଜିମର୍ସ ଠାରୁ କେତେକାଂଶରେ ଦୂରେଇ ରଖିବାରେ ସକ୍ଷମ ହୋଇଥିଲେ ବୋଲି ସର୍ଭେ ରିପୋର୍ଟରୁ ଜଣାପଡ଼ିଛି।

## ଜାଣିରଖନ୍ତୁ



ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ। ଖାଦ୍ୟ ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ। ଆହାର ଗ୍ରହଣ ପୂର୍ବରୁ ଭଗବାନଙ୍କୁ ଅର୍ପଣ କରିବା ଏକ ଭଲ ଅଭ୍ୟାସ। ଖାଉଥିବା ବେଳେ କଥାବାର୍ତ୍ତା ନ ହେବା ଭଲ। ତା'ସହ ଏହି ସମୟରେ ଟିଭି ଦେଖିବା ମଧ୍ୟ ଠିକ୍ ନୁହେଁ। ସବୁବେଳେ ଖାଦ୍ୟ ସେବନରେ ମନ ନିବେଶ କରି ଏହାକୁ ପ୍ରଭୁଙ୍କ ପ୍ରସାଦ ସମ ସେବନ କରିବା ଉଚିତ୍। ଖାଇବା ୧ଘଣ୍ଟା ପରେ ପାଣି ପିଇବା, ଥଣ୍ଡା ଜିନିଷ, ଆଇସକ୍ରିମ୍ ଆଦି ନଖାଇବା ଦ୍ୱାରା ପାଚନ ଭଲ ଭାବେ ହୋଇଥାଏ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡା ଆଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ଖାଇବା ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ଆମେ ଖାଉଥିବା ଖାଦ୍ୟ ଯଦି ଠିକ୍ ଭାବରେ ହଜମ ନ ହୁଏ, ତେବେ ଗ୍ୟାଷ୍ଟ୍ରିକ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ଖାଦ୍ୟ ଖାଇବା ବେଳେ ଶାନ୍ତ ମନରେ ଖାଆନ୍ତୁ। ଏହି ସମୟରେ ଆଦୌ ଟେନ୍‌ସନ୍‌ର ବଶବର୍ତ୍ତୀ ହୁଅନ୍ତୁ ନାହିଁ। ମନ ଯଦି ଅଶାନ୍ତ ଥିବା ବେଳେ ଖାଦ୍ୟ ଖାଇଲେ ତେବେ ତାହାର ପ୍ରଭାବ ପାଚନ କ୍ରିୟା ଉପରେ ପଡିଥାଏ।

## ସ୍ୱାସ୍ଥ୍ୟ ସୂଚନା

- ଆଜିକାଲି ନିଜ ସ୍ୱାସ୍ଥ୍ୟ ପ୍ରତି ବେଶ୍ ଯତ୍ନବାନ ହୁଅନ୍ତୁ। ନିୟମିତ ସମୟ ବ୍ୟବଧାନରେ ହେଲ୍‌ଥ ଚେକ୍‌ଅପ୍ କରାଇ ନିଅନ୍ତୁ। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡିତ ତେବେ ଡାକ୍ତରଙ୍କ ପରାମର୍ଶକୁ ଠିକ୍ ଭାବରେ ଅନୁସରଣ କରନ୍ତୁ।
- ଆଖୁରସ ପିଇବା ଦ୍ୱାରା ଆମ ଶରୀରରେ ହଜମ ପ୍ରକ୍ରିୟା ଠିକ୍ ରହିଥାଏ। ଏଥିରେ ଏଭଳି ଉପକାରୀ ତତ୍ତ୍ୱ ରହିଛି, ଯାହା ପାକସ୍ଥଳୀ ସଂକ୍ରମଣ ଆଶଙ୍କାରୁ କେତେକାଂଶରେ ଦୂରେଇ ରଖିଥାଏ।



- ସଜନା ଶାଗ ରକ୍ତରେ ଏବଂ ପରିସ୍ରାରେ ଶର୍କରା ଏବଂ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖେ। ଏହାବ୍ୟତୀତ ରକ୍ତଚାପ ସନ୍ତୁଳିତ ରହିବା ସହ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ ବୃଦ୍ଧି ପାଇଥାଏ।
- ଯଦି ଆପଣ କୌଣସି ରୋଗରେ ଆକ୍ରାନ୍ତ ହୋଇଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ହେଲେ, ମନେ ରଖନ୍ତୁ ପରାମର୍ଶ କରିବା ପୂର୍ବରୁ ଡାକ୍ତରଙ୍କ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ।
- ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।

## ଅସ୍ଥିକୁ ମଜଭୁତ କରେ ଗାଜର

ଗାଜରରେ ଅନେକ ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଏହାକୁ ନିୟମିତ ଖାଇଲେ ତାହା ଅସ୍ଥିକୁ ମଜଭୁତ ରଖିଥାଏ। ଅସ୍ଥିଜନିତ ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିପାରିଛନ୍ତି। ଏହି ବ୍ୟକ୍ତିମାନଙ୍କୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଗାଜର ସାମିଲ କରିବାକୁ କୁହାଯାଇଥିଲା। ତା'ସହ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର ପ୍ରଭାବ ସେମାନଙ୍କର ଅସ୍ଥି ଉପରେ କିପରି ପଡୁଛି ତାହାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ପରିଶେଷରେ ଜଣାପଡିଥିଲା ଯେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଅସ୍ଥିଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥିଲେ। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଖାଇବା ଦ୍ୱାରା ତାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଥିରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ଆଣ୍ଟିବଡ଼ି ଗଠନ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। ଗାଜର ମଧ୍ୟ ରକ୍ତରେ ଶର୍କରାର ପରିମାଣକୁ ନିୟନ୍ତ୍ରିତ ରଖିବାରେ ସାହାଯ୍ୟ କରେ।



## ସ୍ମରଣ ଶକ୍ତି ବୃଦ୍ଧି ଓ ମନପସନ୍ଦର ଗୀତ



ସଙ୍ଗୀତ ଏପରି ଏକ ମାଧ୍ୟମ ଯାହା ଭାରାକ୍ରାନ୍ତ ମନକୁ ହାଲୁକା କରିଥାଏ। ଏହାର ଏକ ଉପକାରୀ ଗୁଣ ବିଷୟରେ ନିକଟରେ ଜଣାପଡିଛି। ଯଦି ଜଣେ ବ୍ୟକ୍ତି ନିୟମିତ ମନ ପସନ୍ଦର ଗୀତ ଶୁଣନ୍ତି, ତେବେ ତାହାର ସୁପ୍ରଭାବ ସ୍ମରଣ ଶକ୍ତି ଉପରେ ପଡିଥାଏ। ୟୁନିଭର୍‌ସିଟି ଅଫ୍ ଟରୋଣ୍ଟୋର ମନୋବିଜ୍ଞାନୀମାନେ କରିଥିବା ଏକ ସର୍ଭେରୁ ଏକଥା ଜଣାପଡିଛି। ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ଆମ ସ୍ନାୟୁ କୋଷଗୁଡ଼ିକୁ ଆରାମ ଲାଗିଥାଏ, ଯାହାର ଭଲ ପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ। ଏହାଦ୍ୱାରା ମଧ୍ୟ ମସ୍ତିଷ୍କ ସହ ଯୋଡ଼ି ହୋଇ ରହିଥିବା ସ୍ନାୟୁକୋଷଗୁଡ଼ିକ ଧୀରେ ଧୀରେ ଚଳଚଞ୍ଚଳ ହୋଇ ଉଠନ୍ତି। ଏହାଫଳରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲିତ ରୁହେ। ଯେ କୌଣସି କାର୍ଯ୍ୟ କରିବା ପାଇଁ ମନରେ ଆଗ୍ରହ ମଧ୍ୟ ସୃଷ୍ଟି ହୁଏ। ଏହି ସର୍ଭେର ଅନ୍ତର୍ଭୁକ୍ତ ବ୍ୟକ୍ତିମାନେ ନିୟମିତ ନିଜ ମନ ପସନ୍ଦର ଗୀତ ଶୁଣିଥିଲେ। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି କେତେକାଂଶରେ ବୃଦ୍ଧି ପାଇଥିଲା।

## ଅବସାଦରୁ ରକ୍ଷା ପାଇବା ଲାଗି...

ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ଆମକୁ ଏକ ରୋଗମୁକ୍ତ ଜୀବନଯାପନ କରିବାରେ କେତେକାଂଶରେ ସହାୟକ ହୋଇଥାଏ। ଆଜିକାଲି କେତେକ କାରଣରୁ ଅବସାଦ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଏଥିରୁ ନିଜକୁ ରକ୍ଷା କରିବାର ଏକ ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ସବୁବେଳେ ଉତ୍ତମ ଖାଦ୍ୟ ଖାଆନ୍ତି ତେବେ ତାଙ୍କର ମାନସିକତା କେତେକାଂଶରେ ସକାରାତ୍ମକ ରହିଥାଏ। ଏହାଦ୍ୱାରା ଆଉ ଏକ ଉପକାର ମଧ୍ୟ ମିଳିଥାଏ। ଏଭଳି ଅଭ୍ୟାସ ଫଳରେ ଜଣେ ନିଜକୁ ଅବସାଦଠାରୁ ଦୂରେଇ ରଖିପାରିବ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି। ପ୍ରାୟ ନିୟମିତ ଉତ୍ତମ ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ଖାଦ୍ୟପେୟରେ ଅନିୟମିତତା, ଏଣୁତେଣୁ ଖାଦ୍ୟ ଖାଇବା ଦ୍ୱାରା ସମୟ କ୍ରମେ ଜଣେ ବ୍ୟକ୍ତି ଡିପ୍ରେସନ ବା ଅବସାଦର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ତା'ସହ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ସବୁବେଳେ ଖାଇବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି।



ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୩/୨୦୨୬ Bhubaneswar, Monday, March 23/ 2026




## ଜାନୁଆରୀରେ ଭାରତରେ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ୍

ମେଲବୋର୍ନ,୨୨।୩(ପି.ଟି.)

ଆସନ୍ତା ବର୍ଷ ଜାନୁଆରୀରେ ଅଷ୍ଟ୍ରେଲିଆ ଦଳ ଭାରତ ଗସ୍ତ କରି ୫ ମ୍ୟାଚ୍ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ୍ ଖେଳିବ। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ରବିବାର ଘୋଷିତ ୨୦୨୬-୨୭ ଇଣ୍ଟରନ୍ୟାଶନାଲ ସିଜନର କାର୍ଯ୍ୟସୂଚୀରେ ଏହା ଦର୍ଶାଯାଇଛି। ଅଷ୍ଟ୍ରେଲିଆ ଦଳ ଆସନ୍ତା ଡିସେମ୍ବରରୁ ୨୦୨୭ ମାର୍ଚ୍ଚ ପର୍ଯ୍ୟନ୍ତ ୧୪ ସପ୍ତାହ ମଧ୍ୟରେ ୧୦ ଟେଷ୍ଟ ଖେଳିବ। ଗୁରୁତ୍ୱପୂର୍ଣ୍ଣ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ୍ ଜାନୁଆରୀ ମଧ୍ୟାନ୍ତର କିମ୍ବା ଶେଷ ଆଡ଼କୁ ଆରମ୍ଭ ହୋଇପାରେ।

ଅଷ୍ଟ୍ରେଲିଆର ଘରୋଇ ସିଜନ ଚଳିତବର୍ଷ ଅଗଷ୍ଟରେ ବାଂଲାଦେଶ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରୁ ଆରମ୍ଭ ହେବ। ୨୦୨୭ ମାର୍ଚ୍ଚରେ ଏମ୍‌ସିଜିଠାରେ ଇଂଲଣ୍ଡ ବିପକ୍ଷରେ ଏକ ଦିବାରାତ୍ର ଟେଷ୍ଟ ମ୍ୟାଚ୍ ସହ ଘରୋଇ ସିଜନ ଶେଷ ହେବ। ଏହି ସିଜନରେ ଅଷ୍ଟ୍ରେଲିଆ ଦଳ ଘରୋଇ ପରିବେଶରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଅକ୍ଟୋବରରେ ଅଷ୍ଟ୍ରେଲିଆ ଦଳ ଦକ୍ଷିଣ ଆଫ୍ରିକା ଗସ୍ତ କରି ଟେଷ୍ଟ ସିରିଜ୍ ଖେଳିବ। ଏହାପରେ ଦଳ ନଭେମ୍ବରରେ ଇଂଲଣ୍ଡ ବିପକ୍ଷରେ ୮ ମ୍ୟାଚ୍ ବିଶିଷ୍ଟ ଧଳା ବଲ କ୍ରିକେଟ ସିରିଜ୍ ଖେଳିବ। ଅଧିନାୟକ ପ୍ୟାଟ କୁମିନ୍ସ, ଷ୍ଟିଭ ସ୍ମିଥ, ମିଚେଲ ଷ୍ଟାର୍କ, ଜୋଶ ହାଜେଲଉଡ, ନାଥନ ଲାୟନଙ୍କ ଭଳି ଖେଳାଳିମାନେ ଅନ୍ତିମ ଥର ଲାଗି ବର୍ଡର-ଗାଭାସ୍କର ଟ୍ରଫି ସିରିଜ୍‌ରେ ଖେଳିବେ। ଏମାନେ କଦାପି ଭାରତରେ ଟେଷ୍ଟ ସିରିଜ୍ ଜିତି ନାହାନ୍ତି। ଆଗକୁ ବ୍ୟସ୍ତବହୁଳ ସିଜନ ଥିବାରୁ ସିଏ ଦଳର ୩ ମୁଖ୍ୟ ପେସର ଷ୍ଟାର୍କ, କୁମିନ୍ସ ଓ ହାଜେଲଉଡ୍‌ଙ୍କୁ ସମ୍ପୂର୍ଣ୍ଣ ଫିଟ୍ ରଖିବାକୁ ଚାହୁଁଛି। ଏଥିଯୋଗୁ ସେମାନେ ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଯାଉଥିବା ଆଇପିଏଲ୍‌ର ପ୍ରାରମ୍ଭିକ ପର୍ଯ୍ୟାୟ ମିସ୍ କରିବେ।

**ଅଷ୍ଟ୍ରେଲିଆ ଟେଷ୍ଟ କାର୍ଯ୍ୟସୂଚୀ**

ଅଗଷ୍ଟ: ବାଂଲାଦେଶ ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ ସିରିଜ୍।
ଅକ୍ଟୋବର: ଦକ୍ଷିଣ ଆଫ୍ରିକାରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍।
ଡିସେମ୍ବର-ଜାନୁଆରୀ: ନ୍ୟୁଜିଲାଣ୍ଡ ବିପକ୍ଷରେ ୪ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ ସିରିଜ୍।
ଜାନୁଆରୀ-ମାର୍ଚ୍ଚ: ଭାରତରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍।
ମାର୍ଚ୍ଚ ୧୧-୧୫: ଇଂଲଣ୍ଡ ବିପକ୍ଷରେ ଟେଷ୍ଟର ୧୫୦ତମ ବର୍ଷ ପୂର୍ତ୍ତି ମ୍ୟାଚ୍।
ଜୁନ: ଡବ୍ଲ୍ୟୁଟିସି ଫାଇନାଲ (ଯଦି ଯୋଗ୍ୟତା ହାସଲ କରେ)।

## ଓଡ଼ିଶାରୁ ଭାଗନେବେ ୩୩ ଆଥ୍‌ଲେଟ

**ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ**

ଭୁବନେଶ୍ୱର, ୨୨।୩ (ତପନ ସ୍ୱାଇଁ)

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୨୪ ଓ ୨୫ରେ ଦୁଇଦିନଧରି ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୩୩ ଆଥ୍‌ଲେଟ୍ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୧୩ ମହିଳା ଓ ୨୦ ପୁରୁଷ ଆଥ୍‌ଲେଟ୍ ସାମିଲ। ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ମହିଳା ଆଥ୍‌ଲେଟ୍‌ମାନେ ହେଲେ ସୁଖି ବାସ୍କେ, ବିନତି ବେହେରା, ସନ୍ତୋଷୀ ଗୌଡ଼ା, ଲକ୍ଷ୍ମୀପ୍ରିୟା କିଶାନ, ବୋନିତା ଲାକ୍ରା, ମନୀଷା ମେରେଲ, ମାହେକ ନସରିନ ଦୟାନ ଖାଁ, ଶୁଭଶ୍ରୀ ପରିଡ଼ା, ଅର୍ପିତା ପ୍ରିୟଦର୍ଶିନୀ, ମୌସୁମୀ ରୟ, ଉତ୍ତମ ରୟ, ମେରିମୁକ୍ତା ସୋରେଙ୍ଗ, ସୁସ୍ମିତା ଟିଗା ଓ ସବିତା ଟପ୍ପୋ। ସେହିପରି ପୁରୁଷ ଆଥ୍‌ଲେଟମାନେ ହେଲେ ମଳୟ ବାରିକ, ଯଶବୀର ବିଲୁଙ୍ଗ, ଆର୍ଯ୍ୟନ ବ୍ରାହ୍ମିନ, ଦୋଳମଣି ଚିରଗୁନ, ଆର୍ଯ୍ୟନ ଏକ୍କା, ବାପି ହାଁସଦା, ଲୁସାନ ଖମାରି, ଅନିମେଶ କୁଜୁର, ସ୍ୱାଧୀନ କୁମାର ମାଝି, ପ୍ରତୀକ ମହାରଣା, ଦୋଣ୍ଡପତି ମୃତ୍ୟମ ଜୟରାମ, ଦୟାନିଧି ମୁଣ୍ଡା, ଦେବାଶିଷ ପଟ୍ଟନାୟକ, ସରୁନ ପାୟାସିଂ, ଆସ୍ତିକ ପ୍ରଧାନ, ଲାଲୁ ପ୍ରସାଦ ଭୋଇ, ଓଁକାର ପ୍ରସାଦ ନନ୍ଦ, ନରେଶ ରୋହିଦାସ, ମହେନ୍ଦ୍ର ସାନ୍ତା ଓ ଚିରଞ୍ଜୀବ ସିଂ। ଓଡ଼ିଶା ବ୍ୟତୀତ ଉତ୍ତର ପ୍ରଦେଶରୁ ୩୩ ପ୍ରତିଯୋଗୀ ଅଂଶଗ୍ରହଣ କରିବା ସ୍ପଷ୍ଟ ହୋଇଛି। ୨୦୨୮ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଇନ୍‌ଡୋର ଚାମ୍ପିୟନଶିପ୍ ଆୟୋଜନ ଅଧିକାର ଭାରତକୁ ପ୍ରଦାନ କରାଯାଇଛି। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ଭୁବନେଶ୍ୱରକୁ ଭେନ୍ୟୁଭାବେ ଚୟନ କରାଯାଇଛି। ତେଣୁ ଏବେ ସମାନ ଭେନ୍ୟୁରେ ହେବାକୁ ଯାଉଥିବା ଜାତୀୟ ଇନ୍‌ଡୋର ଚାମ୍ପିୟନଶିପ୍ ଉପରେ ସମସ୍ତଙ୍କ ନଜର ରହିବ।

## ସ୍ପାନିଶ ପାରା ଇଭେଣ୍ଟ: ପ୍ରମୋଦଙ୍କୁ ୨ସ୍ୱର୍ଣ୍ଣ, ୧ରୌପ୍ୟ

ଭିଟୋରିଆ (ସ୍ପେନ), ୨୨।୩ (ପି.ଟି.)

ସ୍ପାନିଶ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ ୨୦୨୬-୨ ଭାରତ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ପାରାଲିମ୍ପିକ ଚାମ୍ପିୟନ ତଥା ଓଡ଼ିଶାର ପ୍ରମୋଦ ଭଗତ ଏଥିରେ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍‌୩ କାଟେଗୋରୀ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ନୀତେଶ କୁମାରଙ୍କୁ ୨୧-୧୭, ୧୦-୨୧, ୨୧-୧୮ରେ ପରାଜିତ କରିଛନ୍ତି। ସେ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଏସ୍‌ଏଲ୩-ଏସ୍‌ୟୁ୫ ମିକ୍ସଡ ଡବଲ୍ସ କାଟେଗୋରୀରେ ମନୀଷା ରାମଦାସଙ୍କୁ ତାଙ୍କ ପାର୍ଟନର କରି ଆଉ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଛି। ଭାରତୀୟ ଯୋଡ଼ି ବ୍ରାଜିଲର ରେଜେରିଓ ଜୁନିୟର ଜାଭିଏର ଡି' ଓଲିଭିରା ଏବଂ ଏଡଓ୍ୱାର୍ଡୋ ଡି' ଓଲିଭିରା ଡାଏସ୍‌ଙ୍କୁ ୧୩-୨୧, ୨୧-୧୨, ୨୧-୧୯ରେ ପରାସ୍ତ କରିଛନ୍ତି। ଭଗତ ଆହୁରି ମଧ୍ୟ ଏସ୍‌ଏଲ୩-ଏସ୍‌ୟୁ୫ ପୁରୁଷ ଡବଲ୍ସ ଫାଇନାଲରେ ଭାରତୀୟ ଯୋଡ଼ି ନୀତେଶ କୁମାର ଓ ରୁଥିକ୍ ରଗୁପଥିଙ୍କଠାରୁ ୧୯-୨୧, ୧୪-୨୧ରେ ହାରିଯାଇଥିଲେ।

## ଡୁପ୍ଲାଣ୍ଟିସଙ୍କୁ କ୍ରମାଗତ ୪ର୍ଥ ଟାଇଟଲ




**ୱାର୍ଲ୍ଡ ଇନ୍‌ଡୋର ପୋଲ୍‌ଭଲ୍ଟ**

ତୋରୁନ୍ (ପୋଲାଣ୍ଡ), ୨୨।୩ (ଏପି)

ଆର୍ମାଣ୍ଡ ଡୁପ୍ଲାଣ୍ଟିସ ଅନ୍ୟ ଏକ ପୋଲ୍ ଭଲ୍ଟ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ଗ୍ରୀସ୍‌ର ଏମ୍ମାନୌଇଲ କାରାଲିସ୍‌ଙ୍କଠାରୁ ତାଙ୍କୁ କଡ଼ା ଟକ୍କରର ସାମ୍ନା କରିବାକୁ ପଡ଼ିଥିଲା। ଡୁପ୍ଲାଣ୍ଟିସ ଏକ ଟୁର୍ନାମେଣ୍ଟର ରେକର୍ଡ ପୋଲ୍‌ଭଲ୍ଟ ୬.୨୫ ମିଟର ସହ ତାଙ୍କ କ୍ରମାଗତ ଚତୁର୍ଥ ୱାର୍ଲ୍ଡ ଇନ୍‌ଡୋର ଟାଇଟଲ ହାସଲ କରିଛନ୍ତି। ବର୍ଷକପୂର୍ବେ ନାନ୍‌ଜିଙ୍ଗାର ସେ ଯେତିକି ଉଚ୍ଚତାରେ ଟାଇଟଲ ଜିତିଥିଲେ ଏଥର ତା'ଠାରୁ ୧୦ମିଟର ଅଧିକ ଉଚ୍ଚତା ଡେଇଁଥିଲେ। ଡୁପ୍ଲାଣ୍ଟିସ ତାଙ୍କ ପ୍ରଥମ ପ୍ରୟାସରେ ୬.୧୦, ୬.୧୫ କ୍ଲିଅର କରିଥିଲେ। ପରେ ସେ ୬.୨୫ କ୍ଲିଅର କରିଥିଲେ, ଯଦିଓ ବାର୍ ସାମାନ୍ୟ ହଲି ଯାଇଥିଲା। କାରାଲିସ ୬.୧୦ ଓ ୬.୧୫ ଅତିକ୍ରମ କରିଥିଲେ। ସେ ୬.୨୫ ମିଟର ପ୍ରୟାସ କରି ବିଫଳ ସହ ରନରଅପ୍ ହୋଇଥିଲେ। ଗତ ସପ୍ତାହରେ ସ୍ୱିଡିଶ ମିଟିଂରେ ସେ ୬.୩୨ ମିଟର ପ୍ରୟାସ କରି ତାଙ୍କ ନାମରେ ରହିଥିବା ବିଶ୍ୱରେକର୍ଡ ୬.୩୧ ମିଟରକୁ ଅତିକ୍ରମ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସୂଚନାଯୋଗ୍ୟ, ସ୍ୱିଡିଶ ମିଟିଂ ଏବେ ଡୁପ୍ଲାଣ୍ଟିସଙ୍କ ନାମରେ 'ମୋଣ୍ଡୋ କ୍ଲାସିକ୍' ରଖାଯାଇଛି। ଡୁପ୍ଲାଣ୍ଟିସ କହିଛନ୍ତି, ଏଠାରେ ତାଙ୍କୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଟାଇଟଲ ଜିତି ସେ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି। ତେଣୁ ସେ ବିଶ୍ୱ ରେକର୍ଡ କରିବା ପାଇଁ ଚେଷ୍ଟା କରି ନ ଥିଲେ।



Finance Partners: TVS CREDIT, IDFC FIRST Bank ALWAYS YOU FIRST, SHRIRAM Finance, L&T Finance, Muthoot Finance, TATA CAPITAL Two Wheeler Loans

#Ex- showroom price of TVS Sport ES variant in Odisha. Prices are subject to change without any prior notice. ^Offer applicable on all variants of TVS Sport and TVS Radeon. Limited period offer. **Finance at the sole discretion of the financer. No offers can be combined and redeemed together. Accessories shown here may not be part of standard fitment. T&C apply.

**FOR ALL BULK/INSTITUTIONAL REQUIREMENTS PLEASE MAIL: corporate.customersupport@tvsmotor.com Authorised Main Dealers:** BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, SHREEKHETRA TVS: 9237378220, 9237378225 PURI: MODERN TVS: 9938039070, NAYAGARH: KUMAR SAI TVS: 8908726047, 7008968681. **Authorised Dealers:** GOTHOPATNA:8249710415, JATANI:7077588558, 9124605556, BALUGAON:9937886712, NIRAKARPUR:7735402179, 8658517804, BHUBANESHWAR: 9337022334, KHURDA:7008412374, BALIPATNA:9776036999, MENDHASALA:9437072019, SUNDARPADA:8249094931, PIPILI:9861150706. SAKHIGOPAL:8249769742, NIMAPARA: 7381765800, DELANG:9090214582, BRAHMAGIRI:8480928882, 6370937155, CHARI CHOWK:8327783765, KAKATPUR:9776125534, KANAS:9090214582, ROHIBANK:6371229226, KALAPATHAR:9937844941, RANPUR: 9778520193, KHANDAPADA:7008659421, PURUNAKATAK:9439071610, CHANDPUR:9337112565, RAJ SUNAKHELA:9437637421, NARASINGHPUR: 9658410027, ODOGAON:7815050701, BHAPUR: 7389040805. DASPALLA:9938375040, BAGHAMARI:9437015363.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ